ଧରିତ୍ରୀ 51 Years
# ଧରିତ୍ରୀ DHARITRI
ଭୁବନେଶ୍ୱର, ବୁଧବାର, ଜୁନ୍ ୪/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, June 4/2025 | Page 16 | ₹ 7.00
୫୧ଶ ଭାଗ ୧୮୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 189 ମୂଲ୍ୟ ₹୭/-


SARASWATI GROUP OF INSTITUTIONS CUTTACK ESTD.-2012

# SARASWATI
## GROUP OF INSTITUTIONS

CBSE & CHSE
WITH INTEGRATED COACHING
TRISULIA, CUTTACK



## STATE SCIENCE TOPPER CHSE - 2025










**CHSE RESULT - 2025 (99.99%)**

Integrated Coaching for
**NEET, JEE-MAIN**
by Expert Faculties

ABOVE 90% - 29
ABOVE 80% - 120
1ST DIVISION - 349 / 2ND DIVISION - 50
3RD DIVISION - 03

**SGI always improve Marks in +2 Sc.**
**Compare 10th Mark with +2 Sc. Mark**

| CHSE Roll No. | Name of Students | Marks Secured | % of Mark in +2 | % of Mark in 10th |
|---|---|---|---|---|
| 302CZ297 | BINIT MOHANTY | 586 | 97.67 | 92.01 |
| 302CZ279 | RITESH KUMAR MALLA | 573 | 95.50 | 91.83 |
| 302CZ317 | SUNITA SAHU | 567 | 94.50 | 92.17 |
| 302CZ014 | TANDRA MINAKSHI MOHANTY | 566 | 94.33 | 94.17 |
| 302CZ043 | MITALI BEHERA | 566 | 94.33 | 93.83 |
| 302CZ162 | BHAGYASHREE BEHERA | 563 | 93.83 | 92.17 |
| 302CZ370 | NAFISHA PARWEEN | 562 | 93.67 | 86.17 |
| 302CZ005 | LIPSHA ROUT | 559 | 93.17 | 92.17 |
| 302CZ001 | GOPINATH SAR | 558 | 93.00 | 93.05 |
| 302CZ259 | RITURANI ROUT | 555 | 92.50 | 90.01 |
| 302CZ124 | DEEPYASHREE MOHAPATRA | 554 | 92.33 | 91.33 |
| 302CZ307 | GAYATRI MISHRA | 552 | 92.00 | 86.50 |
| 302CZ034 | ARPITA SAHOO | 549 | 91.50 | 85.83 |
| 302CZ221 | OM PRAKASH KAR | 549 | 91.50 | 59.14 |
| 302CZ303 | PRITAM PRIYADARSHY | 549 | 91.50 | 84.33 |
| 302CZ068 | SMRUTI SANGITA MOHANTY | 548 | 91.33 | 91.50 |
| 302CZ330 | SOUMYA RANJAN SAHOO | 548 | 91.33 | 74.00 |
| 302CZ380 | SWAYAMSHREE SAHOO | 548 | 91.33 | 82.83 |
| 302CZ412 | TANUSHREE ROUT | 548 | 91.33 | 88.67 |
| 302CZ213 | TANISKA PANDA | 547 | 91.17 | 85.83 |
| 302CZ375 | TATHASTU NATH | 547 | 91.17 | 90.00 |
| 302CZ028 | JASMIN BISWAL | 545 | 90.83 | 82.00 |
| 302CZ037 | RASHMI RANJAN PATRA | 545 | 90.83 | 93.17 |
| 302CZ109 | OMM PRAKASH BEHERA | 543 | 90.50 | 85.67 |
| 302CZ168 | SHIBANI PRIYADARSHANI DAS | 543 | 90.50 | 86.50 |
| 302CZ010 | PUJALIN DAS | 542 | 90.33 | 86.50 |
| 302CZ222 | BHABESH MISHRA | 542 | 90.33 | 81.07 |
| 302CZ077 | SASANKA SEKHAR SAHOO | 541 | 90.17 | 88.67 |
| 302CZ136 | ABINASH DAKUA | 541 | 90.17 | 85.33 |
| 302CZ026 | ABHINANDAB SAHOO | 538 | 89.60 | 80.00 |
| 302CZ149 | BISWAMITRA DASH | 537 | 89.50 | 85.83 |
| 302CZ315 | SOUMYA RN. DALAI | 539 | 89.83 | 72.50 |




**ADMISSION OPEN 2025-26**
**+2 SCIENCE**
A Day-Cum Residential
Online Apply : Pls. Contact : 8260689589

**+3 SCIENCE**
Under Utkal University
HONOURS SEATS

| | | | |
|---|---|---|---|
| PHYSICS | - 16 | COMP. SCIENCE | - 24 |
| CHEMISTRY | - 24 | BOTANY | - 16 |
| MATHEMATICS | - 08 | ZOOLOGY | - 16 |
| GEOLOGY | - 24 | | |

**BSc. ITM**
(32 Seats)
Under Utkal University

OUR PRIDE



OUR PRIDE



OUR PRIDE



**Admission Contact : 8260583744, 8260700307, 7609091223, 8895429620**
**CAMPUS : TRISULIA, BELAGACHHIA, CUTTACK-45. H.O. : ARUNODOYA MARKET, LINK ROAD, CUTTACK-12**

## ସଂକ୍ଷେପରେ

### ମଙ୍ଗୋଲିଆ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା


ଓୟୁନ୍-ଏର୍ଡେନେ ଲୁଭସାନ୍ନାମସ୍ରାଇ

ତାଇପେଇ,୩।୬

ମଙ୍ଗୋଲିଆର ଶିକ୍ଷା ବ୍ୟବସ୍ଥାରେ ଦୁର୍ନୀତିକୁ ନେଇ ଆନ୍ଦୋଳନ ଜୋର୍ ଧରିବା ପରେ ପ୍ରଧାନମନ୍ତ୍ରୀ ଓୟୁନ୍-ଏର୍ଡେନେ ଲୁଭସାନ୍ନାମସ୍ରାଇ ମଙ୍ଗଳବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଫଳରେ ମଙ୍ଗୋଲିଆରେ ରାଜନୈତିକ ଅନିଶ୍ଚିତତା ସୃଷ୍ଟି ହୋଇଛି। ତାଙ୍କ ବହିଷ୍କାର ମଙ୍ଗୋଲିଆର ନବୋଦିତ ଗଣତନ୍ତ୍ରକୁ ଦୁର୍ବଳ କରିଦେଇପାରେ ବୋଲି ପାର୍ଲାମେଣ୍ଟରେ ଆସ୍ଥା ଭୋଟ ହାରିବା ପୂର୍ବରୁ ଓୟୁନ୍ ସତର୍କ କରାଇଥିଲେ। ପ୍ରଧାନମନ୍ତ୍ରୀଙ୍କ ପୁଅ ରାଜକୋଷରୁ ବିପୁଳ ଅର୍ଥ ଖର୍ଚ୍ଚ କରିଥିବା ରିପୋର୍ଟ ପ୍ରକାଶ ପାଇବା ପରେ ତାଙ୍କ ଇସ୍ତଫା ଦାବିରେ ଗତ କିଛି ସପ୍ତାହ ହେଲା ବିକ୍ଷୋଭ ଜାରି ରହିଥିଲା। ପ୍ରଧାନମନ୍ତ୍ରୀଙ୍କ ପୁଅ ତାଙ୍କ ମହିଳା ବନ୍ଧୁମାନଙ୍କୁ ଦାମୀ ଅଳଙ୍କାର ଦେବା ସହ ହେଲିକପ୍ଟରରେ ବୁଲାଇବାକୁ ନେଇ ଦେଶରେ ଉତ୍ତେଜନା ଦେଖାଦେଇଥିଲା।

### ଅଗଷ୍ଟ ୩ରେ ଏନ୍ଇଇଟି-ପିଜି ପାଇଁ ସୁପ୍ରିମକୋର୍ଟଙ୍କ ଅନୁମତି ଲୋଡ଼ିଲେ ଏନ୍ବିଇ

ନୂଆଦିଲ୍ଲୀ,୩।୬(ପି.ଟି.)

ଡାକ୍ତରୀ ପାଠ୍ୟକ୍ରମରେ ସ୍ନାତକୋତ୍ତର ଶିକ୍ଷା ନିମନ୍ତେ ନାମ ଲେଖାଇବା ପାଇଁ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ଏନ୍ଇଇଟି-ପିଜି) ଗୋଟିଏ ଶିଫ୍ଟରେ କରାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ପରେ ଜୁନ୍ ୧୫ରେ ହେବାକୁ ଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଥିଲା। ଅଗଷ୍ଟ ୩ ତାରିଖ ପୂର୍ବାହ୍ନ ୯ରୁ ଅପରାହ୍ନ ୧୨ଟା ୩୦ ମଧ୍ୟରେ ପରୀକ୍ଷା କରାଇବା ପାଇଁ ଜାତୀୟ ପରୀକ୍ଷା ବୋର୍ଡ (ଏନ୍ବିଇ) ସର୍ବୋଚ୍ଚ ଅଦାଲତଙ୍କ ଅନୁମତି ଲୋଡ଼ିଛନ୍ତି।

### ଲଦାଖ ପାଇଁ ନୂଆ ସଂରକ୍ଷଣ, ଆବାସ ନୀତି

ନୂଆଦିଲ୍ଲୀ,୩।୬(ପି.ଟି.)

ଲଦାଖ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ କେନ୍ଦ୍ର ସରକାର ମଙ୍ଗଳବାର ନୂଆ ସଂରକ୍ଷଣ ଓ ବାସିନ୍ଦା ନୀତି ଘୋଷଣା କରିଛନ୍ତି। ଏହି ନୀତି ଅନୁଯାୟୀ ସ୍ଥାନୀୟ ବାସିନ୍ଦାଙ୍କୁ ନିଯୁକ୍ତିରେ ୮୫ ପ୍ରତିଶତ ସଂରକ୍ଷଣ ସୁବିଧା ମିଳିବ। ସେହିପରି ଲଦାଖ ସ୍ୱୟଂଶାସିତ ପାର୍ବତ୍ୟାଞ୍ଚଳ ବିକାଶ ପରିଷଦରେ ମହିଳାମାନଙ୍କ ପାଇଁ ଏକ-ତୃତୀୟାଂଶ ଆସନ ସଂରକ୍ଷିତ ରହିବ। ଇଂଲିଶ, ହିନ୍ଦୀ, ଉର୍ଦ୍ଦୁ, ଭୋଟି ଏବଂ ପୁର୍ଗି ଭାଷାକୁ ଲଦାଖର ସରକାରୀ ଭାଷା କରାଯାଇଛି। ୨୦୧୯ରେ ଜମ୍ମୁ-କଶ୍ମୀରରୁ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଲଦାଖ ଜନସାଧାରଣ ସେମାନଙ୍କ ଭାଷା, ସଂସ୍କୃତି ଓ ଜମିକୁ ସାମ୍ବିଧାନିକ ସୁରକ୍ଷା ମିଳିବା ଦାବିରେ ଆନ୍ଦୋଳନ କରି ଆସୁଥିଲେ।

### କେନ୍ଦ୍ରୀୟ ସରକାରୀ ହସ୍ପିଟାଲରେ ଡାକ୍ତରଙ୍କୁ ଭେଟିପାରିବେନି ମେଡିସିନ୍ ରିପ୍ରେଜେଣ୍ଟେଟିଭ୍

ନୂଆଦିଲ୍ଲୀ,୩।୬

ହସ୍ପିଟାଲ ପରିସରରେ ମେଡିସିନ୍ ରିପ୍ରେଜେଣ୍ଟେଟିଭ୍ମାନଙ୍କୁ ପ୍ରବେଶ ଅନୁମତି ନ ଦେବା ଲାଗି କେନ୍ଦ୍ର ସରକାର କେନ୍ଦ୍ରୀୟ ସରକାରୀ ହସ୍ପିଟାଲଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଡାକ୍ତରମାନଙ୍କୁ ଔଷଧ କମ୍ପାନୀ ପ୍ରତିନିଧି ପ୍ରଭାବିତ ନ କରିବା ପାଇଁ ପୂର୍ବରୁ ସରକାର ଅନେକ ଥର କଠୋର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା ଠିକ୍ ଭାବେ ପାଳନ ହେଉନାହିଁ। ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶକ ଡ. ସୁନିତା ଶର୍ମା ଜାରି କରିଥିବା ନିର୍ଦ୍ଦେଶନାମାରେ ମେଡିସିନ୍ ରିପ୍ରେଜେଣ୍ଟେଟିଭ୍ମାନଙ୍କୁ ହସ୍ପିଟାଲ ପ୍ରବେଶ ବାରଣ କରାଯାଇଛି। ତେବେ ସେମାନେ ଇମେଲ୍ କିମ୍ବା ଅନ୍ୟାନ୍ୟ ଡିଜିଟାଲ ମାଧ୍ୟମରେ କୌଣସି ନୂଆ ଚିକିତ୍ସା/ଅନ୍ୱେଷଣ/ପ୍ରକ୍ରିୟା ସମ୍ପର୍କରେ ଜଣାଇପାରିବେ ବୋଲି ନୋଟିସ୍‌ରେ ସ୍ପଷ୍ଟ କରାଯାଇଛି।

# ସ୍ୱତନ୍ତ୍ର ଅଧିବେଶନ ଦାବିରେ ବିରୋଧୀ ଏକଜୁଟ

## ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖିଲେ

ନୂଆଦିଲ୍ଲୀ,୩।୬(ପି.ଟି.)


ବିରୋଧୀ ଇଣ୍ଡିଆ ବ୍ଲକ ନେତାଙ୍କ ବୈଠକ ପରେ ଡେରେକ୍ ଓ'ବ୍ରାଏନ୍ ଗଣମାଧ୍ୟମକୁ ସୂଚନା ଦେଉଛନ୍ତି।

ଅପରେଶନ ସିନ୍ଦୂର ସମ୍ପର୍କିତ ଆଲୋଚନା ନିମନ୍ତେ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଦାବିକୁ ଜୋର୍‌ଦାର କରିବା ପାଇଁ ବିରୋଧୀ ଇଣ୍ଡିଆ ବ୍ଲକ୍‌ର ଦଳଗୁଡ଼ିକ ମଙ୍ଗଳବାର ଏକାଠି ହୋଇଛନ୍ତି। ଏହି ପ୍ରସଙ୍ଗରେ ୧୬ଟି ଦଳର ନେତାମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଛନ୍ତି। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ଏହା ପରବର୍ତ୍ତୀ ଅପରେଶନ ସିନ୍ଦୂର ସମେତ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟସ୍ଥତା କରିଥିବା ଦାବି ଏବଂ ପାକିସ୍ତାନର ଶେଲ୍ ମାଡ଼ରେ ସୀମାନ୍ତ ଅଞ୍ଚଳର କେତେ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଛି, ତାହା ଉପରେ ସବିଶେଷ ଆଲୋଚନା ହେବା ଉଚିତ ବୋଲି ବରିଷ୍ଠ ବିରୋଧୀ ନେତାମାନେ ମଙ୍ଗଳବାର ଏକ ବୈଠକରେ କହିଛନ୍ତି। ପହଲଗାମ୍ ଆକ୍ରମଣ ଏବଂ ଅପରେଶନ ସିନ୍ଦୂର ବେଳେ ବିରୋଧୀ ନେତାମାନେ ସରକାରଙ୍କ ପଛରେ ଛିଡ଼ା ହୋଇଥିଲେ। ତେଣୁ ଏବେ ସେମାନଙ୍କ ଦାବିକୁ ଗ୍ରହଣ କରି ସରକାର ସ୍ୱତନ୍ତ୍ର ଅଧିବେଶନ ଡାକିବା ଉଚିତ ବୋଲି ବିରୋଧୀ ନେତା କହିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅନୁଷ୍ଠିତ ବୈଠକରେ କଂଗ୍ରେସ ନେତା ଜୟରାମ ରମେଶ ଏବଂ ଦୀପେନ୍ଦର ହୁଡ଼ାଙ୍କ ସମେତ ତୃଣମୂଳ କଂଗ୍ରେସର ଡେରେକ୍ ଓ'ବ୍ରାଏନ୍, ରାଷ୍ଟ୍ରୀୟ ଜନତା ଦଳର ମନୋଜ ଝା, ସମାଜବାଦୀ ପାର୍ଟିର ରାମଗୋପାଳ ଯାଦବ ଏବଂ ଶିବସେନା (ୟୁବିଟି)ରୁ ସଞ୍ଜୟ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ସରକାର ପାର୍ଲାମେଣ୍ଟ ନିକଟରେ ଉତ୍ତରଦାୟୀ ହୋଇଥିବାବେଳେ ପାର୍ଲାମେଣ୍ଟ ଲୋକଙ୍କ ନିକଟରେ ଉତ୍ତରଦାୟୀ ବୋଲି ବୈଠକ ପରେ ଓ'ବ୍ରାଏନ୍ ଗଣମାଧ୍ୟମକୁ କହିଛନ୍ତି। କେବଳ ସଂସଦୀୟ ଦଳ ନେତା ନୁହନ୍ତି, ସମ୍ପୃକ୍ତ ଦଳଗୁଡ଼ିକର ଅଧ୍ୟକ୍ଷମାନେ ସ୍ୱତନ୍ତ୍ର ଅଧିବେଶନ ଦାବିକୁ ଜୋର୍‌ଦାର କରିବାକୁ ମିଳିତ ଉଦ୍ୟମ ନିମନ୍ତେ ନିଷ୍ପତ୍ତି ନେଇଥିଲେ। ପ୍ରଧାନମନ୍ତ୍ରୀଙ୍କୁ ଲେଖାଯାଇଥିବା ପତ୍ରରେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ, ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀ, ଡିଏମ୍‌କେର ଟି.ଆର୍. ବାଲୁ, ଶିବସେନା (ୟୁବିଟି)ର ଅରବିନ୍ଦ ସାୱନ୍ତ ପ୍ରମୁଖ ସ୍ୱାକ୍ଷର କରିଛନ୍ତି। ଏହା ବ୍ୟତୀତ ଡିଏମ୍‌କେ, ନ୍ୟାଶନାଲ କନ୍‌ଫରେନ୍ସ, ସିପିଆଇ(ଏମ୍), ଆଇୟୁଏମ୍‌ଏଲ୍, ସିପିଆଇ, ଆର୍‌ଏସ୍‌ପି, କେରଳ କଂଗ୍ରେସ, ଏମ୍‌ଡିଏମ୍‌କେ, ସିପିଆଇ(ଏମ୍‌ଏଲ୍) ଲିବରେଶନର ନେତା ମଧ୍ୟ ପତ୍ରରେ ଦସ୍ତଖତ କରିଥିବା ଜଣାପଡ଼ିଛି। ସମାନ ଦାବି ନେଇ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ପ୍ରଧାନମନ୍ତ୍ରୀଙ୍କୁ ଅଲଗା ପତ୍ର ଲେଖିବ ବୋଲି କହିଛି।

# କ୍ଷତି ନୁହେଁ, ଫଳାଫଳ ଗୁରୁତ୍ୱପୂର୍ଣ୍ଣ: ସିଡିଏସ୍

## ସାମୟିକ କ୍ଷତିରେ ପେସାଦାର ମିଲିଟାରି ପ୍ରଭାବିତ ହୁଏନି

ପୁଣେ,୩।୬

ପାକିସ୍ତାନ ବିରୋଧରେ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଅପରେଶନ ସିନ୍ଦୂର ବେଳେ ବାୟୁସେନା ଯୁଦ୍ଧବିମାନ ହରାଇଥିବା ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ କହିବାର ୨ ଦିନ ପରେ ମଙ୍ଗଳବାର ଭିନ୍ନ ବିବୃତି ଦେଇଛନ୍ତି। ଯୁଦ୍ଧ ସମୟରେ ସାମୟିକ ଝଟକା ବା କ୍ଷୟକ୍ଷତିରେ ପେସାଦାର ମିଲିଟାରି ପ୍ରଭାବିତ ହୁଏ ନାହିଁ ବୋଲି ସେ କହିଛନ୍ତି। କ୍ଷୟକ୍ଷତି ଗୁରୁତ୍ୱପୂର୍ଣ୍ଣ ନୁହେଁ, ଫଳାଫଳ ଗୁରୁତ୍ୱପୂର୍ଣ୍ଣ ବୋଲି ସିଡିଏସ୍ ମତ ଦେଇଛନ୍ତି।

ପୁଣେର ସାବିତ୍ରୀବାଈ ଫୁଲେ ୟୁନିଭର୍ସିଟିରେ ଉଦ୍‌ବୋଧନ ଦେଇ ଜେନେରାଲ ଚୌହାନ କହିଛନ୍ତି, ଭାରତକୁ ବାରମ୍ବାର କ୍ଷତାକ୍ତ କରି ରକ୍ତାକ୍ତ କରିବା ଅଭିମୁଖ୍ୟ ପାକିସ୍ତାନ ଆପଣାଇ ଚାଲିଥିବାବେଳେ ଅପରେଶନ ସିନ୍ଦୂର ଜରିଆରେ ନୂଆଦିଲ୍ଲୀ ସୀମାପାର ଆତଙ୍କବାଦ ବିରୋଧରେ ସମ୍ପୂର୍ଣ୍ଣ ନୂଆ ଲକ୍ଷ୍ମଣରେଖା ଟାଣିଦେଇଛି। ଅପରେଶନ ସିନ୍ଦୂରର ପ୍ରାରମ୍ଭିକ ପର୍ଯ୍ୟାୟରେ ଭାରତ ଅନିର୍ଦ୍ଦିଷ୍ଟ ସଂଖ୍ୟକ ଯୁଦ୍ଧବିମାନ ହରାଇଥିବା ଜେନେରାଲ ଚୌହାନ ସିଙ୍ଗାପୁରରେ ପ୍ରକାଶ କରିବା ପରେ ଏହାକୁ ସମାଲୋଚନା କରାଯାଇଥିଲା। ଏନେଇ ସେ କହିଛନ୍ତି, ବାହାରେ ତାଙ୍କୁ କ୍ଷୟକ୍ଷତି ସମ୍ପର୍କରେ ପ୍ରଶ୍ନ କରାଯିବାରୁ ସେ କହିଥିଲେ, ସେଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ନୁହେଁ, ବରଂ ଫଳାଫଳ ଏବଂ ଆମେ କିପରି କାର୍ଯ୍ୟାନୁଷ୍ଠାନ ନେଲୁ, ତାହା ଗୁରୁତ୍ୱପୂର୍ଣ୍ଣ। ଅପରେଶନ ସିନ୍ଦୂରରେ ମଧ୍ୟ ଯୁଦ୍ଧ ଏବଂ ରାଜନୀତି ସମାନ୍ତର ପ୍ରକାର ଘଟଣା ଭାବେ ଘଟିଥିଲା ବୋଲି ସେ କହିଛନ୍ତି।

# 'ଏକ ରାଷ୍ଟ୍ର ଏକ ସ୍ୱାମୀ' ମନ୍ତବ୍ୟ ଦେଇ ବିବାଦରେ ଭଗୱନ୍ତ ମାନ୍

ଲୁଧିଆନା, ୩।୬



ପଞ୍ଜାବର ଲୁଧିଆନା ଉପନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିବା ସମୟରେ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ କହିଛନ୍ତି, ଭାରତୀୟ ସେନାର ଅପରେଶନ ସିନ୍ଦୂରକୁ ନେଇ ଭାଜପା ରାଜନୀତି କରୁଛି। ଏବେ ଭାଜପା ସିନ୍ଦୂର ନାମରେ ଲୋକଙ୍କୁ ଭୋଟ ମାଗୁଛି। ଭାଜପା ନେତାମାନେ ଘରକୁ ଘର ସିନ୍ଦୂର ପଠାଇ ଅପରେଶନ ସିନ୍ଦୂରର ମଜା ଉଡ଼ାଉଥିବା ସେ କହିଛନ୍ତି। ସେ ଆହୁରି କହିଛନ୍ତି, କ'ଣ ଭାଜପା ନେତାମାନେ ଚାହୁଁଛନ୍ତି ପ୍ରତିଘରେ ମହିଳାମାନେ

## ନିନ୍ଦାକଲା ଭାଜପା

ମୋଦିଙ୍କ ନାଁରେ ସିନ୍ଦୂର ଲଗାଇବେ। ଏହା କ'ଣ କେନ୍ଦ୍ର ସରକାରଙ୍କର 'ଏକ ରାଷ୍ଟ୍ର ଏକ ସ୍ୱାମୀ' ଯୋଜନା କି ବୋଲି ସେ ପ୍ରଶ୍ନ କରିଛନ୍ତି। ଭଗୱନ୍ତ ମାନ୍‌ଙ୍କ ଏହି ମନ୍ତବ୍ୟକୁ ଭାଜପା ନିନ୍ଦା କରିଛି। ଭଗୱନ୍ତ ସମସ୍ତ ସୀମା ପାର୍ କରି ଭାରତୀୟ ସେନାର ଅପରେଶନ ସିନ୍ଦୂରକୁ ପରିହାସ କରିଛନ୍ତି ବୋଲି ପଞ୍ଜାବ ଭାଜପାର ମୁଖପାତ୍ର ପ୍ରୀତ୍‌ପାଲ ସିଂ ବାଲିଆୱାଲ୍ କହିଛନ୍ତି।

### ରାଷ୍ଟ୍ରବିରୋଧୀ କାର୍ଯ୍ୟ ପାଇଁ କଶ୍ମୀରର ୩ ସରକାରୀ କର୍ମଚାରୀ ବହିଷ୍କୃତ

ଶ୍ରୀନଗର,୩।୬

ରାଷ୍ଟ୍ରବିରୋଧୀ କାର୍ଯ୍ୟରେ ସମ୍ପୃକ୍ତି ଥିବା ଅଭିଯୋଗରେ ଜମ୍ମୁ-କଶ୍ମୀରର ୩ ଜଣ ସରକାରୀ କର୍ମଚାରୀଙ୍କୁ ଉପରାଜ୍ୟପାଳ ମନୋଜ ସିହ୍ନା ମଙ୍ଗଳବାର ବହିଷ୍କାର କରିଛନ୍ତି। ବହିଷ୍କୃତ କର୍ମଚାରୀ ହେଲେ ଜମ୍ମୁ-କଶ୍ମୀର ପୋଲିସରେ କନ୍‌ଷ୍ଟେବଲ ଥିବା ଅନନ୍ତନାଗର ମଲିକ ଇଶ୍‌ଫାକ ନାସିର, ସ୍ୱାସ୍ଥ୍ୟ ଓ ଡାକ୍ତରୀ ଶିକ୍ଷା ବିଭାଗର ଜୁନିୟର ଆସିଷ୍ଟାଣ୍ଟ ଥିବା ଶ୍ରୀନଗରର ୱାସିମ ଅହମଦ୍ ଖାନ୍ ଏବଂ ସ୍କୁଲ୍ ଶିକ୍ଷା ବିଭାଗରେ ଶିକ୍ଷକ ଥିବା ପୁଞ୍ଚ୍ ଅଞ୍ଚଳର ଐଜାଜ ଅହମଦ।

# ବାକ୍ ସ୍ୱାଧୀନତା ଅର୍ଥ ଭାବାବେଗକୁ ଆଘାତ ଦେବା ନୁହେଁ

## ଶର୍ମିଷ୍ଠାଙ୍କ ଅନ୍ତରୀଣ ଜାମିନ ଆବେଦନ ହାଇକୋର୍ଟରେ ଖାରଜ

କୋଲକାତା,୩।୬


ଶର୍ମିଷ୍ଠା ପାନୋଲି

ଅପରେଶନ ସିନ୍ଦୂର ସମ୍ପର୍କିତ ଭିଡିଓରେ ଧର୍ମୀୟ ଭାବାବେଗକୁ ଆଘାତ ଦେଇଥିବା ଅଭିଯୋଗରେ ଗତ ୩୦ ତାରିଖରେ ଗିରଫ ହୋଇଥିବା ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଶର୍ମିଷ୍ଠା ପାନୋଲିଙ୍କ ଅନ୍ତରୀଣ ଜାମିନ ଆବେଦନକୁ କୋଲକାତା ହାଇକୋର୍ଟ ମଙ୍ଗଳବାର ଖାରଜ କରିଦେଇଛନ୍ତି। ଶର୍ମିଷ୍ଠା ଗିରଫ ସମ୍ପର୍କିତ କେସ୍ ଡାଇରି ୫ ତାରିଖରେ ଦାଖଲ କରିବା ଲାଗି ଅଦାଲତ ପଶ୍ଚିମବଙ୍ଗ ସରକାରଙ୍କୁ ନିର୍ଦ୍ଦେଶ ଦେବା ସହ ତାଙ୍କ ଜାମିନ ଆବେଦନର ପୁନର୍ବାର ଶୁଣାଣି କରିବେ ବୋଲି କହିଛନ୍ତି। ଭାରତ ଭଳି ଏକ ବିବିଧତାପୂର୍ଣ୍ଣ ଦେଶରେ ସର୍ବସାଧାରଣରେ ମନ୍ତବ୍ୟ ଦେବା ବେଳେ ସତର୍କ ରହିବା ଜରୁରୀ ବୋଲି ଶୁଣାଣି ବେଳେ ପାର୍ଥ ସାରଥି ମୁଖାର୍ଜୀ କହିଛନ୍ତି। ଶର୍ମିଷ୍ଠାଙ୍କ ମନ୍ତବ୍ୟରେ ଗୋଟିଏ ଗୋଷ୍ଠୀର ଲୋକଙ୍କ ଭାବନାକୁ ଆଘାତ ଲାଗିଛି। ଆମର ସ୍ୱାଧୀନ ମତବ୍ୟକ୍ତ କରିବା ଅଧିକାର ରହିଛି, କିନ୍ତୁ ତା' ଅର୍ଥ କାହାର ଭାବାବେଗକୁ ଆଘାତ ଦେବା ନୁହେଁ ବୋଲି ବିଚାରପତି ଟିପ୍ପଣୀ ଦେଇଛନ୍ତି।

# ୨ ବିଲ୍‌କୁ ମଞ୍ଜୁରୀ ଦେଲେ ତାମିଲନାଡୁ ରାଜ୍ୟପାଳ

ଚେନ୍ନାଇ,୩।୬

ତାମିଲନାଡୁ ବିଧାନସଭା ଦ୍ୱାରା ଗୃହୀତ ବିଲ୍‌ଗୁଡ଼ିକୁ ରାଜ୍ୟପାଳ ଆର୍.ଏନ୍. ରବି ମଞ୍ଜୁରୀ ପ୍ରଦାନ ନ କରି ଦୀର୍ଘଦିନ ଚାପି ରଖିଥିବା ନେଇ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିବା ପରେ ୩ ମାସ ମଧ୍ୟରେ ମଞ୍ଜୁରୀ ପ୍ରଦାନ ପାଇଁ ସର୍ବୋଚ୍ଚ ଅଦାଲତ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଥିଲେ। ଏହା ପରେ ରାଜ୍ୟପାଳ ରବି ମଙ୍ଗଳବାର ୨ଟି ବିଲ୍‌କୁ ଅନୁମୋଦନ କରିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ରାଜ୍ୟ ସରକାର ପୌରସଭାର ପ୍ରଶାସନିକ ପଦବୀ ଏବଂ ଗ୍ରାମାଞ୍ଚଳ ବିକାଶ ବିଭାଗରେ ଭିନ୍ନକ୍ଷମଙ୍କୁ ମନୋନୀତ କରିବାକୁ ସକ୍ଷମ ହେବେ। ଅନ୍ୟପକ୍ଷରେ ରାଜ୍ୟପାଳ ସୁପ୍ରିମକୋର୍ଟଙ୍କ ଭୟରେ ବିଲ୍‌କୁ ମଞ୍ଜୁରୀ

## ସୁପ୍ରିମକୋର୍ଟଙ୍କ ଭୟରେ କରିଥିବା କହିଲେ ଷ୍ଟାଲିନ୍


ଆର୍.ଏନ୍. ରବି

ଦେଇଥିବା ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ କହିଛନ୍ତି। ମଞ୍ଜୁରୀ ପ୍ରଦାନ କରି ନ ଥିଲେ ଅଦାଲତଙ୍କ ଦ୍ୱାରସ୍ଥ ହେବାକୁ ପଡ଼ିବା ଆଶଙ୍କା କରି ରାଜ୍ୟପାଳ ଭୟଭୀତ ଥାଇପାରନ୍ତି ବୋଲି ଷ୍ଟାଲିନ୍ ଗଣମାଧ୍ୟମକୁ କହିଛନ୍ତି।

# କୋଭିଡ୍ ସକ୍ରିୟ ମାମଲା ୪ ହଜାର ଟପିଲା

## ୨୪ ଘଣ୍ଟାରେ ୫ ମୃତ

ନୂଆଦିଲ୍ଲୀ, ୩।୬


ନୂଆଦିଲ୍ଲୀଠାରେ ଲୋକମାନେ ରାସ୍ତାରେ ମାସ୍କ ପିନ୍ଧି ଯିବାଆସିବା କରୁଛନ୍ତି।

ଭାରତରେ କୋଭିଡ୍‌ର ସକ୍ରିୟ ମାମଲା ମଙ୍ଗଳବାର ବଢ଼ି ୪,୦୨୬ରେ ପହଞ୍ଚିଛି। ୨୪ ଘଣ୍ଟା ମଧ୍ୟରେ ଦେଶରେ କରୋନାର ନୂତନ ୫୧୨ଟି ସକ୍ରିୟ ମାମଲା ସାମ୍ନାକୁ ଆସିଥିବା ନେଇ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ତଥ୍ୟ ଜାରି କରାଯାଇଛି। ସେହିପରି ଦେଶରେ ୨୪ ଘଣ୍ଟା ମଧ୍ୟରେ ୫ଟି କୋଭିଡ୍ ଜନିତ ମୃତ୍ୟୁ ମାମଲା ସାମ୍ନାକୁ ଆସିଛି। ଗତ ଜାନୁଆରୀ ୧ରୁ ଭାରତରେ ୩୭ ଜଣଙ୍କର କୋଭିଡ୍ ସମ୍ବନ୍ଧିତ ମୃତ୍ୟୁ ଘଟିଛି। କେରଳରେ ସର୍ବାଧିକ ୧,୪୧୬ କରୋନାର ସକ୍ରିୟ ମାମଲା ରହିଥିବାବେଳେ ମହାରାଷ୍ଟ୍ର, ଗୁଜରାଟ ଏବଂ ଦିଲ୍ଲୀରେ ଏହି ସଂଖ୍ୟା ଯଥାକ୍ରମେ ୪୯୪, ୩୯୭ ଏବଂ ୩୯୩ ରହିଛି। ପଶ୍ଚିମବଙ୍ଗରେ ୩୭୨ ଏବଂ କର୍ଣ୍ଣାଟକରେ ୩୧୧ କୋଭିଡ୍‌ର ସକ୍ରିୟ ମାମଲା ରହିଛି। ପୂରା ଦେଶର କରୋନା ସକ୍ରିୟ ମାମଲା ସଂଖ୍ୟାର କେବଳ ୭୨% ମାମଲା ଏହି ୬ ରାଜ୍ୟରୁ ଆସିଛି। ତେବେ ସମ୍ପ୍ରତି ଦେଶରେ କୋଭିଡ୍ ସ୍ଥିତି ଚିନ୍ତାଜନକ ନ ଥିବା ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ରଖିଛନ୍ତି। ଅଧିକାଂଶ ମାମଲାରେ ଲକ୍ଷଣ ସାମାନ୍ୟ ରହୁଥିବା ସେମାନେ କହିଛନ୍ତି। ଦେଶର କୋଭିଡ୍ ସ୍ଥିତିକୁ ନେଇ ଭାରତୀୟ ଚିକିତ୍ସା ଗବେଷଣା ପରିଷଦ (ଆଇସିଏମ୍‌ଆର୍)ର ଡାଇରେକ୍ଟର ଜେନେରାଲ ଡକ୍ଟର ରାଜୀବ ବେହଲ୍ କହିଛନ୍ତି, ଅଧିକାଂଶ କରୋନା ଚିହ୍ନଟ ବ୍ୟକ୍ତିଙ୍କ ନିକଟରେ ସାମାନ୍ୟ ଲକ୍ଷଣ ରହୁଥିବା ସହ ଘରେ ସେମାନଙ୍କର ଚିକିତ୍ସା କରାଯାଉଛି। ଭୟଭୀତ ନ ହୋଇ ସତର୍କ ରହିବାକୁ ସେ ଲୋକଙ୍କୁ ନିବେଦନ କରିଛନ୍ତି।

# ବାଇଡେନ୍ ଜଣେ ରୋବୋଟିକ୍ କ୍ଲୋନ୍: ଟ୍ରମ୍ପ୍

ୱାଶିଂଟନ, ୩।୬


ଜୋ ବାଇଡେନ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋମବାର ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଟ୍ରୁଥ୍ ସୋସିଆଲରେ ଏକ ଅଜବ ପୋଷ୍ଟ କରିଛନ୍ତି, ଯାହାକୁ ନେଇ ବିବାଦ ଦେଖାଦେଇଛି। ଏକ ଅଜଣା ଆକାଉଣ୍ଟରୁ କରାଯାଇଥିବା ପୋଷ୍ଟକୁ ଟ୍ରମ୍ପ୍ ରିପୋଷ୍ଟ କରିଥିଲେ ଯେଉଁଥିରେ ଲେଖା ହୋଇଥିଲା, ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ୨୦୨୦ରେ ମାରି ଦିଆଯାଇଛି। ଏହାପରଠାରୁ ଏକ ରୋବୋଟିକ୍ କ୍ଲୋନ୍ ତାଙ୍କ ସ୍ଥାନ ନେଇଛି। ଟ୍ରମ୍ପ୍‌ଙ୍କ ଏହି ପୋଷ୍ଟକୁ ନେଇ ହ୍ୱାଇଟ ହାଉସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ବାରମ୍ବାର ସୋସିଆଲ ମିଡିଆରେ ବିଭ୍ରାନ୍ତିକର ତଥ୍ୟ ଶେୟାର କରୁଥିବା କହି ଅନେକ ୟୁଜର୍ସ ଟ୍ରମ୍ପ୍‌ଙ୍କୁ ସମାଲୋଚନା କରିଛନ୍ତି। ସେହିପରି ଟ୍ରମ୍ପ୍ ପୂର୍ବରୁ ଅନେକ ବାର ସୋସିଆଲ ମିଡିଆରେ ମିଥ୍ୟା ପୋଷ୍ଟ କରିଥିବା ନେଇ ବିଭିନ୍ନ ଆମେରିକୀୟ ଗଣମାଧ୍ୟମ ପ୍ରକାଶ କରିଛନ୍ତି। ପ୍ରୋଷ୍ଟେଟ୍ କ୍ୟାନ୍‌ସରରେ ପୀଡ଼ିତ ଥିବା ନେଇ ବାଇଡେନ୍ ସୂଚନା ଦେବାର କିଛିଦିନ ପରେ ଟ୍ରମ୍ପ୍‌ଙ୍କ ଏହି ପୋଷ୍ଟ ସାମ୍ନାକୁ ଆସିଛି। ବାଇଡେନ୍ ଆମେରିକା ରାଷ୍ଟ୍ରପତି ଥିବା ସମୟରେ ଟ୍ରମ୍ପ୍ ତାଙ୍କୁ ଲଗାତର ଭାବେ ବ୍ୟକ୍ତିଗତ ଆକ୍ଷେପ କରିବା ସହ ସେ ଜଣେ ମାନସିକ ରୋଗୀ ବୋଲି କହୁଥିଲେ।

# ମେକ୍ସିକୋରେ ବନ୍ୟାସ୍ଥିତି ଉତ୍କଟ

ମେକ୍ସିକୋ-ସିଟି, ୩।୬

ଆଲ୍‌ଭିନ ବାତ୍ୟାର ପ୍ରଭାବରେ ଭୀଷଣ ବର୍ଷା ଯୋଗୁ ମେକ୍ସିକୋର ରାଜ୍ୟ ଷ୍ଟେଟ୍ ଅଫ୍ ମେକ୍ସିକୋରେ ବନ୍ୟା ସ୍ଥିତି ଉତ୍କଟ ହୋଇଛି। ଖାସ୍‌କରି ରାଜ୍ୟର ଚାଲ୍‌କୋ, ଏକାଟେପେକ୍, କୋଆକାଲ୍‌କୋ, ଟୋଲୁକା ଆଦି ସହରର ରାସ୍ତାରେ ପାଣି ଜମି ରହିବା ସହ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଲା ପାଜ୍ ମେଟ୍ରୋ ଷ୍ଟେଶନ ନିକଟରେ ଥିବା 'ମେକ୍ସିକୋ-ପୁଏବଲା ଫେଡେରାଲ ହାଇୱେ' ବନ୍ୟାପାଣିରେ ସମ୍ପୂର୍ଣ୍ଣ ବୁଡ଼ି ଯାଇଛି। ଷ୍ଟେଟ୍ ଅଫ୍ ମେକ୍ସିକୋର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ବନ୍ୟାରେ ଅନେକ ଯାନବାହନ ଭାସୁଥିବାର କେତେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ମଙ୍ଗଳବାର ବର୍ଷା କମିବା ପରେ ଦେଶର ଜାତୀୟ ଜଳ ଆୟୋଗ ସହ ମିଶି ସ୍ଥାନୀୟ ଅଧିକାରୀ ବନ୍ୟା ଜଳ ନିଷ୍କାସନ କାର୍ଯ୍ୟରେ ନିୟୋଜିତ ରହିଛନ୍ତି।

# 'ମାଲିକ'ରେ ରାଜକୁମାରଙ୍କ ଆକ୍ସନ ଅବତାର

## ଟିଜର ଆଉଟ

ମୁମ୍ବାଇ


ରାଜକୁମାର ରାଓ

ଅଭିନେତା ରାଜକୁମାର ରାଓଙ୍କ ଆଗାମୀ ଆକ୍ସନ ଫିଲ୍ମ 'ମାଲିକ'ର ଟିଜରକୁ ମଙ୍ଗଳବାର ଜାରି କରାଯାଇଛି। ଏହି ଟିଜର ଆକ୍ସନ ଦୃଶ୍ୟରେ ଭରପୂର ରହିଛି। ଟିଜରରେ ରାଜକୁମାରଙ୍କ ୨ଟି ଲୁକ୍ ଦେଖିବାକୁ ମିଳିଛି। ଗୋଟିଏ ଲୁକ୍‌ରେ ସେ ଅଧିକ ଦାଢ଼ି ଏବଂ ଲମ୍ବା କେଶ ସହ ନଜରକୁ ଆସିଛନ୍ତି। ଅନ୍ୟ ଏକ ଲୁକ୍‌ରେ ତାଙ୍କୁ ଲମ୍ବା କେଶ ସହ କ୍ଲିନ୍ ଶେଭ୍ ଥିବାର ଦେଖିବାକୁ ମିଳିଛି। ୧ ମିନିଟ ୨୧ ସେକେଣ୍ଡର ଏହି ଟିଜରରେ ରାଜକୁମାରଙ୍କ ଭରପୂର ଆକ୍ସନ ଅବତାର ଦେଖିବାକୁ ମିଳିଛି। ଏହି ଫିଲ୍ମରେ ୧୯୮୮ ମସିହାର ଆଲ୍ଲାହାବାଦ (ଏବେକାର ପ୍ରୟାଗରାଜ) ସହରର ଏକ କାହାଣୀ ଦେଖିବାକୁ ମିଳିବା ନେଇ ଟିଜରରୁ ଜଣାପଡ଼ିଛି। ରାଜକୁମାର ତାଙ୍କ ଇନ୍‌ଷ୍ଟାଗ୍ରାମରେ ଏହି ଟିଜରକୁ ଶେୟାର କରି କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ଆସନ୍ତା ଜୁଲାଇ ୧୧ରେ ସିନେମା ହଲ୍‌ରେ ମାଲିକଙ୍କ ସହ ଆପଣମାନଙ୍କର ଦେଖା ହେବ। ପୁଲ୍‌କିତଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅଭିନେତ୍ରୀ ମାନୁଷି ଛିଲ୍ଲର ଏବଂ ମେଧା ଶଙ୍କର ମଧ୍ୟ ନଜରକୁ ଆସିବେ।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ବୁଧବାର, ଜୁନ୍ ୪/୨୦୨୫ | Bhubaneswar, Wednesday, June 4/2025 | ପୃଷ୍ଠା-୧

# ୭ ମାସର ଝିଅକୁ କଚାଡ଼ି ମାରିଲେ ବାପା

ପରିବାରରେ ମନୋମାଳିନ୍ୟ, ଦମ୍ପତିଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ନ ରହିବା ଯେ କେତେ ଭୟଙ୍କର ହୋଇପାରେ ତାହା ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ସ୍ତ୍ରୀଙ୍କ ସହ ସ୍ୱାମୀଙ୍କ ତିକ୍ତତା ଯୋଗୁ ୭ ମାସର ଏକ କଅଁଳ ଶିଶୁକନ୍ୟାର ଜୀବନ ଯାଇଛି। ନିଶାସକ୍ତ ଅବସ୍ଥାରେ ହିତାହିତ ଜ୍ଞାନ ଭୁଲିଯାଇ ଜଣେ ବାପା ନିଜ ଏକମାତ୍ର ଶିଶୁକନ୍ୟାଙ୍କୁ ତଳେ କଚାଡ଼ି ମାରି ଦେଇଛନ୍ତି। ଏହି ଘଟଣା ଜଣାପଡ଼ିବାରେ ସ୍ଥାନୀୟ ଲୋକେ ଉତ୍କ୍ଷିପ୍ତ ହୋଇ ଉକ୍ତ ଯୁବକଙ୍କୁ ନିସ୍ତୁକ ମାଡ଼ ମାରିଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ପୋଲିସ ହେପାଜତରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।



ଅଭିଯୁକ୍ତ ସଞ୍ଜୟ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

ପରଜଙ୍ଗ/କାମାକ୍ଷାନଗର,୩।୬
(ନିଗମାନନ୍ଦ ଦଳବେହେରା/ସୁଧୀର କୁମାର ରାଉତ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା କଣ୍ଟାପାଳ ୪ନଂ. କଲୋନି ଅନ୍ତର୍ଗତ ନୋଟାରୀପଶିରେ ସୋମବାର ରାତିରେ ପାରିବାରିକ କଳହକୁ କେନ୍ଦ୍ରକରି ଜଣେ ବାପା ନିଜର ୭ ମାସର ଶିଶୁକନ୍ୟାକୁ କଚାଡ଼ି ମାରିଦେଇଛନ୍ତି। ଅଭିଯୁକ୍ତ ହେଉଛନ୍ତି ମୟୂରଭଞ୍ଜ ଜିଲା ରରୁଆଁ ଥାନା ଉଦାସାହି ଗ୍ରାମର ସଞ୍ଜୟ ଛତାର। ସ୍ତ୍ରୀ ଜନନୀ ମୁଣ୍ଡା ସଞ୍ଜୟଙ୍କୁ ରୋକିବାକୁ ଚେଷ୍ଟା କରିଥିବାବେଳେ ତାଙ୍କୁ ମଧ୍ୟ ମାଡ଼ ମାରିଥିବା ଜଣାପଡ଼ିଛି। ଏହି ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ଲୋକମାନେ ଉତ୍କ୍ଷିପ୍ତ ହୋଇ ସଞ୍ଜୟଙ୍କୁ ମାଡ଼ ମାରିଥିଲେ। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ସହ କଙ୍କଡ଼ାହାଡ଼ ଥାନା ଅଧିକାରିଣୀ କଳ୍ପନା ବେହେରା ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଜନନୀଙ୍କ ଅଭିଯୋଗକ୍ରମେ ପୋଲିସ ସଞ୍ଜୟଙ୍କ ବିରୋଧରେ ଏକ ହତ୍ୟା ମାମଲା(ନଂ. ୧୧୭/୨୦୨୫) ରୁଜୁ କରିଛି। ସଞ୍ଜୟ ଚିକିତ୍ସାଧୀନ ଅଛନ୍ତି। ହସ୍ପିଟାଲରୁ ବାହାରିବା ପରେ ତାଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରିଣୀ ବେହେରା କହିଛନ୍ତି। ମିଳିଥିବା ସୂଚନା ଅନୁସାରେ ସଞ୍ଜୟ ୨ ବର୍ଷ ପୂର୍ବେ କଣ୍ଟାପାଳ ୪ ନଂ କଲୋନି ☞ପୃଷ୍ଠା–୨

## ଆଇନ ସତ୍ତ୍ୱେ ବଢ଼ୁଛି ଘରୋଇ ହିଂସା

### ସୁପ୍ରିମକୋର୍ଟଙ୍କ ୭ ନିର୍ଦ୍ଦେଶନାମା

ନୂଆଦିଲ୍ଲୀ,୩।୬

ଘରୋଇ ହିଂସା ରୋକିବା ପାଇଁ ୨ ଦଶନ୍ଧି ହେଲା ଆଇନ ଲାଗୁ ହୋଇଥିଲେ ମଧ୍ୟ ସାରା ଦେଶରେ ତାହାର କାର୍ଯ୍ୟକାରିତା ଅନିୟମିତ ରହିଆସିଛି। ଆଇନ ସତ୍ତ୍ୱେ ଘରୋଇ ହିଂସା ବଢ଼ିଚାଲିଛି। ଏହାକୁ ନେଇ ସୁପ୍ରିମକୋର୍ଟ କ୍ଷୋଭ ପ୍ରକାଶ କରିବା ସହ ଆଇନର ଉପଯୁକ୍ତ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ନିମନ୍ତେ ୭ଟି ନିର୍ଦ୍ଦେଶନାମା ଜାରି କରିଛନ୍ତି। ସାରା ଦେଶରେ ଘରୋଇ ହିଂସା ପୀଡ଼ିତଙ୍କୁ ସହାୟତା କରିବା ନିମନ୍ତେ କେବଳ ପ୍ରୋଟେକ୍ସନ ଅଫିସର ନିଯୁକ୍ତ କରିବାକୁ ସର୍ବୋଚ୍ଚ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇନାହାନ୍ତି, ବରଂ ଘରୋଇ ହିଂସା ଆଇନର ବ୍ୟବସ୍ଥା ନିଶ୍ଚିତ କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ୨୦ ତାରିଖରେ ଜଷ୍ଟିସ୍ ☞ପୃଷ୍ଠା–୨

ଆଜିର ସମ୍ପାଦକୀୟ
ଉତ୍ତର ପୂର୍ବାଞ୍ଚଳରେ ଭୂସ୍ଖଳନ



୨୦୨୫ ଆଇପିଏଲ୍‌ରେ ଚାମ୍ପିୟନ ହେବା ପରେ ଟ୍ରଫି ସହ ଆରସିବି ଖେଳାଳିମାନେ ଖୁସି ମନାଉଛନ୍ତି।

## ୧୮ ବର୍ଷ ପ୍ରତୀକ୍ଷାର ଅବସାନ

# ଆରସିବି ଚାମ୍ପିୟନ

ଅହମଦାବାଦ, ୩।୬

ଦୀର୍ଘ ୧୮ ବର୍ଷ ପ୍ରତୀକ୍ଷାର ଅବସାନ ଘଟିଛି। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ର ୧୮ତମ ସଂସ୍କରଣରେ ନୂଆ ଚାମ୍ପିୟନ ହୋଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)। ମଙ୍ଗଳବାର ଅନୁଷ୍ଠିତ ମେଗା ଫାଇନାଲରେ ଆରସିବି ୬ ରନ୍‌ରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଛି। ଏଥିସହ ଦୀର୍ଘ ୧୮ ବର୍ଷ ଧରି ଗୋଟିଏ ଫ୍ରାଞ୍ଚାଇଜ୍ ଦଳରୁ ଖେଳି ଆସୁଥିବା ବିରାଟ କୋହଲିଙ୍କ ସ୍ୱପ୍ନ ସାକାର ହୋଇଛି। କୋହଲିଙ୍କ ଜର୍ସି ନମ୍ବର ୧୮। ତେଣୁ ୧୮ତମ ସଂସ୍କରଣ ଆରସିବି ପାଇଁ ସ୍ମରଣୀୟ ହୋଇଯାଇଛି। କୌଣସି ବ୍ୟାଟର ଅର୍ଦ୍ଧଶତକ ହାସଲ କରିନ ଥିଲେ ହେଁ ଆରସିବି ୨୦ ଓଭରରେ ୯ ଉଇକେଟ ହରାଇ ୧୯୦ ରନ ସଂଗ୍ରହ କରିଥିଲା। ୧୯୧ ରନ ବିଜୟ ଲକ୍ଷ୍ୟରେ ପଞ୍ଜାବ ୨୦ ଓଭରରେ ୭ ଉଇକେଟ ହରାଇ ୧୮୪ ରନରେ ସୀମିତ ରହିଥିଲା। ୬୧ ରନରେ ଅପରାଜିତ ରହିଥିବା ଶଶାଙ୍କ ସିଂ ଶେଷ ୪ ବଲ୍‌ରୁ ୨୨ ରନ୍ ସଂଗ୍ରହ କରିଥିଲେ ହେଁ ପଞ୍ଜାବ ୬ ରନ୍ ଦୂରରେ ରହିଯାଇଥିଲା। ୨୦୦୯, ୨୦୧୧ ଓ ୨୦୧୬ରେ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିବା ଆରସିବି କିନ୍ତୁ ଏଥର ପିନ୍ଧିଛି ବିଜୟ ମୁକୁଟ। ଅନ୍ୟପକ୍ଷରେ ଦୀର୍ଘ ୧୧ ବର୍ଷ ପରେ ଫାଇନାଲରେ ପ୍ରବେଶ କରିଥିବା ପଞ୍ଜାବର ପ୍ରତୀକ୍ଷା ବଢ଼ିଛି। ଦଳର ଆରମ୍ଭ ଭଲ ହୋଇଥିଲେ ହେଁ ମିଡିଲ ଅର୍ଡର ବିଫଳତା ଯୋଗୁ ଇନିଂସ ବିଗିଡ଼ି ଯାଇଥିଲା। ପ୍ରିୟାଂଶ ଆର୍ଯ୍ୟ (୨୪) ଓ ପ୍ରଭସିମରନ ସିଂ (୨୬) ☞ପୃଷ୍ଠା–୨




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଅଲ୍ ଇଣ୍ଡିଆ ଭଲ୍ୟୁଣ୍ଟାରି ବ୍ଲଡ ଡୋନର୍ସ ଆସୋସିଏଶନ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ସୂଚନା ଭବନ, ସମୟ: ସକାଳ ୯ଟା।
- ରେଭେନ୍ୟୁ ଅଫିସରଙ୍କ ସମ୍ମିଳନୀ, ସ୍ଥାନ: ଲୋକସେବା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶାରେ ସଂଖ୍ୟାନୁପାତିକ ସଂରକ୍ଷଣ ଆଲୋଚନା ଚକ୍ର, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ପୂର୍ବାହ୍ନ ୧୦ଟା।
- 'ପ୍ରତିକାର'ର ୧୮ତମ ସ୍ୱନକ୍ଷତ୍ର ଓ ଓଡ଼ିଶା ପ୍ରତିଭା ସମ୍ମାନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ସାରା ଭାରତ ବିଦ୍ୟୁତ୍ ଉପଭୋକ୍ତା ମଞ୍ଚ ପକ୍ଷରୁ ଘନଘନ ବିଦ୍ୟୁତ୍ କାଟ ବନ୍ଦ, ପ୍ରିପେଡ ସ୍ମାର୍ଟ ମିଟର ପ୍ରଚଳନ ବାତିଲ ଦାବିରେ ଗଣପ୍ରତିବାଦ, ସ୍ଥାନ: ସିଡିଏ-୬ ବିଦ୍ୟୁତ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ

- ଉତ୍କର୍ଷ ନିମାପଡ଼ା ସମ୍ମିଳନୀ ଓ ସୁଭଦ୍ରା ଶକ୍ତିମେଳାର ଉଦ୍‌ଘାଟନ ସମାରୋହ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମସ୍ଥିତ ନୂଆ ବାରବାଟି ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ବାଲେଶ୍ୱର

- ନିଶା ନିବାରଣ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଷଷ୍ଠଦଶ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଫ୍‌ଏମ୍‌ୟୁ ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ରେମୁଣା, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ସକାଳ ୭ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ନଛିପୁର, ବଣିଆ, ଭଦ୍ରକ, ସମୟ: ସକାଳ ୮ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ନାଲଗୁଣ୍ଡା, ପ୍ରତାପପୁର, ଚାନ୍ଦବାଲି, ସମୟ: ସକାଳ ୮ଟା।
- ଶନିଦେବଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଘରପଦା, ବନ୍ତ, ସମୟ: ସକାଳ ୯ଟା।
- ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ ପ୍ରତିଯୋଗିତା, ସ୍ଥାନ: ବିଜୁ ସ୍ମୃତି ଭବନ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ଅରଣ୍ଡୁଆ, ବାସୁଦେବପୁର, ସମୟ: ଅପରାହ୍ନ ୩ଟା ୩୦।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ବାମନବିନ୍ଧା, ତିହିଡ଼ି, ସମୟ: ଅପରାହ୍ନ ୩ଟା ୩୦।

## ମୟୂରଭଞ୍ଜ

- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ସକାଳ ୯ଟା।
- ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ଓଡ଼ିଶା ପ୍ରାନ୍ତ ଆନୁକୂଲ୍ୟରେ ପ୍ରାନ୍ତୀୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ଶିବିର, ସ୍ଥାନ:ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବାରିପଦା,ସମୟ:ସକାଳ ୯ଟା।
- ଡିଆର୍‌କେ କ୍ଲବ ଆନୁକୂଲ୍ୟରେ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ

- ତ୍ରିବିକ୍ରମେଶ୍ୱରଙ୍କ ଶୀତଳଷଷ୍ଠୀ ଯାତ୍ରା ପର୍ଯ୍ୟାର, ସ୍ଥାନ: ଆସିକା ବଜାର ସାହି, ସମୟ: ସନ୍ଧ୍ୟା ୬ଟା।

## ଢେଙ୍କାନାଳ

- ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓ ଚାଷୀ ସମାବେଶ, ସ୍ଥାନ: ପଲ୍ଲିଶ୍ରୀ ମେଳା ପଡ଼ିଆ, ମହିଷାପାଟ ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।

## ନୟାଗଡ଼

- ରୁକ୍ମଣୀ ବିବାହ ପ୍ରସ୍ତୁତି ବୈଠକ, ସ୍ଥାନ:କଣ୍ଟିଲୋ ନୀଳମାଧବଙ୍କ ମନ୍ଦିର, ସମୟ:ଅପରାହ୍ନ ୪ଟା।

## ରାୟଗଡ଼ା

- ଶ୍ରୀ ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ନୂଆଗାଁ ଶିବ ମନ୍ଦିର ସମୀପ ଗୋଧାମ ପ୍ରାଙ୍ଗଣ, ସମୟ: ସକାଳ ୮ ଟା।
- ନିଶା ଦ୍ରବ୍ୟ ତଥା ଅପମିଶ୍ରିତ ମାଦକ ଦ୍ରବ୍ୟ ବିରୋଧରେ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।
- ମା'ଠାକୁରାଣୀଙ୍କ ଘଟ ବିସର୍ଜନ, ସ୍ଥାନ: ଢ଼େପାଗୁଡା ଗ୍ରାମ, ଗୁଡାରୀ ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା।
- ରେଜାଙ୍ଗାଲ ସହିଦ ମାଟିର ଦେଶବ୍ୟାପି କଳସ ଯାତ୍ରା, ସ୍ଥାନ: ବସୁଧୈବ କୁଟୁମ୍ବକମ ରାଧାକାନ୍ତ ମନ୍ଦିର, ରାୟଗଡା, ସମୟ: ମଧ୍ୟାହ୍ନ ୧ଟା।

## ସମ୍ବଲପୁର

- ସାଓଲିନ କୁଙ୍ଗ୍ ଫୁ ଉସୁ ଆସୋସିଏଶନ ଆୟୋଜିତ ମାଗଣା ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲା ଜୁଡୋ ହଲ, ସମୟ: ସକାଳ ୬ଟା ୩୦।
- ଜିଲା କ୍ରୀଡା ସଂଘ ଆୟୋଜିତ ଗ୍ରୀଷ୍ମକାଳୀନ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ଜିଲା ଯାଦବ ସମାଜର ଆଲୋଚନାଚକ୍ର, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା।

## ବଲାଙ୍ଗୀର

- ଖପ୍ରାଖୋଲ ବ୍ଲକରେ ବିକଶିତ କୃଷି ସଂକଳ୍ପ ଅଭିଯାନ, ଚାଷୀ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଖପ୍ରାଖୋଲ, ସମୟ: ସକାଳ ୯ଟା।
- ଉପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ, ସ୍ଥାନ: ଭେଲୁଆଖୋଲ, ଖପ୍ରାଖୋଲ ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ:ଗୌଡପାଲି, ଖପ୍ରାଖୋଲ ବ୍ଲକ, ସମୟ:ଅପରାହ୍ନ ୩ଟା।

## ରାଉରକେଲା

- ବେଦବ୍ୟାସ ଗୁରୁକୁଳ ଆଶ୍ରମରେ ଗୀତାଯଜ୍ଞ, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୭ଟା।
- ଜୀବନ ଜୀବିକା କାର୍ଯ୍ୟକ୍ରମ, ସ୍ଥାନ: ଛେଣ୍ଡ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ସଂଯୁକ୍ତ କୃଷକ ସଂଗଠନର ମଣ୍ଡି ପରିଦର୍ଶନ,ସ୍ଥାନ:ସହରାଟିକ୍ରା, ଭେଡ଼େନ,ସମୟ:ସକାଳ ୯ଟା।
- ବିଜେଡି ପକ୍ଷରୁ ଦାବିପତ୍ର ପ୍ରଦାନ,ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ,ସମୟ:ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ତମାଖୁ ନିବାରଣ ସଚେତନତା ରଥର ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ ଅଫିସ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଦ୍ୱାରା ଶ୍ରୀ ଜଗନ୍ନାଥ ବସ୍‌ସେବା ଶୁଭାରମ୍ଭ, ସ୍ଥାନ: ଭବାନୀପାଟଣା ନୂତନ ବସ୍ ଟର୍ମିନାଲ, ସମୟ: ଅପରାହ୍ନ ୫ଟା।
- ପଞ୍ଚାୟତ ସମିତି ବୈଠକ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।

## ବୌଦ୍ଧ

- ରାଜ୍ୟସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ ଶୁଭାରମ୍ଭ, ସ୍ଥାନ:ହରିଶଙ୍କର କଳାମଣ୍ଡପ, କଣ୍ଟାମାଳ, ବୌଦ୍ଧ, ସମୟ:ଅପରାହ୍ନ ୩ଟା।

## ସୁବର୍ଣ୍ଣପୁର

- ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଉନ୍ନୟନ କାର୍ଯ୍ୟ ଉପରେ ସମୀକ୍ଷା ବୈଠକ, ସ୍ଥାନ : ବୀରମହାରାଜପୁର ବ୍ଲକ ସଭାଗୃହ, ସମୟ: ସକାଳ ୮ଟା।

## ନୂଆପଡ଼ା

- ଜିଲାସ୍ତରୀୟ ଗ୍ରୀଷ୍ମକାଳୀନ ଚେସ୍ ପ୍ରଶିକ୍ଷଣ ଶିବିର ଦ୍ୱିତୀୟ ଦିବସ, ସ୍ଥାନ: କେଏନ୍ କିଡ୍‌ସ ପବ୍ଲିକ ସ୍କୁଲ ନୂଆପଡ଼ା, ସମୟ: ସକାଳ ୮ଟା।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: କୋମନା ବ୍ଲକ କାଣ୍ଡେତରା ପଞ୍ଚାୟତ ମୂଷାପାଲି ଗାଁ, ସମୟ: ସକାଳ ୯ଟା ୩୦।
- କୋମନା ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ: ଜିତାମିତ୍ର ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୪ଟା।

# ୟୁଏନ୍‌ଜିଏ ଅଧ୍ୟକ୍ଷା ହେଲେ ଜର୍ମାନୀର ପୂର୍ବତନ ମନ୍ତ୍ରୀ

ଜାତିସଂଘ,୩।୬



ଆନ୍ନାଲେନା ବାଏର୍ବକ

ଜର୍ମାନୀର ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ଆନ୍ନାଲେନା ବାଏର୍ବକ ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ନୂତନ ଭୂମିକାରେ ସେ କେତେକ ବଡ଼ ପରିବର୍ତ୍ତନର ଦେଖାରଖା କରିବେ ବୋଲି ଆନ୍ନାଲେନା ଆଶାବ୍ୟକ୍ତ କରିଛନ୍ତି। ଆନ୍ନାଲେନା ତାଙ୍କ ନୂଆ ପଦବୀକୁ ବ୍ୟବହାର କରି ଯୁଦ୍ଧ ବନ୍ଦ କରିବାରେ ସମର୍ଥ ହେବା ନେଇ ଆଶାବାଦୀ ବୋଲି ଜାତିସଂଘର ୟୁକ୍ରେନୀୟ ପ୍ରତିନିଧି ଆଣ୍ଡ୍ରି ମେଲ୍‌ନିକ୍ କହିଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ଭାବେ ଆନ୍ନାଲେନା ୟୁକ୍ରେନ୍‌କୁ ବ୍ୟକ୍ତିଗତ ଭାବେ ସମର୍ଥନ କରିଥିଲେ। ଯୁଦ୍ଧରେ ଜର୍ମାନୀ ୟୁକ୍ରେନ୍‌ର ଦ୍ୱିତୀୟ ସର୍ବବୃହତ୍ ସହଯୋଗୀ ରହିଆସିଛି। ୟୁକ୍ରେନ୍‌ର କିଛି ଅଂଶକୁ ରୁଷିଆ ଦଖଲ କରିବା ଉଦ୍ୟମକୁ ନିନ୍ଦା କରାଯାଇ ଜାତିସଂଘ ସୁରକ୍ଷା ପରିଷଦରେ ଅଣାଯାଇଥିବା ପ୍ରସ୍ତାବ ଉପରେ ରୁଷିଆ କ୍ରମାଗତ ଭିଟୋ କ୍ଷମତା ପ୍ରୟୋଗ କରିଆସୁଥିଲା। ଆନ୍ନାଲେନା ୟୁଏନ୍‌ଜିଏ ଅଧ୍ୟକ୍ଷ ହୋଇଥିବାରୁ ଜାତିସଂଘ ଘୋଷଣାପତ୍ରକୁ କାଏମ ରଖିବାରେ ସେ ସହାୟତା କରିପାରିବେ ବୋଲି ମେଲ୍‌ନିକ୍ ଆଶାବ୍ୟକ୍ତ କରିଛନ୍ତି।

# ଦେବଗଡ଼ରେ ୨୦୫ କୋଟିର ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ଦେବଗଡ଼,୩।୬
(ସୁନିତ୍ ମିଶ୍ର/ଶଶାଙ୍କ ଶେଖର ଝାଙ୍କର)

## ୩୦୦ ଶଯ୍ୟା ବିଶିଷ୍ଟ ନବନିର୍ମିତ ଡାକ୍ତରଖାନା ଉଦ୍‌ଘାଟିତ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଦେବଗଡ଼ ଜିଲା ଗସ୍ତରେ ଯାଇ ସେଠାରେ ପ୍ରାୟ ୨୦୫ କୋଟି ଟଙ୍କା ମୂଲ୍ୟର ୧୫ଟି ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାସହ ଦେବଗଡ଼ ଜିଲା ପାଇଁ ୩୦୦ ଶଯ୍ୟା ବିଶିଷ୍ଟ ନବନିର୍ମିତ ଡାକ୍ତରଖାନା ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ୧୧ଟି ସ୍ୱାସ୍ଥ୍ୟସେବା ପ୍ରକଳ୍ପ ଏବଂ ୪ଟି ଶିକ୍ଷା ଭିତ୍ତିଭୂମି ଉନ୍ନତୀକରଣ ପ୍ରକଳ୍ପ ରହିଛି। ଏହିଅବସରରେ ରାଜ୍ୟର ସମସ୍ତ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଳିଙ୍କ ପାଇଁ ୪୧ କୋଟି ୧୭ ଲକ୍ଷ ଟଙ୍କାର ସହାୟତା ରାଶି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏଥିରେ କେନ୍ଦୁପତ୍ର ତୋଳାଳିଙ୍କୁ ଚପଲ ପାଇଁ ୧୬୦ ଟଙ୍କା, କେରି ସଂଗ୍ରହ କପଡା ପାଇଁ ୨୦୦ ଟଙ୍କା, ତୋଳାଳି ଓ ସିଜନାଲ ଷ୍ଟାଫ୍‌ଙ୍କ ଟୋପି ପାଇଁ ୧୦୦ ଟଙ୍କା, ବନ୍ଧାଳିମାନଙ୍କ ପାଇଁ ମଶାରି ଓ କମ୍ବଳ ପାଇଁ ଜଣ ପିଛା ୭୦୦ ଟଙ୍କା ପ୍ରଦାନ କରାଯିବ। ଏହାଦ୍ୱାରା ରାଜ୍ୟର ପ୍ରାୟ ୯ ଲକ୍ଷ କେନ୍ଦୁପତ୍ର ତୋଳାଳି, ବନ୍ଧାଳି ଓ ସିଜନାଲ ଷ୍ଟାଫ୍ ଉପକୃତ ହେବେ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେବଗଡ଼ ଜିଲାର ବହୁ ସାମର୍ଥ୍ୟ ରହିଛି। ଆମେ ଏହାର ଠିକ୍ ଉପଯୋଗକରି ଜିଲାକୁ ରାଜ୍ୟ ବିକାଶଧାରାର ମୁଖ୍ୟସ୍ରୋତରେ ଯୋଡ଼ିବୁ। ଆମ ସରକାର ଆସିବା ପରେ ଓଡ଼ିଶାର ୩୦ ଜିଲାର ସମାନୁପାତିକ ବିକାଶକୁ ଗୁରୁତ୍ୱ ଦେଉଛୁ। ସମାଜର ଶେଷ ଧାଡ଼ିରେ ଥିବା ଲୋକଟିଏ ଯେପରି ସବୁ ମୌଳିକ ସୁବିଧା ପାଇପାରିବ ସେଥିପ୍ରତି ଆମେ ଗୁରୁତ୍ୱ ଦେଉଛୁ। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ପୂରଣ କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି ବୋଲି ସେ କହିଛନ୍ତି। ଓଡ଼ିଶାର ଜନସାଧାରଣଙ୍କୁ ଯେଉଁ ପ୍ରତିଶ୍ରୁତି ଦେଇ ଆମେ ଲୋକଙ୍କ ସେବା କରିବାର ଦାୟିତ୍ୱ ନେଇଛୁ, ତାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଆମେ ଗୋଟିଏ ମିନିଟ୍ ବି ନଷ୍ଟ କରିନାହୁଁ। ଆମ ସରକାର ଆସିବାର ବର୍ଷେ ହେବାକୁ ମାତ୍ର ୯ ଦିନ ବାକି ଅଛି। ଏହି ବର୍ଷକ ଭିତରେ ଆମେ ସାଧାରଣ ଲୋକଙ୍କଠାରୁ ଆରମ୍ଭକରି ଜିଲା ତଥା ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଅନେକ ଉନ୍ନୟନମୂଳକ ଓ କଲ୍ୟାଣକାରୀ ପଦକ୍ଷେପ ଗ୍ରହଣ କରିଛୁ ତା'ର ହିସାବ ଦେବୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲାପାଳ କବୀନ୍ଦ୍ର ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱମୋହନ ମିଶ୍ର ଧନ୍ୟବାଦ ଦେଇଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତିନ୍ତୁଳି ପତର ସରୁ
ପୁଅ କାଢ଼ିଦେଲା ବାପକୁ ଘରୁ
ବାପ କିପରି ଚଳିବ ଚଳୁ।**

ବୃଦ୍ଧାବସ୍ଥାରେ ସାହାଭରସା ମିଳିବା ଆଶାରେ ଅନେକେ ପୁଅଟିଏ ଆଶା କରିଥାନ୍ତି। ତେବେ କିଛି ଅବିବେକୀ ପୁଅ ପୋଷିବା ତ ଦୂରର କଥା ବୃଦ୍ଧାବସ୍ଥାରେ ଦୂର୍ ଦୂର୍ ମାର୍ ମାର୍ କରୁଥିବାର ଜଣାଯାଏ। ଏପରିକି ମୁଣ୍ଡରୁ ବୋଝ ହଟାଇବା ନେଇ ରାସ୍ତାରେ ଅସହାୟ ଭାବେ ଛାଡ଼ି ଚାଲି ଯାଉଥିବାର ଦେଖାଯାଏ। ଏପରି ସ୍ଥିତିରେ ଅସହାୟ ହୋଇପଡୁଥିବା ବୃଦ୍ଧ ପିତାର ମାନସିକ ସ୍ଥିତି ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତିନି ତୁଣ୍ଡରେ ଛେଳି କୁକୁର।**

ସାଧାରଣତଃ ଏକାଧିକ ବ୍ୟକ୍ତି ସତ୍ୟକୁ ମିଥ୍ୟା ଓ ମିଥ୍ୟାକୁ ସତ୍ୟ ବୋଲି ପ୍ରକାଶ କଲେ ଅନ୍ୟମାନେ ତାହାକୁ ଅତି ସହଜରେ ବିଶ୍ୱାସ କରିଯାନ୍ତି। ମିଥ୍ୟା କଥା ସମାନ ଭାବରେ ବହୁ ଲୋକଙ୍କ ଆଗରେ ବ୍ୟକ୍ତ କଲେ ତାହା ସତ ବୋଲି ଧରି ନିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡ୍‌ସ ପବ୍ଲିଶର୍ସ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ୨୫, ୨୬ରେ ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା

ଭୁବନେଶ୍ୱର,୩।୬(ସୁଚିସ୍ମିତା ସାହୁ)

ଚଳିତବର୍ଷ ଯୁକ୍ତ୨ ଇନ୍‌ଷ୍ଟାଣ୍ଟ ପରୀକ୍ଷା ଆସନ୍ତା ୨୫ ୨୫ ଏବଂ ୨୬ ତାରିଖ ଦୁଇ ଦିନ ଧରି ଚାଲିବ। ପରୀକ୍ଷା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ୩୨ଟି ସେଣ୍ଟର କରାଯାଇଛି। ପ୍ରତିଜିଲାରେ ଗୋଟିଏ ଲେଖାଏ ପରୀକ୍ଷା କେନ୍ଦ୍ର ହୋଇଥିବାବେଳେ ଖୋର୍ଦ୍ଧା ଏବଂ ସୁନ୍ଦରଗଡ଼ରେ ଦୁଇଟି ଲେଖାଏ କେନ୍ଦ୍ର କରାଯାଇଛି। ପ୍ରତି ସେଣ୍ଟରର ସୁପରିଚାଳନା ପାଇଁ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ କରାଯାଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ପରୀକ୍ଷା ନିୟନ୍ତ୍ରକ ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି। ଏ ନେଇ ସମସ୍ତ ପ୍ରିନ୍ସିପାଲ, ପ୍ରଧାନ ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କୁ ଚିଠି ଲେଖାଯାଇଛି। ପ୍ରିନ୍ସିପାଲ ହିଁ ସମ୍ପୃକ୍ତ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଭାବେ କାର୍ଯ୍ୟ କରିବେ। ସେହି ସ୍କୁଲର ପରୀକ୍ଷା କେନ୍ଦ୍ରରେ ଯଦି ତାଙ୍କର ରକ୍ତ ସମ୍ପର୍କୀୟ ଭାଇ, ଭଉଣୀ, ପୁଅ, ଝିଅ କିମ୍ବା ସମ୍ପର୍କୀୟ କେହି ପରୀକ୍ଷା ଦେଉଥିବେ ତେବେ ସେ ସେଠାରେ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ତୁଲାଇ ପାରିବେ ନାହିଁ। ସେଠାରେ ବିଦ୍ୟାଳୟର ଅନ୍ୟ ଜଣେ ବରିଷ୍ଠ ଶିକ୍ଷକଙ୍କୁ ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱ ଦିଆଯିବ। ପ୍ରତ୍ୟେକ ଥିଓରି ବିଷୟ ପରୀକ୍ଷା ବାବାଦକୁ ୪୦ ଟଙ୍କା ଲେଖାଏ ରଖିବାକୁ ପ୍ରିନ୍ସିପାଲଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ପ୍ରଥମ ପୃଷ୍ଠାରୁ...

## ୭ ମାସର ଝିଅକୁ...

ଅନ୍ତର୍ଗତ ନୋଟାରୀପଶିର ଜନନୀ ମୁଣ୍ଡାଙ୍କୁ ପ୍ରେମ ବିବାହ କରି ସେଠାରେ ରହୁଥିଲେ। ସଞ୍ଜୟ ଜଣେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଅଧିକାଂଶ ସମୟରେ ନିଶାସେବନ କରି ଘରେ ଗଣ୍ଡଗୋଳ କରନ୍ତି। ବିଶେଷକରି ବାହାଘର ପରଠାରୁ ଜନନୀଙ୍କୁ ସଞ୍ଜୟ ମାଡ଼ ମାରିବା ସହ ନିର୍ଯାତନା ଦେଇ ଆସୁଥିଲେ। ସୋମବାର ଚାଉଳ କିଣିବା ପାଇଁ ସ୍ୱାମୀସ୍ତ୍ରୀ ବଜାରକୁ ଯାଇଥିବାବେଳେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସଞ୍ଜୟ ନିଶାସକ୍ତ ହୋଇ ରାତିରେ ଘରକୁ ଫେରିବା ପରେ ମଧ୍ୟ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରେମ ସମ୍ପର୍କର ସନ୍ତକକୁ ସବୁଦିନ ପାଇଁ ରାସ୍ତାରୁ ହଟାଇ ଦେବି ବୋଲି କହି ୭ମାସର ଶିଶୁକନ୍ୟାକୁ କଚାଡ଼ି ମାରିଦେଇଥିଲେ। ଘଟଣାସ୍ଥଳରେ ଶିଶୁ କନ୍ୟାର ମୃତ୍ୟୁ ହୋଇଯାଇଥିଲା। ମା' ଜନନୀ ଚିତ୍କାର କରିବାରୁ ସ୍ଥାନୀୟ ଲୋକମାନେ ଆସି ସଞ୍ଜୟଙ୍କୁ କାବୁ କରିଥିଲେ।

## ଆଇନ ସତ୍ତ୍ୱେ ବଢ଼ୁଛି...

ବି.ଭି. ନାଗରତ୍ନା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ ଦେଇଥିବା ନିର୍ଦ୍ଦେଶନାମାର ସବିଶେଷ ରିପୋର୍ଟ ମଙ୍ଗଳବାର ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ପ୍ରକାଶ ପାଇଛି। ସର୍ବୋଚ୍ଚ ଅଦାଲତଙ୍କ ୭ ନିର୍ଦ୍ଦେଶନାମା ମଧ୍ୟରେ ରହିଛି, ଜିଲା ଏବଂ ତାଲୁକ ସ୍ତରରେ କାର୍ଯ୍ୟରତ ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ସୁରକ୍ଷା ଅଫିସର ନିଯୁକ୍ତ କରିବା ସହ ଅନୁରୂପ ଦାୟିତ୍ୱ ପ୍ରଦାନ କରିବା। ସୁରକ୍ଷା ଅଧିକାରୀମାନେ ଆଇନର ଧାରା ୯ ଅନୁଯାୟୀ ସେମାନଙ୍କ କାର୍ଯ୍ୟ ସମ୍ପାଦନ କରିବାକୁ କୁହାଯାଇଛି। ୬ ସପ୍ତାହ ମଧ୍ୟରେ ଏହି ନିଯୁକ୍ତି ପ୍ରଦାନ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ।

ଏହା ବ୍ୟତୀତ ଘରୋଇ ହିଂସାର ଶିକାର ହେଉଥିବା ପୀଡ଼ିତାଙ୍କୁ ସଚେତନ କରିବା ପାଇଁ ଆଇନର ଧାରା ୧୧ ଥିବା ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ସୁପ୍ରିମକୋର୍ଟ କହିଥିଲେ। ଉକ୍ତ ଧାରାରେ ରହିଥିବା ବ୍ୟବସ୍ଥାକୁ ନିୟମିତ ବ୍ୟବଧାନରେ ପ୍ରଚାର କରିବାକୁ କୁହାଯାଇଥିଲା। ଘରୋଇ ହିଂସା ପୀଡ଼ିତାଙ୍କୁ ମାଗଣାରେ ଆଇନଗତ ସହାୟତା ଯୋଗାଇଦେବା ଲାଗି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆଇନ ସେବା କର୍ତ୍ତୃପକ୍ଷ ଆଇନର ଧାରା ୧୨ ଅନୁଯାୟୀ ବିପଦରେ ଥିବା ମହିଳାମାନେ ଆଇନଗତ ସେବା ପାଇବାକୁ ହକ୍‌ଦାର। ଏଥିପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଆଇନ ସେବା କର୍ତ୍ତୃପକ୍ଷଙ୍କ ସଦସ୍ୟ ସଚିବଙ୍କୁ ଜଣାଇବା ପାଇଁ ଏନ୍‌ଏଏଲ୍‌ଏସ୍‌ଏର ସଦସ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଘରୋଇ ହିଂସା ଆଇନର ବ୍ୟବସ୍ଥାଗୁଡ଼ିକର ଲକ୍ଷ୍ୟ ସମ୍ପର୍କରେ ପର୍ଯ୍ୟାପ୍ତ ପ୍ରଚାର କରିବାକୁ ରାଜ୍ୟ, ଜିଲା ଏବଂ ତାଲୁକ୍‌ସ୍ତରୀୟ ସଦସ୍ୟ ସଚିବଙ୍କୁ କୁହାଯାଇଥିଲା। ଏହା ବ୍ୟତୀତ ପୀଡ଼ିତାମାନେ ଯେପରି ଅଧିକ ସୁବିଧାରେ ଆଶ୍ରୟ ଗୃହ ପାଇପାରିବେ, ସେଥିପାଇଁ ୧୦ ସପ୍ତାହ ମଧ୍ୟରେ ସେଗୁଡ଼ିକୁ ଚିହ୍ନଟ କରି ବିଜ୍ଞପ୍ତି ପ୍ରକାଶ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଥିଲେ।

## ଆର୍‌ସିବି ଚାମ୍ପିୟନ...

ଓପନିଂ ଯୋଡ଼ିରେ ୪୩ ରନ ସଂଗ୍ରହକରି ଭଲ ପ୍ଲାଟ୍‌ଫର୍ମ ପକାଇଥିଲେ। ଜୋସ୍ ଇଂଲିଶ୍ ମଧ୍ୟ ୨୩ ବଲ୍‌ରୁ ୩୯ ରନ କରି ଇନିଂସକୁ ଆଗେଇ ନେଇଥିଲେ। ମାତ୍ର ଅଧିନାୟକ ଶ୍ରେୟସ ଆୟର(୧), ନେହାଲ ୱାଧେରା (୧୫), ମାର୍କୁସ ଷ୍ଟୋଇନିସ (୬) ଓ ଆଜମତୁଲ୍ଲା ଓମାରଜାଇ (୧)ଙ୍କ ବିଫଳତା ଦଳ ପାଇଁ ମହଙ୍ଗା ପଡ଼ିଥିଲା। ଶଶାଙ୍କ ୩୦ ବଲ୍‌ରୁ ୬୧ ରନରେ ଅପରାଜିତ ରହିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଆର୍‌ସିବି ବୋଲରଙ୍କ ମଧ୍ୟରେ ଭୁବନେଶ୍ୱର କୁମାର ଓ କୃନାଲ ପାଣ୍ଡ୍ୟା ୨ଟି ଲେଖାଏ ଏବଂ ଜୋସ୍ ହାଜେଲଉଡ୍, ଯଶ ଦୟାଲ ଓ ରୋମାରିଓ ଶେଫର୍ଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ପଞ୍ଜାବ ଅଧିନାୟକ ଶ୍ରେୟସ ଆୟର। ଆର୍‌ସିବିର ଆରମ୍ଭ ଭଲ ହୋଇ ନ ଥିଲା। ବିସ୍ଫୋରକ ଓପନର ଫିଲ୍ ସଲ୍ଟ ମାତ୍ର ୧୬ ରନକରି ଆଉଟ ହେବାରୁ ୧୮ ରନରେ ପ୍ରଥମ ଝଟକା ଖାଇଥିଲା ଆର୍‌ସିବି। ବିରାଟ କୋହଲି ଓ ମୟଙ୍କ ଅଗ୍ରୱାଲ ଇନିଂସ ସଜାଡ଼ିବାକୁ ଉଦ୍ୟମ କରିଥିଲେ। ମାତ୍ର ଦ୍ୱିତୀୟ ଉଇକେଟରେ ୩୮ ରନ ଯୋଗ ହେବାପରେ ଅଗ୍ରୱାଲ ୨୪ ରନକରି ଆଉଟ ହୋଇଯାଇଥିଲେ। କୌଣସି ଉଇକେଟରେ ବଡ଼ ଭାଗୀଦାରି ନ ହୋଇପାରିବାରୁ ଆର୍‌ସିବି ଆଶାନୁରୂପ ସ୍କୋର କରିପାରି ନ ଥିଲା। ମିଡିଲ ଅର୍ଡରରେ ସମସ୍ତ ବ୍ୟାଟର ଭଲ ଆରମ୍ଭ କରିଥିଲେ। ମାତ୍ର ତାହାକୁ କେହି ଜଣେ ହେଲେ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ପୂର୍ବ ମ୍ୟାଚଗୁଡ଼ିକ ଭଳି ଆଙ୍କର ଭୂମିକା ଗ୍ରହଣ କରିଥିବା କୋହଲି ଆକ୍ରମଣାତ୍ମକ ହୋଇ ଆସିବା ସମୟରେ ଆଉଟ ହୋଇ ଯାଇଥିଲେ। ସେ ୩୫ ବଲ୍‌ରୁ ୪୩ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ରଜତ ପାଟିଦାର ୧୬ ବଲ୍‌ରୁ ୨୬, ଲିଆମ ଲିଭିଂଷ୍ଟୋନ ୧୫ ବଲ୍‌ରୁ ୨୫, ଜୀତେଶ ଶର୍ମା ୧୦ ବଲ୍‌ରୁ ୨୪ ଓ ରୋମାରିଓ ଶେଫର୍ଡ ୯ ବଲ୍‌ରୁ ୧୭ ରନକରି ପ୍ୟାଭିଲିୟନ ଫେରିଥିଲେ। ଇନିଂସର ଶେଷ ଓଭରରେ ଅର୍ଶଦୀପ ସିଂ ମାତ୍ର ୩ ରନ ଦେଇ ୩ଟି ଉଇକେଟ ନେବାରୁ ଆର୍‌ସିବି ୧୯୦ରେ ସୀମିତ ରହିଯାଇଥିଲା। ଅନ୍ୟ ବୋଲରଙ୍କ ମଧ୍ୟରେ କାଏଲ ଜେମିସନ ୩ଟି ଏବଂ ଆଜମତୁଲ୍ଲା ଓମାରଜାଇ, ବିଜୟ କୁମାର ବ୍ୟଶକ ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଯେଉଁ କାମ ଆରମ୍ଭ କରିବେ ସେଥିରେ ସଫଳତା ପାଇବା କଷ୍ଟକର ହେବ। ଅବଶ୍ୟ ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନରେ ପ୍ରତିବନ୍ଧକ ଦୂରେଇବାରେ ଲାଗିବ। ରାଜନୀତିରେ ଲୋକ ସମର୍ଥନ ଅବ୍ୟାହତ ରହିବା ଯୋଗୁ ଆଗେଇ ଯିବେ। ପିଲାଙ୍କ ଉଚ୍ଚ ଶିକ୍ଷା ସକାଶେ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ସୃଷ୍ଟି ହେବାର ସୂଚନା ରହିଛି।

**ବୃଷ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ସମାଧାନ ପୂର୍ବକ କାମ ହାସଲରେ ସମର୍ଥ ହୋଇପାରନ୍ତି। ବନ୍ଧୁଙ୍କ କାର୍ଯ୍ୟ କଳାପ ଅସନ୍ତୋଷଜନକ ହେଲେ ମଧ୍ୟ ସମ୍ମୁଖରେ କିଛି କହିପାରିବେ ନାହିଁ। ବାଣିଜ୍ୟରେ ଉନ୍ନତି, ପରିବହନରେ ଝଗଡ଼ାର ସମ୍ଭାବନା ରହିଛି। ଅବହେଳାବଶତଃ ଗୁରୁତ୍ୱପୂର୍ଣ୍ଣ କାମଟିକୁ କରି ନ ପାରି ଦୁଃଖ ଅନୁଭବ କରିପାରନ୍ତି।

**ମିଥୁନ** – ଆଜିର ପ୍ରତ୍ୟୁଷ ଯାତ୍ରା ଲକ୍ଷ୍ୟ ହାସଲରେ ଅନୁକୂଳତା ପ୍ରଦାନ କରିବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣରୁ ବ୍ୟସ୍ତତା ଅନୁଭବ କରିପାରନ୍ତି। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହେବେ। ପାରିବାରିକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ଉଚିତ ମନେକରିପାରନ୍ତି।

**କର୍କଟ** – କର୍ମକ୍ଷେତ୍ରରେ ବିଶ୍ୱସ୍ତ ଲୋକଠାରୁ ଭୁଲ୍ ଖବର ପାଇ ବିବ୍ରତ ହେବେ। ଦୀର୍ଘଦିନରୁ ଅଟକି ରହିଥିବା ନିର୍ମାଣାଧୀନ କାମଟିକୁ ହଠାତ୍ ଆରମ୍ଭ କରିବାକୁ ମନ ବଳାଇ ପାରନ୍ତି। ଧାତୁ, ଅଳଙ୍କାର, ଗୃହୋପକରଣ କିମ୍ବା ମୂଲ୍ୟବାନ ଦ୍ରବ୍ୟ କ୍ରୟ କରିବାକୁ ମନସ୍ଥ କରିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ ପାଇଁ ଦିନଟି ବିଶେଷ ଭଲ ନୁହେଁ।

**ସିଂହ** – ପରିବାରର ଆର୍ଥିକ ଅନଟନ କାରଣରୁ କେତେକ ସ୍ଥଗିତ କାମ ରହିଯାଇପାରେ। ଅଫିସରେ କମନ କଥା ମନରେ ମାରି ରହିବାକୁ ବାଧ୍ୟ ହେବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ, ଗୃହ, ଜମି, ପରିବହନ ପ୍ରଭୃତିରୁ ଖୁସି ରହିବେ। ସଭାସମିତିରେ ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ କିମ୍ବା ବନ୍ଧୁ ଗହଣରେ ପ୍ରଶଂସିତ ହେବେ।

**କନ୍ୟା** – ପାରିବାରିକ କ୍ଷେତ୍ରରେ ଦ୍ୱନ୍ଦ୍ୱରେ ପଡ଼ି ଅନ୍ୟମାନଙ୍କ କଥାକୁ ଠିକ୍ ଭାବେ ବୁଝିପାରିବେନି। ଲେଖାପଢ଼ା, ପ୍ରଶାସନ, ମାଲି ମକଦ୍ଦମା ଓ ସଭାସମିତିରେ ଶୁଭଫଳ ପାଇବେ। ବନ୍ଧୁଙ୍କ ଆଶ୍ୱାସନା ଲାଭ କରି ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଦୂର ହେବ। ପଡ଼ୋଶୀଙ୍କ ସହାୟତାରେ ଅର୍ଥ ସଂଗ୍ରହରେ ତତ୍ପରତା ନିଷ୍ଫଳ ହେବନି।

**ତୁଳା** – ଆଜି ମନର ଭାବନାକୁ ମନରେ ରଖି ଅନ୍ୟମାନଙ୍କର ନିକଟତର ହେବାକୁ ଚେଷ୍ଟା କରିବେ। ଆନୁଷ୍ଠାନିକ କିମ୍ବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ଖୁସୀ ହୋଇ ପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ କାମର ଚାପରେ ସାମୟିକ ବିବ୍ରତ ହେବାର ଆଶଙ୍କା ରହିଛି। ବାରମ୍ବାର ରୋଗପୀଡ଼ା ଜନିତ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ।

**ବିଛା** – ମିଠା କଥା କହି ଅନ୍ୟକୁ ଆପଣେଇ ନେବେ। ଇଚ୍ଛା ଅନୁଯାୟୀ କାମ ସମ୍ପନ୍ନ ହେବାରୁ ମାନସିକ ସ୍ଥିରତା ରହିବ। ଅନ୍ୟମାନଙ୍କ ଉପରେ ଭରସାକରି ବସି ରହିଲେ ସମସ୍ୟା ଭିତରେ ଛନ୍ଦି ହେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ସାମ୍ବାଦିକତା, ଚୁକ୍ତିପତ୍ର, ସଭାସମିତି ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସଫଳତା ହାସଲ କରିବେ।

**ଧନୁ** – ପ୍ରତିବନ୍ଧକ କାରଣରୁ ବିଭିନ୍ନ ନକାରାତ୍ମକ ଚିନ୍ତା ବ୍ୟତିବ୍ୟସ୍ତ କରାଇପାରେ। ଆନୁଷ୍ଠାନିକ କାମରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ନିଜ ଲୋକ ଶତ୍ରୁତା କରି ସମସ୍ୟାକୁ ବଢ଼ାଇଦେଇପାରନ୍ତି। ଆଜି ଯାତ୍ରା, ଆଲୋଚନା, ଚୁକ୍ତିପତ୍ର ପ୍ରଭୃତି ତରବରିଆ ଭାବେ କରିବା ଠିକ୍ ହେବନାହିଁ।

**ମକର** – ଅଟକି ରହିଥିବା ଅମୀମାଂଶିତ ସମସ୍ୟାଟି ଆକସ୍ମିକ ଭାବରେ ସମାଧାନ ହୋଇଯିବ। ବନ୍ଧୁଙ୍କ ପରାମର୍ଶରେ କର୍ମ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଆଜିର ଯାତ୍ରାରେ ଲକ୍ଷ୍ୟ ପୂରଣ ହେବ ଓ ଖାଲି ହାତରେ ଫେରିବେ ନାହିଁ। ପାରିବାରିକ କ୍ଷେତ୍ରରେ କୌଣସି ଆଳ ଦେଖାଇ ଆତ୍ମୀୟସ୍ୱଜନ ଦୂରେଇ ଯାଇପାରନ୍ତି।

**କୁମ୍ଭ** – କର୍ମକ୍ଷେତ୍ରରେ ହଠାତ୍ କୌଣସି ବିବାଦୀୟ ଘଟଣା ମନକୁ ବିବ୍ରତ କରିପାରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ପାଇବା ତେଣେ ଥାଉ, ଅନ୍ୟମାନେ ଦୋଷ ଖୋଜି ବୁଲିବେ। ଆଜି ଅସାବଧାନତା ସହକାରେ ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ ଚଳାଇବା ଠିକ୍ ହେବ ନାହିଁ।

**ମୀନ** – ପରିବାରରେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଆନୁଷ୍ଠାନିକ କାମ ସାହାଯ୍ୟ ସହଯୋଗ ଭିତ୍ତିରେ ସମ୍ପନ୍ନ ହେବାର ସୂଚନା ରହିଛି। ଧାତୁ,ଅଳଙ୍କାର ଔଷଧ ପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଇନ ଅଦାଲତ ଓ ଜମିଜମା କ୍ଷେତ୍ରରୁ ସଫଳତା ହାସଲ କରିବେ।

ଆଜି ଜୁନ୍ ୪ ତାରିଖ, ଜ୍ୟେଷ୍ଠ ଶୁକ୍ଳ ନବମୀ ବୁଧବାର, ରାଶିନକ୍ଷତ୍ର-ଉତ୍ତରାଫାଲଗୁନୀ/କନ୍ୟା, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୭.୪୮ମି. ଗତେ ଘ.୦୮.୨୭ମି. ମଧ୍ୟେ, ଘ.୧୦.୦୬ମି. ଗତେ ଘ.୧୧.୧୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୫ମି. ଗତେ ଘ.୦୧.୨୩ମି. ମଧ୍ୟେ ରାହୁ କାଳ।




# ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ: ୪ ମୃତ

**ନବରଙ୍ଗପୁର,୩।୬ (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ୍ ପଡ଼ାଲଗୁଡ଼ା ଗାଁରେ ମଙ୍ଗଳବାର ଏକ ନିର୍ମାଣାଧୀନ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୪ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଏନ୍. ସନ୍ତୁ( ୩୩), ଅମିୟ ଖୁରା( ୩୧), ଲାଲୁ ରଣା( ୩୨), ତ୍ରିଲୋଚନ ଭତ୍ରା (୩୦)। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାକୁ ନେଇ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

ସକାଳ ପ୍ରାୟ ୯ଟା ୩୦ରେ ମୋହନ ନାଗଙ୍କ ନିର୍ମାଣାଧୀନ ପାଇଖାନା ଭିତରେ ଜମିଥିବା ପାଣି କାଢ଼ିବା ଓ ସେଣ୍ଟରିଂ ହଟାଇବା ପାଇଁ ତ୍ରିଲୋଚନ ଓ ଲାଲୁ ଓହ୍ଲାଇଥିଲେ। ଦୀର୍ଘ ସମୟ ବିତିବା ପରେ ମଧ୍ୟ ସେମାନେ ଫେରି ନ ଥିଲେ। ଏହାର କାରଣ ଜାଣିବା ପାଇଁ ଅମିୟ ଏବଂ ଏମ୍. ସନ୍ତୁ ପାଇଖାନା ଟାଙ୍କିକୁ ଓହ୍ଲାଇଥିଲେ। ପରେ ସେମାନେ ମଧ୍ୟ ଆଉ ବାହାରକୁ ଆସି ନ ଥିଲେ। ଏହା ଦେଖି ମୋହନ ଅଗ୍ନିଶମ ବାହିନୀ ଓ ପୋଲିସକୁ ଖବର ଦେଇଥିଲେ। ଅତିରିକ୍ତ ଏସ୍‌ପି ଆଦିତ୍ୟ ସେନ୍, ଡିଏସ୍‌ପି କୃଷ୍ଣଚନ୍ଦ୍ର ଭତରା, ନବରଙ୍ଗପୁର ଥାନାଧିକାରୀ ସମ୍ମିତ କୁମାର ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଦମକଳ ବାହିନୀ ପହଞ୍ଚି ଟାଙ୍କି ଭିତରୁ ଅଚେତ ଅବସ୍ଥାରେ ୪ଜଣ ଶ୍ରମିକଙ୍କୁ ଉଦ୍ଧାର କରିଥିଲେ। ଅତିରିକ୍ତ ଏସ୍‌ପି ଆଦିତ୍ୟ ସେନ୍ ଡାକ୍ତରଖାନାରୁ ଆମ୍ବୁଲାନ୍ସ ଡକାଇ ସେଥିରେ ଶ୍ରମିକମାନଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ଅପରାହ୍ନରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ମାଲିକଙ୍କ ଅସାବଧାନତା ଓ ଅବହେଳାରୁ ମୃତ୍ୟୁ ହୋଇଥିବା ନେଇ ପୋଲିସ ନଂ. ୨୧୭/୨୫ରେ ଏକ ମାମଲା ରୁଜୁକରିଛି। ରେଡ୍‌କ୍ରସ୍ ପକ୍ଷରୁ ମୃତକଙ୍କ ପରିବାରକୁ ୧୫ ହଜାର ଟଙ୍କା ଲେଖାଏ ଦିଆଯାଇଥିବା ନବରଙ୍ଗପୁର ଥାନାଧିକାରୀ ସମ୍ମିତ କୁମାର ବେହେରା ସୂଚନା ଦେଇଛନ୍ତି। ଘଟଣାର ତଦନ୍ତ କରାଯାଉଛି।




# ମନ୍ତ୍ରୀଙ୍କ କ୍ଷମତା କାର୍ଯ୍ୟକାରୀ କରିବେ ସଚିବ

**ବଣ୍ଟା ହେବ କ୍ଷମତା, ବଦଳିବ ପ୍ରଶାସନିକ ଢାଞ୍ଚା**

**ଭୁବନେଶ୍ୱର,୩।୬ (ରବିନାରାୟଣ ଜେନା)**

ସରକାରୀ ବ୍ୟବସ୍ଥାକୁ ଅଧିକ ଦକ୍ଷ ଓ ଗତିଶୀଳ କରିବା ପାଇଁ ସରକାର ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ପ୍ରଶାସନିକ ଢାଞ୍ଚାରେ କେତେକ ପରିବର୍ତ୍ତନ କରାଯିବ। କ୍ଷମତାର ମଧ୍ୟ ବିକେନ୍ଦ୍ରୀକରଣ ହେବ। ଏପରି କି ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଗଣଙ୍କ ଉପରେ ଥିବା ଦାୟିତ୍ୱକୁ ଏପାଖସେପାଖ କରାଯିବ। ଆଗାମୀ ଦିନରେ କାର୍ଯ୍ୟର ଭାର ଯେପରି ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡରେ ନ ରହିବ ଏବଂ ସରକାରଙ୍କ ପକ୍ଷରୁ ତ୍ୱରିତ୍ ପଦକ୍ଷେପ ନିଆଯାଇପାରିବ, ତାହାକୁ ଦୃଷ୍ଟିରେ ରଖାଯାଇ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି। ନିଯୁକ୍ତି ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାରେ ସଚିବଙ୍କ ଭୂମିକା ପୂର୍ବରୁ ନ ଥିବାବେଳେ ଏବେ ସେମାନଙ୍କୁ ସମ୍ପୃକ୍ତ କରାଯିବ। ଅର୍ଥାତ୍ ସଚିବମାନେ ମନ୍ତ୍ରୀଙ୍କ କ୍ଷମତା ନିର୍ବାହ କରିବେ ବୋଲି ଜଣାପଡ଼ିଛି। ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକର ନିଷ୍ପତ୍ତିକୁ ଆଧାର କରି ମେ’ ୨୮ରେ ଯୋଜନା ଓ ସଂଯୋଜନା ବିଭାଗ ଅତିରିକ୍ତ ସଚିବ ମଧୁସ୍ମିତା ସାମଲ ସବୁ ବିଭାଗୀୟ ମୁଖ୍ୟଙ୍କୁ ଅବଗତ କରାଇଛନ୍ତି।

ସଂପ୍ରତି ରାଜ୍ୟ ସରକାରରେ ବିଭିନ୍ନ ବର୍ଗର କର୍ମଚାରୀଙ୍କ ନିଯୁକ୍ତି ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଲାଗି ଗ୍ରୁପ୍-ବି’ ଅଧିକାରୀଙ୍କଠାରୁ ଗ୍ରୁପ୍-ଏ’ ଅଧିକାରୀ(ପାହ୍ୟା-୧୨ ତଥା ଅନୁସଚିବ)ଙ୍କ ପର୍ଯ୍ୟନ୍ତ ସମ୍ପୃକ୍ତ ବିଭାଗର ମନ୍ତ୍ରୀ ହିଁ ନିଷ୍ପତ୍ତି ନେଉଛନ୍ତି। ସେହିପରି ଗ୍ରୁପ୍-ଏ’(ପାହ୍ୟା-୧୨)ଠାରୁ ତଦୂର୍ଦ୍ଧ୍ୱ ପ୍ରଶାସନିକ ଅଧିକାରୀଙ୍କ ନିଯୁକ୍ତି ଏବଂ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀ ନେଉଛନ୍ତି। ଏହାଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଉପରେ କାର୍ଯ୍ୟଭାର ବଢ଼ିଚାଲିଛି। ଏମିତି କି ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ଗଦା ଗଦା ଫାଇଲ ପଡ଼ି ରହିଛି। ଏହି ଚାପରୁ ମୁଖ୍ୟମନ୍ତ୍ରୀଙ୍କୁ ମୁକ୍ତକରିବା ଲାଗି କ୍ଷମତାରେ ପରିବର୍ତ୍ତନ କରାଯିବ।

ତଦନୁଯାୟୀ, ସମ୍ପୃକ୍ତ ବିଭାଗର ସଚିବମାନେ ନିଯୁକ୍ତି ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କର୍ତ୍ତୃପକ୍ଷ ଭାବେ ଦାୟିତ୍ୱରେ ରହିବେ। ପୂର୍ବରୁ ବିଭାଗୀୟ ମନ୍ତ୍ରୀମାନେ ଯେପରି ଗ୍ରୁପ୍-ବି’ ଅଧିକାରୀଙ୍କଠାରୁ ଗ୍ରୁପ୍-ଏ’ ଅଧିକାରୀ(ପାହ୍ୟା-୧୨ ତଥା ଅନୁସଚିବ)ଙ୍କ ନିଯୁକ୍ତି ଏବଂ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ନିଷ୍ପତ୍ତି ନେଉଥିଲେ, ଏବେ ଉକ୍ତ ଦାୟିତ୍ୱ ସମ୍ପୃକ୍ତ ବିଭାଗ ସଚିବ ନିର୍ବାହ କରିବେ।

ଅନ୍ୟପକ୍ଷରେ ସମ୍ପୃକ୍ତ ବିଭାଗ ମନ୍ତ୍ରୀ ଗ୍ରୁପ୍-ଏ’(ପାହ୍ୟା-୧୨ରୁ ତଦୂର୍ଦ୍ଧ୍ୱ)ବର୍ଗର ଚାକିରିଆଙ୍କଠାରୁ ଆରମ୍ଭ କରି ଗ୍ରୁପ୍-ଏ’(ପାହ୍ୟା-୧୪ ବା ଯୁଗ୍ମସଚିବ)ଙ୍କ ପର୍ଯ୍ୟନ୍ତ ନିଯୁକ୍ତି ଓ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନେବେ। ହେଲେ ମୁଖ୍ୟମନ୍ତ୍ରୀ କେବଳ ଗ୍ରୁପ୍-ଏ(ପାହ୍ୟା-୧୪)ବର୍ଗଙ୍କଠାରୁ ଉର୍ଦ୍ଧ୍ୱ ବର୍ଗଙ୍କ ନିଯୁକ୍ତି ଓ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି ନେବେ। ଏନେଇ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ ସରକାରଙ୍କ ଅନୁମୋଦନ ଆଣିବା ପରେ ଏହି ପ୍ରକ୍ରିୟାରେ ପ୍ରଶାସନିକ ନିଷ୍ପତ୍ତି ନିଆଯିବ ବୋଲି ଜଣାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ମେ’ ୯ରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ କ୍ୟାବିନେଟ୍ ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି ହୋଇଥିଲା। ବିଭାଗୀୟ ଅତିରିକ୍ତ ମୁଖ୍ୟଶାସନ ସଚିବ ସୁରେନ୍ଦ୍ର କୁମାର ନିର୍ଦ୍ଦେଶନାମାରେ ଦର୍ଶାଇଥିଲେ ଯେ, ଏଣିକି କ୍ୟାବିନେଟ୍ ବୈଠକରେ ସଚିବମାନେ ବସି ପାରିବେ ନାହିଁ।

# କେନ୍ଦ୍ରୀୟ ଡେପୁଟେଶନରେ ଯିବେ ଆଶିଷ ଠାକ୍‌ରେ

**ଭୁବନେଶ୍ୱର,୩।୬(ସୁନିତ୍ ମିଶ୍ର)**



ରାଜ୍ୟରୁ ଆଉ ଜଣେ ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର୍ କେନ୍ଦ୍ରୀୟ ଡେପୁଟେଶନରେ ଯିବେ। ୨୦୧୧ ବ୍ୟାଚ୍ ଓଡ଼ିଶା ଆଇଏଏସ୍ ଅଫିସର ଆଶିଷ ଠାକ୍‌ରେଙ୍କୁ କେନ୍ଦ୍ର ଭିନ୍ନକ୍ଷମ ଓ ମାନବ ସଶକ୍ତୀକରଣ ବିଭାଗର ନିର୍ଦ୍ଦେଶକ ଭାବେ ନୂଆ ନିଯୁକ୍ତି ପାଇଛନ୍ତି। ଏହି ବିଭାଗରେ ସେ ୫ ବର୍ଷ ପାଇଁ ସେଣ୍ଟ୍ରାଲ ଷ୍ଟାଫିଙ୍ଗ୍ ଯୋଜନାରେ କାର୍ଯ୍ୟ କରିବେ। ଯେବେଠାରୁ ସେ ଦାୟିତ୍ୱ ଗ୍ରହଣ କରିବେ ସେହିଦିନ ଠାରୁ ୫ ବର୍ଷ ପାଇଁ ସେ ଏହି ଦାୟିତ୍ୱ ତୁଲାଇବେ। ତାଙ୍କୁ ତୁରନ୍ତ ରାଜ୍ୟ ସରକାର ରିଲିଭ କଲେ ସେ ତାଙ୍କ ନୂଆ ଦାୟିତ୍ୱରେ ଯୋଗଦେଇପାରିବେ ବୋଲି ମଙ୍ଗଳବାର କେନ୍ଦ୍ର ସରକାରଙ୍କ ଡିଓପିଟି ବିଭାଗ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ଏହି ବିଜ୍ଞପ୍ତି ଜାରି ହେବାର ୩ ସପ୍ତାହ ମଧ୍ୟରେ ଅଫିସର ତାଙ୍କ ପଦରେ ଦାୟିତ୍ୱ ଗ୍ରହଣ କରିବେ। ସୂଚନାଯୋଗ୍ୟ, ଆଶିଷ ଠାକ୍‌ରେ ଏବେ ରାଜସ୍ୱ ବୋର୍ଡର ସଚିବ ଭାବେ ଦାୟିତ୍ୱ ତୁଲାଉଛନ୍ତି। ପୂର୍ବରୁ ସେ କେନ୍ଦୁଝର, ମୟୂରଭଞ୍ଜ ଏବଂ ବାଲେଶ୍ୱର ଜିଲାପାଳ ଭାବେ କାର୍ଯ୍ୟ କରିଥିଲେ। ରାଜ୍ୟରୁ ଗତ ବର୍ଷକ ମଧ୍ୟରେ ଏକାଧିକ ଆଇପିଏସ୍ ଏବଂ ଆଇଏଏସ୍ ଅଧିକାରୀ କେନ୍ଦ୍ରୀୟ ଡେପୁଟେଶନରେ ଯାଇସାରିଲେଣି। ନିକଟରେ ଭିନିଲ କ୍ରିଷ୍ଣା, ନିକୁଞ୍ଜ ବିହାରୀ ଧଳ ପ୍ରମୁଖ କେନ୍ଦ୍ରୀୟ ଡେପୁଟେଶନରେ ଯାଇଛନ୍ତି।

# ବର୍ଷ ପୂର୍ତ୍ତି ଅବସରରେ ପ୍ରତି ପଞ୍ଚାୟତରୁ ୧୦ ଜଣଙ୍କୁ ମିଳିବ ପକ୍କାଘର

**୫ ଦିନ ଭିତରେ ତାଲିକା ଦେବାକୁ ବିଡିଓଙ୍କୁ ନିର୍ଦ୍ଦେଶ**

**ଭୁବନେଶ୍ୱର, ୩।୬ (ସୁନିତ୍ ମିଶ୍ର)**

ରାଜ୍ୟ ସରକାର ତାଙ୍କର ପ୍ରଥମ ବର୍ଷ ପୂର୍ତ୍ତି ଉତ୍ସବକୁ ବଡ଼ ଧୁମଧାମରେ ପାଳିବା ଲାଗି ଯୋଜନା କରିଛନ୍ତି। ଏହି ଅବସରରେ ରାଜ୍ୟ ସରକାର କେତେକ ବଡ଼ ଧରଣର ଘୋଷଣା କରିବାକୁ ମଧ୍ୟ ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟକ୍ରମ ସମୟରେ ରାଜ୍ୟ ସରକାର ହିତାଧିକାରୀଙ୍କୁ ପକ୍କାଘର ଦେବାକୁ ଯୋଜନା କରିଛନ୍ତି। ଅନ୍ତ୍ୟୋଦୟ ଯୋଜନାରେ ସରକାର ପ୍ରତ୍ୟେକ ପଞ୍ଚାୟତରୁ ୧୦ ଜଣ ଲେଖାଏ ହିତାଧିକାରୀଙ୍କୁ ପକ୍କାଘର ଦିଆଯିବାକୁ ଲକ୍ଷ୍ୟ ରଖାଯାଇଥିବା ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ନାଏକ କହିଛନ୍ତି, ଅନ୍ତ୍ୟୋଦୟ ଯୋଜନାରେ ପ୍ରତ୍ୟେକ ପଞ୍ଚାୟତର ୧୦ ଜଣ ଲେଖା ପକ୍କାଘର ପାଇବେ। ଏଥିଲାଗି ୫ ଦିନ ମଧ୍ୟରେ ତାଲିକା ପ୍ରଦାନ କରିବା ପାଇଁ ବିଡିଓମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୧୨ ତାରିଖ ପୂର୍ତ୍ତି ଉତ୍ସବ କାର୍ଯ୍ୟକ୍ରମରେ ଏହା ପ୍ରଦାନ କରାଯିବ ବୋଲି ନାଏକ କହିଛନ୍ତି। ଅନ୍ତ୍ୟୋଦୟ ଯୋଜନାରେ ଲକ୍ଷେ ୭ ହଜାର ପକ୍କାଘର ଦେବାକୁ ଲକ୍ଷ୍ୟ ରଖାଯାଇଛି। କେଉଁ ଜିଲାକୁ କେତେ ଘର ପ୍ରଦାନ କରାଯିବ ତା’ର ତାଲିକା ପ୍ରସ୍ତୁତ ଶେଷହେବା ସହ ଏନେଇ ବିଭାଗ ପକ୍ଷରୁ ଜିଲାପାଳମାନଙ୍କୁ ଚିଠି ଦିଆଯାଇଥିଲା। ଜିଲାପାଳମାନେ ତୁରନ୍ତ ତାଲିକା ପ୍ରସ୍ତୁତକରିଦେବା ଲାଗି ଯେଉଁ ସମୟ ଧାର୍ଯ୍ୟ କରାଯାଇଥିଲା ତା’ ଭିତରେ ତାଲିକା ଆସିପାରି ନ ଥିବା ଜଣାପଡ଼ିଛି। ଅନ୍ୟପଟେ ବିଡିଓମାନଙ୍କ ଚୂଡ଼ାନ୍ତ ତାଲିକା ଆସିବା ପରେ ତାହା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଅନୁମୋଦନ ଲାଗି ଯିବ ବୋଲି ଜଣାପଡ଼ିଛି।

# ଭିଟିଆରରେ ଅଣାଯିବ ସୁଧାର

**ତ୍ୱରିତ୍ ଜାଣିହେବ ମତଦାନ ପ୍ରତିଶତ ହାର**

**ଭୁବନେଶ୍ୱର,୩।୬ (ରବିନାରାୟଣ ଜେନା)**

ମତଦାନ ପ୍ରତିଶତ ହାର କିଭଳି ତ୍ୱରିତ୍ ଜଣାପଡ଼ିବ ସେନେଇ ଭୋଟର ଟର୍ନଆଉଟ୍(ଭିଟିଆର୍) ପ୍ରକ୍ରିୟାରେ ସୁଧାର ଆଣିବାକୁ ଭାରତ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାରଙ୍କ ସୂଚନା ଅନୁଯାୟୀ, ଆନୁମାନିକ ମତଦାନ ପ୍ରତିଶତ ଧାରା ବିଷୟରେ ଲୋକମାନଙ୍କୁ ସମୟାନୁସାରେ ଅବଗତ କରାଇବା ପାଇଁ ଏକ ସୁଗମ, ପ୍ରଯୁକ୍ତିବିଦ୍ୟା-ଚାଳିତ ବ୍ୟବସ୍ଥା ପ୍ରଚଳନ କରାଯିବ। ଏହି ନୂତନ ପ୍ରକ୍ରିୟା ପୂର୍ବ ମାନୁଆଲ୍ ରିପୋର୍ଟିଂ ପଦ୍ଧତି ସହିତ ଜଡ଼ିତ ସମୟ ଅନ୍ତରାଳକୁ ଯଥେଷ୍ଟ ଭାବରେ ହ୍ରାସ କରିବ। ନିର୍ବାଚନ ଆଚରଣ ନିୟମ-୧୯୬୧ର ନିୟମ ୪୯ଏସ୍‌ର ବୈଧାନିକ ଢାଞ୍ଚା ଅନୁଯାୟୀ, ପ୍ରିଜାଇଡିଂ ଅଫିସରମାନେ ପ୍ରାର୍ଥୀମାନଙ୍କ ଦ୍ୱାରା ମନୋନୀତ ଏବଂ ମତଦାନ ଶେଷରେ ମତଦାନ କେନ୍ଦ୍ରରେ ଉପସ୍ଥିତ ପୋଲିଂ ପ୍ରତିନିଧିମାନଙ୍କୁ ଫର୍ମ ୧୭-ସି’ ପ୍ରଦାନ କରିବାକୁ ବାଧ୍ୟ, ଯେଉଁଥିରେ ରେକର୍ଡ ହୋଇଥିବା ଭୋଟ୍‌ର ହିସାବ ବିସ୍ତୃତ ଭାବରେ ଉଲ୍ଲେଖ ରହିବ। ଏହି ନୂତନ ପଦକ୍ଷେପ ଅନୁଯାୟୀ, ପ୍ରତ୍ୟେକ ମତଦାନ କେନ୍ଦ୍ରର ପ୍ରିଜାଇଡିଂ ଅଧିକାରୀ ଏବେ ମତଦାନ ଦିନ ପ୍ରତି ଦୁଇ ଘଣ୍ଟାରେ ଥରେ ନୂତନ ଇସିଆଇନେଟ୍ ଆପ୍‌ରେ ସିଧାସଳଖ ମତଦାନ ସଂଖ୍ୟା ପ୍ରବେଶ କରାଇବେ, ଯଦ୍ଦ୍ୱାରା ଆନୁମାନିକ ମତଦାନ ଧାରା ତ୍ୱରିତ ମିଳିପାରିବ। ଏହା ସ୍ୱୟଂଚାଳିତ ଭାବରେ ନିର୍ବାଚନମଣ୍ଡଳୀସ୍ତରରେ ଏକତ୍ରିତ ହେବ। ପୂର୍ବପରି ପ୍ରତି ଦୁଇ ଘଣ୍ଟାରେ ଥରେ ଆନୁମାନିକ ମତଦାନ ପ୍ରତିଶତ ଧାରା ପ୍ରକାଶିତ ହେବ। ମତଦାନ ବନ୍ଦ ହେବା ପରେ ପିଆରଓଙ୍କ ଦ୍ୱାରା ମତଦାନ ସଂଖ୍ୟା ତଥ୍ୟ ଇସିଆଇ ନେଟ୍‌ରେ ଅପଲୋଡ୍ କରାଯିବ, ଯାହା ଉଲ୍ଲେଖନୀୟ ଭାବରେ ବିଳମ୍ବକୁ ହ୍ରାସ କରିବ ବୋଲି ଆୟୋଗଙ୍କ ପକ୍ଷରୁ କୁହାଯାଇଛି।




ଭାରତର ଅଗ୍ରଣୀ ଇଞ୍ଜିନିୟରିଂ ଏବଂ ଭିତ୍ତିଭୂମି କମ୍ପାନୀ ମଧ୍ୟରୁ ଗୋଟିଏ, Larsen & Toubro, ସାରା ଓଡ଼ିଶାରେ ବୃହତ ଜଳ ଯୋଗାଣ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଅଭିଜ୍ଞ ଏବଂ ଦକ୍ଷ ଠିକାଦାରଙ୍କୁ ହାତ ମିଳାଇବାକୁ ଆମନ୍ତ୍ରଣ କରୁଛି।

ଆମେ ନିମ୍ନଲିଖିତ କ୍ଷେତ୍ରରେ **50 କିମ୍ବା ତା’ଠାରୁ ଅଧିକ** ଦକ୍ଷ ଶ୍ରମିକଙ୍କୁ ସଂଗ୍ରହ କରିବାକୁ ସକ୍ଷମ ଦଳ ଖୋଜୁଛୁ:

**କାର୍ଯ୍ୟ ପରିସର**

**ପାଇପଲାଇନ କାର୍ଯ୍ୟ (DI ଏବଂ HDPE)**
- DI ପାଇପଲାଇନ (Ø 100mm - 1000mm) ଏବଂ ଓଭ୍ଲଉ HDPE ପାଇପଲାଇନ (Ø 90mm - 160mm) ବିଛାଇବା
- ଖନନ, ସଂଯୋଗ, ବ୍ୟାକଫିଲିଂ, ହାଇଡ୍ରୋ-ପରୀକ୍ଷଣ, ଏବଂ ଭଲଭ ଫିକ୍ସିଂ
- ଭଲଭ ଚାମ୍ବର ଏବଂ ଥ୍ରଷ୍ଟ ବ୍ଲକ୍ ନିର୍ମାଣ
- ରାସ୍ତା/ରେଲୱେ କ୍ରସିଂ
- ପାଇପଲାଇନ୍ କମିଶନିଂ

**MS ପାଇପଲାଇନ୍ ବିଛା**
- MS ପାଇପଲାଇନ୍ ବିଛା (Ø 700mm - 1350mm)

**ଘର ସେବା ସଂଯୋଗ (HSC)**
- ପରିବାରକୁ ବ୍ୟକ୍ତିଗତ ଜଳ ସେବା ସଂଯୋଗ ସ୍ଥାପନଛ

**ସିଭିଲ୍ ଷ୍ଟ୍ରକଚର୍ ଏବଂ ରାସ୍ତା ପୁନରୁଦ୍ଧାର**
- ଓଭରହେଡ୍ ଟାଙ୍କି (କ୍ଷମତା: 50 KL ରୁ 700 KL ଷ୍ଟେଜିଂ ଉଚ୍ଚତା: 10 ମିଟର ରୁ 25 ମିଟର)
- ସୀମା କାନ୍ଥ (ଖୋଦନ, ବ୍ୟାକଫିଲିଂ, ସ୍ତମ୍ଭ ଏବଂ ପାଦ କଂକ୍ରିଟିଂ ଏବଂ ଇଟା ମସଜିନ)
- ଜଳ ବିଶୋଧନ ପ୍ଲାଣ୍ଟ (WTP) ପାଇଁ ସିଭିଲ୍ କାର୍ଯ୍ୟ - କଂକ୍ରିଟିଂ, ସଟରିଂ, ସବଳୀକରଣ, ପ୍ଲାଷ୍ଟରିଂ, ରଙ୍ଗ, ପ୍ଲମ୍ବିଂ ଏବଂ ବୈଦ୍ୟୁତିକ
- WTP, IBPS ଇତ୍ୟାଦିରେ ଇଲେକ୍ଟ୍ରୋ-ମେକାନିକାଲ୍ ଇରେକ୍ସନ୍ କାର୍ଯ୍ୟ
- ପାଇପଲାଇନ୍ କାର୍ଯ୍ୟ ପରେ ରାସ୍ତାର ପୁନରୁଦ୍ଧାର

ପ୍ରାସଙ୍ଗିକ ଅଭିଜ୍ଞତା ଏବଂ ଦକ୍ଷ ମାନବଶକ୍ତି ସହିତ ଆଗ୍ରହୀ ଠିକାଦାରମାନଙ୍କୁ ଓଡିଶାର ନିମ୍ନଲିଖିତ ପ୍ରକଳ୍ପ ସ୍ଥାନଗୁଡ଼ିକରେ ବିଭିନ୍ନ ପ୍ରକାରର ଜରୁରୀ ସାର୍ବଜନୀନ ଭିତ୍ତିଭୂମି କାର୍ଯ୍ୟରେ ନିୟୋଜିତ କରାଯିବ




**ଆମର ବିକ୍ରେତାଙ୍କ ବୈଠକରେ ଯୋଗଦାନ କରନ୍ତୁ।**

ତାରିଖ : ଶନିବାର, 7 ଜୁନ୍ 2025
ସମୟ : ସକାଳ 9:00 ରୁ ସନ୍ଧ୍ୟା 6:00 ପର୍ଯ୍ୟନ୍ତ
ସ୍ଥାନ : ହୋଟେଲ ନନ୍ଦନ ଇଣ୍ଟରନ୍ୟାସନାଲ
ପୁରୁଣା ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଓଡ଼ିଶା - 760001

ଆମ ଠାରୁ ସିଧାସଳଖ ପ୍ରକଳ୍ପ ପରିସର, ସମୟସୀମା ଏବଂ କାର୍ଯ୍ୟ ଆଶା ବିଷୟରେ ଅଧିକ ଜାଣିବା ପାଇଁ ଏହା ଏକ ଉତ୍କୃଷ୍ଟ ସୁଯୋଗ।

ଦୟାକରି ଯୋଗାଯୋଗ କରନ୍ତୁ:
ଶ୍ରୀଯୁକ୍ତ ମନୋଜ ସ୍ୱାଇଁ - ମୋବ : 78941 12269 | ଶ୍ରୀଯୁକ୍ତ ସରୋଜ ବିଶ୍ୱାଳ - ମୋବ : 79786 37374

# କୋଠା ଭଙ୍ଗାବେଳେ ବିମ୍ ଭୁଶୁଡ଼ିଲା


ଘର ଭଙ୍ଗା ହେଲାବେଳେ ଭୁଶୁଡ଼ି ପଡ଼ିଥିବା ବିମ୍ ।


ବିମ୍ ତଳେ ଚାପି ହୋଇଥିବା ଶ୍ରମିକ ।

- **ଚାପିହୋଇ ଜଣେ ଶ୍ରମିକ ମୃତ, ୨ ଗୁରୁତର**
- **ସୁରକ୍ଷା ଉପକରଣ ବିନା ଚାଲିଥିଲା କାମ**

**ଭୁବନେଶ୍ୱର,୩।୬ (ସତ୍ୟଜିତ୍ ରାଉତ)**

ଏୟାରପୋର୍ଟ ଥାନା ଅନ୍ତର୍ଗତ ପୋଖରୀପୁଟ ଲିଙ୍ଗରାଜ ବିହାରରେ ମଙ୍ଗଳବାର ଏକ ପୁରୁଣା କୋଠା ଭଙ୍ଗାଯିବାବେଳେ ଅଘଟଣ ଘଟିଛି। କୋଠାର ଛାତ ବିମ୍ ଭୁଶୁଡ଼ି ୩ ଜଣ ଶ୍ରମିକ ଚାପି ହୋଇଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ବାଲେଶ୍ୱର ଜିଲା ଗୋପାଳପୁର ଥାନା ତଥା ବାହାନଗା ବ୍ଲକ ଅନ୍ତର୍ଗତ କଲ୍ୟାଣୀ ଗ୍ରାମର ଧରଣୀଧର ଦତ୍ତ ଓରଫ କାଟିଆ (୪୫)। ଗୁରୁତର ଦ୍ୱୟ ହେଲେ କଲ୍ୟାଣୀ ଗାଁର ଶିଶିର ଦତ୍ତ (୪୨) ଓ ଭୁବନେଶ୍ୱର ଖାରବେଳନଗର ୟୁନିଟ-୩ ମସଜିଦ୍ କଲୋନିରେ ରହୁଥିବା ପଶ୍ଚିମବଙ୍ଗ ନଦିଆ ଗାଁର ଅବଦୁଲ୍ ନୌଦା(୨୫)। ଦୁଇ ଗୁରୁତରଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତଦେହକୁ ପୋଲିସ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଶ୍ରମିକମାନେ ଅନ୍ଧାରରେ ଏବଂ ବିନା ସୁରକ୍ଷା ଉପକରଣରେ କାମ କରୁଥିଲେ। ସୁରକ୍ଷା ପାଇଁ ଶ୍ରମିକମାନେ ହେଲମେଟ୍ କିମ୍ବା ସେଫ୍ଟି ବେଲ୍ଟ ଆଦି ମଧ୍ୟ ବ୍ୟବହାର କରି ନ ଥିଲେ। କୋଠାର ମାଲିକ ବାଲେଶ୍ୱର ଅଞ୍ଚଳର ବୋଲି ସୂଚନା ମିଳିଛି। ଶ୍ରମିକମାନଙ୍କୁ କାମରେ ଲଗାଇଥିବା ଠିକାଦାରଙ୍କୁ ପୋଲିସ ଧରିବାକୁ ଖୋଜାଖୋଜି ଜାରି ରଖିଛି।

ସୂଚନା ଅନୁଯାୟୀ, ଲିଙ୍ଗରାଜ ବିହାରସ୍ଥିତ ଏ/୩୬ ପ୍ଲଟ୍‌ରେ ଥିବା ଦୁଇମହଲା ବିଶିଷ୍ଟ କୋଠାଟି କିଛିଦିନ ହେଲା ବିକ୍ରି ହୋଇଥିଲା। ନୂଆ ମାଲିକ ଉକ୍ତ କୋଠା ଭାଙ୍ଗିବାକୁ ଜଣେ ଠିକାଦାରଙ୍କୁ ଦାୟିତ୍ୱ ଦେଇଥିଲେ। ପ୍ରାୟ ସପ୍ତାହେ ହେବ ଶ୍ରମିକମାନେ କାମରେ ଲାଗିଥିଲେ। ମଙ୍ଗଳବାର ୭ରୁ ୮ଜଣ ଶ୍ରମିକ କୋଠା ଭାଙ୍ଗିବାରେ ନିୟୋଜିତ ଥିଲେ। ତେବେ ଅପରାହ୍ନରେ ପ୍ରବଳ ବର୍ଷା ହେବା ବେଳେ ଏହି କାମ ବନ୍ଦ କରିବାକୁ ସ୍ଥାନୀୟ ଲୋକେ କହିଥିଲେ। ହେଲେ ଶ୍ରମିକମାନେ ସେମାନଙ୍କ କଥା ନ ଶୁଣି ଅନ୍ଧାରରେ କାମ ଜାରି ରଖିଥିଲେ। ସନ୍ଧ୍ୟାରେ ୩ ଶ୍ରମିକଙ୍କ ଉପରେ ବିମ୍ ଭୁଶୁଡ଼ି ପଡ଼ିଥିଲା। ସେମାନଙ୍କ ମଧ୍ୟରୁ ଜଣେ ଚାପି ହୋଇଯାଇଥିଲେ। ଏନେଇ ଭୁବନେଶ୍ୱର ଦମକଳ ବାହିନୀ ୭ଟା ୧୫ରେ ଖବର ପାଇଥିଲା। ଅଗ୍ନିଶମ ବାହିନୀ ଓ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ଦୁଇଜଣ ଆହତଙ୍କୁ ତୁରନ୍ତ ଉଦ୍ଧାର କରାଯାଇଥିଲା। ହେଲେ ବିମ୍ ଭିତରେ ଫସିରହିଥିବା କାଟିଆଙ୍କୁ ଉଦ୍ଧାର କରିବା କଷ୍ଟକର ହୋଇପଡ଼ିଥିଲା। ପ୍ରାୟ ୧୫ ମିନିଟ୍ ପରେ ଅଗ୍ନିଶମ କର୍ମଚାରୀମାନେ କାଟିଆଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଦ୍ଧାର ବେଳେ ଅନ୍ୟ ଶ୍ରମିକ ଓ ଠିକାଦାର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସୁରକ୍ଷାରେ ଅବହେଳା ପାଇଁ ଏହି ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ଏୟାରପୋର୍ଟ ଥାନାଧିକାରୀ ରବୀନ୍ଦ୍ରନାଥ ମହଲା କହିଛନ୍ତି, ମୃତ କାଟିଆଙ୍କ ଭାଇ ଭୁବନେଶ୍ୱର ଆସୁଛନ୍ତି। ତାଙ୍କ ଏତଲା ଆଧାରରେ ଠିକାଦାରଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯିବ।

ବସ୍ତୁତଃ, ଅଧିକାଂଶ ମଣିଷ ବନ୍ଦୀଶାଳାରେ ରହୁଥିବା ବନ୍ଦୀମାନଙ୍କ ପରି। ସେମାନେ ତାଙ୍କ ଘରର ସବୁ ଦ୍ୱାର ଓ ଝରକା ବନ୍ଦ କରି ତା'ଭିତରେ ରହିଥାନ୍ତି। ତେଣୁ ଏହା ସ୍ୱାଭାବିକ କଥା ଯେ, ସେମାନେ ଅଣନିଃଶ୍ୱାସୀ ବୋଧ କରନ୍ତି। ସେମାନଙ୍କ ପାଖେ ଦ୍ୱାର ଝରକାର ଚାବିଥାଏ। କିନ୍ତୁ ସେମାନେ ଖୋଲନ୍ତି ନାହିଁ। -ଶ୍ରୀମା



# ଉତ୍ତରପୂର୍ବାଞ୍ଚଳରେ ଭୂସ୍ଖଳନ

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଗତ ସପ୍ତାହରେ କେରଳ ଛୁଇଁଥିଲା। ଦୀର୍ଘ ୧୬ ବର୍ଷ ପରେ ଏହା ସଅଳ ଆସିଥିବାରୁ ଗରମ ଗୁଳୁଗୁଳିରୁ ସମସ୍ତେ ତ୍ରାହି ପାଇବା ସହ ଖୁସି ବ୍ୟକ୍ତ କରିଥିଲେ। କାରଣ ଭଲ ମୌସୁମୀ ବର୍ଷା କୃଷି ଉତ୍ପାଦନ ବୃଦ୍ଧି କରେ ଓ ଅର୍ଥନୀତିକୁ ସୁହାଏ। କିନ୍ତୁ ଆରମ୍ଭରୁ ମୌସୁମୀ ପ୍ରବେଶ ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି କରିଛି। ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଏହା ପହଞ୍ଚିବା ପରେ ପ୍ରବଳ ବର୍ଷିବା ଯୋଗୁ ବନ୍ୟା ଓ ଭୂସ୍ଖଳନ ଘଟି ଏଯାବତ୍ ୩୬ ଜଣଙ୍କର ମୃତ୍ୟୁ ହୋଇସାରିଲାଣି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଜୁନ ୨ରେ ସିକିମ୍‌ର ଛତେନଠାରେ ଚାଲିଥିବା ଏକ ମିଲିଟାରି କ୍ୟାମ୍ପରେ ଭୂସ୍ଖଳନ ଯୋଗୁ ୩ ଯବାନଙ୍କ ମୃତ୍ୟୁ ହେବା ସହ ୬ ଜଣ ନିଖୋଜ ଅଛନ୍ତି। ଉତ୍ତର ପୂର୍ବାଞ୍ଚଳର ୮ଟି ରାଜ୍ୟ ମଧ୍ୟରୁ ବିଶେଷକରି ଆସାମ, ଅରୁଣାଚଳ ପ୍ରଦେଶ, ମେଘାଳୟ, ସିକ୍କିମ, ତ୍ରିପୁରା ଓ ମଣିପୁରରେ ବନ୍ୟା ଏବଂ ଭୂସ୍ଖଳନ କାରଣରୁ ପାଖାପାଖି ୬ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଆସାମ ସବୁଠୁ ବେଶୀ ପ୍ରଭାବିତ ହୋଇଛି ଏବଂ ସେଠାରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅରୁଣାଚଳପ୍ରଦେଶରେ ୧୦ ଜଣଙ୍କ ପ୍ରାଣ ଯାଇଛି।

ଦେଖିବାକୁ ଗଲେ ପାହାଡ଼ିଆ ଅଞ୍ଚଳରେ ପ୍ରବଳ ବର୍ଷା ହୁଏ। ବନ୍ୟା ମଧ୍ୟ ହୋଇଥାଏ। କିନ୍ତୁ ପାହାଡ଼ ଅଞ୍ଚଳରେ କ୍ଷୟକ୍ଷତି ଅତ୍ୟନ୍ତ ସୀମିତ ରହିଥାଏ। ତେବେ ଭାରତବର୍ଷର ଉତ୍ତରାଖଣ୍ଡ ରାଜ୍ୟରୁ ଆରମ୍ଭ କରି ଅରୁଣାଚଳ ପର୍ଯ୍ୟନ୍ତ ତଥାକଥିତ ବିକାଶ ନାମରେ ଯେଉଁଭଳି ପରିବେଶକୁ ଧ୍ୱଂସ କରାଯାଉଛି, ସେଥିପାଇଁ ଜୀବନ ଏବଂ ସମ୍ପତ୍ତି ହାନି ବୃଦ୍ଧି ପାଉଛି। ବିଗତ ଦଶନ୍ଧିରେ ଉତ୍ତରପୂର୍ବାଞ୍ଚଳରେ ବର୍ଷା ଓ ତଜ୍ଜନିତ ଭୂସ୍ଖଳନ ତୀବ୍ରତା ଅନେକ ଗୁଣ ବୃଦ୍ଧି ପାଇଛି। ମୌସୁମୀ ବ୍ୟତୀତ ଅନିୟମିତ ପାଣିପାଗ ଯୋଗୁ ବର୍ଷର ଅନ୍ୟ ସମୟରେ ହେଉଥିବା ପ୍ରବଳ ବର୍ଷା ମଧ୍ୟ ଉତ୍ତରପୂର୍ବ ରାଜ୍ୟରେ ହଠାତ୍ ବନ୍ୟା ଓ ଭୂସ୍ଖଳନର କାରଣ ପାଲଟୁଛି। ଜିଓଗ୍ରାଫିକାଲ ସର୍ଭେ ଅଫ୍ ଇଣ୍ଡିଆ ତଥ୍ୟ ଅନୁଯାୟୀ, ୨୦୧୭ରୁ ୨୦୨୪ ମଧ୍ୟରେ ୫୯୨ଟି ଭୂସ୍ଖଳନ ହୋଇଥିବାବେଳେ କେବଳ ୨୦୨୪ରୁ ଏଯାବତ୍ ୧୯୬ଟି ଘଟିସାରିଲାଣି। ତେବେ ଏବେ ଘଟୁଥିବା ବନ୍ୟା ଓ ଭୂସ୍ଖଳନର ଭୟଙ୍କର ରୂପ ପଛରେ ଥିବା ବଡ଼ କାରଣ ହେଉଛି ପାଣିପାଗ ପ୍ରଣାଳୀରେ ପରିବର୍ତ୍ତନ ଓ ମଣିଷକୃତ କାର୍ଯ୍ୟକଳାପ। ପାହାଡ଼ ଓ ଘଞ୍ଚ ଜଙ୍ଗଲଘେରା ଏହି ଉତ୍ତରପୂର୍ବ ରାଜ୍ୟଗୁଡ଼ିକରେ ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟ ଜୋରସୋରରେ ଚାଲିଛି। ଏଥିପାଇଁ ପାହାଡ଼ ଫଟାଇବାଠାରୁ ଆରମ୍ଭ କରି ଜଙ୍ଗଲ ଧ୍ୱଂସ କରାଯାଉଛି। କ୍ଷୁଦ୍ର ପ୍ରାକୃତିକ ଜଳଧାରର ଗତିରୋଧ ମଧ୍ୟ କରାଯାଉଛି। ବିଶେଷକରି ଉତ୍ତରପୂର୍ବ ରାଜ୍ୟଗୁଡ଼ିକରେ ବ୍ରହ୍ମପୁତ୍ର ଓ ବରାକ୍ ଦୁଇ ମୁଖ୍ୟ ନଦୀ ସହିତ ତିସ୍ତା, ଦିବଙ୍ଗ, ଟିଆଲ, ଡୋୟାଙ୍ଗ, ଲଙ୍ଗାଇ ଭଳି ଅନେକ ଛୋଟବଡ଼ ନଦୀ ପ୍ରବାହିତ ହେଉଛି। ଏବେ ଏହିସବୁ ନଦୀରେ ଜଳବିଦ୍ୟୁତ୍ ପ୍ରକଳ୍ପ ପାଇଁ ତଥା ଏହାର ତଟବର୍ତ୍ତୀ ଅଞ୍ଚଳରେ ଅନ୍ୟାନ୍ୟ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ସହ ନିକଟରେ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି ଯେ, ଅରୁଣାଚଳପ୍ରଦେଶ, ଆସାମ, ନାଗାଲାଣ୍ଡ, ମଣିପୁର ଓ ତ୍ରିପୁରାରେ ୧୮୬ଟି ଜାତୀୟ ରାଜପଥ ପ୍ରକଳ୍ପ କାମ ଚାଲିଛି। ଉଦ୍‌ବେଗର ବିଷୟ ହେଉଛି, ଇଣ୍ଡିଆ ଷ୍ଟେଟ୍ ଅଫ୍ ଫରେଷ୍ଟ ରିପୋର୍ଟ (ଆଇଏସ୍ଏଫ୍ଆର୍)ର ତଥ୍ୟ। ଏଥିରେ ଦର୍ଶାଯାଇଛି ଯେ, ୨୦୧୩ରୁ ୨୦୨୩ ମଧ୍ୟରେ ସମଗ୍ର ଉତ୍ତରପୂର୍ବାଞ୍ଚଳରୁ ପାଖାପାଖି ୪ ହଜାର ବର୍ଗ କିଲୋମିଟର ଜଙ୍ଗଲ ନଷ୍ଟ କରାଯାଇସାରିଲାଣି, ଯାହା ଗୋଆର ଆକାରଠାରୁ ଅଧିକ।

ଏହା ସତ ଯେ, ପରିବର୍ତ୍ତିତ ଜଳବାୟୁ ଯୋଗୁ ପାଣିପାଗ ମଧ୍ୟ ବଦଳି ଚାଲୁଛି। ତାହାକୁ ସାମ୍ନା କରିବା ଲାଗି ସବୁସ୍ତରରେ ପ୍ରସ୍ତୁତି ହେବା ଆବଶ୍ୟକ। ଅନ୍ୟପକ୍ଷରେ ଉତ୍ତର ପୂର୍ବାଞ୍ଚଳରେ ଗମନାଗମନ ଓ ପରିବହନକୁ ଗୁରୁତ୍ୱ ଦିଆଯିବା ଭଲ କଥା। କିନ୍ତୁ ସେଠାକାର ଭୌଗୋଳିକ ସ୍ଥିତି ଓ ଭଙ୍ଗୁର ଭୂପୃଷ୍ଠକୁ ଦେଖି ପରିସଂସ୍ଥାନକୁ କ୍ଷତି ନ ପହଞ୍ଚାଇଲା ଭଳି ଭିତ୍ତିଭୂମି ବିକଶିତ କରାଯିବା ଦରକାର। ଯେଉଁଠାରେ ସେସବୁକୁ ଅଣଦେଖା କରାଯାଉଛି, ସେଭଳି ସ୍ଥଳେ ବିପର୍ଯ୍ୟୟ ବଡ଼ ଆକାରରେ ଆସୁଛି। ଭିତ୍ତିଭୂମି ବିକାଶ ଯୋଜନା ପରିବେଶ ଉପଯୋଗୀ ହେଲେ ଅର୍ଥାତ୍ ପାହାଡ଼ ଓ ଜଙ୍ଗଲର କ୍ଷତି ହ୍ରାସ କରାଯାଇପାରିଲେ, ହୁଏତ ବିପତ୍ତିର ତୀବ୍ରତା କମ୍ କରାଯାଇପାରିବ। ଏଥିପାଇଁ ଆଗକୁ ଏକ ସମ୍ମିଳିତ ଯୋଜନା ହାତକୁ ନେବା ସହ ବିପର୍ଯ୍ୟୟ ପରବର୍ତ୍ତୀ ପୁନର୍ଗଠନ ପାଇଁ ପ୍ରସ୍ତୁତ ହୋଇ ରହିଲେ ଦେଶର ସବୁ ପାହାଡ଼ିଆ ଅଞ୍ଚଳରେ ଅଧିବାସୀଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଇପାରିବ। ହୁଏତ ଏହାର ପନ୍ଥା ହୋଇପାରେ ଏକ ନୂଆ ମନ୍ତ୍ରଣାଳୟ ସୃଷ୍ଟି। ସେହି ବିଭାଗ କେବଳ ଏହିଭଳି ପରିସଂସ୍ଥାଗତ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଯେତେ ପ୍ରକାରର ବିକାଶ ପ୍ରକଳ୍ପ ହାତକୁ ନିଆଯିବ, ସେସବୁ ତାହାଦ୍ୱାରା ପରିଚାଳିତ ହେବ। ବିଶେଷ ଦୃଷ୍ଟି ଦିଆ ନ ଗଲେ ଏହିଭଳି କ୍ଷତି ଭବିଷ୍ୟତରେ ମଧ୍ୟ ଲାଗି ରହିବ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | | | 7 | | |
| 3 | | 7 | | | | | | |
| | 8 | | 4 | 7 | | | | |
| | | | 5 | | 1 | | 3 | |
| | 5 | | 6 | 9 | | | 1 | |
| 6 | | 2 | | | | | 9 | |
| | 4 | | | | | 2 | | 1 |
| | | | | | 6 | | | 8 |
| | 3 | | | | | 5 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 9 | 1 | 6 | 7 | 5 | 3 | 8 |
| 3 | 1 | 7 | 8 | 5 | 9 | 6 | 4 | 2 |
| 8 | 6 | 5 | 2 | 3 | 4 | 1 | 7 | 9 |
| 4 | 9 | 3 | 5 | 7 | 8 | 2 | 6 | 1 |
| 7 | 2 | 6 | 3 | 9 | 1 | 4 | 8 | 5 |
| 1 | 5 | 8 | 4 | 2 | 6 | 7 | 9 | 3 |
| 6 | 3 | 2 | 7 | 8 | 5 | 9 | 1 | 4 |
| 5 | 7 | 1 | 9 | 4 | 3 | 8 | 2 | 6 |
| 9 | 8 | 4 | 6 | 1 | 2 | 3 | 5 | 7 |

ଗତକାଲିର ଉତ୍ତର

# ବ୍ୟକ୍ତିବାଦ ସହ ଟେକ୍ନୋଲୋଜିର ଟକ୍କର



ସହଦେବ ସାହୁ

ଗଣତନ୍ତ୍ରରେ ବିଶ୍ୱାସ କରୁଥିବା ଲୋକଙ୍କ ସାଧାରଣ ଜ୍ଞାନ ଯେ ଲେଜିସ୍‌ଲେଚର (ବିଧାନପାଳିକା), ଏକ୍‌ଜିକ୍ୟୁଟିଭ୍ (କାର୍ଯ୍ୟପାଳିକା) ଓ ଜୁଡିସିଆରି (ନ୍ୟାୟପାଳିକା) ନାମକ ସରକାରଙ୍କ ତିନୋଟି ଶାଖା ଭିତରେ ବାଲାନ୍ସ (ଛକାପଞ୍ଝା) ରହିଥାଏ, କେହି କାହାକୁ ସୀମାବାହାରକୁ ଯିବାକୁ ଛାଡ଼ିବେ ନାହିଁ, ତେଣୁ ଆଇନର ଶାସନ ଚାଲେ। ମାର୍କିନ ଗଣତନ୍ତ୍ରରେ ଡୋନାଲ୍ଡ ଟ୍ରମ୍ପ ତାଙ୍କର ଦ୍ୱିତୀୟ ଥରର ରାଷ୍ଟ୍ରପତିତ୍ୱରେ (ମାର୍କିନ୍ ସମ୍ବିଧାନର ଧାରା ୨କୁ ଉଦ୍ଧାର କରି) କାର୍ଯ୍ୟପାଳିକା କ୍ଷମତାର ଏମିତି ବ୍ୟବହାର କରୁଛନ୍ତି ଯେ ନ୍ୟାୟପାଳିକା ଓ ବିଧାନପାଳିକା ଉଭୟ ନ୍ୟୂନ ମନେହେଉଛନ୍ତି: ଆଇନ ଟ୍ରମ୍ପଙ୍କ ବାଟରେ ଚାଲୁଛି। କଂଗ୍ରେସ (ଆମର ସଂସଦର ପ୍ରତିରୂପ) ଚୁପ୍ ରହିଛି। ଇଂଲିଶରେ କଥା ଅଛି: ପିପୁଲ ଡିଜର୍ଭ ଦ ଗଭର୍ନମେଣ୍ଟ ଦେ ଗେଟ୍; ଲୋକଙ୍କୁ ସେମାନଙ୍କ ଇଚ୍ଛାର ସରକାର ମିଳେ। ସରକାର ବୋଇଲେ ସାଧାରଣ ଲୋକେ କାର୍ଯ୍ୟପାଳିକାକୁ ବୁଝନ୍ତି। ରାଷ୍ଟ୍ରପତି ତା'ର ମୁଖ୍ୟ। ୟୁଏସ୍ଏରେ ସରକାରଙ୍କ କାମ ମାନେ ରାଷ୍ଟ୍ରପତି ଟ୍ରମ୍ପଙ୍କ କାମ: ଆସନ୍ତୁ ଦେଖିବା ତାଙ୍କ କାମ କିପରି ଆଭ୍ୟନ୍ତରୀଣ ଶାସନକ୍ରିୟାକୁ ଆଉ ଅନ୍ତର୍ଜାତୀୟ ସ୍ତରର ରାଜନୀତିକୁ ପ୍ରଭାବିତ କରୁଛି।

ଟ୍ରମ୍ପଙ୍କ ପ୍ରଥମ କାମ ହେଲା ନିର୍ବାଚନୀ ଖର୍ଚ୍ଚରେ ସାହାଯ୍ୟ କରିଥିବା ଡିଜିଟାଲ୍ ଯୁଗର ଜଣେ କୁବେର ଏଲନ୍ ମସ୍କଙ୍କୁ ସେ ସମ୍ବିଧାନାତିରିକ୍ତ କ୍ଷମତା ଦେଇ ସରକାର-ବାହାରେ ସେକ୍ରେଟାରୀ (ଆମ ଦେଶର ମନ୍ତ୍ରୀ ଭଳି) ପାହ୍ୟା ଦେଇ ଡିପାର୍ଟମେଣ୍ଟ ଅଫ୍ ଗଭର୍ନମେଣ୍ଟ ଏଫିସିଏନ୍ସି (ଡିଓଜିଇ)ର ମୁଖ୍ୟ କରିଦେଲେ। ସରକାରରେ ବଦ୍‌ଖର୍ଚ୍ଚ କମାଇବା ଲକ୍ଷ୍ୟରେ ମସ୍କ କାର୍ଯ୍ୟପାଳିକାର ବିଭିନ୍ନ ସ୍ତର ଓ ଶାଖାକୁ ଘାଣ୍ଟି ପକାଇଲେ, ଅଯଥା ଖର୍ଚ୍ଚ କହି ସେ ବିଦେଶୀ ସରକାର ଓ ସଂସ୍ଥାକୁ ତଥା ଦେଶ ଭିତରର ସଂସ୍ଥା ଓ ଅନୁଷ୍ଠାନଙ୍କୁ ଦିଆଯାଉଥିବା ଆର୍ଥିକ ସହାୟତା ବନ୍ଦ କଲେ, ଦେଶ ଭିତରେ ବହୁତ ସରକାରୀ ସଂସ୍ଥାକୁ ଅଦରକାରୀ କହି ସେମାନଙ୍କ ସେବା ବନ୍ଦ କଲେ, ତାଙ୍କ ହିସାବରେ ବଳକା ମନେ ହେଉଥିବା କର୍ମଚାରୀମାନଙ୍କୁ ଛଟେଇ କଲେ, ସରଜମିନ୍‌ରୁ କର୍ମଚାରୀମାନଙ୍କୁ ମୁଖ୍ୟ ଅଫିସ୍‌କୁ ଫେରାଇ ଆଣିଲେ। ଅଫିସରେ ଜାଗା ନାହିଁ, ଚେୟାର୍ ଟେବୁଲ ନାହିଁ, ପାନୀୟ ଜଳ ଯୋଗାଣ ଯନ୍ତ୍ର ଅସଜଡା, ହାତଧୋଇବା ସାବୁନ ଓ ହାତପୋଛିବା କାଗଜ ନାହିଁ, ଅସୁତରା ପରିବେଶରେ ଦିନକୁ ପୂରା ୮ଘଣ୍ଟା କାମ, ଓଭର୍‌ଟାଇମ୍ ନାହିଁ। କୌଣସି ଫେଡେରାଲ୍ କର୍ମଚାରୀ କ୍ରେଡିଟ୍ କାର୍ଡ ଜରିଆରେ ଦିନକୁ ଏକ ଡଲାରରୁ ବେଶି ଖର୍ଚ୍ଚ କରିପାରିବେ ନାହିଁ। ଘରର ନିତିଦିନିଆ ଖର୍ଚ୍ଚ ତୁଲାଇବାରେ ଅସୁବିଧା ସାଙ୍ଗକୁ ବର୍ଜ୍ୟ ପରିବେଶରେ ଅଫିସ ଭିତରେ ଗେଞ୍ଜି ହୋଇ କାମ କରିବା କର୍ମଚାରୀଙ୍କ ଭିତରେ ଡିପ୍ରେଶନ୍ (ମାନସିକ ଅବସାଦ) ଆଣୁଛି।

ଦେଶର ଆର୍ଥିକ ସ୍ଥିତିକୁ ମଜଭୁତ କରିବା ଆଳରେ, ମେକ୍ ଆମେରିକା ଗ୍ରେଟ୍ ଏଗେନ୍



ନାରା ଦେଇଥିବା ଟ୍ରମ୍ପ ଧମକ ଦେଇଛନ୍ତି ଯେ ଦରିଆପାରି ମାର୍କିନ୍ କମ୍ପାନୀମାନେ ଦେଶକୁ ଫେରନ୍ତୁ, ନ ହେଲେ ସେମାନଙ୍କ ସାମଗ୍ରୀ ଉପରେ ଉଚ୍ଚହାରର ଶୁଳ୍କ ବସାଯିବ। ଯେଉଁ ଦେଶମାନେ ଆମେରିକାର ରପ୍ତାନି ଦ୍ରବ୍ୟ ଉପରେ ଶୁଳ୍କ ବସାଇଛନ୍ତି ସେମାନଙ୍କ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ ହାର ଖୁବ୍ ଉଚ୍ଚା କରୁଛନ୍ତି ବା କରିବାର ଧମକ ଦେଇଛନ୍ତି (ସମ୍ବିଧାନ କାର୍ଯ୍ୟପାଳିକାକୁ ଏପରି କ୍ଷମତା ଦେଇ ନାହିଁ ବୋଲି ଫେଡେରାଲ୍ କୋର୍ଟରେ ଏକ ବେଞ୍ଚ ଏବେ ରାୟ ଦେଇଛନ୍ତି)।

ଦେଶ ବିଦେଶର ଗ୍ରାହକମାନେ ଇ-ମେଲ୍‌ରୁ ୱେବ୍ ଯାଏ ଦଣ୍ଡାଳିଲା (ବ୍ରାଉଜିଂ) ବେଳେ ଆମେରିକାରେ ଥିବା ସମ୍ପୃକ୍ତ କମ୍ପାନୀମାନେ ସାଇତି ରଖି ପାରୁଛନ୍ତି ଏବଂ ଟ୍ରମ୍ପଙ୍କ ସରକାରଙ୍କୁ ଯାଞ୍ଚ ବେଳେ ସାହାଯ୍ୟ କରୁଛନ୍ତି ବୋଲି ଅନ୍ୟ ଦେଶମାନଙ୍କ ଧାରଣା, କାରଣ ଏହା ଚିହ୍ନିତ ବା ସନ୍ଦିଗ୍ଧ ବ୍ୟକ୍ତିଙ୍କ ଆଚରଣ ଓ ଉଚ୍ଚାରଣକୁ ପରୀକ୍ଷା କରି ଆମେରିକା ସରକାର ତାଙ୍କର ବୈଦେଶିକ ନୀତି ତିଆରି କରନ୍ତି ବୋଲି ଅନେକଙ୍କ ଧାରଣା। ୟୁକ୍ରେନକୁ ବା ଦକ୍ଷିଣ ଆଫ୍ରିକାକୁ ଗାଳିଦେବା, ଚାଇନା ଓ ରୁଷିଆକୁ ନାଲିଆଖି ଦେଖାଇବା, ଗୋରା ଦକ୍ଷିଣ ଆଫ୍ରିକୀୟଙ୍କୁ ମାଗଣା ନାଗରିକତ୍ୱ ପ୍ରଦାନ କରିବା, ଗାଜାରେ ଗୃହନିର୍ମାଣ ଯୋଜନା ପ୍ରସ୍ତାବ ଦେବା ଭଳି କାମ ହାତକୁ ନେବା ମୂଳରେ ଆମେରିକୀୟ ଟେକ୍ କମ୍ପାନୀମାନଙ୍କ ମେମୋରି ଭଣ୍ଡାର କାମ ଦେଉଛି, ସେମାନଙ୍କ କ୍ଲାଉଡ୍ ଷ୍ଟୋରେଜ୍‌ର କଣ୍ଟ୍ରୋଲ ଆମେରିକାରେ ଅଛି। ଟ୍ରମ୍ପଙ୍କ ଦାଦାଗିରି କେବଳ ଅନ୍-ଲାଇନ୍ ବ୍ୟବସ୍ଥାକୁ କଣ୍ଟ୍ରୋଲ କରୁନାହିଁ, ସେମାନଙ୍କର ସାର୍ବଭୌମତ୍ୱ କ୍ଷୁଣ୍ଣ କରୁଛି। ତେଣୁ ସେମାନେ ନିଜର କ୍ଲାଉଡ୍ ଷ୍ଟୋରେଜ୍ ତିଆରି କଲେଣି। ଫ୍ରାନ୍ସ ଓ ଜର୍ମାନୀ ସରକାର ଗୁଗଲ ଡକ୍ସ (ଡକ୍ୟୁମେଣ୍ଟସ୍)ସହ ପ୍ରତିଦ୍ୱନ୍ଦ୍ୱିତା କରି ନିଜର ଡକ୍ସ ଓ ୱାର୍ଡ ପ୍ରସେସର୍ ଆରମ୍ଭ କଲେଣି। (ଯେମିତି ଭାରତ ତା'ର ନ୍ୟାଶନାଲ୍ ଇନଫର୍‌ମେଟିକ୍ସ ସେଣ୍ଟର - ଏନ୍ଆଇସି - ଜରିଆରେ ଡାଟା ଭଣ୍ଡାର ତିଆରି ଆରମ୍ଭ କରିଛି, ଏସିଆ ମହାଦେଶର ଯେ କୌଣସି ସ୍ଥାନକୁ ଠିକ୍ ଚିହ୍ନଟ କରିବାର ନିଜସ୍ୱ ଜିପିଏସ୍ ତିଆରି କଲାଣି, ଆମେ ଅପରେଶନ୍ ସିନ୍ଦୂର ବେଳେ ଜାଣିଲୁ କିପରି ବାୟୁମଣ୍ଡଳରେ ଇଲେକ୍ଟ୍ରୋନିକ୍ ମାଧ୍ୟମ ସାମରିକ ନୀତି ନିର୍ଦ୍ଧାରଣରେ ସାହାଯ୍ୟ କରେ।) ୟୁରୋପିଆନ୍ ୟୁନିୟନ୍‌ର ୯ଟି ଯାକ ଦେଶ ସନ୍ଦେହ କରୁଛନ୍ତି ରୁଷିଆ ଆକ୍ରମଣରେ ଟ୍ରମ୍ପଙ୍କ ଆମେରିକା ଯଥେଷ୍ଟ ସାହାଯ୍ୟ କରି ନ ପାରେ। ୟୁକ୍ରେନ-ରୁଷିଆ ଯୁଦ୍ଧ ସମ୍ପର୍କରେ ଟ୍ରମ୍ପ-ପୁଟିନଙ୍କ ଆଲୋଚନା ଏକ ସାମରିକ ମିଳାମିଶା ଭଳି ଦିଶୁଛି, ବିଶ୍ୱ ଏକ ତ୍ରିଶକ୍ତି (ଆମେରିକା, ରୁଷିଆ ଓ ଚାଇନା) ବଳୟ ଭିତରକୁ ଯାଉଥିବାର ସନ୍ଦେହ ହେଉଛି। ରୁଷିଆ ଦ୍ୱାରା ଆକ୍ରାନ୍ତ ୟୁକ୍ରେନ୍ ରାଷ୍ଟ୍ରପତି ଏବଂ ଦେଖାକରିବାକୁ ଆସିଥିବା ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତିଙ୍କ ପ୍ରତି ଟ୍ରମ୍ପଙ୍କ ବ୍ୟବହାର ୟୁରୋପିଆନ୍ ୟୁନିୟନ୍‌ର ସଭ୍ୟ ରାଷ୍ଟ୍ରମାନଙ୍କୁ ଆମେରିକାଠାରୁ ରାଜନୈତିକ ଦୂରତା ପାଇଁ ପ୍ରସ୍ତୁତ କଲାଣି। ମାର୍ଚ୍ଚ (୨୦୨୫)ରେ କରାହୋଇଥିବା ଏକ ମତ ଗ୍ରହଣ (କଞ୍ଜୁମର୍ ପୋଲ୍)ରେ ୟୁରୋପୀୟ ସଂଘର ୬୨% ଲୋକ ଭାବୁଛନ୍ତି ଯେ ଆମେରିକାର ଟେକ୍ କମ୍ପାନୀମାନେ ୟୁରୋପୀୟ ମହାଦେଶର ସାର୍ବଭୌମତ୍ୱ ପ୍ରତି ବିପଦ। ତେଣୁ ସେ ଦେଶଗୁଡିକ ଡିଜିଟାଲ୍ ପ୍ରିଭେସି (ବ୍ୟକ୍ତି/କମ୍ପାନୀର ଗୋପନୀୟତା) ରକ୍ଷା ଲାଗି ନିଜର ୱେବ୍, ବ୍ରାଉଜର୍ ଓ ସର୍ଚ୍ଚ ଇଞ୍ଜିନ ତିଆରିରେ ଲାଗିଛନ୍ତି। ସୁଇଡେନର ମଲ୍ଲବାଡ୍, ନରୱେର ଭିବାଲ୍ଡି ଗୋଟିଏ ଗୋଟିଏ ଅନ୍‌ଲାଇନ୍ ସେବା। ଫ୍ରାନ୍ସର କ୍ୱାଣ୍ଟ, ବିଲାତର ମୋଜିକ୍, ନେଦରଲାଣ୍ଡ୍‌ସର ଷ୍ଟାର୍ଟପେଜ୍ ଓ ଜର୍ମାନୀର ଇକୋଶିଆ ଗୋଟିଏ ଗୋଟିଏ ସର୍ଚ୍ଚ ଇଞ୍ଜିନ୍। ସୁଇଜରଲାଣ୍ଡର ପ୍ରୋଟନମେଲ୍ ଓ ଜର୍ମାନୀର ଟୁଟାନୋଟା ଗୋଟିଏ ଗୋଟିଏ ଇମେଲ୍ ସର୍ଭିସ୍। ଟ୍ରମ୍ପଙ୍କ କାଳରେ ସବୁ କର୍ମଚାରୀ ଅଫିସରେ ରହି କାମ କରିବେ ବୋଲି ସେ ଆଦେଶ ଦେଇଥିବାରୁ ୱାଇଫାଇ ବ୍ୟବସ୍ଥା ନିମ୍ନଗାମୀ ହୋଇଛି।

ଦିନ ଆସୁଛି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ, କୃତ୍ରିମ ବୁଦ୍ଧିମତ୍ତା) ଉନ୍ନତ ହୋଇ ସବୁ ସ୍ମାର୍ଟ ଫୋନକୁ କଣ୍ଟ୍ରୋଲ କରିବ, ସବୁ ସ୍ମାର୍ଟ ଫୋନ୍‌ର ଅପରେଟିଂ ସିଷ୍ଟମ୍ (ଓଏସ୍) ହୋଇଯିବ ତ ବ୍ୟବହାରକାରୀର ଡିଜିଟାଲ୍ ସ୍ୱରୂପ ନେଇ କାମ କରିବ; ଚୋର ନେଲେ ଚୋରର ପୁରୁଣା ଫୋନରୁ ସବୁ ଉତାରି ଆଣିବ ନୂଆ ଫୋନକୁ, ଚୋର ପୁରୁଣା ଫୋନ ସଫା ସିଲଟ ଭଳି ରହିଯିବ ଯେ ପର୍ଯ୍ୟନ୍ତ ଆଉ ଜଣେ ଫୋନ୍ ରଖି ନ ଥିବା ଲୋକ ତାକୁ ନ ନେଇଛି। ସ୍ମାର୍ଟ ଫୋନ୍ ଚୋରି ବନ୍ଦ ହୋଇଯିବ। ପୃଥିବୀସାରା ଲୋକେ ଗୋଟିଏ ଆପ୍ ଥିବା ସ୍ମାର୍ଟ ଫୋନ୍ ବ୍ୟବହାର କରୁଥିବାରୁ ଦାମ୍ କେବଳ ଶସ୍ତା ହେବ ନାହିଁ ଫୋନ୍ ସ୍ୱୟଂ ବ୍ୟବହାରକାରୀର ଖର୍ଚ୍ଚକରିବାର ସାମର୍ଥ୍ୟ ନିର୍ଣ୍ଣୟ କରି ନିଜର ଦର କଷିବ, ତାହା ଉତ୍ପାଦନକାରୀ କମ୍ପାନୀର ଆକାଉଣ୍ଟକୁ ଆପେ ଆପେ ଚାଲିଯିବ। ଏ ଫୋନ୍ ବ୍ୟବହାରକାରୀର ହାଇପୋଥାଲାମସ୍ ଉପରେ ପ୍ରଭାବ ପକାଇ ତା'ର ଆଚରଣକୁ ଉଚିତ ମାର୍ଗରେ ନେବ, ଯେ ଯାଏ ଲୋକଟି ତାକୁ ଫୋପାଡି ନ ଦେଇଛି। କିନ୍ତୁ ନୂଆ ଫୋନ୍ ନେଲେ ତ ସେହି ଶିକ୍ଷା ଫୋନରୁ ମିଳିବ। ବିଲାତୀ ହାଇଫାଇ ବ୍ରାଣ୍ଡ କେଇଏଫ୍ ସହିତ ସହବନ୍ଧ ହୋଇ 'କିଛି ନୁହେଁ', ନଥିଂ ଫୋନ୍ ନାଁରେ ପରୀକ୍ଷାମୂଳକ ଫୋନ୍ ବାହାରିଛି। ନୂଆ ଏଆଇ ଅପରେଟିଂ ସିଷ୍ଟମ୍ (ଓଏସ୍) ଥିବା ଫୋନ୍ ସବୁଠି କାମ କରିବ, ପୃଥିବୀ ବାହାରେ ଅନ୍ୟ ଗ୍ରହରେ ଓ ମହାକାଶରେ। ଏ ସ୍ୱୟଂକ୍ରିୟ ଫୋନ୍ ଆପେ ଆପେ ସୁଧାରିନେବ (agentic and automated and proactive ହେବ, ଆଜେଣ୍ଟିକ୍ ମାନେ ମାଲିକର ମନ ଅନୁଯାୟୀ କାମ କରୁଥିବା ଗୁମାସ୍ତା)। ଆଉ ୧୦ବର୍ଷ ଅପେକ୍ଷା କରନ୍ତୁନା!

sahadevas@yahoo.com

# ଫେରିଯିବା ବାଲ୍ୟକାଳକୁ



ଇପ୍ସିତା ମହାନ୍ତି

ଗତ କିଛି ବର୍ଷ ହେଲା ଲୋକଙ୍କ ମଧ୍ୟରେ ଏପରି ଏକ ଧାରଣା ସୃଷ୍ଟିହୋଇଛି ଯେ ବାଲ୍ୟକାଳରେ ନିଜକୁ ଖୁସି ଦେଇଥିବା ପରିବେଶକୁ ପୁନର୍ନିର୍ମାଣ କରି ଜଣେ ବ୍ୟକ୍ତି ମାନସିକ ଚାପ ହ୍ରାସ କରିପାରିବ। ବିନା ସଙ୍କୋଚରେ ପିଲାଙ୍କ ଭଳି ଯେକୌଣସି କାର୍ଯ୍ୟ କରି ଆନନ୍ଦ ନେବା ପ୍ରକ୍ରିୟାକୁ ଏହା ବୁଝାଇଥାଏ, ଯାହାକୁ ଇଂରାଜୀରେ କିଡିଂ କହନ୍ତି। ଓଡ଼ିଆରେ ଏହା ପିଲାଳିଆମୀ ବା ଶିଶୁସୁଲଭ ଆଚରଣ ନାମରେ ପରିଚିତ। କିନ୍ତୁ ପ୍ରଶ୍ନ ହେଉଛି କୃତ୍ରିମ ଉପାୟରେ ଅତୀତର ସ୍ମୃତିକୁ ପୁନର୍ନିର୍ମାଣକରି ପୂର୍ବର ସେହି ଖୁସି, ଆନନ୍ଦ ଅନୁଭବ କରିବା ପ୍ରକୃତପକ୍ଷେ ସମ୍ଭବ କି ? ସେ ଯେକୌଣସି କାର୍ଯ୍ୟ ହେଉନା କାହିଁକି ସେଥିପ୍ରତି ପିଲାମାନେ ଯଦି ଆଗ୍ରହୀ ତେବେ ତାହା ସେମାନଙ୍କ ପାଇଁ ସର୍ବଦା ଆନନ୍ଦଦାୟକ ହୋଇଥାଏ। କାରଣ ପିଲାମାନେ ସେହି ଜିନିଷ କିମ୍ବା ନିଜ ବିଷୟରେ ସଚେତନ ନ ଥାନ୍ତି। ଏହା ସମ୍ପାଦନ ବେଳେ ପିଲାମାନେ ପ୍ରତ୍ୟେକ କାର୍ଯ୍ୟକଳାପରେ ପୂର୍ଣ୍ଣ ରୂପେ ସଂଶ୍ଳିଷ୍ଟ ହୋଇଯାନ୍ତି। ଏତିକିବେଳେ ସେମାନଙ୍କ ମନ ଓ ମସ୍ତିଷ୍କ ଭିନ୍ନ ଭିନ୍ନ ଭାଗରେ ବିଭକ୍ତ ହୋଇ ନ ଥାଏ। କିନ୍ତୁ ଯୁବକ, ବୟସ୍କ ଏବଂ ପ୍ରାପ୍ତ ବୟସ୍କଙ୍କ ପାଇଁ ନିଜ ପିଲାଦିନକୁ ଫେରିପାଇବାରେ ଏକ ବଡ଼ ପ୍ରତିବନ୍ଧକ ରହିଛି।

ପ୍ରାରମ୍ଭିକ ପର୍ଯ୍ୟାୟରେ 'କିଡିଂ'କୁ ଅବସାଦ ଦୂରକରିବା ଔଷଧ ରୂପେ ବିବେଚନା କରାଯାଉଥିଲା। ବର୍ତ୍ତମାନ ଏହା ଏକ ରୋଗରେ ପରିଣତ ହୋଇଛି। ଅନ୍ୟମାନଙ୍କ ଦ୍ୱାରା ଆବିଷ୍କୃତ କୌଶଳଗୁଡ଼ିକ ଫ୍ୟାଶନରେ ପରିଣତ ହେବା ଆଧୁନିକ ସଭ୍ୟତା ପାଇଁ ଏକ ବଡ଼ ଅଭିଶାପ। ଏହା ବ୍ୟକ୍ତିଙ୍କୁ ସାହାଯ୍ୟ କରେ ନାହିଁ। ଏଭଳି ପ୍ରୟାସ ମାଧ୍ୟମରେ ସ୍ମୃତିକୁ ପୁନର୍ଜୀବିତ କରିବାର ପ୍ରଚେଷ୍ଟା ତାହାକୁ ନିଷ୍କ୍ରିୟ କିମ୍ବା ମୃତ କରିଦିଏ। ସ୍ମୃତିକୁ ବଞ୍ଚାଇ ରଖିବା ପାଇଁ ପିତାମାତା, ପଡ଼ୋଶୀ ଏବଂ ବାଲ୍ୟକାଳର ବନ୍ଧୁଙ୍କ ନିକଟରେ ପହଞ୍ଚିବା ଏକ ଉପାୟ ହୋଇପାରେ। କିନ୍ତୁ ଏଭଳି ପରିବେଶ ପୁନର୍ନିର୍ମାଣ ପ୍ରଚେଷ୍ଟାରେ ସହାୟକ ହେବନାହିଁ। ଆଜିର ଯୁବଗୋଷ୍ଠୀ ଦାୟିତ୍ୱରୁ ବର୍ତ୍ତିବା ପାଇଁ ସମୟ ସମୟରେ ପ୍ରଚାରିତ ହେଉଥିବା ଏପରି ଖେଳ ଖେଳିବାରେ ଅଭ୍ୟସ୍ତ। କୋପେନ୍‌ହାଗେନ ବିଶ୍ୱବିଦ୍ୟାଳୟର ଅପରାଧ ବିଜ୍ଞାନର ପ୍ରଫେସର ତଥା 'ଇନ୍‌ଫେଣ୍ଟିଲାଇଜ୍‌ଡ' ପୁସ୍ତକର ରଚୟିତା କିଥ୍ ହେୱାର୍ଡଙ୍କ ମତରେ ଯୁବକମାନେ ପିଲା ହୋଇ ରହିବାକୁ ଚାହୁଁଛନ୍ତି। ସେମାନଙ୍କ ବ୍ୟବହାର ଏବଂ ମାନସିକତା କିଶୋରମାନଙ୍କ ପରି ହୋଇଛି। ଏପରି ଛଳନାକରି ସର୍ବଶେଷରେ ସେମାନେ ସେଥିରେ ଫସିଯାନ୍ତି।

ଆମେ ସମ୍ପାଦନ କରୁଥିବା ପ୍ରତ୍ୟେକ କାର୍ଯ୍ୟ ଯେତେ ଛୋଟ ହେଲେ ମଧ୍ୟ ତାହା ଆମ ବ୍ୟକ୍ତିତ୍ୱର ଏକ ଅଂଶ ବିଶେଷ ହୋଇଥାଏ। ଜଣଙ୍କର କର୍ମ ଅବା କାର୍ଯ୍ୟ କରିବାର ଶୈଳୀ ହିଁ ତାହାର ମାନସିକତାକୁ ପରିପ୍ରକାଶ କରିଥାଏ। ଆଜିର ଯୁବ ସୁଲଭ ଗୁଣ ଖୁବ୍ ଶୀଘ୍ର ଏକ ନୂତନ ଧାରଣାକୁ ଆବୋରିନେଉଛି। ଏହା ଭିନ୍ନ ଜିନିଷ ପାଇଁ ଭିନ୍ନ ଭିନ୍ନ ନାମ ରଖିଥାଏ। ସେମାନେ ସାଧାରଣତଃ ଏହାକୁ ଏକ ସଉକ ଅବା ଅଭ୍ୟାସ ବୋଲି କହିବାକୁ



ପସନ୍ଦ କରନ୍ତି। ଯେଉଁଥିରେ ସହନଶୀଳତା ଅନୁଭବ ହୋଇଥାଏ। କିନ୍ତୁ ସହନଶୀଳତାର ସନ୍ଧାନ ଏପରି ଦିଗକୁ ସ୍ୱତଃ କାହିଁକି ଟାଣିନେଉଛି ? ଏହା ଏକ ବିରାଟ ପ୍ରଶ୍ନ ! ଅସହନଶୀଳତାର କାରଣ ନ ଜାଣି ମନୋବୈଜ୍ଞାନିକଙ୍କ ପରାମର୍ଶରେ ଅସ୍ଥାୟୀ ସମାଧାନ ଗ୍ରହଣ ବେଳେ ଏହା ଏକ ନୂତନ ଫ୍ୟାଶନର ଅଂଶ ବିଶେଷ ହେବା ବ୍ୟତୀତ ଏହାର ପରିଣାମ କ'ଣ ହେବ ସେ ବିଷୟରେ ଚିନ୍ତା ନ କରିବା ବୋଧହୁଏ ସହନଶୀଳତାର ଏକ ସୂତ୍ର। ଚାପ ଦୂରକରିବା ପ୍ରକ୍ରିୟାରେ ସର୍ବଦା ସମାଧାନର ନୂତନ ଚାପ ସୃଷ୍ଟିହେବା ସମ୍ଭାବନା ରହିଛି। ଚଳଚ୍ଚିତ୍ର ଏବଂ ସାମାଜିକ ଗଣମାଧ୍ୟମ ଏଭଳି ଧାରାକୁ ପ୍ରୋତ୍ସାହିତ କରୁଛି। ଏଠାରେ ୬୦ବର୍ଷର ନାୟକଙ୍କୁ ୨୦ ବର୍ଷର ବାଳକଙ୍କ ପରି ଧାଁଦୌଡ଼, ଡିଆଁଡେଇଁ କରୁଥିବା ଦେଖାଯାଉଛି।

ଏହା ସତ୍ୟ ଯେ ଆଜିର ବ୍ୟସ୍ତବହୁଳ, ଚାପଗ୍ରସ୍ତ ଏବଂ ପ୍ରତିଯୋଗିତାପୂର୍ଣ୍ଣ ଜୀବନରେ 'କିଡିଂ' କିଛି କ୍ଷଣ ପାଇଁ ଶାନ୍ତି, ମୁକ୍ତି ଏବଂ ଆନନ୍ଦ ପାଇଁ ସ୍ଥାନ ସୃଷ୍ଟି ଭଳି କାର୍ଯ୍ୟକରେ। ମନ୍ଥର ଗତିରେ ଆରୋଗ୍ୟ ପରି ଏକ ପ୍ରଭାବ ମଧ୍ୟ ଦେଖିବାକୁ ମିଳେ। ସେଥିପାଇଁ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଶିଶୁସୁଲଭ ଧାରା ବା ପିଲାଳିଆମୀ ପ୍ରବୃତ୍ତି ମାନସିକ ସ୍ୱାସ୍ଥ୍ୟ ପାଇଁ ଏକ ପ୍ରଭାବଶାଳୀ ସମାଧାନ ରୂପେ ବିବେଚିତ ହେଉଥିଲା। ଏଠାରେ ଅଭିନବ ଉପାୟରେ କିଛି କରିବାକୁ କୌତୂହଳର ପ୍ରତୀକ ଭାବରେ ବିବେଚନା କରାଯାଏ। ବୟସ ଏବଂ ଶାରୀରିକ ଦୃଷ୍ଟିରୁ ଯେଉଁମାନେ ଯୁବକ ସେମାନେ ନିଜକୁ ପିଲା ଭାବନ୍ତି। ଦୈନନ୍ଦିନ ଜୀବନରେ ଏମାନେ ନିରନ୍ତର ନିର୍ଦ୍ଦେଶ ଏବଂ ସୁରକ୍ଷା ଆବଶ୍ୟକ କରନ୍ତି। ଏଭଳି ଆଚରଣ 'ବିଳମ୍ବିତ ବୟସ୍କତା' ଭାବରେ ବିବେଚିତ। ପ୍ରଶ୍ନ ହେଉଛି ଏସବୁ କେତେ ଦିନ ଚାଲିବ ? ଏକ ନିର୍ଦ୍ଦିଷ୍ଟ ବୟସ ପର୍ଯ୍ୟନ୍ତ ଏହାକୁ ଅଭିନୟ ରୂପେ କରାଯିବା ଯଦିଓ ସମ୍ଭବପର କିନ୍ତୁ ଏହା ସହ ଆଗକୁ ବଢ଼ିପାରିବା ନାହିଁ।

କେତେକ ଅଧ୍ୟୟନରେ ଏହା ଦେଖାଯାଇଛି ଯେ ଆଜିର ଯୁବକ ଦାୟିତ୍ୱକୁ ଏଡ଼ାଇଯିବାକୁ ଚାହାନ୍ତି। ଏମାନେ ନିଜକୁ ପିଲା ବୋଲି ଭାବନ୍ତି। ଏହା ସତ୍ୟ ଯେ ପ୍ରତ୍ୟେକ କାର୍ଯ୍ୟ କିପରି ଆନନ୍ଦରେ ହୋଇପାରିବ ତାହା ଆମେ ପିଲାମାନଙ୍କଠାରୁ ଶିଖିପାରିବା। କିନ୍ତୁ ଏଥିପାଇଁ ଶିଶୁସୁଲଭ ମନୋଭାବ ସହ ପିଲାଳିଆମୀ ପ୍ରବୃତ୍ତି ଯେ ଆବଶ୍ୟକ ତାହା ଜରୁରୀ ନୁହେଁ। ପିଲାଦିନେ ଖୁସି ଦେଇଥିବା ଜିନିଷଗୁଡ଼ିକ ସମୟ ବଦଳିବା ସହିତ ସେପରି ହୋଇ ରହେନାହିଁ। ତାହା କେବଳ ସ୍ମୃତି ପାଲଟିଯାଏ। ଆଜିର ମଣିଷଙ୍କ ପାଇଁ ସ୍ମୃତି ମଧ୍ୟ ଏକ ଚାପ। ଏମାନେ ଏପରି ସ୍ଥାନରେ ରହିବାକୁ ପସନ୍ଦ କରନ୍ତି ଯେଉଁଠାରେ ମନକୁ କୌଣସି ବିଷୟରେ ଚିନ୍ତା କରିବାକୁ ପଡ଼େନାହିଁ। କିନ୍ତୁ ଏହା ଆଉ ସମ୍ଭବ ନୁହେଁ। ପ୍ରତ୍ୟାବର୍ତ୍ତନର ପ୍ରୟାସ ଆମକୁ ଏକ ଭଲ ସ୍ମୃତିରୁ ମଧ୍ୟ ବଞ୍ଚିତ କରିପାରେ। କରୋନା ମହାମାରୀ ସମୟରେ 'କିଡିଂ'ର ପ୍ରସାରିତ ହୋଇଥିଲା। ଏହା ସତ୍ୟ ଯେ ଜଡ଼ ସହ ଜଡ଼ିତ ରହି ଜଣେ ବ୍ୟକ୍ତି ଅଗ୍ରସର ହେବା ପାଇଁ ଉତ୍ତମ ଉପାୟ ଖୋଜିପାଇବ। କିନ୍ତୁ ଚାପରୁ ମୁକ୍ତି ପାଇଁ ନୂତନ ଚାପଯୁକ୍ତ ସମସ୍ୟା ଖୋଜିବା ଶୂନ୍ୟ କିମ୍ବା ପ୍ରତିକ୍ରିୟାଶୀଳ ଫଳାଫଳ ଦେଇପାରେ।

ବୈପାରିଗୁଡ଼ା, କୋରାପୁଟ
ମୋ:୬୩୭୦୬୭୯୪୦୫

## ଏଇ ଭାରତରେ

ଚାକିରି ଛାଡ଼ି ଯମୁନା ନଦୀ ସଫା କରିବାରେ ଲାଗିଛନ୍ତି ପଙ୍କଜ କୁମାର। ପଙ୍କଜ ଓ ତାଙ୍କ ଟିମ୍ ପ୍ରତି ରବିବାର ସକାଳୁ ଯମୁନା ନଦୀର କାଳିନ୍ଦୀକୁଞ୍ଜ ଘାଟରେ ପହଞ୍ଚି ଯାଉଛନ୍ତି। ହାତରେ ଗ୍ଲୋଭ୍ସ ପିନ୍ଧି ପୂରା ଟିମ୍ ବର୍ଜ୍ୟ ସଫା କରିବାରେ ଲାଗିଯାଉଛି। ବିଶେଷକରି ସେମାନେ ପ୍ଲାଷ୍ଟିକ୍ ବର୍ଜ୍ୟ ସଫା କରୁଛନ୍ତି। ଏହି ପଦକ୍ଷେପ ଏକ ଅଳିଆଗଦା ସଫା କରିବା ଭଳି କାମ ନୁହେଁ, ବରଂ ପ୍ରଦୂଷଣ ଯୋଗୁ ମୃତାବସ୍ଥାକୁ ଯାଉଥିବା ଏକ ନଦୀ(ଯମୁନା)ର ପୁନରୁଦ୍ଧାର। ପଙ୍କଜ ପୂର୍ବରୁ କର୍ପୋରେଟ୍ ପ୍ରଫେସନାଲ ଥିଲେ। ତାକୁ ଛାଡ଼ି ଏବେ ସେ ସମ୍ପୂର୍ଣ୍ଣ ସମୟ ଯମୁନା ସଫେଇରେ ଲଗାଇ ଦେଇଛନ୍ତି। ଏଥିପାଇଁ ସେ 'ଆର୍ଥ ୱାରିୟର' ନାମକ ଏକ ସଂସ୍ଥା ଗଠନ କରିଛନ୍ତି। ଏହି ସଂସ୍ଥା ଯମୁନା ନଦୀ ସଫା କରିବା ସହ ୧୨ଟି ରାଜ୍ୟରେ ସ୍ୱେରେଜ୍ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟଗୁଡ଼ିକୁ ଯାଞ୍ଚ କରୁଛି ଏବଂ ତ୍ରୁଟି ଥିଲେ ନ୍ୟାୟିକ ଅଭିଯୋଗ କରୁଛି ଓ ଏଥିପାଇଁ ନଗର ଉନ୍ନୟନ କର୍ତ୍ତୃପକ୍ଷକୁ ଦାୟୀ କରୁଛି।

## ୫୦ ବର୍ଷ ତଳର ଧରିତ୍ରୀ

୪ ଜୁନ୍ ୧୯୭୬

- ଜାତୀୟ ଶିକ୍ଷା ଗବେଷଣା ଓ ତାଲିମ ପରିଷଦ ପକ୍ଷରୁ ଦେଶର ୨୪ ହଜାର ଗ୍ରାମ୍ୟ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି।
- ରାଷ୍ଟ୍ରପତି ଫକିରୁଦ୍ଦିନ ଅଲ୍ଲି ଅହମ୍ମଦ ବମ୍ବେଠାରେ ୨ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ହଜ୍ ତୀର୍ଥଯାତ୍ରୀଙ୍କ ପାଇଁ ଏକ ୨୦ ମହଲା ଭବନ ଶିଳାନ୍ୟାସ କରିଛନ୍ତି।

## ଚିରନ୍ତନୀ

ରକତ ମାଂସର ଯେତେ ହସ୍ତ
ନିର୍ମିଲା ଏ ପ୍ରସ୍ତର ସମସ୍ତ,
ତାହାରି ସକାଶେ
ଏ ପାଷାଣ ପାଶେ
ନମସ୍କାର ବାରମ୍ବାର !
-(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଚିକିତ୍ସା ଭତ୍ତା ମିଳୁ

ମହାଶୟ,

ରାଜ୍ୟର ଅବସରପ୍ରାପ୍ତ କର୍ମଚାରୀମାନେ ଚିକିତ୍ସା ଭତ୍ତା ପାଇବା ସେମାନଙ୍କର ଦୀର୍ଘଦିନର ନ୍ୟାଯ୍ୟ ଦାବି। ଏହି ଦାବି ପ୍ରତି ପୂର୍ବ ସରକାରମାନେ କର୍ଣ୍ଣପାତ କରିନାହାନ୍ତି। କେନ୍ଦ୍ରର ପେନ୍‌ସର, ୨୪ଟି ରାଜ୍ୟର ପେନ୍‌ସନର ଓ ରାଜ୍ୟର ଅବସରପ୍ରାପ୍ତ ବିଚାର ବିଭାଗୀୟ କର୍ମଚାରୀ ଏହି ଭତ୍ତା ପାଉଥିବାରୁ ରାଜ୍ୟ ପେନସନରମାନଙ୍କର ଏହା ଏକ ଯୁକ୍ତିଯୁକ୍ତ ଦାବି। ଏବେର ଡବଲ ଇଞ୍ଜିନ ସରକାର ଗତ ଏକ ବର୍ଷ ମଧ୍ୟରେ ଏହିପରି ଅନେକ ଦାବି ପୂରଣ କରିସାରିଲେଣି। ଏଣୁ ରାଜ୍ୟ ସରକାର ରାଜ୍ୟ ପେନସନରମାନଙ୍କ ପାଇଁ ଚିକିତ୍ସା ଭତ୍ତା ମଞ୍ଜୁର କରିବାକୁ ଅନୁରୋଧ। ଏହାଦ୍ୱାରା ରାଜ୍ୟର ୬୫ ଲକ୍ଷ ପେନସନର ଓ ସେମାନଙ୍କର ପରିବାର ଉପକୃତ ହେବେ।

**-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜେଲଫେରନ୍ତାଙ୍କୁ ଅପହରଣକରି ହତ୍ୟା

## ପୂର୍ବ ଶତ୍ରୁତା ସନ୍ଦେହ, ଗୋଟିଏ ପରିବାରର ୩ ଅଟକ

ବ୍ରହ୍ମପୁର,୩।୬ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସହରରେ ଅପରାଧ ଥମିବାର ନାଁ ନେଉନାହିଁ। ସୋମବାର ରାତିରେ ପୁଣି ଏକ ହତ୍ୟାକାଣ୍ଡ ଘଟିଛି। ବଡ଼ବଜାର ଥାନା ଅନ୍ତର୍ଗତ ଜଗବନ୍ଧୁ ସାହିରେ ଜଣେ ଯୁବକଙ୍କ ମୁଣ୍ଡ ଗଡ଼ିଛି। ସେ ହେଲେ ବଡ଼ବଜାର ଥାନା ଅନ୍ତର୍ଗତ ଧର୍ମନଗରର ବିଦ୍ୟାଧର ପାଣିଗ୍ରାହୀ(୨୧)। ବିଦ୍ୟାଧର ୧୫ଦିନ ତଳେ ଜେଲରୁ ଫେରିଥିଲେ। ସାନବଜାର ଛକରୁ ସୋମବାର ରାତିରେ ତାଙ୍କୁ ଓ ପାଖରେ ଥିବା ସାଙ୍ଗ ନରସିଂହ ସାହୁଙ୍କୁ ଅପହରଣ କରାଯାଇଥିଲା। ଅପହରଣକାରୀମାନେ ବିଦ୍ୟାଧରଙ୍କୁ ସଂଘବଦ୍ଧ ଭାବେ ହତ୍ୟାକରିଥିବା ବେଳେ ନରସିଂହ ଆହତ ହୋଇଛନ୍ତି। ନୃସିଂହଙ୍କ ବୟାନ ଆଧାରରେ ପୋଲିସ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିଛି। ଆକ୍ରମଣକାରୀଙ୍କ ପରିବାରର ୩ ଜଣଙ୍କୁ ରାତାରାତି ଥାନାକୁ ଉଠାଇନେଇ ପଚରାଉଚରା କରୁଛି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି। ଏଥିରେ ୬ଜଣଙ୍କ ସମ୍ପୃକ୍ତି ରହିଛି। ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତମାନଙ୍କ ଗତିବିଧି ଟ୍ରାକିଂ କରାଯାଉଛି।

ଗତ ଏପ୍ରିଲ ୨୦ ତାରିଖରେ ଆଗାସାହି ଛକରେ ବସିଥିବା ବଳିଆ ନାୟକଙ୍କୁ ୨ ଜଣ ଯୁବକ ଖଣ୍ଡାରେ ଆକ୍ରମଣ କରିଥିବା ନେଇ ବଡ଼ବଜାର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୧୫୭/୨୫ରେ ମାମଲା ରୁଜୁକରି ଅଭିଯୁକ୍ତ ରଞ୍ଜନ କୁମାର ପାତ୍ର ଓ ତାଙ୍କ ସହଯୋଗୀ ଧର୍ମନଗରର ବିଦ୍ୟାଧରଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ଉଭୟେ ମେ ୧୭ ତାରିଖରେ ଜାମିନ ପାଇ ଜେଲରୁ ମୁକୁଳିଥିଲେ। ସୋମବାର ବିଦ୍ୟାଧର, ତାଙ୍କ ସାଙ୍ଗ ନରସିଂହଙ୍କ ସମେତ ୪ ଯୁବକ ସନ୍ଧ୍ୟାରେ ବ୍ରହ୍ମପୁର ରେଳଷ୍ଟେଶନ ନିକଟସ୍ଥ ଏକ ମଦଦୋକାନକୁ ଯାଇଥିଲେ। ସେଠାରୁ ୨ଟି ବାଇକ୍‌ରେ ସେମାନେ ଫେରିଥିଲେ। ସାନବଜାର ଛକରୁ ୨ଜଣ ଚାଲି ଯାଇଥିବା ବେଳେ ବିଦ୍ୟାଧର ଓ ନରସିଂହ ସେଠାରେ ଛିଡ଼ାହୋଇଥିଲେ। ରାତି ପ୍ରାୟ ୧୦ଟାରେ ୩ଟି ବାଇକ୍‌ରେ ୬ଜଣ ଯୁବକ ଆସି ଉଭୟଙ୍କୁ ଧମକାଇ ଅପହରଣକରି ନେଇଥିଲେ। ଜଗବନ୍ଧୁ ସାହି ନିକଟରେ ଥିବା ଏକ ଆପାର୍ଟମେଣ୍ଟ ରାସ୍ତା ଉପରେ ବିଦ୍ୟାଧରଙ୍କୁ ଖଣ୍ଡା ଓ ଅନ୍ୟାନ୍ୟ ମାରଣାସ୍ତ୍ରରେ ହାଣିଥିଲେ। ସେମାନଙ୍କ ଆକ୍ରମଣରେ ନରସିଂହ ଆହତ ହୋଇଥିଲେ। ରାତି ପ୍ରାୟ ୨ଟାରେ ସେ ସେଠାରୁ ଖସି ଆସି ଘଟଣା ସମ୍ପର୍କରେ ବିଦ୍ୟାଧରଙ୍କ ବାପାଙ୍କୁ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ବିଦ୍ୟାଧରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତିକରିଥିଲେ। ରାତି ୩ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ହତ୍ୟା ମାମଲା ରୁଜୁକରିଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନକରି ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ଡିଲ୍ ବେଳେ ମାଡ଼ିବସିଲା ଅବକାରୀ ବିଭାଗ: ୧୪୫ ଗ୍ରାମ୍ ବ୍ରାଉନସୁଗାର ଜବତ, ଦମ୍ପତି ଗିରଫ

ଭୋଗରାଇ,୩।୬(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ. ଜାତୀୟ ରାଜପଥ ଜଗନ୍ନାଥପୁର ଛକଠାରେ ସୋମବାର ରାତି ପ୍ରାୟ ଗୋଟାଏ ବେଳେ ବ୍ରାଉନସୁଗାର ବିକ୍ରି ଲାଗି ଡିଲ୍ ଚାଲିଥିବା ବେଳେ ଧରାପଡିଛନ୍ତି ବେପାରୀ ଦମ୍ପତି। ବାଲେଶ୍ୱର ଅବକାରୀ ମୋବାଇଲ ଟିମ୍ ଓ ଭୋଗରାଇ ଅବକାରୀ ବିଭାଗ ମିଳିତ ଭାବେ ଆକସ୍ମିକ ଚଢ଼ାଉ କରି ସମ୍ପୃକ୍ତ ଦମ୍ପତିଙ୍କୁ ଗିରଫ କରିବା ସହିତ ସେମାନଙ୍କଠାରୁ ୧୪୫ ଗ୍ରାମ ବ୍ରାଉନସୁଗାର ଓ ନଗଦ ୫ହଜାର ୫ ଶହ ଟଙ୍କା ଜବତ କରିଛି। ଗିରଫ ଦମ୍ପତି ହେଲେ ଜଗନ୍ନାଥପୁର ଗ୍ରାମର ରାଜୀବ ସାମଲ ଓ ତାଙ୍କ ସ୍ତ୍ରୀ ଜ୍ୟୋତିରାଣୀ ଭୂୟାଁ। ଏମାନଙ୍କ ବିରୋଧରେ ଅବକାରୀ ଥାନାରେ ମାମଲା ରୁଜୁ କରାଯାଇ ପ୍ରାଥମିକ ତଦନ୍ତ ଜାରି ରହିଛି। ପ୍ରକାଶ ଯେ, ଗତବର୍ଷ ଡିସେମ୍ବର ୨୩ରେ କମର୍ଦ୍ଦା ବଜାରରେ ବ୍ରାଉନସୁଗାର ବିକ୍ରି ଅଭିଯୋଗରେ ଅବକାରୀ ବିଭାଗ ଓ ପୋଲିସ ସହିତ ସଂଘର୍ଷ କରି ଉକ୍ତ ଦମ୍ପତି ଗିରଫ ହୋଇଥିଲେ।

# ଗୋମାଂସ ବେପାରୀଙ୍କ ମୁହଁରେ ଗୋବର ବୋଳିଲେ, ପୋଷାକ ଖୋଲି ଗାଁ ବୁଲାଇଲେ



୨ ଗୋ ମାଂସ ବେପାରୀଙ୍କୁ ଲୋକେ ଚଲାଇ ଚଲାଇ ନେଉଛନ୍ତି।

ମୋରଡ଼ା,୩।୬(ସ୍ୱାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଞ୍ଚଳରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ୨ଜଣ ଗୋମାଂସ ବେପାରୀଙ୍କୁ ଧରି ଲୋକେ ନିସ୍ତୁକ ମାଡ଼ମାରିବା ସହ ସେମାନଙ୍କ ମୁହଁ ଓ ଦେହରେ ଗୋବର ବୋଳି ଗାଁ ବୁଲାଇବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ, ମୋରଡ଼ା ବ୍ଲକ୍ ଅଧୀନ ବାରମାଇଲ ଇଦର ଗ୍ରାମର ପୀତାମ୍ବର ମୁଖୀ ଏବଂ ମୋହନପୁରର ସୁନାରାମ ମୁର୍ମୁ ବାଲେଶ୍ୱର ଜିଲା ବସ୍ତା ଅଞ୍ଚଳରୁ ଏକ ବାଇକ୍ ଯୋଗେ ୩୮ କି.ଗ୍ରା. ଗୋମାଂସ ଆଣି ଆସୁଥିଲେ। ଖବରପାଇ ବଜରଙ୍ଗ ସେନା ସଦସ୍ୟ ଯୁଧିଷ୍ଠିର ଭଦ୍ର, ଛତିଶ ମହାନ୍ତ, ବୁଦ୍ଧେଶ୍ୱର ମହାନ୍ତ ଏବଂ ଅନ୍ୟମାନେ ଭୋର ୫ଟା ୩୦ ମିନିଟ୍ ସମୟରେ ଚିତ୍ରଡ଼ାର ପାଟପୁର ଛକରୁ ଉଭୟଙ୍କୁ ପିଛାକରି ମାଗାଦ ବନ୍ଧ ପୋଲ ନିକଟରେ କାବୁକରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଲୋକେ ରୁଣ୍ଡ ହୋଇଯାଇଥିଲେ। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗୋମାଂସ ବେପାରୀଙ୍କ ବାଇକ୍‌କୁ ଲୋକେ ଭାଙ୍ଗିଦେଇଥିଲେ। ପରେ ଉତ୍ତ୍ୟକ୍ତ ଲୋକେ ୨ ବେପାରୀଙ୍କ ପୋଷାକ ଖୋଲି ମୁହଁ ଓ ଦେହରେ ଗୋବର ବୋଳି ଚଲାଇ ଚଲାଇ ଶୀର୍ଷାପାଳ ଛକକୁ ନେଇଥିଲେ। ଖବରପାଇ ଚିତ୍ରଡ଼ା ଫାଣ୍ଡି ଅଧିକାରୀ ନିରଞ୍ଜନ ସୋରେନ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୧୫୧/୨୫) ରୁଜୁହୋଇଥିବା ବେଳେ ବେପାରୀଦ୍ୱୟଙ୍କୁ ପୋଲିସ ଥାନାରେ ଅଟକ ରଖିଛି।

# ୪ ମାସ ପରେ କେନ୍ଦୁଝରରୁ ଅଭିଯୁକ୍ତ ଗିରଫ

## ଜୟଦେବ ଜେନାଙ୍କୁ ହତ୍ୟା ଧମକ ଘଟଣା

ଭୁବନେଶ୍ୱର,୩।୬ (ସତ୍ୟଜିତ୍ ରାଉତ)

ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନାଙ୍କୁ ହତ୍ୟା ଧମକ ଦେବା ସହ ଟଙ୍କା ଦାବି କରିବା ଘଟଣାରେ କ୍ୟାପିଟାଲ ଥାନା ପୋଲିସ କେନ୍ଦୁଝରରୁ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କେନ୍ଦୁଝର ଜିଲା ନନ୍ଦିପଦା ଥାନା ଅନ୍ତର୍ଗତ ଜାମ୍ବରା ଗାଁର ସୋମନାଥ ଓରଫ କୁଳମଣି ସେନାପତି (୪୫)। ତାଙ୍କଠାରୁ ସିମ୍‌କାର୍ଡ ବିନା ଏକ ସ୍ମାର୍ଟଫୋନ୍ ଜବତ କରାଯାଇଛି। ମଙ୍ଗଳବାର ସୋମନାଥଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଗତ ଫେବୃଆରୀ ୩ ତାରିଖ ଦିନ ପ୍ରାୟ ୧୨ଟା ୪୦ରେ ଜୟଦେବଙ୍କ ମୋବାଇଲକୁ ଏକ ଅଜଣା ଫୋନ୍ ନମ୍ବରରୁ ଧମକପୂର୍ଣ୍ଣ କଲ୍ ଆସିଥିଲା। ଗଣମାଧ୍ୟମରେ ଜୟଦେବଙ୍କ ଦ୍ୱାରା ଦିଆଯାଇଥିବା ବୟାନକୁ ଉକ୍ତ କଲ୍‌ରେ କୁଳମଣି ବିରୋଧ କରିଥିଲେ। ଜୟଦେବଙ୍କ ଜୀବନ ପ୍ରତି ବିପଦ ଥିବା ଚେତାବନୀ ଦେଇଥିଲେ। ଜୟଦେବ ପରିଚୟ ପଚାରିବାରୁ କୁଳମଣି କଲ୍‌କୁ କାଟି ଦେଇଥିଲେ। ତେବେ ପରେ ସେହିଦିନ ସନ୍ଧ୍ୟା ପ୍ରାୟ ୭ଟା ୧୦ରେ ପୁଣି ଜୟଦେବଙ୍କୁ କୁଳମଣି କଲ୍ କରି ହତ୍ୟା ଧମକ ଦେଇଥିଲେ। ସେହିପରି ୫୦ ହଜାର ଟଙ୍କା ଦାବି କରିବା ସହ ବାରମ୍ବାର କଲ୍ କରିଥିଲେ। ଏନେଇ ଜୟଦେବଙ୍କ ଏତଲାକ୍ରମେ କ୍ୟାପିଟାଲ ଥାନା ପୋଲିସ ଫେବୃଆରୀ ୫ରେ ଭାରତୀୟ ନ୍ୟାୟ ସଂହିତା ଦଫା ୩୦୮(୩), ୩୫୧(୪)ରେ ଏକ ମାମଲା (ନଂ.୪୨/୨୦୨୫) ରୁଜୁ କରି ତଦନ୍ତ ଜାରି ରଖିଥିଲା। ସୋମବାର କେନ୍ଦୁଝର ଜିଲାର ଘଷିପୁରା ଥାନା ପୋଲିସ ସହାୟତାରେ ସ୍ଥାନୀୟ ଅଞ୍ଚଳରୁ କୁଳମଣିଙ୍କୁ ଗିରଫ କରାଯାଇଥିଲା। ଘଟଣା ପରେ କୁଳମଣି ଅପରାଧ ପାଇଁ ବ୍ୟବହୃତ ମୋବାଇଲ୍ ଓ ସିମ୍ ନଷ୍ଟ କରିଦେଇଥିବା ପୋଲିସର ଜେରା ବେଳେ ସ୍ୱୀକାର କରିଥିଲେ। ସୋମନାଥଙ୍କ ନାଁରେ ନନ୍ଦିପଦା ଥାନାରେ ଏକ ମାମଲା ଥିବା ପୋଲିସ ସୂଚନା ଦେଇଛି।



ଗିରଫ ଅଭିଯୁକ୍ତ କୁଳମଣି ସେନାପତି।

# ଝାଡ଼ଖଣ୍ଡରୁ ଆସି ବଡ଼ବିଲରେ ନିଶା ବେପାର

## ୫୦ କିଲୋ ଅଫିମ ଡେଙ୍ଗ ଜବତ, ୩ ବେପାରୀ ଗିରଫ



ଜବତ ହୋଇଥିବା ଅଫିମ ଡେଙ୍ଗ ଓ ଗିରଫ ୩ ବେପାରୀ।

ବଡ଼ବିଲ, ୩।୬ (ଦେବପ୍ରିୟ ରଣା)

ଝାଡ଼ଖଣ୍ଡରୁ କେନ୍ଦୁଝର ଜିଲା ବଡ଼ବିଲକୁ ନିଶା ବେପାର କରିବାକୁ ଆସି ୩ ବେପାରୀ ମଙ୍ଗଳବାର ପୋଲିସ ହାତରେ ଧରାପଡ଼ିଛନ୍ତି। ବଡ଼ବିଲ ପୋଲିସ ୩ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୫୦ କିଲୋ ଅଫିମ ଡେଙ୍ଗ ଜବତ କରିଛି। ଗିରଫ ବେପାରୀମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ଶଢ଼େଇକଳା ଜିଲା କଳାଗାଜୁ ଅଞ୍ଚଳର ପଓନ ମାହାତୋ, ପଶ୍ଚିମ ସିଂହଭୂମ ଜିଲା ଚକ୍ରଧରପୁର ଥାନା ଅଧୀନ କେରା ଗ୍ରାମର ଭୋଳାନାଥ ମଣ୍ଡଳ ଏବଂ ଝିକପାଣି ଥାନା ଅନ୍ତର୍ଗତ ଚକ୍ରଧରପୁର ଗୁଦୁଡ଼ି ହଟିଂ ଅଞ୍ଚଳର ସୁରୁ ଦାସ।

ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ଝାଡ଼ଖଣ୍ଡର ୩ଜଣ ଚୋରା ନିଶାଦ୍ରବ୍ୟ ବେପାରୀ ବେଲକୁଣ୍ଡିସ୍ଥିତ ଫୁଟ୍‌ବଲ ପଡ଼ିଆଠାରେ ସ୍ଥାନୀୟ ଚୋରା ବେପାରୀଙ୍କୁ ଅପେକ୍ଷା କରିଥିବା ବଡ଼ବିଲ ପୋଲିସ ଖବର ପାଇଥିଲା। ତୁରନ୍ତ ପୋଲିସ ସଦଳବଳ ସେଠାରେ ପହଞ୍ଚି ସେମାନେ ଧରିଥିବା ବ୍ୟାଗ୍ ତନଖି କରିଥିଲା। ସେମାନଙ୍କ ନିକଟରୁ ଦୁଇଟି ପ୍ୟାକେଟ ଭର୍ତ୍ତି ୫୦.୩୦୫ କିଲୋଗ୍ରାମ୍ ଅଫିମ ଡେଙ୍ଗ ଜବତ କରିଥିଲା। ପୋଲିସ ଏନେଇ ଏକ ମାମଲା (ନଂ.୧୭୦/୨୫) ରୁଜୁ କରି ୩ ଜଣଙ୍କୁ ଗିରଫ କରିଥିଲା। ବଡ଼ବିଲ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ରାକେଶ ପଣ୍ଡାଙ୍କ ଉପସ୍ଥିତିରେ ପୋଲିସ ସେମାନଙ୍କଠାରୁ ଉକ୍ତ ଦ୍ରବ୍ୟ ଜବତ କରିଥିଲା। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ। ଅଭିଯୁକ୍ତମାନଙ୍କଠାରୁ ଏକ ମୋବାଇଲ ଓ ନଗଦ ୧ ହଜାର ଟଙ୍କା ଜବତ କରାଯାଇଛି। ସେମାନେ ଝାଡ଼ଖଣ୍ଡରୁ ଆସି ବଡ଼ବିଲସ୍ଥ ସ୍ଥାନୀୟ ଚୋରା ବେପାରୀଙ୍କୁ ଅଫିମ ଡେଙ୍ଗ ଯୋଗାଉଥିଲେ ବୋଲି ଜାଣିବାକୁ ମିଳିଛି। ସ୍ଥାନୀୟ ଅଞ୍ଚଳର କେଉଁ କେଉଁ ନିଶା ବେପାରୀ ଏହି ଚୋରା ବେପାରରେ ସମ୍ପୃକ୍ତ ଅଛନ୍ତି, ତାହା ଜଣାପଡ଼ି ନ ଥିବାବେଳେ ତଦନ୍ତ ଜାରି ରହିଥିବା ବଡ଼ବିଲ ଥାନା ଇନ୍ସପେକ୍ଟର ଅଶୋକ ନାୟକ କହିଛନ୍ତି।

# ଅଣ୍ଡା ତରକାରି ନ ଦେବାରୁ ସ୍ତ୍ରୀଙ୍କୁ ଚୁଲିଫୁଙ୍କାରେ ପିଟି ହତ୍ୟା

ଉଦଳା,୩।୬ (ସନ୍ତୋଷ କୁମାର ବାଛିନୀ)

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ କୁଟଲିଂ ବନ୍ଧସାହି ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଖାଇବା ବେଳେ ଅଣ୍ଡା ତରକାରି ନ ଦେବାରୁ ନୃଶଂସ ସ୍ୱାମୀ ଚୁଲିଫୁଙ୍କାରେ ପିଟିପିଟି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି।

ସୂଚନା ଅନୁଯାୟୀ, ଗ୍ରାମର ଲମା ବାସ୍କେ ମଙ୍ଗଳବାର ଅପରାହ୍ନ ୨ଟାରେ କାମ ସାରି ଘରକୁ ଫେରି ଖାଇବାକୁ ବସିଥିଲେ। ଏହି ସମୟରେ ସ୍ତ୍ରୀ ବାସନ୍ତୀ ଭାତ ଏବଂ ତରକାରି ବାଢ଼ି ଦେଇଥିଲେ। ହେଲେ ସ୍ୱାମୀ ଲମା ଆଣି ଦେଇଥିବା ଅଣ୍ଡା ତରକାରି କାହିଁ ବୋଲି ମାଗିଥିଲେ। ବାସନ୍ତୀ ଅଣ୍ଡା ତରକାରି ନ ଦେବାରୁ ଲମା ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ। ପ୍ରଥମେ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ପରେ ଲମା ଏକ ଚୁଲିଫୁଙ୍କାରେ ବାସନ୍ତୀଙ୍କୁ ନିର୍ଘାତ ପିଟିଥିଲେ। ମୁଣ୍ଡରେ ଆଘାତ ଲାଗିବାରୁ ଘଟଣାସ୍ଥଳରେ ବାସନ୍ତୀଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୨୧୯/୨୫)ରୁଜୁ ହୋଇଛି।

# ଦାଦାବଟି ଆଦାୟ ପାଇଁ ଭିଡୁଥିଲେ ବୋମା

## ବୋମା ଭିଡ଼ିବାବେଳେ ବିସ୍ଫୋରଣ ଘଟଣାର ପର୍ଦ୍ଦାଫାଶ୍

### ୬ ଅଭିଯୁକ୍ତ ଗିରଫ: ବନ୍ଧୁକ, ଖଣ୍ଡା, ୪ କିଲୋ ବିସ୍ଫୋରକ ଜବତ

ନିଶ୍ଚିନ୍ତକୋଇଲି/ସାଲେପୁର, ୩।୬(ଅଶୋକ କୁମାର ମହାପାତ୍ର/ ଅରବିନ୍ଦ ଭୂୟାଁ)

କଟକ ଜିଲା ନେମାଳ ଥାନା ଅନ୍ତର୍ଗତ ଝାଡ଼େଶ୍ୱରପୁର ପଞ୍ଚାୟତ କୁସୁମଣ୍ଡଳ ଗୋପୀନାଥପୁର(ମାଙ୍ଗିଗଡ଼ା) ନିକଟରେ ଗତ ୨୯ତାରିଖରେ ବୋମା ଭିଡ଼ିବା ବେଳେ ବିସ୍ଫୋରଣ ଘଟଣାର ପର୍ଦ୍ଦାଫାଶ ହୋଇଛି। ଏହି ଘଟଣାରେ ମଙ୍ଗଳବାର ପୋଲିସ ୬ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନଙ୍କ ପାଖରୁ ବନ୍ଧୁକ, ଖଣ୍ଡା ସହ ୮ ମୋବାଇଲ, ୪ କିଲୋ ବିସ୍ଫୋରକ ସାମଗ୍ରୀ ଓ ୪ ଚୋରା ବାଇକ୍ ଜବତ କରାଯାଇଛି। ଅଭିଯୁକ୍ତମାନେ ହେଲେ ନେମାଳ ଥାନା ଅଧୀନ ଗଡ଼ିଜଙ୍ଗ ଗ୍ରାମର ଦେବେନ୍ଦ୍ର ଚୌଧୁରୀ ଓରଫ୍ ଲିପୁ(୪୧), କୁସୁମଣ୍ଡଳ ଗୋପୀନାଥପୁର ଗ୍ରାମର ମିର୍ଜା ଫଇଜାଲ ବେଗ୍(୨୮), ଜାହିର ବେଗ୍(୩୫), ଜଗତ୍‌ସିଂହପୁର କୁଜଙ୍ଗର ମିଆଜ୍ ଖାଁ(୪୮), ନାହାଳପୁର ଗ୍ରାମର ସେକ୍ ମତଲୁବ ଅଲ୍ଲୀ(୫୨), କାକୁଡ଼ିଆପଡ଼ା ଗ୍ରାମର ସୂରଜ ଖାଁ(୨୫)। ନାହାଳପୁର ଗାଁର ମୃତ ମିର୍ଜା ଆକ୍‌ବର ବେଗ୍(୪୭) ଏହି ଘଟଣାର ମାଷ୍ଟରମାଇଣ୍ଡ ବୋଲି ଜଣାପଡ଼ିଛି। ମିର୍ଜା ଆକ୍‌ବର ମୁମ୍ବାଇରୁ ଫେରି ଦାଦାବଟି ଆଦାୟ ପାଇଁ ଅଭିଯୁକ୍ତମାନଙ୍କୁ ଏକାଠି କରିଥିଲେ। ନିଜ ପତିଆରା ଜାହିର କରିବା ନିମନ୍ତେ ଗୋପୀନାଥପୁର(ମାଙ୍ଗିଗଡ଼ା) ସ୍ଥିତ ଘରେ ବୋମା ଭିଡୁଥିଲାବେଳେ ତାହା ବିସ୍ଫୋରଣ ହୋଇଥିଲା। ଏଥିରେ ମିର୍ଜା ଆକ୍‌ବର ଗୁରୁତର ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ବିସ୍ଫୋରଣରେ କୋଠାଘର ଭୁଶୁଡ଼ି ପଡ଼ିଥିଲା। ଖବରପାଇ ନେମାଳ ଥାନା ପୋଲିସ ଘଟଣାସ୍ଥଳରେ ୧୨ ଅଫୁଟା ବୋମା ଉଦ୍ଧାର କରି ନିଷ୍କ୍ରିୟ କରିଥିଲା। ଏନେଇ ଥାନାରେ ମାମଲା (ନଂ. ୧୩୧/୨୦୨୫) ରୁଜୁ ହୋଇଥିଲା। ଏହି ଘଟଣାରେ ଗିରଫ ଓ ମୃତ ଅଭିଯୁକ୍ତଙ୍କ ନାମରେ ରାଜ୍ୟର ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଥିବାର ଜଣାପଡ଼ିଛି। ସେମାନଙ୍କ ନାମରେ ପୋଲିସ ଗାଡି ପୋଡ଼ିବା, ଚାନ୍ଦା ଆଦାୟ କରିବା, ଦାଦାବଟି ଆଦାୟ କରିବା, ଅପରାଧିଙ୍କୁ ସହଯୋଗ କରିବା ପରି ସଙ୍ଗିନ ମାମଲାମାନ ରହିଛି। ମୁମ୍ବାଇରେ ବ୍ୟବସାୟ କରୁଥିବା ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟବସାୟୀଙ୍କଠାରୁ ଏହି ଗ୍ୟାଙ୍ଗ୍ ୨ରୁ ୩ ବର୍ଷ ମଧ୍ୟରେ ପ୍ରାୟ ୧ କୋଟି ଟଙ୍କା ଆଦାୟ କରିଥିଲେ ବୋଲି ସାଲେପୁର ଥାନା ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଗ୍ରାମାଞ୍ଚଳ ଅତିରିକ୍ତ ଏସ୍‌ପି ପ୍ରଦୀପ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ମୃତ ମିର୍ଜା ଆକ୍‌ବର ୨୦୨୧ରେ ସ୍ଥାନୀୟ ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ତାଙ୍କୁ ପୋଲିସ ମୁମ୍ବାଇରୁ ଉଦ୍ଧାର କରିଥିବା ଜଣାପଡ଼ିଛି। ମଙ୍ଗଳବାର ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ନେମାଳ ଥାନା ଆଇଆଇସି ଅନିଲ କୁମାର ନାୟକ, ନିଶ୍ଚିନ୍ତକୋଇଲି ଆଇଆଇସି ଯୁଗଳ କିଶୋର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ଜବତ ବୋମା ତିଆରି ସାମଗ୍ରୀ, ବିଭିନ୍ନ ମାରଣାସ୍ତ୍ର ଓ ମୋବାଇଲ୍।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
Ayurvedic Physiotherapy Clinic ପାଇଁ (ମହିଳା / ଝିଅ) therapist ଆବଶ୍ୟକ। ବୟସ ୧୮ ରୁ ୩୫ ବର୍ଷ। ମାସିକ ଦରମା-ଟ୩୫,୦୦୦ଙ୍କା। ଶିଘ୍ର ଯୋଗାଯୋଗ କରନ୍ତୁ।
Contact : 93252 16207

ଆବଶ୍ୟକ
ଆମକୁ ଏକ ଦମ୍ପତି ଦରକାର, ଯେଉଁମାନେ ରନ୍ଧନ ଏବଂ ବାସନ ସଫା କରିବା ଦାୟିତ୍ୱ ସମ୍ଭାଳି ପାରିବେ। ଆମେ ଦମ୍ପତି କିମ୍ବା ମହିଳାଙ୍କୁ ପସନ୍ଦକରୁ ଯିଏ ଭୁବନେଶ୍ୱରରେ ରହିବାକୁ ଇଚ୍ଛୁକ। ରହିବା ପାଇଁ ଏକ ପୃଥକ ସୁସଜ୍ଜିତ କ୍ୱାର୍ଟର ଉପଲବ୍ଧ।
ଆମ ସହିତ ଯୋଗାଯୋଗ କରନ୍ତୁ
9132460000/9132933333

WANTED
Honest, Responsible Sweeper for Guest House-cum-Office. Part time: 9 A.M. to 1 P.M. Salary as per experience. Must speak Hindi, Odia. Immediate joining in Bhubaneswar.
Send Bio-data to 9438128790

WANTED
Ladies Office Asst.
At near Phulanakhara, Cuttack
Lodging Free / Boarding Free
Salary - 10000/-
Contact : 7809525452

WANTED FOR A PHARMACEUTICAL UNIT OF ODISHA
- QUALITY CONTROL CHEMIST: The candidate must have minimum 3 years experience as QC Chemist. Should be able to handle HPLC Systems. Must have knowledge to prepare documents for Regulatory authorities.
- LABORATORY ASSISTANT: B.Sc./B.Pharma Graduates with devotion and determination to work honestly.
- PHARMACIST: D.Pharm Graduates with devotions and determination to work honestly.
- Please apply with confidence to email: odishacareerconsul@gmail.com within 15 days of intimating expected salary.

JEWELS INTERNATIONAL
CHETANA COLLEGE OF SPECIAL EDUCATION
(Recognized by SSEPD Department, Govt. of Odisha, Approved by Rehabilitation Council of India)
Affiliated to Utkal University
Contact: 9437126187, 9437265920, 7008282918
E-mail: chetanacollege@yahoo.co.in
Website: http://www.chetana-jewelsinternational.org
Applications are invited for admission in to B.Ed., M.Ed. Special Education (ID) & M.A. Applied Psychology for the Academic Session 2025-2027. The Prospectus and Application form is available at college office and Website from 03.06.2025. Last date for receiving application form is 30.06.2025.
Principal

PARADIP PORT AUTHORITY
PARADIP - 754142, ODISHA (INDIA)
(An autonomous body under Ministry of Shipping, Govt. of India)
No. AD/RSC-I-21/16/2016(Pt.II)/1157 Dt.30th May,2025
ADVERTISEMENT
Paradip Port Authority intends to engage 01 nos. of Trainee Pilot on contractual basis. For details regarding qualifications, remunerations and further details, please refer to our website : www.paradipport.gov.in
Sr. Asst. Secretary, Paradip Port Authority
PPA/PR/15/2025-2026, Dt.03/06/2025

IIIT Bhubaneswar
Imagine. Innovate. Inspire.
(A University established by Government of Odisha)
Admission Announcement
B. Tech. Programme
Applications are invited for admission to B.Tech. Programme under Odisha Category in the following disciplines.
- Computer Science & Engineering
- Electronics & Telecommunication Engineering
- Electrical & Electronics Engineering
- Information Technology
- Computer Engineering
Admission shall be strictly restricted to JEE (Main) 2025 Rank holders. IIIT Bhubaneswar reserves 50% seats for Odisha category candidates and the counseling for admission shall be done by the Institute directly. The admission for the rest of the seats shall be done by JoSAA2025.
For Admission Bulletin and more details visit our website : https://www.iiit-bh.ac.in/Admission/b-tech/

वरीय पुलिस अधीक्षक का कार्यालय, राँची।
सर्वसाधारण के लिए सूचना।



नाम–पंकज कुमार महतो, उम्र–25 वर्ष, रंग–सॉवला, ऊँचाई–5 फिट 9 ईंच पहनावा–भूरे रंग का शर्ट एवं काला रंग का पैंट पहने हुए है।
उपरोक्त लापता व्यक्ति पंकज कुमार महतो, पिता–नन्द किशोर महतो, सा0–सिंगपुर (कांटाडीह) पो0–छोटा मुरी, थाना–सिल्ली(मुरी) ओ0पी0, जिला–रॉची जो दिनांक–16.05.2025 को घर से किकेट खेलने को कहकर निकले जो आजतक अपने घर वापस नहीं आये है। जिनकी मानसिक स्थिति ठीक नहीं है। जिसके संबंध में सिल्ली(मुरी) ओ0पी0 सनहा संख्या–10/2025, दिनांक–19.05.2025 दर्ज कर खोजबीन की जा रही है। उपरोक्त सूचना को सार्वजनिक किया जाना आवश्यक है।
अतः सभी जनसाधारण से अनुरोध है कि यदि उपरोक्त लापता व्यक्ति कहीं मिलता/दिखता है तो इसके संबंध में वरीय पुलिस अधीक्षक के कार्यालय में या निम्नांकित फोन नम्बर पर संपर्क कर इसकी सूचना दें।
Email ID(rnc-dcb@jhpolice.gov.in)
पुलिस उपाधीक्षक,सिल्ली, रॉची। –9431770066
थाना प्रभारी मुरी ओ0पी0 रॉची। –8877257523
पुलिस उप–महानिरीक्षक–सह–वरीय पुलिस अधीक्षक, राँची।
PR 354192 Police(25-26)D

कार्यालय कलेक्टर (आदिवासी विकास) बलरामपुर,
जिला - बलरामपुर-रामानुजगंज (छ.ग.)
संक्षिप्त ई-निविदा आमंन्त्रण सूचना
क्रमांक/771 निर्माण/आ.वि./2025 वलरामपुर, दिनांक-28.05.2025
आयुक्त, आदिम जाति तथा अनुसूचित जाति विकास विभाग की ओर से लोक निर्माण विभाग छत्तीसगड़ में पंजीकृत ठेकेदारों से लोक निर्माण विभाग द्वारा अनुसूचि दर पुस्तिका छ.ग.शासन रायपुर दिनांक 01.01.2015 से प्रभावशील दर पर पोस्ट मेट्रिक वालक/कन्या छात्रावास में भवन निर्माण कराया जाना है। प्रत्येक छात्रावास कि लागत रुपये 01,89,70,000-00 है तथा प्रत्येक छात्रावास हेतु अमानत राशि 1,42,500-00 निर्धारित है। ई-निविदा की तिथि दिनांक 28.05.2025 से दिनांक 18.06.2025 तक रहेगी।

| क्र. | ऑनलाईन निविदा क्रमाकं | स्थान का नाम |
|---|---|---|
| 1 | 168155 | बालक छात्रावास बलरामपुर |
| 2 | 168163 | बालक छात्रावास महराजगंज |
| 3 | 168164 | बालक छात्रावास डिण्डो |
| 4 | 168165 | बालक छात्रावास शंकरगड़ |
| 5 | 169079 | बालक छात्रावास राजपुर |
| 6 | 169080 | बालक छात्रावास कुसमी |
| 7 | 169081 | बालक छात्रावास वाड्रफनगर |
| 8 | 169083 | कन्या छात्रावास वाड्रफनगर |

टीप :-
1. कार्य पूर्ण करने की अवधि 12 माह वर्षा ऋतु सहित।
2. ठेकेदार की श्रेणी - "सी" से उपर।
3. निविदा की सामान्य शते एवं अन्य जानकारी वेबसाईट https;//eproc.cgstate.gov.in/ में देखी जा सकति है।
सहायक आयुक्त
आदिवासी विकास
बलरामपुर-रामानुजगंज
G-252601311/3

## ସଂକ୍ଷେପରେ

### ମେଶିନ ସହ ମୋରମ ବୋଝେଇ ହାଇୱା ଜବତ, ଜଣେ ଅଟକ

ବାରଙ୍ଗ, ୩।୬(ଲିଙ୍ଗରାଜ ରାଉତ): ବାରଙ୍ଗର ବିଭିନ୍ନ ଅଞ୍ଚଳରୁ ଦୈନିକ ଶହଶହ ସଂଖ୍ୟାରେ ଲଘୁଖଣିଜ ଦ୍ରବ୍ୟର ବ୍ୟାପକ ଚୋରା ଚାଲାଣ ହେଉଛି। ଖଣି ବିଭାଗ ପକ୍ଷରୁ ଚଢ଼ାଉ କରାଯାଉ ନ ଥିବାରୁ ମାଫିଆମାନେ ସକ୍ରିୟ ହୋଇ ଉଠୁଛନ୍ତି। ଗୋଡ଼ିସାହି ଫାଣ୍ଡି ପୋଲିସ ସୋମବାର ରାତିରେ ବେଆଇନ ଭାବେ ମୋରମ ଚୋରା ଚାଲାଣ ହେଉଥିବା ୩ଟି ମୋରମ ବୋଝେଇ ହାଇୱା, ଗୋଟିଏ ମେଶିନକୁ ଜବତ କରିବା ସହ ଜଣଙ୍କୁ ଅଟକ ରଖିଛି।ପ୍ରକାଶ ଯେ, ରାମଦାସପୁର ରାଜସ୍ୱ କାର୍ଯ୍ୟାଳୟ ନିକଟସ୍ଥ ଇଡ୍‌କୋ ଶିଳ୍ପାନୁଷ୍ଠାନ ଭିତରେ ଏକ ଘରୋଇ କମ୍ପାନୀ ପରିସରରୁ ବେଆଇନ ଭାବେ ଖୋଳାଯାଇ ମୋରମ ଚୋରାଚାଲାଣ ହେଉଥିବା ଗୋଡ଼ିସାହି ଫାଣ୍ଡି ପୋଲିସ ଖବର ପାଇଥିଲା। ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ୩ଟି ମୋରମ ବୋଝେଇ ହାଇୱା ଓ ମୋରମ ଖୋଳୁଥିବା ଏକ ମେଶିନକୁ ଜବତ କରିଥିଲେ। ସେଠାରେ ଥିବା ୮ ଜଣ ପୋଲିସଙ୍କୁ ଦେଖି କୌଶଳକ୍ରମେ ଖସି ପଳାଇ ଯାଇଥିବାବେଳେ ଜଣଙ୍କୁ ପୋଲିସ କାବୁ କରିବାରେ ସକ୍ଷମ ହୋଇଥିଲା। ପରେ ପୋଲିସ ଜବତ ଗାଡ଼ି ବିଷୟରେ ଖଣି ବିଭାଗକୁ ସୂଚନା ଦେଇଥିବା ଫାଣ୍ଡି ପକ୍ଷରୁ କୁହାଯାଇଛି।

### ଗୋରୁ ବୋଝେଇ ଗାଡ଼ି ଛାଡ଼ି ଚାଳକ, ସହଯୋଗୀ ଫେରାର

ବାରଙ୍ଗ, ୩।୬(ଲିଙ୍ଗରାଜ ରାଉତ): ମୁଣ୍ଡଳୀ ବ୍ୟାରେଜ୍ ଛକରୁ ମଙ୍ଗଳବାର ସକାଳୁ ଏକ ଗୋରୁ ବୋଝେଇ ଗାଡ଼ିକୁ ଗୋଡ଼ିସାହି ଫାଣ୍ଡି ପୋଲିସ ଜବତ କରିଛି। ଗାଡ଼ିରୁ ୫ ଗୋରୁଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲ୍ଲା କୁଜି ମହଲରେ ଥିବା ଗୋଶାଳାରେ ଛଡ଼ାଯାଇଥିବା ଫାଣ୍ଡି ପକ୍ଷରୁ ସୂଚନା ଦିଆଯାଇଛି।ଆଠଗଡ଼ରୁ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ (ଓଡି ୦୫ ଏପି ୫୮୧୨) ମୁଣ୍ଡଳୀ ବ୍ୟାରେଜ ଦେଇ କଟକ ଆଡ଼େ ଯାଉଥିଲା। ଏ ସଂକ୍ରାନ୍ତରେ ଖବର ପାଇ ଗୋଡ଼ିସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ସଦଳବଳ ରାସ୍ତାରେ ଜଗି ରହିଥିଲେ। ପୋଲିସ ଉକ୍ତ ଗାଡ଼ିଟିକୁ ଅଟକାଇବାକୁ ଚେଷ୍ଟା କରିବାବେଳେ କିଛି ଦୂରରୁ ଗାଡ଼ି ଛାଡ଼ି ଚାଳକ ଓ ତାଙ୍କ ସହଯୋଗୀମାନେ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ପୋଲିସ ପିକ୍‌ଅପ୍ ଭ୍ୟାନକୁ ଜବତ କରିଥିଲା।

### ପାଣି ପମ୍ପ୍ ଚୋରିକରି ଅଭିଯୁକ୍ତ ଗିରଫ

ବାଲିପାଟଣା,୩।୬(ଅଭିମନ୍ୟୁ ନାୟକ): କୁକୁଡ଼ା ଫାର୍ମରୁ ପାଣି ମୋଟର ଚୋରି କରିବା ଅଭିଯୋଗରେ ବାଲିପାଟଣା ପୋଲିସ ମଙ୍ଗଳବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ମାଧବ ଟୁଡୁ। ଅଭିଯୋଗ ମୁତାବକ, ଗତ ମେ’ ୩୧ ତାରିଖ ରାତିରେ ଚାରିପଡାଗଡ଼ର ରଞ୍ଜନ କୁମାର ପାତ୍ରଙ୍କ କୁକୁଡ଼ା ଫାର୍ମରୁ ଏକ ପାଣି ପମ୍ପ୍ ଚୋରି ହୋଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୨୫୫/୨୫) ରୁଜୁକରି ତଦନ୍ତ ଜାରି ରଖିଥିଲା। ମଙ୍ଗଳବାର ପୋଲିସ ସେହି ଗ୍ରାମର ମାଧବଙ୍କୁ ବନମାଳୀପୁର ବଜାରରୁ ଗିରଫ କରିବା ସହ ଚୋରି ପାଣି ପମ୍ପ୍ ଜବତ କରିଥିଲା।


ୱାର୍ଡ ନଂ. ୪୪ ଅନ୍ତର୍ଗତ ବଡଗଡ଼ କେନାଲ ରାସ୍ତାରେ ଥିବା ସାଇଫନ୍ ଦବିଯାଇଛି।


ଭଞ୍ଜକଳା ମଣ୍ଡପରେ ପଶିଥିବା ବର୍ଷାପାଣିକୁ ନିଷ୍କାସନ କରାଯାଉଛି। (ଫଟୋ: ମନୋରଞ୍ଜନ ମିଶ୍ର)

# ସାଇଫନ ଦବିଲା, ଘରେ ପଶିଲା ପାଣି

## ରାଜଧାନୀରେ ୨ଘଣ୍ଟା ବର୍ଷା

ଭୁବନେଶ୍ୱର, ୩।୬ (ବନ୍ଦନା ସେଠୀ)

ଦିନସାରା ପ୍ରବଳ ଖରା ଓ ଗୁଳୁଗୁଳିରେ ସିଝିବା ପରେ ମଙ୍ଗଳବାର ଅପରାହ୍ନ ୪ଟା ବେଳକୁ ରାଜଧାନୀରେ ପାଣିପାଗ ହଠାତ୍ ବଦଳି ଯାଇଥିଲା। କଳାହାଣ୍ଡିଆ ମେଘ ଘୋଟି ଆସି ଘଡ଼ଘଡ଼ି ଓ ବିଜୁଳି ମାରିବା ସହ ପ୍ରବଳ ବର୍ଷା ହୋଇଥିଲା। ଭୁବନେଶ୍ୱରରେ ପ୍ରାୟ ୨ଘଣ୍ଟା ଧରି ମଧ୍ୟମରୁ ପ୍ରବଳ ବର୍ଷା ହୋଇଥିଲା। ସର୍ବାଧିକ ୫୭.୨ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବର୍ଷା ଯୋଗୁ ବଡଗଡ଼ କେନାଲ ରାସ୍ତାରେ ଥିବା ସାଇପନ୍ ଦବିଯାଇଥିବାବେଳେ ବିଭିନ୍ନ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଛି। ସେହିପରି ସହରର ଅଧିକାଂଶ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ଉପୁଜିଥିଲା। ବିଶେଷକରି ଇସ୍କନ ମନ୍ଦିର ସମ୍ମୁଖ, ବାପୁଜୀ ନଗର, ଜନପଥ, ବମିଖାଲ, କଟକରୋଡ, ଲକ୍ଷ୍ମୀସାଗର, ଫାୟାରଷ୍ଟେଶନ୍, ନୟାପଲ୍ଲୀ, ବରମୁଣ୍ଡା, ଝାରପଡ଼ା, ପଳାଶୁଣୀ, ରସୁଲଗଡ଼, ପୁରୁଣା ଭୁବନେଶ୍ୱର, ଜିଜିପି କଲୋନୀ, ଚକେଇସିଆଣି ଆଦିସ୍ଥାନରେ ବର୍ଷା ପାଣିର ସୁଅ ଚାଲିଥିବା ଦେଖିବାକୁ ମିଳିଥିଲା। ଦୁଇ ଘଣ୍ଟାର ବର୍ଷାରେ ଭୁବନେଶ୍ୱରରେ ଯାତାୟାତ ଠପ୍ ହୋଇପଡ଼ିଥିଲା।



ଏୟାରପୋର୍ଟ ରୋଡରେ ଜମି ରହିଥିବା ବର୍ଷାଜଳ।

ବର୍ଷାରେ ୱାର୍ଡ ନଂ. ୪୪ ଅନ୍ତର୍ଗତ ବଡଗଡ଼ କେନାଲ ରାସ୍ତାରେ ଥିବା ସାଇଫନ୍ ଦବିଯାଇଛି। ଏହା ମଧ୍ୟଦେଇ ଡ୍ରେନ୍ ନଂ. ୬ର ପାଣି ପ୍ରବାହିତ ହୋଇଥାଏ। ସାଇଫନ୍ ଦବିଯିବାରୁ ୱାର୍ଡ ନଂ. ୪୫ ଅନ୍ତର୍ଗତ ଲକ୍ଷ୍ମୀସାଗର ଅଞ୍ଚଳର ଲୋକଙ୍କ ଘରେ ହଠାତ୍ ୪/୫ ଫୁଟର ଡ୍ରେନ୍ ପାଣି ପଶିଯାଇଥିଲା। ଲୋକଙ୍କ ଆସବାବପତ୍ର ସମେତ ଅନ୍ୟାନ୍ୟ ଜିନିଷ ପାଣି ଘେରରେ ରହିଥିଲା। ଖବର ପାଇ ମେୟର ସୁଲୋଚନା ଦାସ, ସ୍ଥାନୀୟ କର୍ପୋରେଟର ଅଜିତ୍ ଦାସ, ଅମରେଶ ଜେନା ଏବଂ ବିଏମ୍‌ସିର ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସମ୍ପୃକ୍ତ ସାଇଫନ୍ ପ୍ରାୟ ୫୦ ବର୍ଷ ତଳର ହୋଇଥିବାବେଳେ ଭଗ୍ନାବସ୍ଥାରେ ରହିଥିଲା। ଏହା ଜଳସେଚନ ବିଭାଗ ଅଧୀନ ହୋଇଥିବାରୁ ମରାମତି ନେଇ ବାରମ୍ବାର ବିଭାଗକୁ ଅବଗତ କରାଯାଇଥିଲା। ମାତ୍ର ବିଭାଗର ଦାୟିତ୍ୱହୀନତା ପାଇଁ ଏଭଳି ଘଟଣା ଘଟିଥିବା ମେୟର କହିଛନ୍ତି। ଏଥିସହ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରାଯାଇ ତୁରନ୍ତ କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କ ଘରେ ଯେପରି ଆଉ ପାଣି ନ ପଶିବ ସେନେଇ ଅସ୍ଥାୟୀ ଭାବେ କାର୍ଯ୍ୟ କରାଯାଉଛି ବୋଲି ମେୟର କହିଛନ୍ତି। ସେହିପରି ବିଭାଗ ନିଜ କାମ ନ କରି ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଇଥିବାରୁ ସାଧାରଣ ଲୋକେ ସମସ୍ୟା ଭୋଗିଥିବା କର୍ପୋରେଟର ଅମରେଶ ଅଭିଯୋଗ କରିଛନ୍ତି।

### ସୁଧୁରୁନି ସ୍ମାର୍ଟସିଟି ଜଳବନ୍ଦୀ ସମସ୍ୟା

ଅସରାଏ ବର୍ଷା ହେଲେ ସହରର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସ୍ଥିତି ଉପୁଜୁଛି। ବର୍ଷାଜଳ ନିଷ୍କାସନ ରାଜଧାନୀବାସୀଙ୍କ ମୁଖ୍ୟ ସମସ୍ୟାର କାରଣ ହୋଇଥିବାବେଳେ ବିଏମ୍‌ସି ପାଇଁ ମୁଣ୍ଡବିନ୍ଧା ପାଲଟିଛି। ଅଧିକାଂଶ ସ୍ଥାନରେ ବର୍ଷାପାଣି ଡ୍ରେନ୍‌ରେ ନିଷ୍କାସନ ହୋଇ ନ ପାରିବାରୁ ରାସ୍ତାରେ ଲହଡ଼ି ମାରିଥିଲା। ୧୬ନଂ ଜାତୀୟ ରାଜପଥର ଇସ୍କନ ମନ୍ଦିର ସମ୍ମୁଖ ରାସ୍ତାରେ ଆଣ୍ଠୁଏ ଉଚ୍ଚର ପାଣି ଜମିଥିଲା। ଫଳରେ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ସେହିପରି ଜନପଥରେ ମଧ୍ୟ ସମାନ ଚିତ୍ର ଦେଖିବାକୁ ମିଳିଥିଲା। କାର୍‌ଗୁଡ଼ିକର ଚକା ବୁଡି ଯାଇଥିବାବେଳେ ଦୁଇଚକିଆ ଯାନ ଚଳାଇବା କଷ୍ଟକର ହୋଇପଡ଼ିଥିଲା। କଳ୍ପନା ଛକ ନିକଟ ଭଞ୍ଜକଳା ମଣ୍ଡପରେ ବର୍ଷା ପାଣି ପଶିଥିଲା। ମଣ୍ଡପର ଅଡିଟୋରିୟମ୍‌ରେ ପାଣି ପଶିଯିବାରୁ କର୍ମଚାରୀମାନେ ବାଲ୍‌ଟି, ମଗ ଧରି ପାଣି ନିଷ୍କାସନ କରିଥିଲେ। ଯଦିଓ ରାଜଧାନୀବାସୀଙ୍କ ଲାଗି ଏହା ନୂଆ ଚିତ୍ର ନୁହେଁ, ତଥାପି ଏନେଇ ବିଏମ୍‌ସି ପକ୍ଷରୁ ସ୍ଥାୟୀ ସମାଧାନ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା।

## ପାତ୍ରପଡ଼ା ରଜ ମହୋତ୍ସବରେ ଲାଗିବ ୧୫୦ ଦୋଳି

ଯାଁଳା,୩।୬
(ବୁଲା ବାରିକ)

ଚଳିତ ବର୍ଷ ୧୫ତମ ପାତ୍ରପଡ଼ା ରଜ ମହୋତ୍ସବ ୪ଦିନ ଧରି ପାଳନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ମହାରାଜା କ୍ରିକେଟ ଆସୋସିଏଶନ ଏବଂ ପାତ୍ରପଡ଼ା-ଭଗବାନପୁର ଯୁବ ବାହିନୀର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଧୁମଧାମରେ ପାଳନ କରାଯିବ। ମହାରାଜ କ୍ରିକେଟ ଆସୋସିଏଶନ ଦ୍ୱାରା ଗଢ଼ିଉଠିଥିବା ଗ୍ରାମ୍ୟ ଜଙ୍ଗଲ ମଧ୍ୟରେ ଏହି ବର୍ଷ ୧୫୦ରୁ ଊର୍ଦ୍ଧ୍ୱ ଦୋଳି ଲାଗିବା ପାଇଁ ସମସ୍ତ ପ୍ରସ୍ତୁତି ଚାଲିଛି। ଏଥିସହ ରାମଦୋଳି, ବ୍ରେକ ଡ୍ୟାନ୍ସ, ନୌକା ଦୋଳି, ମିନାବଜାର, ପୋଡ଼ପିଠା, ଠୁଙ୍କାପୁରି ସହିତ ବିଭିନ୍ନ ଦୋକାନ ପଡ଼ିବ। ଏହି ପରିପ୍ରେକ୍ଷୀରେ ଆୟୋଜିତ ବୈଠକରେ ସ୍ଥାନୀୟ କର୍ପୋରେଟର ରଶ୍ମିରଞ୍ଜନ ପାଟଶାଣୀ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାରାଜ କ୍ରିକେଟ ଆସୋସିଏଶନ ବରିଷ୍ଠ ସଭ୍ୟ ଜାନକୀ ବଲ୍ଲଭ ପଟ୍ଟନାୟକ, ରବୀନ୍ଦ୍ର ନଥ ସାହୁ, ଦୁଃଶାସନ ରଥ, ସତ୍ୟ ନାରାୟଣ ମହାନ୍ତି, ଅଭିମନ୍ୟୁ ଚମ୍ପତି, ଅତିସ କୁମାର ମାର୍ଥା, ହୃଦୟ ବଲ୍ଲଭ ପାଟଶାଣି, ଶଶଧର ବେହେରା, ଧୀରେନ୍ଦ୍ର ନାଥ ବରିସଲ, ବିଜୟ କୁମାର ରାଉତରାୟ, ଶିବଦତ୍ତ ଚମ୍ପତି, ଚନ୍ଦ୍ରଶେଖର ଗୁମାନସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ଭଉଣୀ ଘରେ ଭାଇଙ୍କ ମୃତ୍ୟୁ

ବେଗୁନିଆ,୩।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ବଳଭଦ୍ରପୁର ଗ୍ରାମର ଅଜୟ ପରିଡ଼ା(୨୯)ଙ୍କ ଭଉଣୀ ଘରେ ମୃତ୍ୟୁ ଘଟିଛି। ଏନେଇ ବେଗୁନିଆ ଥାନାରେ ଅଭିଯୋଗ ପରେ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡା କହିଛନ୍ତି। ଅଜୟ ରବିବାର ଭଉଣୀ ଘର ଗଡମାଣିତିରେ ଗ୍ରାମକୁ ଯାଇଥିଲେ। ସେଠାରେ ଦ୍ୱିପ୍ରହର ସମୟରେ ଖାଦ୍ୟ ଖାଇବା ପରେ ଶୋଇଥିଲେ। ପରେ ଭଉଣୀ ଅଜୟଙ୍କୁ ଉଠାଇବା ପାଇଁ ଡାକିଥିଲେ ମଧ୍ୟ ନ ଉଠିବାରୁ ସନ୍ଦେହ ପ୍ରକାଶ ପାଇଥିଲା। ତୁରନ୍ତ ଅଜୟଙ୍କୁ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ଟାଏକ୍ୱୋଣ୍ଡୋ ଏରିନାରେ ରୁଦ୍ରଙ୍କୁ ୨ ରୌପ୍ୟ

ତ୍ରିଶୂଳିଆ,୩।୬(ତୁଷାରକାନ୍ତ ବେହେରା)

ଶ୍ରୀଶ୍ରୀ ୟୁନିଭର୍ସିଟି ଛାତ୍ର ତଥା ଜଣେ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ଖେଳାଳି ରୁଦ୍ରନାରାୟଣ ବେହେରା ନିକଟରେ ନେପାଳର କାଠମାଣ୍ଡୁରେ ଆୟୋଜିତ ‘ଏସୀୟ ମାର୍ଶାଲ ଆର୍ଟ୍ସ କ୍ରୀଡ଼ା’ରେ ୨ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି କ୍ରୀଡ଼ାରେ ସମଗ୍ର ଏସିଆ ମହାଦେଶର ବିଭିନ୍ନ ଦେଶରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତେବେ ଭାରତରୁ ପ୍ରତିନିଧିତ୍ୱ କରି ରୁଦ୍ରନାରାୟଣ ବ୍ୟକ୍ତିଗତ ୩୦ ବର୍ଷରୁ କମ୍ ବରିଷ୍ଠ ବର୍ଗ (ପୁମ୍‌ସେ) ଏବଂ ୫୮ କେଜିରୁ କମ୍ ବରିଷ୍ଠ (କ୍ୟୁରୋଗୀ) ବର୍ଗରେ ସମ୍ପୃକ୍ତ ୨ଟି ରୌପ୍ୟ ପଦକ ଜିତିଛନ୍ତି। ଏନେଇ ରୁଦ୍ର କହିଛନ୍ତି, ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବା ଏକ ନିଆରା ଅନୁଭବ ଏବଂ ଏଥିରେ ପଦକ ଜିତି ଭାରତୀୟ ଜାତୀୟ ପତାକାକୁ ଟେକି ଧରିବାରେ ତାଙ୍କୁ ଅନିର୍ବଚନୀୟ ଆନନ୍ଦ ମିଳିଥିଲା। ରୁଦ୍ର ବର୍ତ୍ତମାନ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କମ୍ପ୍ୟୁଟର ବିଜ୍ଞାନ ବିଷୟରେ ବି.ଟେକ୍. ପଢୁଛନ୍ତି। ତାଙ୍କର ଏହି ସଫଳତା ଯୋଗୁ ସମଗ୍ର ରାଜ୍ୟର କ୍ରୀଡ଼ାବିତ୍, ଶ୍ରୀଶ୍ରୀ ୟୁନିଭର୍ସିଟି କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ଜନସାଧାରଣ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଛନ୍ତି।

## ଭାଜପା ନେତାଙ୍କୁ ନେଇ ମନ୍ତ୍ରୀ କେଉଁ ସମସ୍ୟା ବୁଝୁଥିଲେ: ବିଧାୟକ ସୁଶାନ୍ତ ରାଉତ

ଭୁବନେଶ୍ୱର, ୩।୬
(ସୁନିତ୍ ମିଶ୍ର)



ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ରାଜଧାନୀର ବିଭିନ୍ନ ଅଞ୍ଚଳ ପରିଦର୍ଶନକରି ଡ୍ରେନେଜ ସମସ୍ୟା ଦେଖିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ମନ୍ତ୍ରୀ ଯେତେବେଳେ କୌଣସି ନିର୍ବାଚନମଣ୍ଡଳୀ ଗସ୍ତ କରୁଛନ୍ତି, ସେତେବେଳେ ସ୍ଥାନୀୟ ଜନପ୍ରତିନିଧିଙ୍କୁ ନ ଜଣାଇବା ପଛର ଉଦ୍ଦେଶ୍ୟ କ’ଣ ବୋଲି ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ପ୍ରଶ୍ନ କରିଛନ୍ତି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସୁଶାନ୍ତ କହିଛନ୍ତି, ମନ୍ତ୍ରୀ କେବଳ ସ୍ଥାନୀୟ ବିଧାୟକଙ୍କୁ ନୁହେଁ, ମେୟର କିମ୍ବା ଯେଉଁ ୱାର୍ଡକୁ ଯାଉଛନ୍ତି ସେଠାକାର କର୍ପୋରେଟରମାନଙ୍କୁ ମଧ୍ୟ ଖବର ଦିଆଯାଇନାହିଁ। ଯେତେବେଳେ ମେୟର କିମ୍ବା ସ୍ଥାନୀୟ କର୍ପୋରେଟରମାନଙ୍କ ବିନା ଉପସ୍ଥିତିରେ ମନ୍ତ୍ରୀ ଡ୍ରେନେଜ ସମସ୍ୟା ଦେଖିବାକୁ ଯାଉଛନ୍ତି, ଏହା କେବଳ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇପାରେ। ମନ୍ତ୍ରୀଙ୍କ ସହ ସ୍ଥାନୀୟ ଭାଜପା ନେତାମାନେ ସାଙ୍ଗରେ ଡ୍ରେନେଜ ସମସ୍ୟା କଥା ଆଲୋଚନା କରୁଥିବାର ଦେଖିବାକୁ ମିଳିଛି। ଏଥିରୁ ଗୋଟିଏ କଥା ସନ୍ଦେହ କରାଯାଇପାରେ ଯେ, ସ୍ଥାନୀୟ ଭାଜପା ନେତାଙ୍କୁ ନେଇ ମନ୍ତ୍ରୀ କେବଳ ପ୍ରଚାର ପ୍ରସାର ଉଦ୍ଦେଶ୍ୟ ପୂରଣ କରିବାକୁ ଯାଇଥାଇପାରନ୍ତି ବୋଲି ସୁଶାନ୍ତ କହିଛନ୍ତି।

### ଜଳବନ୍ଦୀ ସ୍ଥିତିର ସମୀକ୍ଷା କଲେ ନଗର ଉନ୍ନୟନ ମନ୍ତ୍ରୀ

## ‘ଜନସାଧାରଣଙ୍କ ସମସ୍ୟା ହେଲେ କାର୍ଯ୍ୟାନୁଷ୍ଠାନ’

ଭୁବନେଶ୍ୱର, ୩।୬(ବନ୍ଦନା ସେଠୀ)

ଅସରାଏ ବର୍ଷା ହେଲେ ବେହାଲ ହୋଇପଡୁଛି ରାଜଧାନୀ ଭୁବନେଶ୍ୱର। ବିଭିନ୍ନ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଉପୁଜୁଛି। ଜଳବନ୍ଦୀ ଅଞ୍ଚଳରେ ଦିନ ଦିନ ଧରି ସ୍ଥାନୀୟ ବାସିନ୍ଦାଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ତେଣୁ ଜଳବନ୍ଦୀ ସମସ୍ୟାର ସମାଧାନ କରିବା ପରିପ୍ରେକ୍ଷୀରେ ମଙ୍ଗଳବାର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ସହରର ବିଭିନ୍ନ ଜଳବନ୍ଦୀ ଅଞ୍ଚଳ ବୁଲି ସମୀକ୍ଷା କରିଛନ୍ତି। ଜଳବନ୍ଦୀ ସ୍ଥିତି ଯୋଗୁ ଜନସାଧାରଣଙ୍କ ସମସ୍ୟା ଉପୁଜିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ମହାପାତ୍ର କହିଛନ୍ତି।

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବରିଷ୍ଠ ଅଧିକାରୀ ଏବଂ ଇଞ୍ଜିନିୟରମାନଙ୍କ ସହିତ ମନ୍ତ୍ରୀ ମହାପାତ୍ର କୃଷ୍ଣା ଟାୱାର ନିକଟରେ ଇସ୍କନ ମନ୍ଦିର ସ୍ଥଳ, ଆୟୁର୍ବେଦିକ ହସ୍ପିଟାଲ ନିକଟ କଳିଙ୍ଗ ଷ୍ଟୁଡିଓ ଛକ, ରାଜୀବ ନଗର, ଭୋଇ ନଗରସ୍ଥିତ ଡ୍ରେନ ନଂ.୯, ଡ୍ରେନ ନଂ. ୪, ଏସ୍‌ପ୍ଲାନେଡ ମଲ୍ ଏବଂ ବମିଖାଲ ଦୁର୍ଗାମଣ୍ଡପ ନିକଟ ଅଞ୍ଚଳ ସମେତ ଅନେକ ଜଳବନ୍ଦୀ ଅଞ୍ଚଳ ଅନୁଧ୍ୟାନ କରିଥିଲେ। ସେହିପରି ପ୍ରମୁଖ ଏବଂ ଶାଖା ଡ୍ରେନେଜ୍ ଚ୍ୟାନେଲଗୁଡ଼ିକର ସମୀକ୍ଷା କରିବା ସହ ସଫେଇ କାର୍ଯ୍ୟରେ ଅବରୋଧ ଏବଂ ବିଳମ୍ବ ଉପରେ ଚିନ୍ତା ପ୍ରକଟ କରିଥିଲେ। ଯୁଦ୍ଧକାଳୀନ ଭିତ୍ତିରେ ଡ୍ରେନ୍‌ରୁ ପଙ୍କ ଉଦ୍ଧାର ଓ ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଏଥିପାଇଁ ଅତିରିକ୍ତ ମାନବସମ୍ବଳ ଏବଂ ଯନ୍ତ୍ରପାତି ନିୟୋଜିତ କରିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। କ୍ଷେତ୍ର ପରିଦର୍ଶନ ପରେ ସମସ୍ତ ୧୧୫ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ସହିତ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ରାଜ୍ୟର ସାମଗ୍ରିକ ମୌସୁମୀ ପ୍ରସ୍ତୁତି ସମୀକ୍ଷା କରିଥିଲେ। ଜଳବନ୍ଦୀ କିମ୍ବା ଜନସାଧାରଣଙ୍କ ଅସୁବିଧା ପାଇଁ ଯେକୌଣସି ତ୍ରୁଟି କିମ୍ବା ଅବହେଳା ହେଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ତାଗିଦ୍ କରିଥିଲେ। ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ପୌରସଂସ୍ଥାଗୁଡ଼ିକୁ ବିଭାଗ ଦ୍ୱାରା ଜାରି ହୋଇଥିବା ଏସ୍‌ଓପିକୁ କଠୋର ଭାବେ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଆବଶ୍ୟକସ୍ଥଳେ ପୂର୍ଣ୍ଣ ସମର୍ଥନ ଯୋଗାଇ ଦିଆଯିବ ବୋଲି ଆଶ୍ୱାସନା ଦେଇଥିଲେ। ଅଧିକାରୀମାନେ ସକ୍ରିୟ ରହିବା ସହିତ ଯେକୌଣସି ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରହିବା ଉଚିତ ବୋଲି ସେ କହିଥିଲେ। ବୈଠକରେ ମୁଖ୍ୟତଃ ପରିମଳ, ଡ୍ରେନେଜ ପ୍ରସ୍ତୁତି, ରାଜସ୍ୱ ଆଦାୟ, ହୋଲ୍ଡିଂ ଟିକସ ସଂଗ୍ରହ ଏବଂ ବିଭାଗୀୟ ପଦକ୍ଷେପର ଏକବର୍ଷ ପାଳନ ପାଇଁ ପ୍ରସ୍ତୁତି ଯୋଜନା ଅନ୍ତର୍ଭୁକ୍ତ ଥିଲା। ଅନ୍ୟମାନଙ୍କ ମଧ୍ୟରେ ପୌର ନିର୍ଦ୍ଦେଶକ ଦେବାଶିଷ ସିଂହ, ଅତିରିକ୍ତ ସଚିବ ରବୀନ୍ଦ୍ର ସାହୁ, ସୌରେନ୍ଦ୍ର ରାଉତରାୟ ଓ ଦୁର୍ଗେଶ ନନ୍ଦିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଜଳବନ୍ଦୀ ସମସ୍ୟା ସମ୍ପର୍କରେ ଅନୁଧ୍ୟାନ କରୁଛନ୍ତି।

## ସଂକ୍ଷେପରେ

### ଟ୍ରେନ୍‌ରୁ ଖସିପଡ଼ି ଯୁବକ ଗୁରୁତର

ଟାଙ୍ଗୀ,୩।୬(ରଘୁନାଥ ସାହୁ)

ଚଳନ୍ତା ଟ୍ରେନ୍‌ରୁ ଖସିପଡ଼ିବାରୁ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡ଼ି ଗ୍ରାମର ବିଜୟ କୁମାର ପାତ୍ର(୨୪)। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱରସ୍ଥ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ବିଜୟ ଚେନ୍ନାଇରୁ ଟ୍ରେନ୍‌ରେ ଘରକୁ ଅର୍ଥାତ୍ କୁହୁଡିକୁ ଫେରୁଥିଲେ। ଆନ୍ଧ୍ରପ୍ରଦେଶରେ ସେ ଟ୍ରେନରୁ ଖସିପଡ଼ିଥିଲେ। ଫଳରେ ତାଙ୍କର ଡାହାଣ ପାଦରେ ଗଭୀର ଆଘାତ ଲାଗିଛି। ଅନ୍ୟ ଯାତ୍ରୀମାନେ ତାଙ୍କୁ ଉଦ୍ଧାର କରି ଏକ ଟ୍ରେନ୍‌ରେ ବସାଇ ଦେଇଥିଲେ। ସେ ବାଲୁଗାଁ ଷ୍ଟେଶନରେ ପହଞ୍ଚି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ଚିକିତ୍ସା ପାଇଁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

### କବାଟ ଭାଙ୍ଗି ଟଙ୍କା ସହ ସୁନାରୁପା ଅଳଙ୍କାର ଚୋରି

ଟାଙ୍ଗୀ,୩।୬(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅନ୍ତର୍ଗତ ରତନପୁର ପଞ୍ଚାୟତ ବଧିସାହି ଗ୍ରାମର ପ୍ରଶାନ୍ତ ନାୟକଙ୍କ ଘରେ ଦୁର୍ବୃତ୍ତମାନେ ପଶି ସୁନାରୁପା ଅଳଙ୍କାର ସହ ଟଙ୍କା ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି କରି ନେଇଯାଇଛନ୍ତି। ଏନେଇ ମଙ୍ଗଳବାର ପ୍ରଶାନ୍ତଙ୍କ ସ୍ତ୍ରୀ ସୀତା ନାୟକଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଜାରି ରଖିଛି। ଅଭିଯୋଗ ମୁତାବକ, ସୋମବାର ରାତିରେ ପ୍ରଶାନ୍ତଙ୍କ ଘରେ ତାଙ୍କ ସ୍ତ୍ରୀ, ତାଙ୍କ ମା' ଓ ପିଲାମାନେ ଶୋଇଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ତାଙ୍କ କବାଟ ଭାଙ୍ଗି ଘରେ ପଶିଥିଲେ। ୧୭ ହଜାର ଟଙ୍କା ସହ ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ଚୋରିକରି ନେଇଯାଇଛନ୍ତି। ଚୋରି ହୋଇଥିବା ଅଳଙ୍କାର ମଧ୍ୟରେ ଦେଢ଼ଭରିର ଗୋଟିଏ ସୁନାହାର, ୮ଟି କାନଫୁଲ, ୭ଟି ସୁନା ଚେନ, ୯ଟି ସୁନାମୁଦି, ୪ଟି ସୁନା ଲକେଟ୍ ରହିଛି। ଏନେଇ ଅଭିଯୋଗ ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ଭଉଣୀ ଘରେ ଭାଇଙ୍କ ମୃତ୍ୟୁ

ବେଗୁନିଆ,୩।୬(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆସ୍ଥିତ ବଳଭଦ୍ରପୁର ଗ୍ରାମର ଅଜୟ ପରିଡ଼ା(୨୯)ଙ୍କ ଭଉଣୀ ଘରେ ମୃତ୍ୟୁ ଘଟିଛି। ଏନେଇ ବେଗୁନିଆ ଥାନାରେ ଅଭିଯୋଗ ପରେ ଘଟଣାର ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି। ଅଜୟ ରବିବାର ଭଉଣୀ ଘର ଗଡମାଣିତିର ଗ୍ରାମକୁ ଯାଇଥିଲେ। ସେଠାରେ ଦ୍ୱିପ୍ରହର ସମୟରେ ଖାଦ୍ୟ ଖାଇବା ପରେ ଶୋଇଥିଲେ। ପରେ ଭଉଣୀ ଅଜୟଙ୍କୁ ଉଠାଇବା ପାଇଁ ଡାକିଥିଲେ ମଧ୍ୟ ନ ଉଠିବାରୁ ସନ୍ଦେହ ପ୍ରକାଶ ପାଇଥିଲା। ତୁରନ୍ତ ଅଜୟଙ୍କୁ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ନ୍ୟାୟ ଦାବିରେ ଗ୍ରାମବାସୀଙ୍କ ଅନଶନ

## ନାମଫଳକ ଭାଙ୍ଗିବା ପ୍ରସଙ୍ଗ

ଖୋର୍ଦ୍ଧା,୩।୬(ପ୍ରଭାତ ପାଣିଗ୍ରାହୀ)

ବେଗୁନିଆ ବ୍ଲକ ପୋଡ଼ାଡିହ ପଞ୍ଚାୟତ ଓସ୍ତପୁର ଗ୍ରାମର ନାମଫଳକକୁ ନିକଟ ଏକ ଗ୍ରାମର କେତେଜଣ ଅସାମାଜିକ ବ୍ୟକ୍ତି ବାରମ୍ବାର ଭାଙ୍ଗିବାକୁ ନେଇ ବିବାଦ ସୃଷ୍ଟି ହୋଇଛି। ପ୍ରତିବାଦ କଲେ ଗାଳିଗୁଲଜ କରିବା ସହ ରାତିରେ ବିଦ୍ୟୁତ୍ କାଟି ଦେଉଛନ୍ତି ବୋଲି ଓସ୍ତପୁର ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ଅଭିଯୋଗ ସତ୍ତ୍ୱେ ସ୍ଥାନୀୟ ପ୍ରଶାସନ, ପୋଲିସର ନୀରବତା ନେଇ ମଙ୍ଗଳବାର ଓସ୍ତପୁର ଗ୍ରାମର ଏକାଧିକ ମହିଳା, ପୁରୁଷ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ। ହାତରେ ପ୍ଲାକାର୍ଡ ଧରି ନ୍ୟାୟ ଦାବି କରିଥିଲେ। ଏଥିସହ ଜିଲାପାଳଙ୍କୁ




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଓସ୍ତପୁର ଗ୍ରାମବାସୀ ଅନଶନରେ ବସିଛନ୍ତି।

ଅଭିଯୋଗପତ୍ର ପ୍ରଦାନ କରିଥିଲେ। ନ୍ୟାୟ ନ ମିଳିଲେ ଆଗାମୀ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

ଅଭିଯୋଗ ମୁତାବକ, ଓସ୍ତପୁର ବଜାର ଓସ୍ତପୁର ମୌଜାରେ ଅବସ୍ଥିତ। ତେଣୁ ପୂର୍ତ୍ତ ବିଭାଗ ପକ୍ଷରୁ ଗ୍ରାମ ଛକରେ ନାମଫଳକ ଲଗାଯାଇଥିଲା। ତେବେ ଏହି ଫଳକରେ ନିକଟ ଗ୍ରାମର କେତେଜଣ ଅସାମାଜିକ ବ୍ୟକ୍ତି ରଙ୍ଗ ମାରି ଲିଭାଇବା ସହ ଫଳକକୁ ଭାଙ୍ଗୁଛନ୍ତି। ଏଥିସହ ଓସ୍ତପୁର ଗ୍ରାମବାସୀଙ୍କୁ ଗାଳିଗୁଲଜ କରୁଛନ୍ତି। ଏ ସଂକ୍ରାନ୍ତରେ ବାଘମାରୀ ଥାନା, ବେଗୁନିଆ ତହସିଲଦାର, ଉପଜିଲାପାଳ ଏବଂ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। କର୍ତ୍ତବ୍ୟରେ ଅବହେଳା ପାଇଁ ବାଘମାରୀ ପୋଲିସ, ସ୍ଥାନୀୟ ପ୍ରଶାସନ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

# ବରସାହିରୁ ଜବରଦଖଲ ଉଚ୍ଛେଦ



ଜେସିବି ମେଶିନ ଦ୍ୱାରା ଜବରଦଖଲ ଉଚ୍ଛେଦ କରାଯାଉଛି।

ଖୋର୍ଦ୍ଧା,୩।୬(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ତହସିଲ ଅନ୍ତର୍ଗତ ବରସାହି ମୌଜାରେ ୧୦ ଏକରରୁ ଊର୍ଦ୍ଧ୍ୱ ଜମି ଜଣେ ବ୍ୟକ୍ତି ଜବରଦଖଲ କରି ରଖିଥିବା ନେଇ ସ୍ଥାନୀୟ କେତେଜଣ ଗ୍ରାମବାସୀ ପୂର୍ବରୁ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ସୋମବାର ପୁଣି ଥରେ ଅଭିଯୋଗ ଶୁଣାଣିରେ ଜିଲାପାଳଙ୍କୁ ଭେଟି ଜବରଦଖଲ ହଟାଇବା ପାଇଁ ଲିଖିତ ଅନୁରୋଧ କରିଥିଲେ। ଜବରଦଖଲ ହଟାଇବା ପାଇଁ ଜିଲାପାଳ ଖୋର୍ଦ୍ଧା ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ପୂର୍ବାହ୍ନରେ ତହସିଲ ପକ୍ଷରୁ ପୋଲିସ ଉପସ୍ଥିତିରେ ଜବରଦଖଲରେ ରହିଥିବା ଜମିରୁ ତାରବାଡ଼ ହଟାଯାଇଛି।

ପ୍ରକାଶ ଯେ, ଗତ ୨୮ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ବରସାହି ପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ବ୍ଲକସ୍ତରୀୟ ଜନଶୁଣାଣି ଶିବିରରେ କେତେଜଣ ଗ୍ରାମବାସୀ ଏ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ। ଜବରଦଖଲରେ ଥିବା ଜମି ପୁନରୁଦ୍ଧାର ପାଇଁ ଦାବି କରିଥିଲେ। ଏହି ମୌଜା 'ପାଟଖାଲ' ଅଞ୍ଚଳରେ ପ୍ରାୟ ୧୦ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମି ଜବରଦଖଲ ମୁକ୍ତ ପାଇଁ ଜିଲାପାଳଙ୍କୁ ଲିଖିତ ଜଣାଇଥିଲେ। ଅଭିଯୋଗ ଅନୁଯାୟୀ ଜିଲାପାଳ ଏହି ସ୍ଥାନ ପରିଦର୍ଶନ ସହ ଏହା ଉପରେ ରିପୋର୍ଟ ଦାଖଲ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମଙ୍ଗଳବାର ଆନୁଷ୍ଠାନିକ ଭାବେ ଜବରଦଖଲ ହଟାଯାଇଛି।

# ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ



ବେଗୁନିଆ ବିଧାୟକ ପ୍ରଦୀପ ସାହୁ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

ବୋଲଗଡ଼,୩।୬(ଦେବବ୍ରତ ହୋତା)

ବୋଲଗଡ଼ ଏବଂ ବେଗୁନିଆ ବ୍ଲକ ଅଞ୍ଚଳକୁ କଟକ ଜିଲା ବାଙ୍କୀ ବ୍ଲକ ବୈଦେଶ୍ୱରଠାରୁ ମହାନଦୀରୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ୨୦୧୯ ମସିହାରୁ ତତ୍କାଳୀନ ସରକାର ସମୟରେ ଆରମ୍ଭ ହୋଇ ୨୦୨୧ରେ ସମ୍ପୂର୍ଣ୍ଣ ହେବାକୁ ଥିଲା। ତେବେ ଏହି ଅବଧି ପରେ ମଧ୍ୟ ଜିଲାପାଳ ଏବଂ ବିଭାଗୀୟ ଅଧିକାରୀମାନଙ୍କ ପରିଦର୍ଶନ ଓ ସମୀକ୍ଷା ପରେ ବି କାର୍ଯ୍ୟ ବିଳମ୍ବିତ ହୋଇଛି। ମହାନଦୀର ଜଳକୁ ବୋଲଗଡ଼ ବ୍ଲକ ପାଟପୁର ଶାସନ ପଞ୍ଚାୟତ ନୟାପଲ୍ଲୀ ରାଜସ୍ୱ ଗ୍ରାମଠାରେ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯାଇ ଉଭୟ ବ୍ଲକର ୪୦ ପଞ୍ଚାୟତ ମଧ୍ୟରୁ ୩୫ଟି ପଞ୍ଚାୟତର ୩୩୭ଗ୍ରାମ ଅନ୍ତର୍ଗତ ୫୨,୯୮୭ ପରିବାରର ୨ଲକ୍ଷରୁ ଊର୍ଦ୍ଧ୍ୱ ଜନସାଧାରଣ ଉକ୍ତ ପ୍ରକଳ୍ପ ମାଧ୍ୟମରେ ବିଶୁଦ୍ଧ ପାନୀୟଜଳ ପାଇବା ପାଇଁ ଅନାଇ ବସିଛନ୍ତି। ତେବେ ଏନେଇ ବେଗୁନିଆ ବିଧାୟକ ପ୍ରଦୀପ ସାହୁ ସୋମବାର ପ୍ରକଳ୍ପ ପରିଦର୍ଶନ କରିବା ସହ ଜଳଯୋଗାଣ ନେଇ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ପ୍ରକଳ୍ପ କର୍ମଚାରୀ ଓ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ପ୍ରକଳ୍ପ କାର୍ଯ୍ୟାଳୟରେ କମ୍ପ୍ୟୁଟର ମାଧ୍ୟମରେ ମହାନଦୀରୁ ଆସୁଥିବା ଜଳର ଗତିପଥ ଓ ସ୍ୱଚ୍ଛତା ନେଇ ଯନ୍ତ୍ରୀଙ୍କଠାରୁ ବୁଝିଥିଲେ। ପ୍ରକଳ୍ପ କାର୍ଯ୍ୟ ପ୍ରାୟତଃ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅନେକଗୁଡ଼ିଏ ଗ୍ରାମରେ ଭୂତଳ ପାଇପ୍ ବିଛାଇବା କାର୍ଯ୍ୟ ସହ ପାଣିଟାଙ୍କି ନିର୍ମାଣ ବିଳମ୍ବିତ ହେଉଥିବାରୁ ଏହାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ବୋଲଗଡ଼ ବ୍ଲକ ଅଧ୍ୟକ୍ଷା, ୩ ଜିଲାପରିଷଦ ସଦସ୍ୟ ଓ ପ୍ରାୟ ସମସ୍ତ ସରପଞ୍ଚ, ସମିତି ମେମ୍ବର ପ୍ରକଳ୍ପ ଅଧୀନ ୬ଟି ପଞ୍ଚାୟତ ଅନେକ ଗ୍ରାମ ଭ୍ରମଣ କରି ପାଇପ୍ ବିଛାଇବା ନେଇ ଉପୁଜୁଥିବା ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ପରୀକ୍ଷାମୂଳକ ଭାବେ ଜଳ ଯୋଗାଣ ଆରମ୍ଭ ହୋଇଥିବା କାଦୁଅପଡା, କୋଦୁଅବେରେଣି, ଗେଡ଼ିଆପଲ୍ଲୀ, ମାଣିବନ୍ଧ ଗ୍ରାମରେ ପହଞ୍ଚି ଜଳର ମାନ ପରୀକ୍ଷା କରି ଗ୍ରାମବାସୀଙ୍କୁ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଆସନ୍ତାବର୍ଷ ଏହି ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ସହ ପ୍ରତ୍ୟେକ ଘରେ ବିଶୁଦ୍ଧ ପାନୀୟ ଜଳ ପହଞ୍ଚି ପାରିବ ବୋଲି ପ୍ରକଳ୍ପ ଅଧିକାରୀମାନେ କହିଛନ୍ତି।

### ନଳକୂପ ଖନନ ପାଇଁ ଦାବି

ଖୋର୍ଦ୍ଧା,୩।୬(ପ୍ରଭାତ ପାଣିଗ୍ରାହୀ)

ବେଗୁନିଆ ବ୍ଲକ ଅନ୍ତର୍ଗତ ଦେଉଳି ପଞ୍ଚାୟତର ଦେଉଳିଠାରେ ନଳକୂପ ଖନନ ପାଇଁ କେତେଜଣ ଗ୍ରାମବାସୀ ଜିଲାପାଳଙ୍କୁ ସୋମବାର ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି ଯେ, ଏହି ଗ୍ରାମରେ ୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିବା ବେଳେ ପାନୀୟଜଳର କୌଣସି ସୁବିଧା ନାହିଁ। ଫଳରେ ବସ୍ତିବାସିନ୍ଦା ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରୀଷ୍ମ ଦିନରେ ୨୪ ଘଣ୍ଟାରେ ଲୋକଙ୍କ ପାନୀୟଜଳ ସମସ୍ୟା ସମାଧାନ ପାଇଁ ସରକାର ଗୁରୁତ୍ୱ ଦେଉଥିବା ବେଳେ ଏହି ଗ୍ରାମର ଗ୍ରାମବାସୀ ପାଣି ପାଇଁ ସ୍ଥାନୀୟ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ କରିଆସୁଥିବା ବେଳେ କୌଣସି ଗୁରୁତ୍ୱ ଦିଆଯାଉନାହିଁ। ପଞ୍ଚାୟତଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ଜଣାଇବା ସତ୍ତ୍ୱେ ସୁଫଳ ମିଳିଲା ନାହିଁ। ଶେଷରେ ଏକାଧିକ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

### ଯୁବ ଗୋଷ୍ଠୀ ଅଟକାଇଲେ ଗୋରୁ ଗାଡ଼ି

ଟାଙ୍ଗୀ,୩।୬(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ବାହାରକୁ ଗୋରୁ ଚାଲାଣ ହେଉଥିବା ଅଭିଯୋଗ ହେଉଛି। ମଙ୍ଗଳବାର ଟାଙ୍ଗୀର କେତେଜଣ ଯୁବକ ବସ୍ତ୍ରୋଷ୍ଟାଣ୍ଡ ନିକଟରେ ଏକ ଗୋରୁ ଭର୍ତ୍ତି ପିକ୍‌ଅପ୍ ଭ୍ୟାନ୍‌କୁ ଅଟକାଇଥିଲେ। ଗାଡ଼ିରେ ଦୁଇଟି ଗାଇ ସହ ଦୁଇଟି ବାଛୁରି ଥିଲେ। ଗାଡିର ଚାଳକଙ୍କ ସହିତ ଅନ୍ୟ ଜଣେ ଯୁବକ ଥିଲେ। ଅଟକ ରଖି ପଚରାଉଚରା କଲାବେଳେ ଟାଙ୍ଗୀ ରଘୁମାଳି ସାହିର ଜଣେ ବ୍ରାହ୍ମଣଙ୍କଠାରୁ ଆଣିଥିବା କହିଥିଲେ। ଉକ୍ତ ଯୁବକଙ୍କୁ ଫୋନ ମାଧ୍ୟମରେ ଡକାଯାଇଥିଲା ମଧ୍ୟ ସେ ଘଟଣାସ୍ଥଳକୁ ଆସି ନ ଥିଲେ। ଅଟକ ଗାଡ଼ି ହେଲା (ଓଡି ୦୨ ଏୟୁ ୫୭୯୩)। ଯୁବକ ୨ ଜଣ ହେଲେ ଖୋର୍ଦ୍ଧା ପୋଡ଼ାଡିହର ଲଲାଟ ପାଇକରାୟ ଏବଂ ବାଙ୍କୀ ତୁଳସୀପୁରର ବାପି ବେହେରା। ଅଞ୍ଚଳରେ ଗୋଚାଲାଣ ବୃଦ୍ଧି ପାଉଥିବାରୁ ସ୍ଥାନୀୟ ପୋଲିସ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ଭୁବନେଶ୍ୱରରୁ ବିଶାଖାପାଟଣା ଗଡ଼ିବ ସୁପର ପ୍ରିମିୟମ୍ ବସ୍

## ଖୋର୍ଦ୍ଧାରେ ଶୁଭାରମ୍ଭ କଲେ ବିଧାୟକ, ଜିଲାପାଳ




ଶୁଭାରମ୍ଭ ଅବସରରେ ବିଧାୟକ, ଜିଲାପାଳ ଏବଂ ଅନ୍ୟ ଅଧିକାରୀ।

ଖୋର୍ଦ୍ଧା,୩।୬(ପ୍ରଭାତ ପାଣିଗ୍ରାହୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସିରେ ଇଣ୍ଟର ଷ୍ଟେଟ ସୁପର ପ୍ରିମିୟମ ବସ୍ ସେବା ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ ରିମୋର୍ଟ ଦବାଇ ଭୁବନେଶ୍ୱର-ବିଶାଖାପାଟଣା , ପୁରୀ-ଅଯୋଧ୍ୟା, ପୁରୀ-ଉଜ୍ଜୟିନୀ, ପୁରୀ-ତିରୁପତି, ପୁରୀ-ହାଇଦ୍ରାବାଦ, ପୁରୀ-ଭିଲାଇ, ଭବାନୀପାଟଣା-ହାଇଦ୍ରାବାଦ ଏବଂ ରାଇଘର-ହାଇଦ୍ରାବାଦ ସୁପର ପ୍ରିମିୟମ ବସ୍ ଉଦ୍‌ଘାଟନ କରିଥିଲେ। ତେବେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଭୁବନେଶ୍ୱର-ବିଶାଖାପାଟଣା ସୁପର ପ୍ରିମିୟମ ଭଲ୍‌ଭୋ ବସ୍ ସେବାକୁ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ ଏବଂ ଜିଲାପାଳ ଚଞ୍ଚଳ ରାଣା ଶୁଭାରମ୍ଭ କରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରେ ଭର୍ଚୁଆଲରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ କିଶୋର କୁମାର ପଣ୍ଡା, ସାଂସଦଙ୍କ ପ୍ରତିନିଧି ଦିଲୀପ କୁମାର ହୋତା, ନିକୁଞ୍ଜ ପଟ୍ଟନାୟକ, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଅରବିନ୍ଦ ନାୟକ, ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ ଜିଲା ପରିଚାଳକ ଲିଜାରାଣୀ ସାହୁ , ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ପରିବହନ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି, ମଙ୍ଗଳବାରଠାରୁ 'ଶୂନ ଦୁର୍ଘଟଣା ଦିବସ' ଅଭିଯାନ ଶୁଭାରମ୍ଭ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବିଭିନ୍ନ ଅତ୍ୟାଧୁନିକ ଯୁଗାନ୍ତକାରୀ ଯୋଜନା ଓ ପ୍ରକଳ୍ପରର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ୨୭.୦୩ କୋଟି ଶ୍ରୀଜଗନ୍ନାଥ ଇଣ୍ଟର୍ ଷ୍ଟେଟ ସୁପର ପ୍ରିମିୟମ ବସ୍ ଏକ୍ସପ୍ରେସ ସେବାକୁ ଉଦ୍‌ଘାଟନକରି ଶୂନ ଦୁର୍ଘଟଣା ବିକଶିତ ଓଡ଼ିଶା ଗଠନରେ ସମସ୍ତଙ୍କ ପାଇଁ ଏକ ପ୍ରତିବଦ୍ଧତା ବୋଲି ଆହ୍ୱାନ ଦେଇଥିଲେ।

# ଖେଳପଡ଼ିଆରେ ପ୍ରସ୍ତାବିତ ନାଭାଲ ପ୍ରକଳ୍ପକୁ ବିରୋଧ

ଖୋର୍ଦ୍ଧା,୩।୬(ପ୍ରଭାତ ପାଣିଗ୍ରାହୀ)

ଜଟଣୀ ତହସିଲ ଅନ୍ତର୍ଗତ ଯାଁଳା ପଞ୍ଚାୟତର ଓଗାଳପଡ଼ା ଗ୍ରାମର ଖେଳପଡିଆ ଜମିକୁ ନାଭାଲ ପ୍ରକଳ୍ପ ପାଇଁ ଚୟନ କରାଯାଇ ମଞ୍ଜୁରି ଦିଆଯାଇଛି। ଏନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଖେଳପଡିଆ ଜମି ପରିବର୍ତ୍ତେ ଅନ୍ୟ ସରକାରୀ ଜମିରେ ନାଭାଲ ପ୍ରକଳ୍ପ ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ସୋମବାର କେତେଜଣ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି, ଗ୍ରାମର ଏକମାତ୍ର ଖେଳପଡ଼ିଆ ରହିଛି। ଏହାର କିସମ ଗୋଚର ରହିଛି। ଏଠାରେ ଗ୍ରାମର ପିଲାମାନେ ଖେଳ, କସରତ କରୁଥିବା ବେଳେ ଗୋରୁ ମଧ୍ୟ ଚରାବୁଲା କରୁଛନ୍ତି। ଗ୍ରାମର ବିଭିନ୍ନ ପର୍ବପର୍ବାଣି, ବିବାହ, ସାଂସ୍କୃତିକ କାର୍ଯ୍ୟକ୍ରମ, ସଭାସମିତି ସହ ପିଲାମାନେ କ୍ରିକେଟ, ଫୁଟ୍‌ବଲ ଟୁର୍ନାମେଣ୍ଟ ଆୟୋଜନ କରୁଛନ୍ତି। ତେବେ ଗ୍ରାମବାସୀଙ୍କ ବ୍ୟବହାର ଯୋଗ୍ୟ ଏହି ଖେଳପଡ଼ିଆରେ ନାଭାଲ ପ୍ରକଳ୍ପ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ପିଲାଙ୍କ ଖେଳପଡ଼ିଆ ନଷ୍ଟହେବା ସହ ଗ୍ରାମବାସୀ ମଧ୍ୟ ପ୍ରଭାବିତ ହେବେ। ଏହି ପ୍ରକଳ୍ପ ଅନ୍ୟତ୍ର କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମ ନିକଟରେ ରହିଥିବା ସରକାରୀ ଜମିରେ ପ୍ରକଳ୍ପ ନିର୍ମାଣ କରାଯାଉ ବୋଲି ଜିଲାପାଳଙ୍କୁ ନିବେଦନ କରିଛନ୍ତି।

# ପ୍ରିନ୍ସ କ୍ଲବ୍ ଭୁବନେଶ୍ୱର ଚାମ୍ପିୟନ

## ୧୬ ବର୍ଷରୁ କମ୍ ବର୍ଗର କ୍ରିକେଟ ଟୁର୍ନାମେଣ୍ଟ

ଖୋର୍ଦ୍ଧା,୩।୬(ପ୍ରଭାତ ପାଣିଗ୍ରାହୀ)

ଜଟଣୀ କ୍ରିକେଟ ଏକାଡେମୀ ପକ୍ଷରୁ ୧୬ ବର୍ଷରୁ କମ୍ ବର୍ଗର କ୍ରିକେଟ୍ ଟୁର୍ନାମେଣ୍ଟରେ ପ୍ରିନ୍ସ କ୍ଲବ ଭୁବନେଶ୍ୱର ଚାମ୍ପିୟନ ହୋଇଛି। ସ୍ଥାନୀୟ ଜଟଣୀ କଲେଜ ପଡିଆଠାରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଭାଗ ନେଇଥିବା ବେଳେ ଫାଇନାଲ ମ୍ୟାଚ୍ ପ୍ରିନ୍ସ କ୍ଲବ ଭୁବନେଶ୍ୱର ଏବଂ ଆର୍ ଆର୍ କ୍ଲବ ପିପିଲି ମଧ୍ୟରେ ହୋଇଥିଲା। ଟସ୍ ଜିତି ପ୍ରିନ୍ସ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୨୮ରନ ସଂଗ୍ରହ କରିଥିଲା। ଜବାବରେ ଆର୍ ଆର୍ କ୍ଲବ ୨୦ ଓଭରରେ ୯ ଉଇକେଟ ବିନିମୟରେ ୮୪ରନ ସଂଗ୍ରହକରି ପରାଜିତ ହୋଇଥିଲା। ଫଳରେ ପ୍ରିନ୍ସ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ଜେ.ପି ସାମନ୍ତରାୟ, ସ୍ମୃତିରଞ୍ଜନ ନାୟକ ଏବଂ ବିଶ୍ୱ ନାଧାମ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରିନ୍ସ କ୍ଲବର ଦୀପ୍ତାଂଶୁ ଦାସ ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା କ୍ରିକେଟ ଆସୋସିଏଶନ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ବିଜେଡି ନେତା ମନ୍ମଥ ରାଉତରାୟ ମୁଖ୍ୟ ଅତିଥି, ଅଜିତ ସାମନ୍ତରାୟ, ମନୋହର ମେଣ୍ଡାଲି, ବେଣୁଧର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ଶ୍ରେଷ୍ଠ ବ୍ୟାଟର ଭାବେ ଦୀପ୍ତାଂଶୁ ଦାସ, ଶ୍ରେଷ୍ଠ ବୋଲର ଜେମ୍ସ ଲିମା, ଶ୍ରେଷ୍ଠ ଫିଲ୍ଡର ଆଦିତ୍ୟ ବର୍ଦ୍ଧନ, ଶ୍ରେଷ୍ଠ ଉଇକେଟ ରକ୍ଷକଭାବେ ସରୋଜ ରାଣା ପୁରସ୍କୃତ ହୋଇଛନ୍ତି। କୌଶିକ ମହାନ୍ତି ମ୍ୟାନ ଅଫ ଦି ସିରିଜ୍ ବିବେଚିତ ହୋଇଥିଲେ। ଏହି ଟୁର୍ନାମେଣ୍ଟରେ ଆୟୋଜକ ଭାବେ ସନ୍ଦୀପ କୁମାର ପାଇକରାୟ ଓ ସନ୍ତୋଷ କୁମାର ପଟ୍ଟନାୟକ ସଂଯୋଜନା କରିଥିଲେ।



ଅତିଥିଙ୍କ ଗହଣରେ ଟ୍ରଫି ସହ ଖେଳାଳିମାନେ।

# ଶ୍ରମିକଙ୍କ ବଦଳରେ ମେଶିନ କରୁଛି କାମ

## ବେଗୁନିଆ ବ୍ଲକ

- କାମ ପାଉ ନାହାନ୍ତି ଜବ୍ କାର୍ଡଧାରୀ ଶ୍ରମିକ
- ଖୁବ୍‌ଶୀଘ୍ର ତଦନ୍ତ କରିପାରେ ଭିଜିଲାନ୍ସ

ବେଗୁନିଆ,୩।୬(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ ସରକାରଙ୍କ ଅନେକ ଜନହିତକାରୀ ଯୋଜନା ବାଟମାରଣା ହେଉଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷକରି ଗରିବଙ୍କ ଆର୍ଥିକ ଉନ୍ନତି ପାଇଁ କାର୍ଯ୍ୟକାରୀ ହୋଇଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ଚଞ୍ଚକତା ପୂର୍ବକ ଅର୍ଥ ହଡ଼ପ କରାଯାଉଛି। ଜବକାର୍ଡଧାରୀଙ୍କ ବଦଳରେ ମେଶିନ ଦାରା ପ୍ରକଳ୍ପ ନିର୍ମାଣ କରାଯାଉଛି। ପ୍ରଶାସନର ଦୃଷ୍ଟି ଆଢୁଆଳରେ ହେଉ କିମ୍ବା ଗାଁ ଦଲାଲଙ୍କ ସହମତିରେ ଜେସିବି ଏବଂ ଟ୍ରାକ୍ଟର ଦ୍ୱାରା କରାଯାଉଛି କାମ। ଏପରିକି କେତେକ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ନ ହୋଇ ମଧ୍ୟ ମିଥ୍ୟା ବିଲ୍ ପାରିତ ହୋଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଜିଲା ଓ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହେଉଛି। ସ୍ଥାନୀୟ ଅଞ୍ଚଳର କେତଜଣ ବୁଦ୍ଧିଜୀବୀ ସୂଚନା ଅଧିକାର ଆଇନର ଆଶ୍ରୟ ନେଇଥିଲେ। ପ୍ରମାଣ ମିଳିବା ପରେ ଉଚ୍ଚ ନ୍ୟାୟାଳୟ ଏବଂ ଭିଜିଲାନ୍ସ ନିର୍ଦ୍ଦେଶକଙ୍କ ସହଯୋଗ ଲୋଡ଼ିଥିଲେ। ଗତ କିଛିଦିନ ହେବ ପର୍ଯ୍ୟାୟକ୍ରମେ ପ୍ରଶାସନ ଓ ବିଭାଗ



ପକ୍ଷରୁ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସୋମବାର କେତେକ ପ୍ରକଳ୍ପ ନିକଟରେ ଖଣି ଓ ତହସିଲ ବିଭାଗ ପକ୍ଷରୁ ମିଳିତ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ଖୁବ୍‌ଶୀଘ୍ର ଭିଜିଲାନ୍ସ ବିଭାଗ ତଦନ୍ତ କରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପଟେ କାର୍ଯ୍ୟ ନ ପାଇ ହାତବାନ୍ଧି ବସିଥିବା ଜବକାର୍ଡ ହିତାଧିକାରୀ ନ୍ୟାୟ ଅପେକ୍ଷାରେ ରହିଛନ୍ତି।

ସୂଚନାଥାଉ କି, ୨୦୦୮ମସିହାରୁ ବେଗୁନିଆ ବ୍ଲକ ଅଞ୍ଚଳରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନା ଶୁଭାରମ୍ଭ ହୋଇଥିଲା। ଗରିବଙ୍କୁ ୧୦୦ଦିନର କାର୍ଯ୍ୟ ଯୋଗାଇଦେବା ଲକ୍ଷ୍ୟରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ତେବେ ବ୍ଲକ ପ୍ରଶାସନର ଅବହେଳା ଏବଂ ପରିଚାଳନା ଅଭାବରୁ ସବୁଠି ପ୍ରକଳ୍ପ ଅଧାପନ୍ତରିଆ ହୋଇ ରହିଥିଲା। ଫଳରେ ପ୍ରତିବର୍ଷ ଆସୁଥିବା ଅନୁଦାନ ଅର୍ଥ ବିନିଯୋଗ ନ ହୋଇ ବାଟମାରଣା ହୋଇଥିଲା। ନୂଆ ସରକାରଙ୍କ ଚାପରେ ପଡ଼ି ବ୍ଲକ ପ୍ରଶାସନ ପକ୍ଷରୁ ତରବରିଆ ଭାବେ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଥିଲା। ସ୍ଥାନୀୟ ଜନପ୍ରତିନିଧି ଏବଂ ଗାଁ ଦଲାଲଙ୍କ ପରିଚାଳନାରେ ଜନହିତକାରୀ ଯୋଜନାକୁ ରାତି ଅଧିଆ ନିର୍ମାଣ କରାଯାଇଥିଲା। ଜବକାର୍ଡ ହିତାଧିକାରୀଙ୍କ ବଦଳରେ ମେଶିନ ଦ୍ୱାରା ପ୍ରକଳ୍ପ କାର୍ଯ୍ୟ ଶେଷ କରିଦିଆଗଲା। ପ୍ରକଳ୍ପ ନିର୍ମାଣ ସ୍ଥଳରେ ଯନ୍ତ୍ରୀ କିମ୍ବା ଅଧିକାରୀଙ୍କ ଦେଖାମିଳୁ ନ ଥିଲା। ଅନ୍ୟପକ୍ଷରେ ଖୋର୍ଦ୍ଧା ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ କାର୍ଯ୍ୟ ସବୁଠାରୁ ସର୍ବାଧିକ କରାଯାଇଛି ବୋଲି ବେଗୁନିଆ ବ୍ଲକକୁ ଗତ ମାର୍ଚ୍ଚ ମାସରେ ପୁରସ୍କାର ମିଳିଥିଲା। ମେଶିନ ଦ୍ୱାରା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩।୬।୨୦୨୫

| | |
|---|---|
| ୫,୨୦,୪୨୨ ଟଙ୍କା | |
| ସୁନା | ୧.୦୫୦ ଗ୍ରାମ୍ |
| ରୁପା | ୮୩.୨୦୦ ଗ୍ରାମ୍ |

## ସଂକ୍ଷେପରେ

### ଡକାୟତି ଯୋଜନା ପଣ୍ଡ, ୬ ଗିରଫ

ପୁରୀ,୩।୬(ଅଜିତ୍ କୁମାର ମହାନ୍ତି)

ଡକାୟତି ଯୋଜନା କରୁଥିବା ଅଭିଯୋଗରେ କୁମ୍ଭାରପଡ଼ା ଥାନା ପୋଲିସ ୬ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଅବକାଶ ଲେନ୍‌ର ବିକାଶ ମହାନ୍ତି, ଖାକି ମଠ ନୁଆ ସାହିର ଲୋକନାଥ ଦାସ, ନରେନ୍ଦ୍ରକୋଣ ମଙ୍ଗଳା ସାହିର ଗୁଲୁ ନାୟକ, ବାସେଳି ସାହି ଥାନା ଅନ୍ତର୍ଗତ ଲୋକନାଥ ରୋଡ ଭଗବତୀ ଲେନ୍‌ର ବୁଲୁ ଦାସ, ବଳିଆପଣ୍ଡା ଥାନା ଅଧୀନ ମଙ୍ଗଳା ସାହିର ମାଧବ ସିଂ ଏବଂ ଟାଉନ ଥାନା ଅଧୀନ ଦାମୋଦର ରୋଡର ରଞ୍ଜିତ ସାହୁ। ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଲୁହା ରଡ଼, ଖଣ୍ଡା, ମଦ ବୋତଲ, ଲଙ୍କା ଗୁଣ୍ଡ, ସିଗାରେଟ, ଡିଆସିଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏନେଇ ପୋଲିସ ୨୫୪/୨୫ରେ ଏକ ମାମଲା ରୁଜୁ କରିଛି। ଥାନା ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିବାବେଳେ କେତେଜଣ ଅସାମାଜିକ ବ୍ୟକ୍ତି ନବକଳେବର ରୋଡ ନିକଟରେ ବିଭିନ୍ନ ମାରଣାସ୍ତ୍ର ସହ ଜୁଏଲାରୀ ଦୋକାନରେ ଡାକାୟତି ନିମନ୍ତେ ଯୋଜନା କରୁଥିବା ପୋଲିସ ଖବର ପାଇଥିଲା। ଉକ୍ତ ସ୍ଥାନରେ ଚଢ଼ାଉ କରି ସମସ୍ତ ୬ ଅଭିଯୁକ୍ତଙ୍କୁ ଗିରଫ କରିଛି।

### ପ୍ରସ୍ତାବିତ ବିମାନ ବନ୍ଦରକୁ ବିରୋଧ

ପୁରୀ,୩।୬(ଅଜିତ୍ କୁମାର ମହାନ୍ତି)

ଜୀବନ ଜୀବିକା ଓ ପରିବେଶ ସୁରକ୍ଷା ଅଭିଯାନ ପକ୍ଷରୁ ସିପସରୁବାଲି ଅଞ୍ଚଳରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ସମ୍ପର୍କିତ ଏକ ଗ୍ରାମ୍ୟସଭା ଅଭିଯାନର ଆବାହକ ସୁରେନ୍ଦ୍ର ତପସୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଗ୍ରାମବାସୀ ଯୋଗଦାନକରି ମତାମତ ପ୍ରଦାନ କରିଥିଲେ। ଉପସ୍ଥିତ ଥିବା ଗ୍ରାମବାସୀ ବିମାନବନ୍ଦର ଭଳି ଏକ ପରିବେଶ ବିରୋଧୀ ପ୍ରକଳ୍ପ ପରିବର୍ତ୍ତେ ଉକ୍ତ ଜମିରେ ବ୍ୟାପକ ବନୀକରଣ ସହ ଓଡ଼ିଶାର ଏକ ସର୍ବବୃହତ୍ ଗୋ-ମଇଁଷାଦି ପ୍ରକଳ୍ପ ସ୍ଥାପନା ନିମନ୍ତେ ସର୍ବସମ୍ମତି ମତ ପ୍ରକାଶ ପାଇଛି। ଫଳରେ ଜିଲାର ଦୁଗ୍ଧ ଜାତୀୟ ସାମଗ୍ରୀର ଚାହିଦା ପୂରଣ ସହ ୫ ହଜାର ନିଯୁକ୍ତିର ସୁଯୋଗ ସୃଷ୍ଟିକରିବ ବୋଲି ଗ୍ରାମବାସୀ ମତପୋଷଣ କରିଛନ୍ତି। ସରକାର ବିମାନ ବନ୍ଦର ପ୍ରକଳ୍ପରୁ ନିବୃତ୍ତ ରହିବାକୁ ସଭାରେ ଗ୍ରାମବାସୀ ଦାବିକରିଥିବା ନେଇ ତପସୁ ସୂଚନା ପ୍ରଦାନ କରିଛନ୍ତି।

# ସବୁ ନିଯୋଗ ସହ ଶ୍ରୀମନ୍ଦିର ପ୍ରଶାସନର ଆଲୋଚନା

ପୁରୀ,୩।୬(ଅଜିତ୍ କୁମାର ମହାନ୍ତି)

ଚଳିତମାସ ୧୧ରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ୨୭ରେ ଘୋଷଯାତ୍ରା ଅନୁଷ୍ଠିତ ହେବ। ଚଳିତ ବର୍ଷ ସ୍ନାନ ଏବଂ ଘୋଷଯାତ୍ରା ତଥା ମହାପ୍ରଭୁଙ୍କ ନୀତି ଯେପରି ଶୃଙ୍ଖଳିତ ହେବ ସେ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ନିଯୋଗ ସହ ମଙ୍ଗଳବାର ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ବିଭିନ୍ନ ସେବାୟତ ନିଯୋଗ ସହ ପର୍ଯ୍ୟାୟକ୍ରମେ ଆଲୋଚନା କରାଯାଇଛି।

ଏନେଇ ଜିଲାପାଳ ସ୍ୱାଇଁ କହିଛନ୍ତି, ଦପଣୀୟା ନିଯୋଗ, ଅନବସର ଶୁଦ୍ଧସୁଆର ନିଯୋଗ, ଦତ୍ତ ମହାପାତ୍ର ସେବକ ସହ ଅନ୍ୟ ନିଯୋଗ ସହ ଆଲୋଚନା କରାଯାଇଛି। ସେବାରେ କ'ଣ କ'ଣ ସମସ୍ୟା ରହିଛି ସେ ସମ୍ପର୍କରେ ଅବଗତ କରାଯାଇଛି। ଆଗକୁ ସମସ୍ତ ସେବା ଲାଗି ସମ୍ପୃକ୍ତ ନିଯୋଗ ସହ ଆଲୋଚନା କରାଯିବ। ପହଣ୍ଡିରେ ଯୋଗ ଦେଉଥିବା ମୁଖ୍ୟ ନିଯୋଗମାନଙ୍କ ସହ ବ୍ୟକ୍ତିଗତ ଭାବେ କଥାବାର୍ତ୍ତା କରାଯାଇ ଖସଡ଼ା ପ୍ରସ୍ତୁତ କରାଯାଇଛି। ପ୍ରଥମ ଥର ପାଇଁ ପହଣ୍ଡିରେ ଲାଗୁ କରାଯିବ ଏସ୍‌ଓପି। ପହଣ୍ଡି ସମୟରେ ବିଶୃଙ୍ଖଳାକୁ ରୋକିବା ପାଇଁ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଶୃଙ୍ଖଳିତ ଭାବେ ସ୍ନାନଯାତ୍ରାରେ ଯେପରି ଜଳଲାଗି ହେବ, ଅଧିକ ସେବାୟତ ଯେପରି ନ ରହିବେ, ଭକ୍ତମାନେ ଯେପରି ଶୃଙ୍ଖଳିତ ଭାବେ ହାତୀବେଶ ଦର୍ଶନ କରିବେ ତା' ଉପରେ ଗୁରୁତ୍ୱ ଦିଆଯାଇଛି।

ଦଇତାପତି ସେବକ ଅମିତ ଦାସ ମହାପାତ୍ର କହିଛନ୍ତି, ଜ୍ୟେଷ୍ଠ ତ୍ରୟୋଦଶୀ ତିଥିରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗର ଗୁରୁଦାୟିତ୍ୱ ଦଇତାପତି ସେବକମାନେ ନେଇଥାନ୍ତି। ମହାପ୍ରଭୁଙ୍କ ଶ୍ରୀଅଙ୍ଗର ଯାହା ବି ଯିଏ ଭୁଲ କରୁ ଦାୟୀ ହେଉଛନ୍ତି ଦଇତାପତି। ଗତବର୍ଷ ଧୂଳିଆ ଗୁଣ୍ଡିଚା ପହଣ୍ଡି ଦିନ ବଡ଼ଠାକୁର ରଥ ଉପରେ ପଡ଼ିଯିବା ଘଟଣାରେ ଆମେ ଭୁଲ ସ୍ୱୀକାର କରୁଛୁ। ଆମର ତ୍ରୁଟି ଯୋଗୁ ଏପରି ଅଘଟଣ ଘଟିଥିଲା। ଆଗକୁ ଯେପରି ଅଘଟଣ ନ ଘଟିବ ସେଥିପାଇଁ ଦଇତାପତି ନିଯୋଗର ସଭାପତି, ସମ୍ପାଦକ, ଚାରିବାଡ଼ର ବାଡ଼ଗ୍ରାହୀମାନେ ବସି ସମସ୍ତ ଯୁବ ଦଇତାପତିଙ୍କ ସହ ଆଲୋଚନା କରାଯାଇଛି। ଚଳିତବର୍ଷ ଆବଶ୍ୟକ ସଂଖ୍ୟକ ଦଇତାପତି ରଥ ଉପରେ ରହିବେ।

ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ସୁଦ ସୁଆରମାନଙ୍କର ଶ୍ରୀମନ୍ଦିରରେ ବର୍ଷସାରା ସେବା ରହିଥାଏ। ମହାପ୍ରଭୁଙ୍କ ସମସ୍ତ ଯାତ୍ରା ସହ ଗୁରୁତ୍ୱପୂର୍ଣ୍ଣ ନୀତିଗୁଡ଼ିକରେ ସୁଦ ସୁଆରମାନଙ୍କ କାର୍ଯ୍ୟ ରହିଥାଏ। ଶୃଙ୍ଖଳିତ ଭାବେ ଯେପରି ସେବା ସମ୍ପାଦନ ହେବ ସେ ନେଇ ପ୍ରଶାସନ ପକ୍ଷରୁ ଆଲୋଚନା କରାଯାଇଛି। ପହଣ୍ଡିରେ ମଙ୍ଗଳାର୍ପଣ, ଗୁଣ୍ଡିଚା ଘରେ ପ୍ରତିଦିନ ଯାତ୍ରାଙ୍ଗୀ ମହାସ୍ନାନ ସହ ରଥ ଉପରେ ସୁଦ ସୁଆରଙ୍କ ସେବା ରହିଛି। ପ୍ରାପ୍ତ ପାଉଣା, ନୀତିକାନ୍ତି ଯେପରି ଶୃଙ୍ଖଳିତ ହେବ ବିଭିନ୍ନ ସମୟରେ ଆଲୋଚନା କରାଯିବ। ଗତବର୍ଷର ଦଇତାପତିଙ୍କ ପାଉଣା ବାକି ରହିଛି। ରଥଯାତ୍ରାରେ ୫ ହଜାର ପରିମାଣିକ ଟିକେଟ କରାଯାଇଛି। ନବଯୌବନ, ସ୍ନାନପୂର୍ଣ୍ଣିମା, ପହଣ୍ଡି ଦର୍ଶନ ଆଦି ପାଇଁ ୩ ହଜାର ଟିକେଟ କରାଯାଇଛି। ପହଣ୍ଡି ସମୟରେ ଯେଉଁମାନେ ରଥ ଉପରେ ରହିବେ ସେମାନଙ୍କ ନାମ ପ୍ରଶାସନ ପକ୍ଷରୁ ଏକ ଲିଷ୍ଟ ମାଧ୍ୟମରେ ପ୍ରକାଶ କରାଯିବ ବୋଲି ଦାସ ମହାପାତ୍ର କହିଛନ୍ତି।

ଦତ୍ତ ମହାପାତ୍ର ସେବକ ସଞ୍ଜୟ ଦତ୍ତ ମହାପାତ୍ର କହିଛନ୍ତି, ନୀତି ଶୃଙ୍ଖଳିତ କରିବା ପାଇଁ ଆଲୋଚନା କରାଯାଇଛି। ସ୍ନାନପୂର୍ଣ୍ଣିମା ଦିନ ଅଧରପୋଛା ନୀତି ରହିଛି। ସେହିପରି ଅନବସର ସମୟରେ ବନକ ଲାଗି, ନବଯୌବନ, ନେତ୍ର ଉତ୍ସବ, ହେରାପଞ୍ଚମୀରେ ନେତ୍ର ଉତ୍ସବ ରହିଛି। ତେଣୁ ନୀତିଗୁଡ଼ିକ ଯେପରି ଶୃଙ୍ଖଳିତ ଭାବେ ହେବ, ସେ ନେଇ ଆଲୋଚନା କରାଯାଇଛି। ମହାପ୍ରଭୁ ଚାହିଁଲେ ସବୁ ହେବ। ନବଯୌବନ ପୂର୍ବଦିନ ରାତିରୁ ଦତ୍ତମହାପାତ୍ରମାନେ ପ୍ରବେଶ କରି ନୀତି ଆରମ୍ଭ କରିବେ। କସ୍ତୁରୀ ଅଭାବ ନେଇ ମଧ୍ୟ ଆଲୋଚନା କରାଯାଇଛି। ଶ୍ରୀମନ୍ଦିର ପ୍ରଶାସନ ରାଜ୍ୟ ସରକାରଙ୍କ ସହ କଥା ହୋଇ କସ୍ତୁରୀ ଯୋଗାଇବା ପାଇଁ ନେପାଳ ସରକାରଙ୍କ ସହ ଆଲୋଚନା ହୋଇଛି ବୋଲି ଦତ୍ତ ମହାପାତ୍ର କହିଛନ୍ତି।

## ରଥଖଳାରୁ...

### ୩ ରଥର ୪ଟି ଲେଖାଏଁ ଜଗତ ପୃଷ୍ଠ ଶେଣୀର ଚଉପଟ କାର୍ଯ୍ୟ ଶେଷ



ରଥର ଗୟଳ ପାଇଁ କରତୀ ସେବକମାନେ କାଠ ଚିରଟ କରୁଛନ୍ତି।

ପୁରୀ,୩।୬(ଅଜିତ୍ କୁମାର ମହାନ୍ତି)

ରଥ ନିର୍ମାଣର ୩୪ତମ ଦିବସରେ ୩ ରଥର ଦଣ୍ଡା ଫ୍ରେମ୍‌ର ବିଭିନ୍ନ ଅଂଶଗୁଡ଼ିକର ନମ୍ବରିଂ କରାଯାଇ କଳସା ପାଇଁ ମାପ ଚିହ୍ନ ଗାରିଆ ସହ ରଥର ବିଭିନ୍ନ ଅଂଶ ନିର୍ମାଣ ଜାରି ରହିଥିଲା। ୩ ରଥର ଚକ ଅଖ ଥାକ ସହ ଦିଗ ନିର୍ଣ୍ଣୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅପରାହ୍ନରେ ୩ ରଥର ମୁଖ୍ୟ ମହାରଣା ଏବଂ ଭୋଇ ସେବକଙ୍କ ସହାୟତାରେ ଚକରେ ଅଖ ସଂଯୋଗ ପୂର୍ବକ ଚକ ଅଖ ଥାକ କାର୍ଯ୍ୟ ସମ୍ପନ୍ନ ହୋଇଥିଲେ ହେଁ, ନନ୍ଦିଘୋଷ ରଥ ଅଖଗୁଡ଼ିକର ସଂଶୋଧନ କାର୍ଯ୍ୟ ହେତୁ ଚକର ଦିଗ ନିର୍ଣ୍ଣୟ କାର୍ଯ୍ୟ ସମ୍ପନ୍ନ ହୋଇପାରିନାହିଁ। ତାଳଧ୍ୱଜ ଏବଂ ଦର୍ପଦଳନ ରଥର ଚକର ଦିଗ ନିର୍ଣ୍ଣୟ ପୂର୍ବକ ଚକ ଅଖକୁ ନିର୍ଦ୍ଦିଷ୍ଟ ସ୍ଥାନରେ ରଖାଯାଇ ଦିଗ ନିର୍ଣ୍ଣୟ କାର୍ଯ୍ୟ ସମ୍ପନ୍ନ ହୋଇ ଚକର ୨ ପାର୍ଶ୍ୱରେ ବାନ୍ଧ ଲାଗି କରାଯାଇଛି। ଏଥିସହ ୩ ରଥର ୫ଟି ଲେଖାଏଁ ଜଗତ ପୃଷ୍ଠ ସେଣୀରୁ ୪ଟି ଲେଖାଏଁ ଜଗତ ପୃଷ୍ଠ ଶେଣୀର ଚଉପଟ କାର୍ଯ୍ୟ ଶେଷ ହୋଇଛି। ଏଥିସହ ତାଳଧ୍ୱଜ ଏବଂ ନନ୍ଦିଘୋଷ ରଥର ୧୨ଟି ଲେଖାଏଁ ଗୟଳରୁ ୫ଟି ଲେଖାଏଁ ଗୟଳର ଚଉପଟ କାର୍ଯ୍ୟ ଶେଷ ହୋଇଛି। ଦର୍ପଦଳନର ୮ଟି ଗୟଳ ମଧ୍ୟରୁ ୨ଟି ଗୟଳର ଚଉପଟ କାର୍ଯ୍ୟ ଶେଷ ହେବା ସହ ଆଉ ୩ଟି ଗୟଳର ଚଉପଟ କାର୍ଯ୍ୟ ଜାରି ରହିଛି। କରତୀ ସେବକମାନେ ଦର୍ପଦଳନର ୪୦ ଫୁଟିଆ ପୋଲ ଗୟଳର ଚିରଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦୋଳବେଦୀ ଅସ୍ଥାୟୀ କମାରଶାଳଠାରେ ଓଝା ସେବକମାନେ ୩ ରଥ ଗୟଳ କଣ୍ଟା, ଗରଗରା କଣ୍ଟା ଏବଂ ଦଣ୍ଡା କଣ୍ଟା ଶେଷ କରି କଣ୍ଟାଗୁଡ଼ିକର ମଠା କାର୍ଯ୍ୟ ଜାରି ରଖିଛନ୍ତି। ରୂପକାର ସେବକ ୩ ରଥର ବେଦୀ ସିଂହାସନ ମୁହାଁଣିରେ ଚିତ୍ର ଖୋଦେଇ ଶେଷ ପର୍ଯ୍ୟାୟରେ ପହଞ୍ଚିବା ସହ ୩ ରଥର ୪ଟି ଲେଖାଏଁ ନାଟ ଗୋଡ଼ରେ ଗନ୍ଧର୍ବ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦୀଠାରେ ପାହି ମହାରଣାମାନେ ଅଣସର ତଥା ରଥଯାତ୍ରାରେ ସେବା ନୀତି ପାଇଁ କାଠ ନିର୍ମିତ ସରଞ୍ଜାମ ନିର୍ମାଣ ଜାରି ରଖିଛନ୍ତି।

# ଅଧିକାର ଅପେକ୍ଷା ସାମାଜିକ କର୍ତ୍ତବ୍ୟକୁ ଧ୍ୟାନଦିଅନ୍ତୁ ବରିଷ୍ଠ ନାଗରିକ

### ଦ ବେଲ୍ ତରଫରୁ 'ବୟସର ଚର୍ଚ୍ଚା' କାର୍ଯ୍ୟକ୍ରମ

ପୁରୀ,୩।୬( ଅଜିତ୍ କୁମାର ମହାନ୍ତି)




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଜିଲା ସ୍ୱେଚ୍ଛାସେବୀ ସଙ୍ଗଠନ ସାମ୍ମୁଖ୍ୟ ଦ ବେଲ୍ ବରିଷ୍ଠ ନାଗରିକ ମଞ୍ଚ ତରଫରୁ ମଙ୍ଗଳବାର 'ବୟସର ଚର୍ଚ୍ଚା' କାର୍ଯ୍ୟକ୍ରମ ବ୍ରାହ୍ମଣ ବୋର୍ଡ଼ିଂ ଛକ ସ୍ଥିତ ଚନ୍ଦ୍ରଶେଖର ପାଠାଗାରଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ବରିଷ୍ଠ ନାଗରିକ ଓ ସଙ୍ଗଠନ ଚର୍ଚ୍ଚାରେ ଭାଗନେଇ ବର୍ତ୍ତମାନ ସମୟରେ ବରିଷ୍ଠ ନାଗରିକଙ୍କ ସମସ୍ୟା, ସାମାଜିକ କର୍ତ୍ତବ୍ୟ ଓ ଅଧିକାର ବିଷୟରେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ଅନୁଷ୍ଠାନର ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ ସମସ୍ତ ବରିଷ୍ଠ ନାଗରିକଙ୍କୁ ସ୍ୱାଗତକରିବା ସହ ଉତ୍ତର ପିଢ଼ି, ପୂର୍ବ ପିଢ଼ି ପରସ୍ପର ଖାପଖୁଆଇ ଚାଲିଲେ ଅଧୁନା ପରିବର୍ତ୍ତିତ ପରିସ୍ଥିତିରେ ବରିଷ୍ଠ ନାଗରିକଙ୍କ ଅଧିକାର ସୁରକ୍ଷିତ ରହିବ ବୋଲି କହିଥିଲେ।

ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ରଘୁନାଥ ମହାପାତ୍ର ସ୍ୱଚ୍ଛଳ ଥିବା ବରିଷ୍ଠ ନାଗରିକମାନେ ନିଜର ଅଧିକାର ଅପେକ୍ଷା ନିଜର ସାମାଜିକ କର୍ତ୍ତବ୍ୟ ପ୍ରତି ଧ୍ୟାନଦେବା ଆବଶ୍ୟକ ବୋଲି କହିଥିଲେ। ବିଶିଷ୍ଟ ସ୍ତମ୍ଭକାର ହରିଶଙ୍କର ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପୁରୀ ତଥା ବିଭିନ୍ନ ବ୍ଲକ୍ ଅଞ୍ଚଳରୁ ଆସିଥିବା ବରିଷ୍ଠ ନାଗରିକ କମିଟିର ସଦସ୍ୟମାନେ ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ବସବାସ କରୁଥିବା ବରିଷ୍ଠ ନାଗରିକମାନେ ଅଧିକ ଆଇନକାନୁନ ବିଷୟରେ ଜାଣି ନ ଥିବାରୁ ସେମାନଙ୍କ ପାଇଁ ସରକାର ଓ ସାମାଜିକ ଅନୁଷ୍ଠାନ ଅଧିକ ଧ୍ୟାନ ଦେଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ମତ ଦେଇଥିଲେ। ସେହିପରି ପୁରୀ ମ୍ୟୁନିସିପାଲିଟି ଅଞ୍ଚଳରେ ବରିଷ୍ଠ ନାଗରିକଙ୍କ ପାଇଁ କମ୍ୟୁନିଟି ହଲ୍, ସ୍ୱତନ୍ତ୍ର ପାର୍କ ଓ ଶ୍ରୀମନ୍ଦିର ଦର୍ଶନ ଓ ମେଡିକାଲରେ ବରିଷ୍ଠ ନାଗରିକଙ୍କୁ ଯେପରି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇପାରିବ ସେ ଦିଗରେ ପ୍ରଶାସନ ବିଶେଷ ଧ୍ୟାନ ଦେବା ପାଇଁ ଦାବି କରିଥିଲେ। ଏଥିସହ ଏଭଳି କାର୍ଯ୍ୟକ୍ରମ ବିଭିନ୍ନ ଅଞ୍ଚଳରେ ଆୟୋଜନ କରାଗଲେ ସେହି ଅଞ୍ଚଳର ବରିଷ୍ଠ ନାଗରିକଙ୍କ ଭିତରେ ଭାବର ଆଦାନପ୍ରଦାନ ସହ ବିଭିନ୍ନ ବିଷୟରେ ଚର୍ଚ୍ଚା ହୋଇପାରିବ ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟକ୍ରମକୁ ଦ ବେଲ୍, ମେନସନ୍ କ୍ଲବ୍ ଓ ୟୁଥ୍ କ୍ଲବ ସଦସ୍ୟମାନେ ପରିଚାଳନା କରିଥିଲେ।

## ନବମ ଶ୍ରେଣୀ ଛାତ୍ରୀଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଡେଲାଙ୍ଗ,୩।୬(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଥାନା ଅଞ୍ଚଳର ଜଣେ ୧୩ ବର୍ଷୀୟା ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ଡେଲାଙ୍ଗ ଅଞ୍ଚଳର ଦିପୁ ସେନାପତି(୩୨)। ସୂଚନା ମୁତାବକ, ନବମ ଶ୍ରେଣୀ ଛାତ୍ରୀ ସୋମବାର ଟ୍ୟୁଶନ ଯାଉଥିବାବେଳେ ବଳାତ୍କାରର ଶିକାର ହୋଇଥିଲେ। ଏନେଇ ସେ ଘରେ ଜଣାଇବା ପରେ ତାଙ୍କ ମା' ଏ ସମ୍ପର୍କରେ ଡେଲାଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହାକୁ ଭିତ୍ତି କରି ୨୧୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଉଥିଲା। ଡେଲାଙ୍ଗ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲାବେଳେ ଦିପୁଙ୍କୁ ବଳଙ୍ଗା ଅଞ୍ଚଳରୁ କାବୁ କରିଥିଲା।

## ମା' ମଙ୍ଗଳା ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ଚାରିଛକ,୩।୬(ଶିଶିର କୁମାର ସ୍ୱାଇଁ)

ଚାରିଛକ ନିକଟସ୍ଥ ତୁଳସୀପୁର ଗୋଛାୟତ ସାହିରେ ମା' ମଙ୍ଗଳାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାଯଜ୍ଞରେ କର୍ତ୍ତା ଭାବେ କାବୁଲି ଗୋଛାୟତ ଓ କର୍ତ୍ତ୍ରୀ ଭାବେ କୁନି ଗୋଛାୟତ ପୂଜା କର୍ମରେ ବସିଥିଲେ। ବିଶ୍ୱଶାନ୍ତି ମହାଯଜ୍ଞ ପାଇଁ ବନ୍ଦେଶ୍ୱର ମହାଦେବଙ୍କ ନିକଟସ୍ଥ ପ୍ରାଚୀ ନଦୀରୁ କଳସଧାରୀମାନେ କଳସ ଆଣି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏହି ମହାଯଜ୍ଞରେ ପୂଜକ ଭାବେ ମହେଶ୍ୱର ପଣ୍ଡା, ପଣ୍ଡିତ ନିଶିକାନ୍ତ ରଥ, ନାରାୟଣ ଷଡ଼ଙ୍ଗୀ ଯଜ୍ଞ ପୂଜା କାର୍ଯ୍ୟରେ ସହଯୋଗ କରିଥିଲେ। ଉକ୍ତ ମହାଯଜ୍ଞରେ ତୁଳସୀପୁର ଗୋଛାୟତ ସାହିର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ନୂତନ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର ସ୍ଥାପନକଲେ ଏମ୍‌ପି



କାର୍ଯ୍ୟକ୍ରମରେ ଉପସ୍ଥିତ ଏମ୍‌ପି ସମ୍ବିତ ପାତ୍ରଙ୍କ ସମେତ ଅନ୍ୟମାନେ।

ପୁରୀ,୩।୬(ଅଜିତ୍ କୁମାର ମହାନ୍ତି)

ମଧୁବନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ଏମ୍‌ପି ସମ୍ବିତ ପାତ୍ର ଅତିଥି ଭାବରେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ବିଷ୍ଣୁପ୍ରସାଦ ପାଣିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ସୁନୀଲ ଚକ୍ରବର୍ତ୍ତୀ, ପୂର୍ବତନ ସଭାପତି ଭୀମସେନ ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଗୁରୁଜୀ, ଗୁରୁମା ଓ ସ୍କାଉଟ୍ ଗାଇଡ୍ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଦ୍ୟାଳୟର ୪ର୍ଥ ଶ୍ରେଣୀର ଛାତ୍ରୀ କୁମାରୀ ଅନୋଖୀ ମିଶ୍ର ନୃତ୍ୟ ପ୍ରଦର୍ଶନ କରିଥିଲେ। ସେହିପରି ଘୋଡ଼ାବଜାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅତିରିକ୍ତ ଗୃହ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏଥିରେ ପରିଚାଳନା ସମିତିର ଉପସଭାପତି ସୀମାଞ୍ଚଳ ପଣ୍ଡା, ସମ୍ପାଦକ ଅରବିନ୍ଦ ଶତପଥୀ, ଯୁଗ୍ମ ସମ୍ପାଦକ ବିକାଶ ଦତ୍ତ, କୋଷାଧ୍ୟକ୍ଷ ମାନସ ରଞ୍ଜନ ପଣ୍ଡା, ସଦସ୍ୟା ସନ୍ତୋଷିନୀ ନାୟକ, ଯୁକ୍ତ୨ ବିଜ୍ଞାନ ବିଭାଗର ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ସହ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନଙ୍କ ଦ୍ୱାରା କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦିତ ହୋଇଥିଲା।

# ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ନିମାପଡ଼ା,୩।୬(ବିଚିତ୍ରାନନ୍ଦ ସାହୁ/ ରଞ୍ଜନ କୁମାର ପଟ୍ଟନାୟକ)

ଆସନ୍ତା ୪ ଓ ୫ ତାରିଖରେ ନିମାପଡ଼ାରେ ଆୟୋଜିତ ହେଉଥିବା ଉତ୍କର୍ଷ ନିମାପଡ଼ା ସମ୍ମିଳନୀ ୨୦୨୫ ପରିପ୍ରେକ୍ଷୀରେ ମିଶନ ଶକ୍ତି ବିଭାଗ ପକ୍ଷରୁ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ସ୍ଥାନୀୟ ଟାଉନ ହଲ୍‌ଠାରେ ଅନୁଷ୍ଠିତ ଓ ଉଦ୍‌ଘାଟିତ ହୋଇଯାଇଛି। ସମ୍ମିଳନୀରେ ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ବନ୍ଦିତା ଦଳସିଂ, ସିଡିପିଓ ମାଧବୀ ମହାପାତ୍ର, ଏନ୍‌ଏସି ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, ଓଡ଼ିଶା ଜୀବିକା ମିଶନର ବିପିଏମ୍ ମୋନାଲିସା ତ୍ରିପାଠୀ, ମିଶନ ଶକ୍ତିର ବିପିସି ନୟନ କୁମାର ଜେନା, ଅଧ୍ୟାପକ ସୁବ୍ରତ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତିଯୋଗିତାରେ ୩୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଭାଗ ନେଇ ଆମ ଓଡ଼ିଆ ଘରର ପାରମ୍ପରିକ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଖାଦ୍ୟ, ପିଠା, ମିଠା ଆଦି ପ୍ରସ୍ତୁତ କରିଥିଲେ। ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ବୁଧବାର ଆୟୋଜିତ ଉତ୍କର୍ଷ ନିମାପଡ଼ା ସମ୍ମିଳନୀରେ ସମ୍ମାନିତ ଓ ପୁରସ୍କୃତ କରାଯିବ ବୋଲି ବିପିସି ଜେନା କହିଛନ୍ତି। ଅତିଥି ଓ ବିଚାରକମାନେ ଏହି ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ପରିଦର୍ଶନ କରିଥିଲେ।




ଖାଦ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ୪ ଦିନ ପରେ କାର୍ଯ୍ୟାନୁଷ୍ଠାନ ଶୂନ

### ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ର ନିକଟରୁ ଭ୍ରୂଣ ମିଳିବା ଘଟଣା

ପିପିଲି/ପୁରୁଣା ଭୁବନେଶ୍ୱର,୩।୬
(ଦୁର୍ଗା ପ୍ରସାଦ ମିଶ୍ର/ସୁବାସ ଚନ୍ଦ୍ର ପ୍ରଧାନ)

ବେଆଇନ ଗର୍ଭପାତ ଏକ ଦଣ୍ଡନୀୟ ଅପରାଧ ହୋଇଥିବାବେଳେ ସରକାର ଏହାକୁ ରୋକିବା ପାଇଁ ଗୁରୁତ୍ୱ ଦେଉଛନ୍ତି। ହେଲେ ୩୧୬ ନଂ. ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ପାର୍ଶ୍ୱ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଚେରି କଡ଼ ଅଳିଆଗଦାରୁ ଶନିବାର ସନ୍ଧ୍ୟାରେ ମିଳିଥିବା ଭ୍ରୂଣ ମିଳିବା ଘଟଣାକୁ ଏତିମଧ୍ୟରେ ୩ ଦିନ ବିତିଯାଇଥିଲେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ପିପିଲି ପୋଲିସ ଭ୍ରୂଣ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ କେବଳ ୧୬/୨୫ରେ ଏକ ମାମଲା ରୁଜୁ କରି ବସିପଡ଼ିଛି। ଏ ପର୍ଯ୍ୟନ୍ତ ଏହି ଭ୍ରୂଣଟିର ମାତା ପିତାଙ୍କୁ ଚିହ୍ନଟ କରାଯାଇ ପାରିନାହିଁ। ଅନ୍ୟପଟେ ଏନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ନିରବତା ସନ୍ଦେହ ସୃଷ୍ଟି କରିଛି। ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ପ୍ରାୟ ୨୫ଟି ସବ୍‌ସେଣ୍ଟରରେ ମହିଳା ସ୍ୱାସ୍ଥ୍ୟକର୍ମୀ ଓ ସି.ଏଚ୍.ଓ କାର୍ଯ୍ୟ କରୁଛନ୍ତି। ଗର୍ଭବତୀ ମହିଳାଙ୍କ ସୁରକ୍ଷା ଏବଂ ଶିଶୁ ସ୍ୱାସ୍ଥ୍ୟକୁ ନେଇ ସ୍ୱାସ୍ଥ୍ୟକର୍ମୀ ଆର୍.ସି.ଏଚ୍ ରେଜିଷ୍ଟର ମେଣ୍ଟେନ କରୁଛନ୍ତି। ଏଥିରୁ ମେଡିକାଲ କର୍ତ୍ତୃପକ୍ଷ ତଥ୍ୟ ନେଇ ଦୋଷୀ ଦମ୍ପତିଙ୍କୁ ଅନାୟାସରେ ଚିହ୍ନଟ କରିପାରିବେ। ହେଲେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି।

ପ୍ରି ମାଚ୍ୟୁରର ଜନ୍ମହାର କମାଇବାରେ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ମାତ୍ର ଏମାନଙ୍କ କାର୍ଯ୍ୟ ଠିକ୍ ଭାବେ ତଦାରଖ ହେଉନାହିଁ। ଆଇଆଇଟି ନ୍ୟୁଟ୍ରେଶନ ଗ୍ରୁପ, ମୁମ୍ବାଇ ତଥ୍ୟ ଅନୁଯାୟୀ, ରାଜ୍ୟରେ ୨୦୧୯-୨୦ରେ ପ୍ରତି ହଜାରରେ ୫୯ଟି ପ୍ରି ଟର୍ମ ଶିଶୁ ଜନ୍ମ ହୋଇଥିବାବେଳେ ଏଚ୍‌ଏମ୍‌ଆଇଏସ୍ ତଥ୍ୟ ଅନୁଯାୟୀ, ପ୍ରତି ହଜାରରେ ୫୬ଟି ପ୍ରି ଟର୍ମ ବାର୍ଥ ହୋଇଥିବା ତଥ୍ୟ ରହିଛି। ଏହି ଘଟଣାଟି ପିପିଲି ବିଜେଡି ପକ୍ଷରୁ ଗୁରୁତର ଭାବେ ଗ୍ରହଣ କରାଯାଇଛି। ତୁରନ୍ତ ଦୋଷୀଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅନ୍ୟପଟେ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ସମସ୍ତ ସବ୍‌ସେଣ୍ଟର ଆର୍‌ସିଏଚ୍ ଅନୁଯାୟୀ ଦମ୍ପତିଙ୍କ ଡିଏନ୍‌ଏ ଟେଷ୍ଟ କରାଗଲେ ଘଟଣାର ପର୍ଦ୍ଦାଫାଶ ହୋଇପାରିବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡ. କାଳୀପ୍ରସାଦ ଦାସଙ୍କୁ ପଚାରିବାରେ, କେହି ଉଦ୍ଦେଶ୍ୟମୂଳକ ଭାବେ ହସ୍ପିଟାଲ କଡ଼ରେ ମୃତ ଭ୍ରୂଣ ପକାଇଛନ୍ତି। ପୋଲିସ ଯାଞ୍ଚ କରୁଛି। ଖୁବ୍‌ଶୀଘ୍ର ଘଟଣାର ସତ୍ୟ ସାମ୍ନାକୁ ଆସିବ। ପ୍ରାଥମିକସ୍ତରରେ ସେ ସିଏଚ୍‌ସି ଅଧୀନରେ ଥିବା ୨୫ ସବ୍‌ସେଣ୍ଟରରେ କାର୍ଯ୍ୟରତ ସମସ୍ତ ଆଶାକର୍ମୀଙ୍କୁ ପଠାଇ ଅନୁସନ୍ଧାନ କରିଥିବା କହିଛନ୍ତି।

# ସାଇକେଲ ମରାମତି କରି ସ୍ୱାବଲମ୍ବୀ ଦିବ୍ୟାଙ୍ଗ ଅଭୟ

### ସରକାରୀ ସହାୟତାରୁ ବଞ୍ଚିତ

କାକଟପୁର/ଅସ୍ତରଙ୍ଗ,୩।୬
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

କଥାରେ ଅଛି ଦୃଢ଼ ଇଚ୍ଛା ଶକ୍ତି ଥିଲେ ସବୁ ସମ୍ଭବ। ନିଜ ଉଦ୍ୟମ ଓ ଆଗ୍ରହ ବଳରେ ସାଇକେଲ ମରାମତିକୁ ପେସା କରି ନିଜ ଗୋଡ଼ରେ ନିଜେ ଠିଆ ହୋଇ ସ୍ୱାବଲମ୍ବୀ ହୋଇପାରିଛନ୍ତି ଅସ୍ତରଙ୍ଗ ବ୍ଲକ କେନ୍ଦ୍ରାପଟି ପଞ୍ଚାୟତ ବାଘମୁଣ୍ଡା ଗ୍ରାମର ଦିବ୍ୟାଙ୍ଗ ଅଭୟ ମଲ୍ଲିକ(୩୮)। ତାଙ୍କର କାର୍ଯ୍ୟ ଅନ୍ୟ ଦିବ୍ୟାଙ୍ଗଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛି। ପରିବାର ପାଇଁ ବୋଝ ନୁହେଁ ବରଂ ସ୍ୱାବଲମ୍ବୀ ହୋଇ ବଞ୍ଚିବା ଅଭୟଙ୍କୁ ଏକ ଭିନ୍ନ ପରିଚୟ ଦେଇଛି।

ବାଘମୁଣ୍ଡା ଗ୍ରାମର ସ୍ୱର୍ଗତ ଗଙ୍ଗାଧର ମଲ୍ଲିକଙ୍କ ସାନ ପୁଅ ଅଭୟଙ୍କ ଛୋଟବେଳୁ ୨ ଗୋଡ଼ ଓ ହାତ ଅକାମୀ ହୋଇପଡ଼ିଥିବାବେଳେ ବୟସ ବଢ଼ିବା ସହ ତାହା ତାଙ୍କ ଶରୀର ଉପରେ ପ୍ରଭାବ ପକାଇଥିଲା। ଏପରିକି ୨ଟି ହାତ କାମ କରୁଥିଲେ ସୁଦ୍ଧା ଦୁର୍ବଳ ଥିଲା। କିନ୍ତୁ ଏତେସବୁ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ସେ ସାହସ ହରାଇ ନ ଥିଲେ। ପରିବାରର ବୋଝ ହେବା ଅପେକ୍ଷା ସ୍ୱାବଲମ୍ବୀ ହୋଇ ବଞ୍ଚିବାକୁ ଅଧିକ ପସନ୍ଦ କରିଛନ୍ତି। ଘରର କିଛି ଦୂରରେ ପୂର୍ଣ୍ଣଚନ୍ଦ୍ର କାଣ୍ଡିଙ୍କ ଦୋକାନରେ ରହି ସାଇକେଲ ମରାମତି କରି ବେଶ କିଛି ରୋଜଗାର କରୁଛନ୍ତି। ସେ ଭଲ ମରାମତି କାମ କରୁଥିବାରୁ ଦୋକାନରେ ବେଶ ଭିଡ଼ ମଧ୍ୟ ଜମେ, ଯାହା ସାଧାରଣ ଲୋକଙ୍କୁ ବେଶ ଆଶ୍ଚର୍ଯ୍ୟ କରିଥାଏ। ହେଲେ ଅତି ଗରିବ ପରିବାରରେ ଜନ୍ମ ନେଇଥିବା ଏହି ଦିବ୍ୟାଙ୍ଗ ଅଭୟଙ୍କ ପାଇଁ ଏବେ ମଧ୍ୟ ସରକାରୀ ଯୋଜନା ଅପହଞ୍ଚ। ତାଙ୍କୁ ଏ ପର୍ଯ୍ୟନ୍ତ ରାଶନ ସାମଗ୍ରୀ କି ଅନ୍ତ୍ୟୋଦୟ ଗୃହ ଯୋଜନାରେ ଗୃହ ମିଳୁନାହିଁ। ଅନ୍ୟପଟେ ଏନେଇ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ପତି ଅଭୟଙ୍କ ବାବଦରେ ଜାଣି ତାଙ୍କ ସମସ୍ୟା ନେଇ ଉଚ୍ଚସ୍ତରୀୟ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିଗୋଚର କରିବାକୁ ଚେଷ୍ଟା କରିବେ ବୋଲି ସେ କହିଥିଲେ।



ଦିବ୍ୟାଙ୍ଗ ଅଭୟ ମଲ୍ଲିକ।

## ଜିଲାପାଳଙ୍କ କାର୍ଯ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା

କଟକ,(ଶିକ୍ସା ପ୍ରିୟଦର୍ଶିନୀ): କଟକ ଜିଲାର କ୍ରୀଡା ଅଧିକାରୀ ରଶ୍ମିରଞ୍ଜନ ସମାନ୍ତରାୟ ଓ ଡେପୁଟି କଲେକ୍ଟର ହେମେନ୍ଦ୍ର ନାରାୟଣ ମହାନ୍ତି ବୃତ୍ତିଗତ ଜୀବନରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନାରେ ଅତିରିକ୍ତ ଜିଲାପାଳ ଶିବ ଟପୋ, ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହନ୍ତ ଓ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉଭୟଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ସୂଚନାଯୋଗ୍ୟ, କ୍ରୀଡା ଅଧିକାରୀ ରଶ୍ମିରଞ୍ଜନ ସମାନ୍ତରାୟ କଟକ ଜିଲାରେ ଦୀର୍ଘ ୧୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କ୍ରୀଡା ଅଧିକାରୀ ଭାବେ କାର୍ଯ୍ୟ କରି ଆସିଥିଲେ। ସେହିପରି ଡେପୁଟି କଲେକ୍ଟର ମହାନ୍ତି ସୂଚନା ଅଧିକାର ଆଇନ୍ ସମେତ ଅନ୍ୟାନ୍ୟ କାର୍ଯ୍ୟ ବେଶ୍ ଦକ୍ଷତାର ସହ ସମ୍ପାଦନ କରି ଆସିଥିଲେ।

### ସଂକ୍ଷେପରେ

## ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ମଙ୍ଗୁଳି-ଜଗତପୁର,୩।୬(ମାନସ ସାମଲ)

ଜଗତପୁର ଥାନା ଅଧୀନ ଗୋଲେଇ ଛକ ପାର୍ଶ୍ୱ ୧୬ ନଂ. ଜାତୀୟ ରାଜପଥ ଓଭର ବ୍ରିଜ ଉପରେ ସଡକ ଦୁର୍ଘଟଣାରେ ଜଣେ ବୁଲେଟ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଦୁଇ ଦିନ ହେବ ସଂଜ୍ଞାହୀନ ଅବସ୍ଥାରେ ମୃତ୍ୟୁ ସହିତ ସଂଗ୍ରାମ କରୁଛନ୍ତି। ମୃତକଙ୍କ ହେଲେ କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅଧୀନ ପଦନିପାଳ ଗ୍ରାମର ଜକିଚାନ୍ଦ ରାଉତ (୩୦)। ଗୁରୁତର ଜଣଙ୍କ ହେଲେ ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ମଙ୍ଗରାଜପୁର ଅର୍ଥଗାଁର ଦିବ୍ୟ ରଞ୍ଜନ ବିଶ୍ୱାଳ(୨୯)। ପ୍ରାପ୍ତ ସୂଚନା ମୁତାବକ, ଗତ ରବିବାର ବିଳମ୍ବିତ ରାତିରେ ଉଭୟ ଏକ ବୁଲେଟରେ କଟକରୁ ମଙ୍ଗୁଳି ଅଭିମୁଖେ ଯାଉଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ରାସ୍ତା ପାର୍ଶ୍ୱକୁ ଛିଟିକି ପଡିବା ସହ ଉଭୟଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରଚୁର ରକ୍ତସ୍ରାବ ହୋଇ ସଂଜ୍ଞାହୀନ ହୋଇପଡିଥିଲେ। ଖବର ପାଇ ଜଗତପୁର ଥାନା ଅଧିକାରୀ ଅନିରୁଦ୍ଧ ନାୟକଙ୍କ ସହ ଅନ୍ୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଚିକିତ୍ସା ପାଇଁ କଟକ ମେଡ଼ିକାଲ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଜକିଚାନ୍ଦଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁରୁତରଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ସିଡିଏସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

# ତାରରେ ଝୁଲାଇ ସାଲାଇନ ଦିଆଯାଉଛି

### ଏସ୍‌ସିବି ମେଡିକାଲର ପୁରୁଣା ଭେଷଜ ବିଭାଗ ୱାର୍ଡ

କଟକ,୩।୬(ଶିକ୍ସା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି)ରେ ପୁଣି ଅବ୍ୟବସ୍ଥାର ଏକ ଘଟଣା ସାମ୍ନାକୁ ଆସିଛି। ମେଡିକାଲର ପୁରୁଣା ଭେଷଜ ବିଭାଗ ୱାର୍ଡରେ ସାଲାଇନ ଷ୍ଟାଣ୍ଡ ବଦଳରେ ତାର ବାନ୍ଧି ବିପଦଜନକ ଭାବେ ସାଲାଇନ ଦିଆଯାଉଥିବା ଦୃଶ୍ୟ ନଜରକୁ ଆସିଛି। ଏଭଳି ଅବ୍ୟବସ୍ଥା ଓ ବିପଦ ଭାବେ କିଛିଦିନ ହେବ ଉକ୍ତ ବିଭାଗର ୱାର୍ଡରେ ରୋଗୀଙ୍କୁ ଚିକିତ୍ସା କରାଯାଉଛି। ତେବେ ଏହି ୱାର୍ଡକୁ ଡାକ୍ତର, ନର୍ସ ଓ କର୍ମଚାରୀ ଯାଆସ କରୁଥିବା ସତ୍ତ୍ୱେ କେହି ଏଭଳି ଅବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେଇନାହାନ୍ତି। ଅନ୍ୟପଟେ ମେଡିକାଲ କର୍ତ୍ତୃପକ୍ଷ ୱାର୍ଡ ବାହାର ବାରଣ୍ଡାରେ ଥିବା ରୋଗୀଙ୍କ ନିକଟରେ ସାଲାଇନ ଷ୍ଟାଣ୍ଡର ବ୍ୟବସ୍ଥା କରିଛନ୍ତି। ଯାହାଦ୍ୱାରା ଯଦିଓ ମେଡିକାଲକୁ ମନ୍ତ୍ରୀ କିମ୍ବା ଅନ୍ୟ ପଦାଧିକାରୀ ଆସନ୍ତି ତେବେ ଅବ୍ୟବସ୍ଥା ନଜରକୁ ନ ଆସି ଆଢୁଆଳରେ ରହିଯିବ। ତେବେ ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆଣିବା ସହ ମେଡିକାଲ ଭିତ୍ତିଭୂମି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦେଇ ଏଥିପାଇଁ ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି। ସେହିପରି ଏସ୍‌ସିବିରେ ରୋଗୀ ଓ ସମ୍ପର୍କୀୟଙ୍କ ନିମନ୍ତେ ଆବଶ୍ୟକ ସୁବିଧା ଯୋଗାଇ ଦେବା ନେଇ ଯେଉଁ ପ୍ରଚାର କରାଯାଉଛି, ତାହା କେତେ ଦୂର ସତ ତାହା ଏହି ଘଟଣାରୁ ଜଣାପଡୁଛି। ତେବେ ଗତ ୨ ମାସ ପୂର୍ବେ ମେଡିକାଲର ସର୍ଜରି ବିଭାଗ ୱାର୍ଡରୁ ଏଭଳି ସମାନ ସ୍ଥିତି ସାମାଜିକ ଗଣମାଧ୍ୟମରେ ଏକ ଭିଡିଓ ଭାଇରାଲ ହେବା ପରେ ମେଡିକାଲ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେବେ ବୋଲି କହିଥିଲେ। ହେଲେ ୨ ମାସ ବ୍ୟବଧାନ ପରେ ସମାନ ଚିତ୍ର ପୁରୁଣା ଭେଷଜ ବିଭାଗ ୱାର୍ଡରୁ ଦେଖିବାକୁ ମିଳିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ମେଡିକାଲ ଭାରପ୍ରାପ୍ତ ଅଧୀକ୍ଷକ ପ୍ରଫେସର ଡା. ଗୌତମ ଶତପଥୀ ଓ କୁଳସଚିବ ସୁବାଷ ରାଏଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।



ଏସ୍‌ସିବି ପୁରୁଣା ଭେଷଜ ବିଭାଗ ୱାର୍ଡରେ ଜଣେ ରୋଗୀଙ୍କୁ ତାରରେ ଝୁଲାଇ ସାଲାଇନ ଦିଆଯାଉଛି।

# ତୃପ୍ତିଶ୍ରୀ, ତାରାପ୍ରସାଦ ବେଷ୍ଟ ଗ୍ରାଜୁଏଟ୍

### ରେଭେନ୍‌ସା ବିଶ୍ୱବିଦ୍ୟାଳୟ ୟୁଜି ପରୀକ୍ଷାଫଳ

### ପୂର୍ବବର୍ଷଠାରୁ ୨.୯୫% ଅଧିକ ପାସ୍‌ହାର

କଟକ,୩।୬(କାର୍ତ୍ତିକ ସାହୁ)

ଚଳିତବର୍ଷ ରେଭେନ୍‌ଶା ବିଶ୍ୱବିଦ୍ୟାଳୟର ସ୍ନାତକ (ୟୁଜି) ପରୀକ୍ଷା ଫଳ ବେଶ ଉତ୍ସାହଜନକ ହୋଇଛି। ପରୀକ୍ଷା ଫଳ ୮୪.୧୦% ହୋଇଥିବା ବେଳେ ପାସ୍‌ହାର ପୂର୍ବବର୍ଷଠାରୁ ୨.୯୫% ଅଧିକ ରହିଛି। ଛାତ୍ରଙ୍କଠାରୁ ଛାତ୍ରୀଙ୍କ ଫଳାଫଳ ଭଲ ହୋଇଛି। ରେଗୁଲାର୍ କୋର୍ସରେ କମ୍ପ୍ୟୁଟର ସାଇନ୍ସର ତୃପ୍ତିଶ୍ରୀ ନନ୍ଦି ୯୦.୬୨% ଓ ପ୍ରଫେସନାଲ୍ କୋର୍ସରେ ଆଇଟିଏମ୍ ଛାତ୍ର ତାରାପ୍ରସାଦ ତ୍ରିପାଠୀ ୯୦.୬୮% ନମ୍ବର ରଖି ବେଷ୍ଟ ଗ୍ରାଜୁଏଟ୍ ହୋଇଛନ୍ତି।

ସୂଚନା ଅନୁସାରେ, ବିଶ୍ୱବିଦ୍ୟାଳୟରେ ସ୍ନାତକ ରେଗୁଲାର ଓ ପ୍ରଫେସ୍‌ନାଲ୍‌ର ମୋଟ ୨୬ଟି ପାଠ୍ୟକ୍ରମରେ ପରୀକ୍ଷା ଦେଇଥିବା ୧୩୪୮ଜଣଙ୍କ ମଧ୍ୟରୁ ୧୧୬୪ କୃତକାର୍ଯ୍ୟ ହୋଇଛନ୍ତି। ସ୍ନାତକର ୨୬ଟି ପାଠ୍ୟକ୍ରମରେ ୨୧ଟିରେ ଛାତ୍ରୀ ଟପ୍ପର ହୋଇଥିବା ବେଳେ ୫ଟିରେ ଛାତ୍ର ଟପ୍ପର ହୋଇଛନ୍ତି। ଟପ୍ପରମାନେ ହେଲେ ଉଦ୍ଭିଦ ବିଜ୍ଞାନରେ ରୋଜାଲିନ ରାଉତ, ରସାୟନ ବିଜ୍ଞାନରେ ଯାଜ୍ଞସେନୀ ବେଉରା, ବାଣିଜ୍ୟରେ ଫାରହଟ ତବସୁମ, କମ୍ପ୍ୟୁଟର ସାଇନ୍ସରେ ତୃପ୍ତିଶ୍ରୀ ନନ୍ଦୀ, ଅର୍ଥନୀତିରେ ଶ୍ୱେତାପୁଷ୍ପା ସମଦାର, ଶିକ୍ଷାରେ ଜ୍ୟୋତିପ୍ରକାଶ ରଣା, ଇଂଲିଶରେ ଆଦ୍ୟାଶା ପଣ୍ଡା, ଭୂଗୋଳରେ ଶ୍ରୀୟା ମିଶ୍ର, ଭୂବିଜ୍ଞାନରେ ଓମ୍ଫ୍ରୀ ବିଶ୍ୱାଳ, ହିନ୍ଦୀରେ ସୋନାଲିକା ନାୟକ, ଇତିହାସରେ ଦତ୍ତାତ୍ରେୟ ସ୍ୱାଇଁ, ଗଣିତରେ ପ୍ରିୟଙ୍କା ସାହୁ, ଓଡ଼ିଆରେ ଶ୍ରୀୟା ବାରିକ, ଫିଲୋସୋଫିରେ ବନାନି ଭୂୟାଁ, ପଦାର୍ଥ ବିଜ୍ଞାନରେ ସୁବ୍ରତ କୁମାର ସ୍ୱାଇଁ, ରାଜନୀତି ବିଜ୍ଞାନରେ ସୂର୍ଯ୍ୟସ୍ନାତା ପାତ୍ର, ମନୋବିଜ୍ଞାନରେ ଝିଲିକ ବାନାର୍ଜୀ, ସଂସ୍କୃତରେ ପ୍ରତିଭା ସାହୁ, ସୋସିଓଲୋଜିରେ ଉଜ୍ଜ୍ୱଳା ରାୟ, ପରିସଂଖ୍ୟାନରେ ଶ୍ରାବଣୀ ବାରିକ, ପ୍ରାଣୀବିଜ୍ଞାନରେ ରିତୁପର୍ଣ୍ଣା ଚଇନି, ବିବିଏରେ ସମ୍ପିତ ଶୁଭଙ୍କର ସାହୁ, ଆଇଏସ୍‌ଟିରେ ସବନମ ବେହେରା, ଆଇଟିଏମ୍‌ରେ ତାରା ପ୍ରସାଦ ମହାନ୍ତି, ବିଏ. ବିଏଡ୍‌ରେ ଶ୍ୱେତାଞ୍ଜଳି ଚୌଧୁରୀ ଏବଂ ବିଏସ୍‌ସି ବିଏଡ୍‌ରେ ଓମ୍ ଜ୍ୟୋତି ପ୍ରକାଶ ସାହୁ।

ସ୍ନାତକ ପାଠକ୍ରମରେ ଛାତ୍ରଙ୍କ ପାସ୍‌ହାର ୭୬.୭୯% ଓ ଛାତ୍ରୀଙ୍କ ପାସ୍‌ହାର ୯୦.୬୭% ରହିଛି। ସ୍ନାତକର ସମସ୍ତ ବିଭାଗରେ ମୋଟ ୧୧୬୪ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬୬୧ଜଣ ଛାତ୍ରୀ ଓ ୫୦୩ଜଣ ଛାତ୍ର ଅଛନ୍ତି। ସ୍ନାତକର ଆଇଟିଏମ୍‌ରେ ସର୍ବାଧିକ ୧୨୫ଜଣ ପରୀକ୍ଷା ଦେଇଥିବା ବେଳେ ୧୨୨ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ପରିସଂଖ୍ୟାନରେ ସର୍ବନିମ୍ନ ୪ଜଣ ପରୀକ୍ଷା ଦେଇଥିବା ବେଳେ ଜଣେ ପାସ୍ କରିଛନ୍ତି। ସ୍ନାତକ ବିଜ୍ଞାନରେ ପରୀକ୍ଷା ଦେଇଥିବା ୩୩୩ଜଣଙ୍କ ମଧ୍ୟରୁ ୨୫୬୭ଜଣ ଓ କଳାରେ ପରୀକ୍ଷା ଦେଇଥିବା ୫୪୮ଜଣଙ୍କ ମଧ୍ୟରୁ ୪୭୨ ଓ ବାଣିଜ୍ୟରେ ପରୀକ୍ଷା ଦେଇଥିବା ୨୫୬ଜଣଙ୍କ ମଧ୍ୟରୁ ୨୧୩ଜଣ କୃତକାର୍ଯ୍ୟ ହୋଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରଦତ୍ତ ସୂଚନାରୁ ଜଣାଯାଇଛି।



ତୃପ୍ତିଶ୍ରୀ ନନ୍ଦି



ତାରାପ୍ରସାଦ ତ୍ରିପାଠୀ

## ବରାଳରେ ଯୁବ କଳାକାରଙ୍କ ନାଟକ ମଞ୍ଚସ୍ଥ

କଟକ ସଦର,୩।୬(ସୁଶାନ୍ତ କୁମାର ଜେନା)

୪୨ ମୌଜାର ବରାଳଠାରେ ପଲ୍ଲୀଶ୍ରୀ କଳା ପରିଷଦ ଆନୁକୂଲ୍ୟରେ ରବିବାର ଓ ସୋମବାର ୨ ଦିନ ଧରି ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରଥମ ଦିବସରେ ନାଟ୍ୟକାର ନିହାର ରଞ୍ଜନ ମହାନ୍ତିଙ୍କ ରଚିତ ଓ ସମରେନ୍ଦ୍ର କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନାରେ କହ୍ନେଇ ରାଜା ମୋ ବାଇଦ ବଜା ନାଟକ କୂଳ ସରିଗୁଆଁ ଓ କଳପଡ଼ା ପଞ୍ଚାୟତର ଯୁବ କଳାକାରମାନେ ମଞ୍ଚସ୍ଥ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଆର୍ତ୍ତ ରଞ୍ଜନ ବିଶାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ନାଥ ବେହେରା, ବଂଶୀଧର ପରିଡ଼ା, ସୁଧାଂଶୁ ଶେଖର ବେଉରା, ସୁବାସ ଚନ୍ଦ୍ର ସାହୁ, ଜଗଦୀଶ ତ୍ରିପାଠୀ ଓ ଭାସ୍କର ବେଉରା ପ୍ରମୁଖ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ନାଟ୍ୟକାର କୈଳାଶ ମଲ୍ଲିକଙ୍କ ରଚିତ ନାଟକ କଇଁଚି କାକୁଡି ନଳିତା ପିତା ମଞ୍ଚସ୍ଥ କରାଯାଇଥିଲା। ଉଭୟ ନାଟକର ସହ ନିର୍ଦ୍ଦେଶକ ଭାବେ ପ୍ରଦୀପ୍ତ କୁମାର ବିଶ୍ୱାଳ ଦାୟିତ୍ୱ ନିର୍ବାହ କରିଥିଲେ।

## ଅଭିନବ ଢଙ୍ଗରେ ଲୋକଙ୍କୁ ସଚେତନ କଲେ କର୍ପୋରେଟର

କଟକ,୩।୬(ଶିକ୍ସା ପ୍ରିୟଦର୍ଶିନୀ)

ସିଏମ୍‌ସି ୱାର୍ଡ ନଂ. ୨୬ର କର୍ପୋରେଟର ତଥା ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଗଗନ ଓଝାଙ୍କ ନେତୃତ୍ୱରେ ଏକ ଅଭିନବ ଢଙ୍ଗରେ ଉକ୍ତ ୱାର୍ଡବାସୀଙ୍କୁ ଡଷ୍ଟବିନ ବଣ୍ଟନ କରାଯାଇଛି। ଏହାସହ କଟକ ସହରକୁ ସ୍ୱଚ୍ଛ ରଖିବାକୁ ହାତ ଯୋଡି ଅନୁରୋଧ କରାଯିବ ସହ ଏକ ସ୍ୱଚ୍ଛ ସହର ଭାବେ କଟକ ସହରକୁ ଗଢି ତୋଳିବାକୁ ଲୋକଙ୍କୁ ସଚେତନ କରାଯାଇଛି। ଏହି ଅଭିଯାନ ଭଗତପୁର ବଗଳା ଠାକୁରାଣୀ ମା'ଙ୍କ ମନ୍ଦିର ନିକଟରୁ ଆରମ୍ଭ ହୋଇ ଝୋଲା ସାହି, ନିମସାହି, ସେମିନାରୀ ଛକ, ହତିପୋଖରୀରେ ପହଞ୍ଚିଥିଲା। ଏ ନେଇ ଗଗନ କହିଛନ୍ତି, କିଛିଦିନ ପୂର୍ବେ କର୍ପୋରେଟରମାନେ ଇନ୍ଦୋର ଗସ୍ତ କରିଥିଲୁ। ସେଠାକାର ପ୍ରତିକୂଳ ପରିବେଶ ତଥା ସ୍ୱଚ୍ଛତାର ବିଭିନ୍ନ ଦିଗରେ ମଧ୍ୟପ୍ରଦେଶର ନଗର ଉନ୍ନୟନ ମନ୍ତ୍ରୀ ଏବଂ ଇନ୍ଦୋରର ମେୟରଙ୍କ ସହିତ ଆଲୋଚନା କରିଥିଲୁ। ମୁଖ୍ୟତଃ ନିଜ ସହରକୁ ଆମେ ନିଜେ ହିଁ ସୁନ୍ଦର ଭାବେ ଗଢ଼ି ତୋଳିବା ଏବଂ ଏହାର ଏକ ପ୍ରୟାସ ଆଜିଠାରୁ ଆରମ୍ଭ ହୋଇଥିବା ଓଝା କହିଛନ୍ତି। କାର୍ଯ୍ୟକ୍ରମରେ କଟକ ଏମ୍‌ପିଙ୍କ ସିଏମ୍‌ସିର ପ୍ରତିନିଧି ଜ୍ୟୋତି ରଞ୍ଜନ ରାୟ, ନିମସାହି ସମ୍ପାଦକ ହେମନ୍ତ ସେଠୀ, ପୂର୍ବତନ ସମ୍ପାଦକ ପ୍ରଦୀପ ମହାରଣା, ଝୋଲା ସାହି ଉପସଭାପତି ବିଶ୍ୱରଞ୍ଜନ ମିଶ୍ର, ଯୁବନେତା ଟିମା ବିଶୋଇ, ଭାଜପା ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ନାରାୟଣ ନାୟକ, ସଞ୍ଜୟ ଦାସ, ଚନ୍ଦନ ଦାସ, କେଶବ କୁଣ୍ଟୁ, ତପନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




କଟକ ସହରକୁ ସ୍ୱଚ୍ଛ ରଖିବା ପାଇଁ ମଙ୍ଗଳବାର ସିଏମ୍‌ସି ୱାର୍ଡ ନଂ-୨୬ କର୍ପୋରେଟର ଗଗନ ଓଝାଙ୍କ ନେତୃତ୍ୱରେ ଭଗତପୁର ମା' ବଗଳା ଠାକୁରାଣୀ ମନ୍ଦିର ନିକଟରେ ସାଧାରଣ ଲୋକଙ୍କୁ ଡଷ୍ଟବିନ୍ ବଣ୍ଟନ କରାଯାଉଛି।

## ଭାଗବତ ସପ୍ତାହ ପ୍ରସ୍ତୁତି ବୈଠକ



ଭାଗବତ ସପ୍ତାହ ପ୍ରସ୍ତୁତି ବୈଠକରେ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

ଚୌଦ୍ୱାର,୩।୬(ଆଶୁତୋଷ ଦାସ)

ପବିତ୍ର ଗୁରୁ ପୂର୍ଣ୍ଣିମା ଉପଲକ୍ଷେ ଚୌଦ୍ୱାର ଓଟିଏମ୍ କଲୋନୀ ନିକଟସ୍ଥ ବୈକୁଣ୍ଠନାଥ ଆଶ୍ରମରେ ଭାଗବତ ସପ୍ତାହ ଓ ପାରାୟଣ ପାଇଁ ପ୍ରସ୍ତୁତି ବୈଠକ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ କମିଟି ସଭାପତି କୃଷ୍ଣ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆଶ୍ରମ ପରିସରରେ ଅନୁଷ୍ଠିତ ବୈଠକରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଯୋଗଦେଇ ଅନୁଷ୍ଠାନର ଏହି କାର୍ଯ୍ୟକ୍ରମ ପାଇଁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆସନ୍ତା ଜୁଲାଇ ୧୦ରୁ ୧୭ତାରିଖ ପର୍ଯ୍ୟନ୍ତ ଭାଗବତ ସପ୍ତାହ ଓ ପାରାୟଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସ୍ଥାନୀୟ କାଉନସିଲର ଦିଲୀପ ସାହୁ ପ୍ରମୁଖ ଯୋଗଦେଇ ଏହି ଆଧାତ୍ମିକ କାର୍ଯ୍ୟରେ ପୌରପାଳିକା ପକ୍ଷରୁ ସହଯୋଗ କରାଯିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ପାଦକ ରାଜକିଶୋର ସାମନ୍ତ, ଉପସଭାପତି ବିଜୟ ଅରିସଲ, ସନ୍ତୋଷ କୁମାର ଧର, ଅଜୟ କୁମାର ସାହୁ, ନାରାୟଣ ସ୍ୱାଇଁ, ଅଜୟ କୁମାର ଦାସମହାପାତ୍ର, ରାଜେନ୍ଦ୍ର ପ୍ରଧାନ, ବିଭୁତି ଭୂଷଣ ଦାସ, କିଶୋର ଷଣ୍ଢ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ୨୬ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନ ପରିକ୍ରମା କରିବ

### ମାଦକ ଦ୍ରବ୍ୟ ବିରୋଧୀ ସଚେତନତା ରଥ ଶୁଭାରମ୍ଭ

କଟକ,୩।୬(କାର୍ତ୍ତିକ ସାହୁ)

ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକ ଦ୍ରବ୍ୟ ବିରୋଧୀ ଜନସଚେତନା ସୃଷ୍ଟି ଉଦ୍ଦେଶ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକ ସଚେତନତା ରଥର ଶୁଭାରମ୍ଭ ମଙ୍ଗଳବାର କରାଯାଇଛି। ଭାରପ୍ରାପ୍ତ ଜିଲାପାଳ ଶିବ ଟପୋ, ଅତିରିକ୍ତ ଜିଲାପାଳ ଡ. ଦିବ୍ୟଲୋଚନ ମହନ୍ତ, ଅତିରିକ୍ତ ଜିଲାପାଳ ଡ. ଇପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀ ପ୍ରମୁଖ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ବିଭିନ୍ନ ମାଦକ ତଥା ଅପମିଶ୍ରିତ ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଜନସାଧାରଣଙ୍କୁ ଅବଗତ କରିବା ସହିତ ଅପମିଶ୍ରିତ, ବିଷାକ୍ତ ଏବଂ ଚୋରାମଦ କାରବାର ରୋକିବା ଲାଗି ଜିଲାବ୍ୟାପୀ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତି ବ୍ଲକରେ ଗୋଟିଏ ଲେଖାଏଁ ରଥ ଓ କଟକ ମହାନଗର ନିଗମ ଅଞ୍ଚଳରେ ଦୁଇଟି ରଥ ପରିକ୍ରମା କରିବ। ଆମ ସଙ୍କଳ୍ପ ନିଶା ନୁହେଁ ଜୀବନ ଅଭିଯାନକୁ ପ୍ରତ୍ୟେକ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ଜିଲା ଅବକାରୀ ବିଭାଗ ପକ୍ଷରୁ ଏହି ଅଭିଯାନ ଆରମ୍ଭ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଏହି ରଥ ବିଭିନ୍ନ ସ୍ଥାନ ପରିକ୍ରମା କରିବ। ଏଥିସହ ବିଭାଗ ପକ୍ଷରୁ ପାଲା, ଦାସକାଠିଆ ଆଦି ମାଧ୍ୟମରେ ପଥପ୍ରାନ୍ତ ନାଟକ, ସଚେତନତା ସଭା, ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିବିଧ ପ୍ରତିଯୋଗିତା ଓ ସ୍ୱାସ୍ଥ୍ୟ ଶିବିର, ଯୋଗ ଶିବିର, ରାଲି ଆଦି ଆୟୋଜନ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଅବକାରୀ ଉପଅଧୀକ୍ଷକ ଅରୂପା ପାଣିଗ୍ରାହୀ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, କଟକ ସଦର ଅବକାରୀ ନିରୀକ୍ଷକ କମଳ ଲୋଚନ ପାଇକରାୟ, ଅବକାରୀ ମୋବାଇଲ ୟୁନିଟ ନିରୀକ୍ଷକ ଅଭିରାମ ସାହୁଙ୍କ ସମେତ କାର୍ଯ୍ୟାଳୟର ବିଭିନ୍ନ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।



ମାଦକ ଦ୍ରବ୍ୟ ବିରୋଧୀ ସଚେତନତା ରଥ ଶୁଭାରମ୍ଭ କରାଯାଉଛି।

### ଫଟୋରେ ଖବର



ମକରବାଗ ସାହି କେନାଲ ରୋଡ୍ ପାର୍ଶ୍ୱରୁ ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ ଆରମ୍ଭ।




କଟକ ଶୈଳବାଳା ମହିଳା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପାର୍ଶ୍ୱରେ ଥିବା ମଧୁସୂଦନ ସଂଗ୍ରହାଳୟ ଗେଟ୍ ସମ୍ମୁଖରେ ଉଠା ଦୋକାନୀଙ୍କ ପସରା।

(ଫଟୋ: ରାଜକିଶୋର ମହାନ୍ତି)

## ସଂକ୍ଷେପରେ

### ବନ୍ଧୁକ ଦେଖାଇ ଅଳଙ୍କାର ଲୁଟ୍

ସାଲେପୁର,୩।୬(ଅରବିନ୍ଦ ଭୂୟାଁ)– ସାଲେପୁର ଥାନା ଅନ୍ତର୍ଗତ ଟେରୋଳ-ନାଦୋଳ ରାସ୍ତା ପାର୍ଶ୍ୱରେ ଥିବା ଜଣେ ଶିକ୍ଷୟିତ୍ରୀଙ୍କ ଘରୁ ଦୁର୍ବୃତ୍ତମାନେ ସୋମବାର ବିଳମ୍ବିତ ରାତିରେ ଟଙ୍କା ଓ ଅଳଙ୍କାର ଲୁଟି ନେଇଥିବା ଅଭିଯୋଗ ହୋଇଛି। ଲୁଟର ଶିକାର ହୋଇଥିବା ମହିଳା ମାନି ସିଂହ ଏନେଇ ମଙ୍ଗଳବାର ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୨୪୩/୨୫) ରୁଜୁ କରି ତଦନ୍ତ ଚଳାଉଛି। ଅଭିଯୋଗ ଅନୁଯାୟୀ, ମାନି ସୋମବାର ରାତିରେ ପରିବାର ଲୋକଙ୍କ ସହିତ ଘରେ ଶୋଇଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ ତାଙ୍କ ଘରର ଛାତ ଉପରେ ଚଢି ଭିତରେ ପଶିଥିଲେ। ପରେ ତାଙ୍କ ପରିବାର ଲୋକଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭୀତ କରିବା ସହ ଘରେ ଥିବା ୪୦ରୁ ଊର୍ଦ୍ଧ୍ୱ ଗ୍ରାମର ସୁନାଅଳଙ୍କାର ଓ ୧୫ରୁ ୨୦ ହଜାର ଟଙ୍କା ଲୁଟି ନେଇ ଚମ୍ପଟ ମାରିଛନ୍ତି।

### ମହାବିଦ୍ୟାଳୟ ଅଧକ୍ଷଙ୍କୁ ସମ୍ବର୍ଦ୍ଧନା

ସାଲେପୁର, ୩।୬(ଅରବିନ୍ଦ ଭୂୟାଁ)– ସାଲେପୁର ବ୍ଲକସ୍ଥିତ ବନ୍ଧୁଗ୍ରାମ ଯୁକ୍ତ ଦୁଇ ମହାବିଦ୍ୟାଳୟ ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ମିଶ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଅଧ୍ୟାପିକା ଡ. ମୋନାଲିସା ମିଶ୍ରଙ୍କ ସଂଯୋଜନାରେ ମହାବିଦ୍ୟାଳୟର ଗଣିତ ବିଭାଗ ଅଧ୍ୟାପକ ଗିରିଧାରୀ ପୃଷ୍ଟି, ବରିଷ୍ଠ କର୍ମଚାରୀ ପର୍ଶୁରାମ ରାଉତଙ୍କ ମଧ୍ୟ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଦାୟ ନେଉଥିବା ଅଧକ୍ଷ, ଅଧାପକ ଓ କର୍ମଚାରୀମାନଙ୍କ ନିଷ୍ଠାପର କାର୍ଯ୍ୟଦକ୍ଷତାକୁ ସମସ୍ତେ ପ୍ରଶଂସା କରିଥିଲେ। ସେହିପରି ନୂତନ ଅଧକ୍ଷ ଭାବେ ଦାୟିତ୍ୱ ନେବାକୁ ଯାଉଥିବା ଶାନ୍ତନୁ ନାରାୟଣ ପଟ୍ଟନାୟକ ଯୋଗଦେଇ ବିଦାୟୀ ଅଧକ୍ଷ ଓ ଅଧ୍ୟାପକ ତଥା କର୍ମଚାରୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଅଧ୍ୟାପିକା ମଞ୍ଜୁଲତା ମଲ୍ଲ, ତପସ୍ୱିନୀ ପଟ୍ଟନାୟକ, ଅଧ୍ୟାପକ ଜ୍ୟୋତିରଞ୍ଜନ ମହାନ୍ତି ମାନପତ୍ର ପାଠ କରିଥିବାବେଳେ ଅଧ୍ୟାପିକା ମମତା ଶତପଥୀ ଧନ୍ୟବାଦ୍ ଦେଇଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରିଣୀ ତଥା ପ୍ରଧାପିକା ନିରୁପମା ମିଶ୍ର ନୂତନ ଅଧକ୍ଷ ଶାନ୍ତନୁ ନାରାୟଣ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ କର୍ମଚାରୀ ଓ ପୂର୍ବତନ କର୍ମଚାରୀମାନେ ପରିଚାଳନା କରିଥିଲେ।

### ବିକଶିତ କୃଷି ସଂକଳ୍ପ ଅଭିଯାନ

ବାଙ୍କୀ,୩।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର)– ଡମପଡା ବ୍ଲକ ଅନ୍ତର୍ଗତ ପାଟପୁରରେ ବିକଶିତ କୃଷି ସଂକଳ୍ପ ଅଭିଯାନ ଆରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ନୂତନ ପ୍ରଯୁକ୍ତି ବିଦ୍ୟା ଓ ସରକାରୀ ସୂଚନା ପ୍ରଦାନ କରାଯାଉଛି। ପ୍ରକାଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ୩୮ନମ୍ବର ଜିଲା ପରିଷଦ ସଦସ୍ୟ ଆଶିଷ କୁମାର ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ଜୋନ ଜିଲାପରିଷଦ ସଦସ୍ୟା ମିନତି ମହାପାତ୍ର, ଡମପଡା ସରପଞ୍ଚ କୁସୁମ କୁମାରୀ ଧଳ, ବୈଜ୍ଞାନିକ ଡ. ସଙ୍ଗୀତା ମହାନ୍ତି, ଡ. ରମେଶ ଚନ୍ଦ୍ର ମିଶ୍ର, ଉଦୟ କୁମାର, ମତ୍ସ୍ୟ ଅଧିକାରୀ ନର୍ମଦା, ଆତ୍ମା କମିଟି ଅଧ୍ୟକ୍ଷ ସଞ୍ଜୟ ମହାରଣା, ପ୍ରାଣୀ ଚିକିତ୍ସକ ତନ୍ମୟୀ ପଟ୍ଟନାୟକ ଯୋଗଦେଇଥିଲେ।

### ଦଧିବାମନଜୀଉ ବିଦ୍ୟାପୀଠରେ ଚାରାରୋପଣ

ତିଗିରିଆ,୩।୬( ଜାଫର ଖାଁ ) ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ପଞ୍ଚାୟତର ଅଗ୍ରଣୀ ଅନୁଷ୍ଠାନ ରୟାଲ ଡାଇମଣ୍ଡ କ୍ଲବ ପକ୍ଷରୁ ଦଧିବାମନଜୀଉ ବିଦ୍ୟାପୀଠ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ଦୀପକ କୁମାର ବେହେରା, ଉପସଭାପତି ଅସିତ କୁମାର ନାୟକ, ସମ୍ପାଦକ ଆକାଶ କୁମାର ବେହେରା, ସହ ସମ୍ପାଦକ ବିକାଶ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ସଦସ୍ୟ ଚାରାରୋପଣ କରିବା ସହ ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ।

ସେହିପରି ଅନୁଷ୍ଠାନର ଅନ୍ୟ ସଦସ୍ୟ ସୌମ୍ୟଜିତ ସାହୁ, ଜନାର୍ଦ୍ଦନ ରାଉତ, ରାକେଶ ବେହେରା, ରଞ୍ଜନ ବାରିକ, ନିତ୍ୟାନନ୍ଦ ରାଉତ, ସୋମନାଥ ସାହୁ, ପ୍ରଶାନ୍ତ ପ୍ରଧାନ, କ୍ଷୀତିଶ ପ୍ରଧାନ, ସୌମ୍ୟ ସମରେଶ ପ୍ରଧାନ, ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ହାଇୱା ଧକ୍କାରେ ଜଣେ ମୃତ, ରାସ୍ତାରୋକୋ



ଉତ୍ତେଜିତ ଲୋକେ ରାସ୍ତାରୋକୋ କରିଛନ୍ତି।

**ବାଙ୍କୀ,୩।୬ (ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)**

ବାଙ୍କୀ ଥାନା ଅନ୍ତର୍ଗତ ଡ଼ିଁପର ପଞ୍ଚାୟତସ୍ଥ ବାଙ୍କୀ-ଖୋର୍ଦ୍ଧା-ଭୁବନେଶ୍ୱର ରାସ୍ତାରେ ମଙ୍ଗଳବାର ଭୋର ସମୟରେ ଏକ ବାଲିବୋଝେଇ ହାଇୱା ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଡ଼ିଁପର ଗ୍ରାମର ଭାମସେନ ପ୍ରଧାନ। ଏହାକୁନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୁର୍ଘଟଣା ଘଟାଇଥିବା ହାଇୱାକୁ ଜବତ କରିବା ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଉତ୍ତେଜିତ ଲୋକମାନେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ସୂଚନା ଅନୁଯାୟୀ, ଭାମସେନ ଭୋରରୁ ଡ଼ିଁପର ଶୂନ୍ୟ ଆଶ୍ରମ ପାଖ ଆଡ଼ି ପୋଖରୀରୁ ଶୌଚ ହୋଇ ଘରକୁ ଫେରୁଥିବାବେଳେ ବାଙ୍କୀ ପଟୁ ଏକ ବାଲି ବୋଝେଇ ହାଇୱା(ନଂ. ଓଡି୦୨ସି-୩୯୧୧) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ହାଇୱା ପଳାଇ ଯାଇଥିଲା। ଘଟଣା ସମ୍ପର୍କରେ ଗ୍ରାମବାସୀ ଜାଣିବା ପରେ ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାରେ ଯାନବାହନ ଅଟକି ରହିଥିଲା। ଖବରପାଇ ବାଙ୍କୀ ଥାନା ଅଧିକାରୀ ଦିଲ୍ଲୀପ କୁମାର ମର୍ଦ୍ଦରାଜ ଭୂୟାଁ, ପୋଲିସ ଉପଖଣ୍ଡ ଅଧିକାରୀ ବାଳକୃଷ୍ଣ କଅଁର, ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ମୃତକଙ୍କ ପରିବାରକୁ ରେଡ଼କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ବାଙ୍କୀ ପୋଲିସ ତନାଘନା କରି ଦୁର୍ଘଟଣା ଘଟାଇଥିବା ହାଇୱାକୁ ବାଘମାରୀ ଥାନା ଅନ୍ତର୍ଗତ ସାଉଥ ଗ୍ରାମପାରେ ଠାବ କରି ଥାନାକୁ ଆଣିଥିଲା। ଏନେଇ ଭାମସେନଙ୍କ ସ୍ତ୍ରୀ ଅମରା ବାଙ୍କୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୯୪/୨୫) ରୁଜୁ କରି ତଦନ୍ତ ଚଳାଇଥିବା ଆଇଆଇସି ଭୂୟାଁ କହିଛନ୍ତି। ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବାଲୁଙ୍କେଶ୍ୱରଙ୍କ ବାର୍ଷିକ ଉତ୍ସବ

**ବାଙ୍କୀ,୩।୬ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

ଡମପଡା ବ୍ଲକ ଅନ୍ତର୍ଗତ ଗୁଲଣାପୁର ଗ୍ରାମର ବାବା ବାଲୁକେଶ୍ୱରଙ୍କ ୧୬୨ତମ ବାର୍ଷିକ ଉତ୍ସବ ଶୀତଲଷଷ୍ଠୀ ଅବସରରେ ଅନୁଷ୍ଠିତ ହୋଇଯାଇଛି।



ବାର୍ଷିକ ଉତ୍ସବରେ ଅନୁଷ୍ଠାନ ପକ୍ଷରୁ ନାଟ୍ୟ ବହି ପୂଜା କରାଯାଉଛି।

ଏହି ଅବସରରେ ନାଟକ କାନ୍ଦନା ଲୁହ ସରିଯିବ ମଞ୍ଚସ୍ଥ ହୋଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି କିଷନ ମହାପାତ୍ର, ସମ୍ପାଦକ ବ୍ରଜବନ୍ଧୁ ନାୟକ, ନିର୍ଦ୍ଦେଶକ ସରୋଜ ବେହେରା, ନାଟ୍ୟକାର ଡ. ଦୀପକ ଜେନା, ପୂର୍ବତନ ସରପଞ୍ଚ ସୁନୀଲ ସାହୁ, ସମର କେଶରୀ ମହାପାତ୍ର, ବିଚିତ୍ରାନନ୍ଦ ମହାପାତ୍ର, ସୁଶାନ୍ତ ସାହୁ, ବାବୁଲି ପରିଡା, ସଂକ୍ଷିପ୍ତ ନାୟକ, ଚିନ୍ମୟ ରଞ୍ଜନ ଚୌଧୁରୀ, ସିପୁନ ନାୟକ, ପ୍ରଶାନ୍ତ ପରିଡା, ଭ୍ରମର ସାହୁ, କାଳିଆ ରଣା ପ୍ରମୁଖ ସହଯୋଗ କରିବା ସହିତ ନାଟ୍ୟ ବହି ପୂଜା କରିଥିଲେ।

# ମାଟ୍ରିକ୍ ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ଖୁଣ୍ଟୁଣୀ,୩।୬(ସଚ୍ଚିଦାନନ୍ଦ ପଣ୍ଡା)**

ଖୁଣ୍ଟୁଣୀ ଥାନା ଅଧୀନ ଘଣ୍ଟିଖାଲସ୍ଥିତ ଆରତୀ ଷ୍ଟିଲ କାରଖାନା ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଶିକ୍ଷା କ୍ଷେତ୍ରରେ ଉତ୍ସାହିତ କରିବା ପାଇଁ ମଙ୍ଗଳବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ଏ-୧ ରେ ପାସ କରିଥିବା ଟାଙ୍ଗୀ-ଚୌଦ୍ୱାର ବ୍ଲକ କଖଡ଼ି ନୋଡାଲ ହାଇସ୍କୁଲର ଛାତ୍ର ଅମିତ କୁମାର ସାହୁ ଓ ଘଣ୍ଟିଖାଲ ପଞ୍ଚାୟତ ହାଇସ୍କୁଲ ଛାତ୍ରୀ ଶ୍ରାବଣୀ ଦାସଙ୍କୁ ମେଧାବୀ ସମ୍ବର୍ଦ୍ଧନାରେ ସମ୍ବର୍ଦ୍ଧିତ କରାଯାଇଛି। କାରଖାନା ପକ୍ଷରୁ ପ୍ରଥମଥର ପାଇଁ ଆରତୀ ଗେଷ୍ଟ ହାଉସ ସମ୍ମିଳନୀ କକ୍ଷରେ ଆୟୋଜିତ ମେଧାବୀ ସମ୍ବର୍ଦ୍ଧନା ଉତ୍ସବରେ ଆରତୀ ଷ୍ଟିଲ କାରଖାନା ପକ୍ଷରୁ ବରିଷ୍ଠ ପ୍ରଶାସନିକ ଅଧିକାରୀ ଅଶୋକ କୁମାର ପଟ୍ଟନାୟକ ଯୋଗଦେଇ ମେଧାବୀ ଛାତ୍ରୀଛାତ୍ରମାନେ ଆମ ଦେଶ ତଥା ଜାତିର ଗୌରବ ବୋଲି କହିବା ସହିତ ଆଜିର ପ୍ରତିଯୋଗିତା ମୂଳକ ସମାଜରେ ସେମାନେ ଏକାଗ୍ରତା ମନୋଭାବ ଓ ଦୃଢ଼ ମନୋବଳ ରଖି




କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

କର୍ତ୍ତବ୍ୟ ପରାୟଣ ହୋଇ ନିଜର ଲକ୍ଷ୍ୟ ସ୍ଥଳରେ କିଭଳି ପହଞ୍ଚିବାକୁ ପ୍ରେରଣା ଦେଇଥିଲେ। ଆଗାମୀ ଦିନରେ ସ୍ଥାନୀୟ ଅଞ୍ଚଳର ବିଦ୍ୟାର୍ଥୀମାଙ୍କ ଭିତରେ ଉତ୍ସାହ ବୃଦ୍ଧି ଓ ଅଧିକ ମେଧାବୀ ଛାତ୍ର ସୃଷ୍ଟି ପାଇଁ କମ୍ପାନୀ ପକ୍ଷରୁ ଏବେଠାରୁ ପ୍ରୟାସ କରାଯିବ ବୋଲି ପଟ୍ଟନାୟକ କହିଥିଲେ। ଏଥିରେ ଘଣ୍ଟିଖାଲ ହାଇସ୍କୁଲ ପ୍ରଧାନଶିକ୍ଷକ ହରେକୃଷ୍ଣ ବିଶ୍ୱାଳ, କଖଡ଼ି ହାଇସ୍କୁଲର ବରିଷ୍ଠ ଶିକ୍ଷକ ହେମନ୍ତ କୁମାର ସାହୁ, ଖବରଦାତା ଶ୍ୱେତକାନ୍ତ ବେହେରା ପ୍ରମୁଖ ଯୋଗଦେଇ ମେଧାବୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ସୁସ୍ଥ ସମାଜ ଗଠନରେ ସେମାନେ ବ୍ରତୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଶେଷରେ ଆରତୀ ଷ୍ଟିଲ ଏଜିଏମ କୃଷ୍ଣଚନ୍ଦ୍ର ସାହୁ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। କମ୍ପାନୀର ଏଭିପି ପଟ୍ଟନାୟକ ଓ ଏଜିଏମ ସାହୁ ମାଟ୍ରିକ ମେଧାବୀ ଶ୍ରାବଣୀ ଓ ଅମିତଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏଥିସହିତ ମେଧାବୀଙ୍କ ପ୍ରଧାନଶିକ୍ଷକ ଓ ଅଭିଭାବକମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ମାନବ ସମ୍ବଳ ବିଭାଗ ଅଧିକାରିଣୀ ଅନିତା ମିଶ୍ର ସଂଯୋଜନା କରିଥିଲେ। କାରଖାନାର ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ଶରତ କୁମାର ନିଶାଙ୍କ ପରିଚାଳନାରେ ସହଯୋଗ କରିଥିଲେ।

# ଟାଏକୋଣ୍ଡୋ ଏରିନାରେ ରୁଦ୍ରଙ୍କୁ ୨ ରୌପ୍ୟ

**ତ୍ରିଶୂଳିଆ,୩।୬(ତୁଷାରକାନ୍ତ ବେହେରା)**

ଶ୍ରୀଶ୍ରୀ ୟୁନିଭର୍ସିଟି ଛାତ୍ର ତଥା ଜଣେ ଅନ୍ତର୍ଜାତୀୟ ଟାଏକୋଣ୍ଡୋ ଖେଳାଳି ରୁଦ୍ରନାରାୟଣ ବେହେରା ନିକଟରେ ନେପାଳର କାଠମାଣ୍ଡୁରେ ଆୟୋଜିତ 'ଏସୀୟ ମାର୍ଶାଲ ଆର୍ଟ୍ସ କ୍ରୀଡ଼ା'ରେ ୨ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି କ୍ରୀଡ଼ାରେ ସମଗ୍ର ଏସିଆ ମହାଦେଶର ବିଭିନ୍ନ ଦେଶରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ତେବେ ଭାରତରୁ ପ୍ରତିନିଧିତ୍ୱ କରି ରୁଦ୍ରନାରାୟଣ ବ୍ୟକ୍ତିଗତ ୩୦ ବର୍ଷରୁ କମ୍ ବରିଷ୍ଠ ବର୍ଗ (ପୁମ୍‌ସେ) ଏବଂ ୫୮ କେଜିରୁ କମ୍ ବରିଷ୍ଠ (କ୍ୟୁରୋଗୀ) ବର୍ଗରେ ସମ୍ପୃକ୍ତ ୨ଟି ରୌପ୍ୟ ପଦକ ଜିତିଛନ୍ତି। ଏନେଇ ରୁଦ୍ର କହିଛନ୍ତି, ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିବା ଏକ ନିଆରା ଅନୁଭବ ଏବଂ ଏଥିରେ ପଦକ ଜିତି ଭାରତୀୟ ଜାତୀୟ ପତାକାକୁ ଟେକି ଧରିବାରେ ତାଙ୍କୁ ଅନିର୍ବଚନୀୟ ଆନନ୍ଦ ମିଳିଥିଲା। ରୁଦ୍ର ବର୍ତ୍ତମାନ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ କମ୍ପ୍ୟୁଟର ବିଜ୍ଞାନ ବିଷୟରେ ବି.ଟେକ୍. ପଢୁଛନ୍ତି। ତାଙ୍କର ଏହି ସଫଳତାପାଇଁ ସବୁଆଡୁ ଶୁଭେଚ୍ଛା ମିଳୁଛି।



ପରାକ୍ରମ ଶୋଭାଯାତ୍ରାରେ ସାମିଲ ହୋଇଥିବା ଭାଜପା କର୍ମୀମାନେ।

# ପରାକ୍ରମ ଶୋଭାଯାତ୍ରା

**ବାଙ୍କୀ,୩।୬(ଜ୍ଞାନେନ୍ଦ୍ର ମୋହନ ମିଶ୍ର / ଶୁଭେନ୍ଦୁ ମହାପାତ୍ର )**

ବାଙ୍କୀ ବ୍ରହ୍ମପୁରା ମଣ୍ଡଳ ଅନ୍ତର୍ଗତ ବ୍ରହ୍ମପୁରା ପଞ୍ଚାୟତ ଭାରତୀୟ ଜନତା ପାର୍ଟି ତରଫରୁ ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ନେତୃତ୍ୱରେ ବୀର ଯବାନ ମାନଙ୍କ ଅଦମ୍ୟ ସାହାସକୁ ସମ୍ମାନ ଜଣାଇ ଅପରେଶନ ସିନ୍ଦୂର ଉଦ୍ଦେଶ୍ୟରେ ସୋମବାର ଏକ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରାରେ ମଣ୍ଡଳ ସଭାପତି ବିଜୟ ବରାଡ, ମଣ୍ଡଳ ପ୍ରଭାରୀ ସୁଶାନ୍ତ କୁମାର ଭଞ୍ଜ, ଆଇନଜୀବୀ ଦେବାଶିଷ ମାନସିଂ, ନଗରମଣ୍ଡଳ ସାଂସଦ ପ୍ରତିନିଧି ସରୋଜ ସାମନ୍ତରାୟ, ରାଧାମଣି ଜେନା, ରବିନ୍ଦ୍ର କୁମାର ରାଉତ, ସୁରେନ୍ଦ୍ର ରାଉତ, ବିକ୍ରମାଦିତ୍ୟ ରାଉତ, ରଜନୀ ରାଉତଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ।

# ଶିକ୍ଷା, ପାନୀୟ, ବିଦ୍ୟୁତ୍ ଯୋଗାଣକୁ ଗୁରୁତ୍ୱ

## ତିଗିରିଆ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ

**ତିଗିରିଆ,୩।୬(ଜାଫର ଖାଁ ) :**




ବୈଠକରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପଞ୍ଚାୟତ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

ତିଗିରିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ମଙ୍ଗଳବାର ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ସନ୍ଧ୍ୟାରାଣୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଉପାଧକ୍ଷ ମାନସ କୁମାର ସାହୁ, ୨ ଜିଲା ପରିଷଦ ସଭ୍ୟ ସସ୍ମିତା ରାଉତ ଓ ସଞ୍ଜୟ କୁମାର ମଲ୍ଲିକ, ଏମ୍‌ପିଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ, ବିଡିଓ ମନସ୍ୱିନୀ ଦାସ, ଏବିଡିଓ ଯାଜ୍ଞସିନୀ ଗୋଛାୟତ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ସାହୁ, ଜିପିଡିଓ ବନ୍ଦନା ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଏସ୍‌ଡିପିଓ ବିଶ୍ୱଜିତ୍ ମହାନ୍ତି, ତିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କ ନେତୃତ୍ୱରେ ବ୍ଲକ କାର୍ଯ୍ୟାଳୟ ପରିସର ଓ ପାଞ୍ଚଗାଁ ବଜାରରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

ବୈଠକରେ ବ୍ଲକର ବିଭିନ୍ନ ସମସ୍ୟା ସମ୍ପର୍କରେ ଉପସ୍ଥିତ ଜନପ୍ରତିନିଧିମାନେ ବିଧାୟକ ସ୍ୱାଇଁଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକର ସମସ୍ତ ପଞ୍ଚାୟତର ଗାଁଗୁଡ଼ିକରେ ପୂର୍ବରୁ ଲାଗିଥିବା ଷ୍ଟ୍ରିଟଲାଇଟଗୁଡିକ ଅଚଳ ଥିବା ନେଇ ଜେମାଦେଇପୁର ସରପଞ୍ଚଙ୍କ ପ୍ରତିନିଧି ସଂସାରୀ ବେହେରା, ନୂଆପାଟଣା ସରପଞ୍ଚ ସୋମନାଥ ଦାସ ଅଭିଯୋଗ କରିଥିଲେ। ଏଭଳିସ୍ଥିତିରେ ବିଦ୍ୟୁତ ବିତରଣ କମ୍ପାନୀ ବିଲ ଆଦାୟ କରିବାରେ ବ୍ୟସ୍ତ ବୋଲି ଅଭିଯୋଗ ହୋଇଥିଲା। ପାଞ୍ଚବର୍ଷୀୟ ବିକଶିତ ଗାଁ ବିକଶିତ ଓଡ଼ିଶା ଅନ୍ତର୍ଗତ ପ୍ରକଳ୍ପ, ବର୍ଷା ଦିନିଆ ପ୍ରକଳ୍ପ ସହ ରାସନ କାର୍ଡ ସମ୍ବନ୍ଧୀୟ ଅବ୍ୟବସ୍ଥା, ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ୮୦ ବର୍ଷୀୟ ବୃଦ୍ଧାବୃଦ୍ଧ କିଭଳି ଭାବେ ବର୍ଦ୍ଧିତ ଭତ୍ତାପାଇବେ ସେନେଇ ପଦକ୍ଷେପ ନେବାପାଇଁ ଦାବି କରାଯାଇଥିଲା। ମେଗା ପାନୀୟ ଜଳ ପ୍ରକଳ୍ପରେ ବ୍ଲକର ବିଭିନ୍ନ ଗ୍ରାମରେ ଠିକାଦାରମାନେ ମନଇଚ୍ଛା ଗ୍ରାମ ରାସ୍ତା ଖୋଳି ଦେଉଥିବାରୁ ଗ୍ରାମବାସୀ ସମସ୍ୟା ଭୋଗୁଥିବା କୁହାଯାଇଥିଲା। ବାଲିପୁଟ ପଞ୍ଚାୟତର ସରପଞ୍ଚ ରଞ୍ଜନ ସୁତାର ଅଭିଯୋଗ କରିଥିଲେ ଯେ, ପଞ୍ଚାୟତର ବିଭିନ୍ନ ଉନ୍ନୟନ ଯୋଜନାରେ ହିତାଧିକାରୀ ଚୟନ କରି ପଞ୍ଚାୟତ ତରଫରୁ ଦିଆଯାଇଥିଲେ ମଧ୍ୟ ସେମାନଙ୍କ ନାମକୁ ବାଦ୍ ଦିଆଯାଇଛି। ଏଥିସହ ସାମ୍ଭାବ୍ୟ ବନ୍ୟା, ବଜ୍ରପାତର ମୁକାବିଲା, ବର୍ଷାଦିନେ ସାପ କାମୁଡ଼ା ସମସ୍ୟାର ମୁକାବିଲା ନେଇ ଆଲୋଚନା ହୋଇଥିଲା। ଲୋକଙ୍କ ସହାୟତା ପାଇଁ ବ୍ଲକର ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ ସହ ବ୍ଲକ ମୁଖ୍ୟ ଚିକିତ୍ସାଧିକାରୀ ଓ ସମିତି ଅଧକ୍ଷା କମିଟିରେ ରହିବେ ବୋଲି ଆଲୋଚନା ହୋଇଥିଲା। ଆଗାମୀ ଦିନରେ କୋଭିଡ୍ କିମ୍ବା ଡେଙ୍ଗୁ ରୋଗଜନିତ ସମସ୍ୟା ସୃଷ୍ଟି ହେଲେ ଏହାର ମୁକାବିଲା ପାଇଁ ବ୍ଲକରେ ଏକ ସ୍ୱତନ୍ତ୍ର ଟିମ ଗଠନ ପାଇଁ ନିଷ୍ପତ୍ତି ହୋଇଥିଲା। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ବ୍ଲକରେ ଏ-୧ ପାଇଥିବା ଛାତ୍ରୀଛାତ୍ରଙ୍କ ପାସ୍ ହାର ହ୍ରାସ ଘଟିଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିସହିତ ବ୍ଲକର ପ୍ରତ୍ୟେକ ଉଚ୍ଚ ବିଦ୍ୟାଳୟର ୫ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ସେମାନଙ୍କୁ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ତରଫରୁ ସ୍ୱତନ୍ତ୍ର ଭାବେ ଶିକ୍ଷାଦାନ ଦେବା ପାଇଁ ବ୍ଲକ ଶିକ୍ଷାଧିକାରୀ ଅମର କୁମାର ମହାରଣାଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଖୋଳାଯାଇଥିବା ପୋଖରୀ, ବନ୍ଧହୁଡ଼ାରେ ସ୍ୱତନ୍ତ୍ର ଭାବେ ଜଳବାୟୁ ପରିବର୍ତ୍ତନକୁ ନଜରରେ ରଖି ଚାରାରୋପଣ କରିବା ପାଇଁ କୁହାଯାଇଥିଲା। ବିଧାୟକ ସ୍ୱାଇଁ ସମସ୍ତ ଅଭିଯୋଗ ଉପରେ ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତି ଦେବା ସହ ବିଭାଗୀୟ ଅଧିକାରୀଙ୍କୁ ଏ ନେଇ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ।


Repco Home Finance

## ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍

**କର୍ପୋରେଟ୍ କାର୍ଯ୍ୟାଳୟ:** ଆଲେକ୍ଜାଣ୍ଡର ସ୍କୋୟାର୍, ନଂ.୨ (ପୁରୁଣା ନଂ. ୩୪ ଓ ୩୫), ୩ୟ ମହଲା, ସର୍ଦ୍ଦାର ପଟେଲ ରୋଡ୍, ଗୁଇଣ୍ଡି, ଚେନ୍ନାଇ - ୬୦୦ ୦୩୨

### ଇ - ନିଲାମ ବିକ୍ରୟ ବିଜ୍ଞପ୍ତି

**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପକୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**

ଯେହେତୁ, ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାମାନେ **ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ନିମ୍ନଲିଖିତ ଶାଖାରୁ** ଟଙ୍କା ଧାର କରିଥିଲେ ଏବଂ ସେମାନଙ୍କର ଦେୟତାର ବିବରଣୀ ତଳେ ଦର୍ଶାଯାଇଛି। ଯେହେତୁ, କମ୍ପାନୀ ସରଫାଏସି ଅଧିନିୟମ ଅଧୀନରେ ନୋଟିସ ଜାରି କରିଥିଲା ଏବଂ ପ୍ରାଧିକୃତ ଅଧିକାରୀ ବନ୍ଧକ ସମ୍ପତ୍ତିଗୁଡ଼ିକର ଦଖଲ ଗ୍ରହଣ କରିଛନ୍ତି ଏବଂ ନିମ୍ନଦର୍ଶିତ ତାରିଖରେ ନୋଟିସ ଜାରି କରିଛନ୍ତି ଏବଂ ବର୍ତ୍ତମାନ କମ୍ପାନୀ ସମ୍ପତ୍ତିଗୁଡ଼ିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୮ ଓ ୯ ଅଧୀନରେ "**ଯେପରି ଅଛି ଯେଉଁଠି ଅଛି ସ୍ଥିତିରେ**" ଏବଂ "**ଯେମିତି ଅଛି ଯାହା ଅଛି ସ୍ଥିତିରେ**" ବିକ୍ରୟ କରିବା ଲାଗି ନିଷ୍ପତ୍ତି ନେଇଛି।

**ଇ-ନିଲାମର ତାରିଖ ଓ ସମୟ: ୧୫.୦୭.୨୦୨୫, ପୂର୍ବାହ୍ନ ୧୧.୦୦ - ମଧ୍ୟାହ୍ନ ୧୨.୦୦ ଘଟିକା**
**(୫ ମିନିଟର ଅସୀମିତ ସ୍ୱତଃସ୍ଫୂର୍ତ୍ତ ସମୟବୃଦ୍ଧି ସହିତ)**

**ଇ-ଟେଣ୍ଡର ଦାଖଲ କରାଯିବାର ଶେଷ ତାରିଖ ଓ ସମୟ: ୧୪.୦୭.୨୦୨୫, ଅପରାହ୍ନ ୪.୦୦ ଘଟିକା**

**କଟକ ଶାଖା - ଫୋନ୍: ୦୬୭୪ - ୨୩୬୦୧୬୬ ଏବଂ ମୋ.: ୯୪୩୭୪୯୬୯୯୮**

**କ୍ର.ସଂ. ୧: ଋଣଗ୍ରହୀତା: ଶ୍ରୀ ଜିତେନ୍ଦ୍ର କିଶୋର ସେଠୀ,** ପିତା: ଶ୍ରୀ ବଂଶୀଧର ସେଠୀ, **ସହ-ଋଣଗ୍ରହୀତା: ୧. ଶ୍ରୀମତୀ ରେବତୀ ସେଠୀ,** ସ୍ୱାମୀ: ଶ୍ରୀ ବଂଶୀଧର ସେଠୀ, **୨. ଶ୍ରୀ ବଂଶୀଧର ସେଠୀ,** ପିତା: ଶ୍ରୀ ସାନନ୍ଦ ସେଠୀ, **୩. ଶ୍ରୀମତୀ ଅମ୍ବିକା ସେଠୀ,** ସ୍ୱାମୀ: ଜିତେନ୍ଦ୍ର କିଶୋର ସେଠୀ, **ଗ୍ୟାରେଣ୍ଟିଦାତା: ଶ୍ରୀ ଗୌରୀଶଙ୍କର ସ୍ୱାଇଁ,** ପିତା: ଶ୍ରୀ ଗଙ୍ଗାଧର ସ୍ୱାଇଁ; ଡିମାଣ୍ଡ ନୋଟିସ ତାରିଖ: **୧୫.୦୩.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୨୩୦୧୮୬୦୬୮୦୩୫୫ (ପୁରୁଣା ଖାତା ନଂ. ୧୬୮୧୮୬୦୦୦୦୩୫୫)** ହେଉଛି **ତା୧୪.୦୩.୨୦୨୨ରିଖ ସୁଦ୍ଧା ₹୧୫,୮୧,୮୪୭/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୨.୧୧.୨୦୨୨;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୪.୦୫.୨୦୨୫ରିଖ ସୁଦ୍ଧା ₹୨୩,୩୯,୦୫୪/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: କଟକ ସଦର, ମୌଜା: କାଠଗଡ଼ା ସାହି**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖାତା ନଂ. ୧୫୬୦/୨୩୧, **ପ୍ଲଟ୍ ନଂ. ୯୨୬/୪୪୪୪,** ରକବା: ଏ.୦.୦୨୫ ଡିସିମିଲ, ଜମିର ସ୍ଥିତି: ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ: ଉତ୍ତର: ରବୀନ୍ଦ୍ର ସେଠୀ, ଦକ୍ଷିଣ: ପ୍ଲଟ୍ ନଂ. ୯୨୫, ପୂର୍ବ: ମେନ୍ ରୋଡ୍, ପଶ୍ଚିମ: ପ୍ଲଟ୍ ନଂ. ୯୨୪ ଓ ୯୨୫।

| ସଂରକ୍ଷିତ ମୂଲ୍ୟ | ₹୪୪,୦୮,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୪,୪୦,୮୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୫୦,୦୦୦/- |
|---|---|---|---|---|---|

**କ୍ର.ସଂ. ୨: ଋଣଗ୍ରହୀତା: ଶ୍ରୀ ପୁରୁଷୋତ୍ତମ ନାୟକ (ଦିବଂଗତ),** ପିତା: ଶ୍ରୀ ଦାଶରଥି ନାୟକ, **ସହ-ଋଣଗ୍ରହୀତା: ୧. ଶ୍ରୀ ତାପସ ରଞ୍ଜନ ନାୟକ,** ପିତା: ଶ୍ରୀ ପୁରୁଷୋତ୍ତମ ନାୟକ, **୨. ଶ୍ରୀମତୀ ସୁବାସିନୀ ନାୟକ,** ସ୍ୱାମୀ: ଶ୍ରୀ ପୁରୁଷୋତ୍ତମ ନାୟକ, **ଗ୍ୟାରେଣ୍ଟିଦାତା: ଶ୍ରୀ ସନ୍ତୋଷ କୁମାର ସ୍ୱାଇଁ,** ପିତା: ଶ୍ରୀ କସ୍ତୁରି ଚରଣ ସ୍ୱାଇଁ; ଡିମାଣ୍ଡ ନୋଟିସ ତାରିଖ: **୨୩.୦୮.୨୦୨୧**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୨୩୦୧୮୭୨୬୮୦୪୦୭ (ପୁରୁଣା ଖାତା ନଂ. ୧୬୮୧୮୭୨୦୦୦୪୦୭)** ହେଉଛି **ତା୧୮.୦୮.୨୦୨୧ରିଖ ସୁଦ୍ଧା ₹୧୬,୫୫,୩୦୫/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୯.୦୧.୨୦୨୨;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୦୮.୦୫.୨୦୨୫ରିଖ ସୁଦ୍ଧା ₹୨୮,୦୪,୧୯୭/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: ପୁରୀ, ତହସିଲ: ପିପିଲି, ମୌଜା: ଉତ୍ତରସାହି**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖାତା ନଂ. ୫୯୮/୮, ପ୍ଲଟ୍ ନଂ. ୨୦/୭୫୬, ରକବା: ଏ.୦.୦୭୦ ଡିସିମିଲ। ଜମିର କିସମ: ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ ଅଟେ: ଉତ୍ତର: ପ୍ଲଟ୍ ନଂ. ୧୯, ଦକ୍ଷିଣ: ରାସ୍ତା, ପୂର୍ବ: ପ୍ଲଟ୍ ନଂ ୧୭ ଓ ୧୮, ପଶ୍ଚିମ: ପ୍ଲଟ୍ ନଂ. ୨୦ର ଅବଶିଷ୍ଟାଂଶ।

| ସଂରକ୍ଷିତ ମୂଲ୍ୟ | ₹୩୫,୯୧,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୩,୫୯,୧୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୩: ଋଣଗ୍ରହୀତା: ଶ୍ରୀ ଧରଣୀଧର ଦେହୁରୀ,** ପିତା: ଶ୍ରୀ କୃଷ୍ଣ ଚନ୍ଦ୍ର ଦେହୁରୀ, **ସହ-ଋଣଗ୍ରହୀତା: ୧. ଶ୍ରୀ ବଂଶୀଧର ଦେହୁରୀ,** ପିତା: ଶ୍ରୀ ଦୁଃଶାସନ ଦେହୁରୀ, **୨. ଶ୍ରୀ କରୁଣାକର ଦେହୁରୀ,** ପିତା: ଶ୍ରୀ କୃଷ୍ଣ ଦେହୁରୀ, **୩. ଶ୍ରୀମତୀ ଟିକା ଦେହୁରୀ,** ସ୍ୱାମୀ: ଶ୍ରୀ କରୁଣାକର ଦେହୁରୀ, **୪. ଶ୍ରୀମତୀ ନମୟିତା ଦେହୁରୀ,** ପିତା: ଶ୍ରୀ ଧରଣୀଧର ଦେହୁରୀ, **୫. ଶ୍ରୀମତୀ ପାର୍ବତୀ ଦେହୁରୀ,** ସ୍ୱାମୀ: ଶ୍ରୀ ବଂଶୀଧର ଦେହୁରୀ; ଡିମାଣ୍ଡ ନୋଟିସ ତାରିଖ: **୩୧.୦୧.୨୦୨୩**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୨୩୦୧୮୬୦୬୮୦୫୨୩**) ହେଉଛି **ତା୩୧.୦୧.୨୦୨୩ରିଖ ସୁଦ୍ଧା ₹୧୫,୯୩,୮୬୦/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୮.୧୨.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୪.୦୫.୨୦୨୫ରିଖ ସୁଦ୍ଧା ₹୨୧,୮୬,୮୦୯/-।**
**ସମ୍ପତ୍ତିର ବର୍ଣ୍ଣନା: କଟକ ଜିଲ୍ଲା, ତହସିଲ: ସାଲେପୁର, ମୌଜା: ମଧ୍ୟକଚ୍ଛ**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଆର୍‌ଓଆର୍ ନଂ. ୮୩, ପ୍ଲଟ୍ ନଂ. ୬୬୧୪, ରକବା: ଏ.୦.୧୦୩ ଡିସିମିଲ। ମୋଟ ଦଖଲ ରକବା: **ଏ.୦.୧୦୩ ଡିସିମିଲ,** ଜମିର କିସମ: ଘରବାରି (ହୋମଷ୍ଟିଡ୍) ଏବଂ ଚଉହଦୀ ନିମ୍ନ ଅନୁଯାୟୀ ଅଟେ: ଉତ୍ତର: ହୃଦାନନ୍ଦ ପଣ୍ଡା, ଦକ୍ଷିଣ: ବଳି ବେହେରା, ପୂର୍ବ: ରାସ୍ତା, ପଶ୍ଚିମ: ବଂଶୀ ଦେହୁରୀ।

| ସଂରକ୍ଷିତ ମୂଲ୍ୟ | ₹୩୯,୭୨,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୩,୯୭,୨୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**ଭୁବନେଶ୍ୱର ଶାଖା - ଫୋନ୍: ୦୬୭୪ - ୨୩୬୦୧୬୬ ଏବଂ ମୋ.: ୯୪୩୭୪୯୬୯୯୮**

**କ୍ର.ସଂ. ୪: ଋଣଗ୍ରହୀତା: ଶ୍ରୀ ଶେଖ୍ ଅନିଉଲ,** ପିତା: ଶ୍ରୀ ଶେଖ୍ ଇନୁସ୍, **ସହ-ଋଣଗ୍ରହୀତା: ଶ୍ରୀମତୀ ସୁଲତାନା ବିବି,** ସ୍ୱାମୀ: ଶ୍ରୀ ଶେଖ୍ ଅନିଉଲ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ କରୁଣାକର ସାହୁ;** ଡିମାଣ୍ଡ ନୋଟିସ ତାରିଖ: **୨୧.୦୮.୨୦୨୦**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୮୧୮**) ହେଉଛି **ତା୧୮.୦୮.୨୦୨୦ରିଖ ସୁଦ୍ଧା ₹୯,୭୨,୩୨୭/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୬.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୫.୦୫.୨୦୨୫ରିଖ ସୁଦ୍ଧା ₹୧୮,୫୧,୮୪୦/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କେନ୍ଦ୍ରାପଡ଼ା, ତହସିଲ: ଡେରାବିଶ, ମୌଜା: ହଳଦିଆ**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍: ୧୫, **ପ୍ଲଟ୍ ନଂ. ୪୩୭, ରକବା: ଏ.୦.୦୫୦ ଡିସିମିଲ,** ପ୍ଲଟର କିସମ ହେଉଛି ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ ଅଟେ: ଉତ୍ତର: ମଙ୍ଗୁ ପ୍ରଧାନ, ଦକ୍ଷିଣ: ନଜିର ଖାନ, ପୂର୍ବ: ସଡ଼କ, ପଶ୍ଚିମ: ସମଶେର୍ ଖାନ୍।

| ସଂରକ୍ଷିତ ମୂଲ୍ୟ | ₹୩୨,୫୮,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୩,୨୫,୮୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୫: ଋଣଗ୍ରହୀତା: ଶ୍ରୀ ନିରଞ୍ଜନ ସ୍ୱାଇଁ,** ପିତା: ଶ୍ରୀ ଫକୀର ସ୍ୱାଇଁ, **ସହ-ଋଣଗ୍ରହୀତା: ଶ୍ରୀମତୀ ଅନୀତା ସ୍ୱାଇଁ,** ସ୍ୱାମୀ: ଶ୍ରୀ ନିରଞ୍ଜନ ସ୍ୱାଇଁ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ଚିତ୍ତ ରଞ୍ଜନ ସ୍ୱାଇଁ;** ପିତା: ଶ୍ରୀ ସୁକଦେବ ସ୍ୱାଇଁ; ଡିମାଣ୍ଡ ନୋଟିସ ତାରିଖ: **୨୭.୦୩.୨୦୨୩**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୮୪୧**) ହେଉଛି **ତା୨୭.୦୩.୨୦୨୩ରିଖ ସୁଦ୍ଧା ₹୧୨,୩୭,୫୨୪/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୭.୦୭.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୫.୦୫.୨୦୨୫ରିଖ ସୁଦ୍ଧା ₹୧୫,୪୨,୮୦୭/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: ଯାଜପୁର, ତହସିଲ: ଦର୍ପଣ, ମୌଜା: ସପନପୁର**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ.: ୨୩୧, **ପ୍ଲଟ୍ ନଂ. ୮୭, ରକବା: ଏ.୦.୦୨୪ ଡିସିମିଲ,** ଜମିର କିସମ ହେଉଛି ହୋମଷ୍ଟିଡ୍ ଯାହାର ଚଉହଦୀ ନିମ୍ନ ଅନୁଯାୟୀ ଅଟେ: ଚଉହଦୀ: ଉତ୍ତର: ଖାଲି ଜମି, ଦକ୍ଷିଣ: ଚକ୍ରଧର ସ୍ୱାଇଁ, ପୂର୍ବ: ସଡ଼କ, ପଶ୍ଚିମ: ବିଲଡିଂ।

| ସଂରକ୍ଷିତ ମୂଲ୍ୟ | ₹୨୩,୩୨,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୩୩,୨୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୬: ଋଣଗ୍ରହୀତା: ଶ୍ରୀ ମିର୍ଜା କରାମାତ ବେଗ୍,** ପିତା: ଶ୍ରୀ ମିର୍ଜା ମୁବାରକ ବେଗ୍, **ସହ-ଋଣଗ୍ରହୀତା: ଶ୍ରୀମତୀ ଏମ୍. ଶେନାଜ୍ ବେଗମ୍,** ସ୍ୱାମୀ: ଶ୍ରୀ ମିର୍ଜା କରାମାତ ବେଗ୍ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ଏସ୍ କେ ଗୋଲାମ ହୋସେନ୍;** ଡିମାଣ୍ଡ ନୋଟିସ ତାରିଖ: **୧୭.୧୧.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୬୨୨**) ହେଉଛି **ତା୧୬.୧୧.୨୦୨୨ରିଖ ସୁଦ୍ଧା ₹୯,୦୯,୯୨୬/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୬.୦୫.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୫.୦୫.୨୦୨୫ରିଖ ସୁଦ୍ଧା ₹୯,୦୭,୬୧୭/-।**
**ସମ୍ପତ୍ତିର ବର୍ଣ୍ଣନା: କେନ୍ଦ୍ରାପଡ଼ା ଜିଲ୍ଲା, ତହସିଲ: ଡେରାବିଶ, ମୌଜା: ମିର୍ଜା ପାଟଣା**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ.: ୧୬୧/୩୮, **ପ୍ଲଟ୍ ନଂ. ୮୦, ରକବା: ଏ.୦.୧୭୦, ପ୍ଲଟ୍ ନଂ.: ୭୯, ରକବା: ଏ.୦.୦୧୫ ଡିସିମିଲ, ରକବା: ଏ.୦.୧୮୫ ଡିସିମିଲ;** ଜମିର କିସମ ହେଉଛି ହୋମଷ୍ଟିଡ୍। ଚଉହଦୀ: ଉତ୍ତର: ସଡ଼କ, ଦକ୍ଷିଣ: ପ୍ଲଟ୍ ନଂ. ୭୯ ଓ ୮୩, ପୂର୍ବ: ପ୍ଲଟ୍ ନଂ.: ୮୦, ପଶ୍ଚିମ: ପ୍ଲଟ୍ ନଂ.: ୮୧।

| ସଂରକ୍ଷିତ ମୂଲ୍ୟ | ₹୩୦,୧୨,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୩,୦୧,୨୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୭: ଋଣଗ୍ରହୀତା: ଶ୍ରୀ ରାଜେଶ କୁମାର ରାଉତ,** ପିତା: ଶ୍ରୀ ଦେବେନ୍ଦ୍ର ରାଉତ, **ସହ-ଋଣଗ୍ରହୀତା: ୧. ଶ୍ରୀ ଦେବେନ୍ଦ୍ର ରାଉତ,** ପିତା: ଶ୍ରୀ ନିଧିରାମ ରାଉତ, **୨. ଶ୍ରୀମତୀ ପାର୍ବତୀ ରାଉତ,** ସ୍ୱାମୀ: ଶ୍ରୀ ଦେବେନ୍ଦ୍ର ରାଉତ, **୩. ଶ୍ରୀମତୀ ସୁମିତ୍ରା ରାଉତ,** ସ୍ୱାମୀ: ଶ୍ରୀ ରାଜେଶ କୁମାର ରାଉତ ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ସଂଗ୍ରାମ ମହାନ୍ତି,** ପିତା: ଶ୍ରୀ ଇନ୍ଦ୍ରମଣି ମହାନ୍ତି ; ଡିମାଣ୍ଡ ନୋଟିସ ତାରିଖ: **୨୪.୧୧.୨୦୨୧**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୭୮୬**) ହେଉଛି **ତା୨୩.୧୧.୨୦୨୧ରିଖ ସୁଦ୍ଧା ₹୧୩,୪୯,୫୨୧/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୧୦.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୫.୦୫.୨୦୨୫ରିଖ ସୁଦ୍ଧା ₹୨୧,୪୨,୪୨୬/-।**
**ସମ୍ପତ୍ତିର ବର୍ଣ୍ଣନା: କଟକ ଜିଲ୍ଲା, ମାହାଙ୍ଗା ତହସିଲ, ମୌଜା: ଚହପଡ଼ା**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ.: ୪୮୧/୭୧, **ପ୍ଲଟ୍ ନଂ.: ୧୦୩୭, ରକବା: ଏ.୦.୦୭୮ ଡିସିମିଲ,** କିସମ ହୋମଷ୍ଟିଡ୍, ଚଉହଦୀ: ଉତ୍ତର: ଗୋପୀନାଥ ରାଉତ, ଦକ୍ଷିଣ: କେନାଲ ରୋଡ୍, ପୂର୍ବ: ଖାଲି ଜମି, ପଶ୍ଚିମ: ଖାଲି ଜମି।

| ସଂରକ୍ଷିତ ମୂଲ୍ୟ | ₹୨୬,୪୧,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୬୪,୧୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୮: ଋଣଗ୍ରହୀତା: ଶ୍ରୀ ମଳୟ କୁମାର ମହାନ୍ତି,** ପିତା: (ସ୍ୱର୍ଗତ) ଶ୍ରୀ କିଶୋର କୁମାର ମହାନ୍ତି, **ସହ-ଋଣଗ୍ରହୀତା: ଶ୍ରୀମତୀ ପଦ୍ମିନୀ ମହାନ୍ତି,** ସ୍ୱାମୀ: (ସ୍ୱର୍ଗତ) ଶ୍ରୀ କିଶୋର କୁମାର ମହାନ୍ତି ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ବିଶ୍ୱନାଥ ଆଚାର୍ଯ୍ୟ,** ପିତା: ଶ୍ରୀ ରବିନାରାୟଣ ଆଚାର୍ଯ୍ୟ; ଡିମାଣ୍ଡ ନୋଟିସ ତାରିଖ: **୦୫.୦୩.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୮୪୨**) ହେଉଛି **ତା୦୪.୦୩.୨୦୨୨ରିଖ ସୁଦ୍ଧା ₹୬,୬୭,୪୪୦/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୬.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୫.୦୫.୨୦୨୫ରିଖ ସୁଦ୍ଧା ₹୧୦,୪୮,୮୫୨/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା ଖୋର୍ଦ୍ଧା, ତହସିଲ ବେଗୁନିଆ, ମୌଜା: ଗୋଡ଼ା**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ଆର୍‌ଓଆର୍ ନଂ.: ୨୦୭, **ପ୍ଲଟ୍ ନଂ.: ୧୦୭୬ ଅଂଶ, ଗୋଡା, ବେଗୁନିଆ, ଖୋର୍ଦ୍ଧା, ଓଡ଼ିଶା: ୭୫୨୦୬୨,** ଚଉହଦୀ:- ପୂର୍ବ: ପ୍ଲଟ୍ ନଂ. ୧୦୭୬ (ଅଂଶ), ପଶ୍ଚିମ: ପ୍ଲଟ୍ ନଂ. ୧୦୭୭ ଓ ରାସ୍ତା, ଉତ୍ତର: ମୋହିତ ଶର୍ମା, ଦକ୍ଷିଣ: ପ୍ରଶାନ୍ତ ନାୟକ, ମୋଟ ପରିମାପ ରକବା: ଏ.୦.୧୨୫ ଡିସିମିଲ ମଧ୍ୟରୁ ଏ.୦.୦୨୧ ଡିସିମିଲ, ଜମିର କିସମ ହେଉଛି ହୋମଷ୍ଟିଡ୍।

| ସଂରକ୍ଷିତ ମୂଲ୍ୟ | ₹୧୪,୪୫,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୧,୪୪,୫୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୯: ଋଣଗ୍ରହୀତା: ଶ୍ରୀ ଶିଶିର କୁମାର ରଣା,** ପିତା: ଶ୍ରୀ ଯଦୁନାଥ ରଣା, **ସହ-ଋଣଗ୍ରହୀତା: ଶ୍ରୀମତୀ ସନ୍ତୋଷୀ ରଣା,** ସ୍ୱାମୀ: ଶ୍ରୀ ଶିଶିର କୁମାର ରଣା; ଡିମାଣ୍ଡ ନୋଟିସ ତାରିଖ: **୨୧.୦୮.୨୦୨୦**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୬୬୪**) ହେଉଛି **ତା୧୮.୦୮.୨୦୨୦ରିଖ ସୁଦ୍ଧା ₹୧୨,୧୨,୯୫୦/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୬.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୫.୦୫.୨୦୨୫ରିଖ ସୁଦ୍ଧା ₹୨୩,୧୫,୧୮୪/-।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: ଆଠଗଡ଼, ମୌଜା: ଖୁଣ୍ଟକଟା**ଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ. ୨୦୦, **ପ୍ଲଟ୍ ନଂ.: ୧୭୦୬, ରକବା: ଏ.୦.୦୫୫ ଡିସିମିଲ।** ଜମିର କିସମ ହେଉଛି ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ ଅଟେ: ଉତ୍ତର: ସଡ଼କ, ଦକ୍ଷିଣ: ଅଭିରାମ ନାୟକ, ପୂର୍ବ: ସଡ଼କ, ପଶ୍ଚିମ: ପାଣୁ ନାୟକ।

| ସଂରକ୍ଷିତ ମୂଲ୍ୟ | ₹୨୩,୯୦,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୩୯,୦୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**କ୍ର.ସଂ. ୧୦: ଋଣଗ୍ରହୀତା: ଶ୍ରୀ ଅମରେନ୍ଦ୍ର ରାଉତରାୟ,** ପିତା: ଶ୍ରୀ ଅର୍ଜୁନ ରାଉତରାୟ, **ସହ-ଋଣଗ୍ରହୀତା: ଶ୍ରୀମତୀ ପାର୍ବତୀ ରାଉତରାୟ,** ସ୍ୱାମୀ: ଶ୍ରୀ ଅମରେନ୍ଦ୍ର ରାଉତରାୟ; ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ପ୍ରାଣବନ୍ଧୁ ସାମଲ,** ପିତା: ଶ୍ରୀ ଅପର୍ତ୍ତି ସାମଲ;ଡିମାଣ୍ଡ ନୋଟିସ ତାରିଖ: **୨୪.୦୧.୨୦୨୩**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୭୩୦**) ହେଉଛି **ତା୨୩.୦୧.୨୦୨୩ରିଖ ସୁଦ୍ଧା ₹୧୬,୦୮,୮୧୩/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୬.୦୫.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୬.୦୫.୨୦୨୫ରିଖ ସୁଦ୍ଧା ₹୨୧,୯୯,୪୦୪/-।**
**ସମ୍ପତ୍ତିର ବର୍ଣ୍ଣନା: କଟକ ଜିଲ୍ଲା, ଟାଙ୍ଗୀ ଚୌଦ୍ୱାର ତହସିଲ, ନଖରା ମୌଜା**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ. ୭୮୩/୨୭୦, **ପ୍ଲଟ୍ ନଂ.୨୬୦,** ରକବା ଏ୨.୬୦୦ ଡିସିମିଲ ମଧ୍ୟରୁ ଏ.୦.୧୯୦ ଡିସିମିଲ ରକବା ପର୍ଯ୍ୟନ୍ତ, ପ୍ଲଟର କିସମ ହେଉଛି ମୌଜା ନଖରା ଅଧୀନରେ ହୋମଷ୍ଟିଡ୍ (ଘରବାରି) ଯାହା ନିମ୍ନଲିଖିତ ଚଉହଦୀରେ ଅବସ୍ଥିତ: ଉତ୍ତର: ଜୟରାମ ରାଉତରାୟ, ଦକ୍ଷିଣ: ମନୋଜ ରାଉତରାୟ, ପୂର୍ବ: ଖାଲି ଜମି, ପଶ୍ଚିମ: ସଡ଼କ। ଏ.୦.୧୯୦ ଡିସିମିଲ (୮୨୭୬ ବର୍ଗଫୁଟ) ରକବାର ସମ୍ପୂର୍ଣ୍ଣ ବିସ୍ତାରର ଜମି ଓ ଭବନରେ ସମସ୍ତ ସ୍ୱାଭାବିକ ଚଲାବାଟ ଅଧିକାର ଏବଂ ସର୍ବସାଧାରଣ ଯାତାୟାତ ଅଧିକାର ରହିଛି।

| ସଂରକ୍ଷିତ ମୂଲ୍ୟ | ₹୩୧,୫୬,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୩,୧୫,୬୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

**ସମ୍ପତ୍ତିର ବର୍ଣ୍ଣନା: କଟକ ଜିଲ୍ଲା, ଟାଙ୍ଗୀ ଚୌଦ୍ୱାର ତହସିଲ, ନଖରା ମୌଜା**ଠାରେ ଅବସ୍ଥିତ ସମ୍ପତ୍ତିର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ. ୭୮୩/୨୭୦, **ପ୍ଲଟ୍ ନଂ.୨୬୦,** ରକବା ଏ୨.୬୦୦ ଡିସିମିଲ ମଧ୍ୟରୁ ଏ.୦.୧୯୦ ଡିସିମିଲ ରକବା ପର୍ଯ୍ୟନ୍ତ, ପ୍ଲଟ୍‌ର କିସମ ହେଉଛି ମୌଜା ନଖରା ଅଧୀନରେ ହୋମଷ୍ଟିଡ୍ (ଘରବାରି) ଯାହା ନିମ୍ନଲିଖିତ ଚଉହଦୀରେ ଅବସ୍ଥିତ: ଉତ୍ତର: ଜୟରାମ ରାଉତରାୟ, ଦକ୍ଷିଣ: ମନୋଜ ରାଉତରାୟ, ପୂର୍ବ: ଖାଲି ଜମି, ପଶ୍ଚିମ: ସଡ଼କ । ଏ.୦.୧୯୦ ଡିସିମିଲ (୮୨୭୬ ବର୍ଗଫୁଟ) ରକବାର ସମ୍ପୂର୍ଣ୍ଣ ବିସ୍ତାରର ଜମି ଓ ଭବନରେ ସମସ୍ତ ସ୍ୱାଭାବିକ ଚଲାବାଟ ଅଧିକାର ଏବଂ ସର୍ବସାଧାରଣ ଯାତାୟାତ ଅଧିକାର ରହିଛି ।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୩୧,୫୬,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୩,୧୫,୬୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |

**କ୍ର.ସଂ. ୧୧: ଋଣଗ୍ରହୀତା: ଶ୍ରୀ ରାଜେନ୍ଦ୍ର ବିଶ୍ୱାଳ,** ପିତା: ଶ୍ରୀ ରବୀନ୍ଦ୍ରନାଥ ବିଶ୍ୱାଳ, **ସହ-ଋଣଗ୍ରହୀତା: ୧. ଶ୍ରୀମତୀ ରଶ୍ମିତା ବିଶ୍ୱାଳ,** ସ୍ୱାମୀ: ଶ୍ରୀ ରାଜେନ୍ଦ୍ର ବିଶ୍ୱାଳ, **୨. ଶ୍ରୀ ରବୀନ୍ଦ୍ର ବିଶ୍ୱାଳ,** ପିତା: ଶ୍ରୀ କେ. ଶେତ୍ରବାସୀ ବିଶ୍ୱାଳ, **ଗ୍ୟାରେଣ୍ଟିଦାତା: ଶ୍ରୀ ଆଲୋକ ବସ୍ତିଆ,** ପିତା: ପ୍ରଭାକର ବସ୍ତିଆ, ଡିମାଣ୍ଡ ନୋଟିସ ତାରିଖ: **୨୨.୦୭.୨୦୨୧**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୬୦୦**) ହେଉଛି **ତା୨୦.୦୭.୨୦୨୧ରିଖ ସୁଦ୍ଧା ₹୨୫,୧୩,୧୮୬/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୧.୦୧.୨୦୨୨;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୬.୦୫.୨୦୨୫ରିଖ ସୁଦ୍ଧା ₹୪୩,୬୪,୧୫୧/- ।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା କଟକ, ତହସିଲ ତିଗିରିଆ,** ମୌଜା ଭିରୁଡାଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ. ୧୨୮୯/୬୨୯, **ପ୍ଲଟ୍ ନଂ.୨୦୮୬/୯୮୪୮, ରକବା: ଏ.୦.୦୩୫ ଡିସିମିଲ, ପ୍ଲଟ୍ ନଂ. ୨୦୮୫/୯୮୪୬, ରକବା: ଏ.୦.୦୧୦ ଡିସିମିଲ, ମୋଟ କ୍ରୟ ରକବା: ଏ.୦.୦୪୫ ଡିସିମିଲ,** ଜମିର କିସମ: ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ: ଉତ୍ତର: ନାରଣ ଜେନା, ଦକ୍ଷିଣ: ଗୌରାଙ୍ଗ ବିଶ୍ୱାଳ, ପୂର୍ବ: ଗଦାଧର ବିଶ୍ୱାଳ, ପଶ୍ଚିମ: ରାସ୍ତା ।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୪୩,୬୮,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୪,୩୬,୮୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୫୦,୦୦୦/- |

**କ୍ର.ସଂ. ୧୨: ଋଣଗ୍ରହୀତା: ଶ୍ରୀ ଏମ୍‌ଡି. ସାଜିଦ ହୁସେନ୍,** ପିତା: ଶ୍ରୀ ମହମ୍ମଦ କଲାମ, **ସହ-ଋଣଗ୍ରହୀତା: ଶ୍ରୀମତୀ ଶାଲେହା ଖାତୁନ୍,** ସ୍ୱାମୀ: ଶ୍ରୀ ଏମ୍‌ଡି. ସାଜିଦ ହୁସେନ୍, ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ବିନୋଦ କୁମାର ଶର୍ମା,** ପିତା: ଶ୍ରୀ ମଦନଲାଲ ଶର୍ମା; ଡିମାଣ୍ଡ ନୋଟିସ ତାରିଖ: **୦୯.୦୯.୨୦୨୦**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୬୦୦୦୦୭୧୩**) ହେଉଛି **ତା୦୭.୦୯.୨୦୨୦ରିଖ ସୁଦ୍ଧା ₹୧୧,୨୫,୧୧୭/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୯.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୬.୦୫.୨୦୨୫ରିଖ ସୁଦ୍ଧା ₹୨୧,୨୨,୧୯୦/- ।**
**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା କଟକ, ତହସିଲ ଟାଙ୍ଗୀ ଚୌଦ୍ୱାର,** ମୌଜା ଅଳଣାଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ. ୧୪୨/୯୮, **ପ୍ଲଟ୍ ନଂ.୨୨୭/୪୨୦, ରକବା:** ଏ.୦.୧୮୦ ଡିସିମିଲ ମଧ୍ୟରୁ **ଏ.୦.୦୪୦ ଡିସିମିଲ** । ଜମିର କିସମ: ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ: ଉତ୍ତର: କେନାଲ ରୋଡ୍, ଦକ୍ଷିଣ: ପ୍ଲଟ୍ ନଂ.୨୨୬, ପୂର୍ବ: ଏମ୍‌ଡି ସମସୁଲ, ପଶ୍ଚିମ: ବିଚିତ୍ରାନନ୍ଦ ସ୍ୱାଇଁ ।

| | | | | | |
|---|---|---|---|---|---|
| ସଂରକ୍ଷିତ ମୂଲ୍ୟ | ₹୨୬,୪୪,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୬୪,୪୦୦/- | ସର୍ବନିମ୍ନ ବିଡ୍ ବୃଦ୍ଧି ପରିମାଣ | ₹୨୫,୦୦୦/- |

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨୮୧୭୦୯ଙ୍କ ସହ ଯୋଗାଯୋଗ କରନ୍ତୁ ।
ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ଶାଖା ମୁଖ୍ୟ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ସମ୍ପୃକ୍ତ ଶାଖାଙ୍କ ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି ।

**ତାରିଖ: ୨୭.୦୫.୨୦୨୫** **ପ୍ରାଧିକୃତ ଅଧିକାରୀ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**

## ସଂକ୍ଷେପରେ

### ବ୍ରାଉନସୁଗାର ଜବତ, ୨ ଗିରଫ

ପୁରୀ,୩।୬(ଅଜିତ୍ କୁମାର ମହାନ୍ତି)

ବ୍ରାଉନସୁଗାର କାରବାର କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଚନ୍ଦନପୁର ଥାନା ଅଧୀନ ବଳଭଦ୍ରପୁର ଗ୍ରାମର ସୁରେଶ କୁମାର ଦାଶ। ପୋଲିସ ତାଙ୍କ ନିକଟରୁ ୧୦. ୬୦ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଏନେଇ ପୋଲିସ ୧୪୧/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୁରେଶ ଅର୍ବାନ ହାଟ ନିକଟରେ ବ୍ରାଉନସୁଗାର କରବାର କରୁଥିବା ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ସେହିପରି ବ୍ରାଉନସୁଗାର ବିକ୍ରି କରିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ସଦରଥାନା ଅଧୀନ ଅଠରନଳା ନୀଳଚକ୍ର ଲେନ୍‌ର ସୟାମତ ଖାନ୍। ପୋଲିସ ତାଙ୍କ ନିକଟରୁ ୧୨ ଗ୍ରାମର ବ୍ରାଉନସୁଗାର ଜବତ କରିଛି। ଏନେଇ ପୋଲିସ ୧୦୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟାଙ୍କ କଲୋନି ନିକଟ ଭୂଦାନ ଜଙ୍ଗଲ ଅଞ୍ଚଳରେ ସୟାମତ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ପୋଲିସ ଖବର ପାଇ ତାଙ୍କୁ ଗିରଫ କରଥିଲା।

### ଆଦର୍ଶ ବିଦ୍ୟାଳୟ ଯୋଜନାରେ ସାମିଲ ହେଲା ଅସ୍ତରଙ୍ଗ ଉ.ପ୍ରା. ବିଦ୍ୟାଳୟ

କାକଟପୁର/ଅସ୍ତରଙ୍ଗ,୩।୬(ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ପ୍ରାଥମିକ ଶିକ୍ଷାର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ଚେଷ୍ଟା ଜାରି ରଖିଥିବାବେଳେ ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ନୋଡାଲ ଉ.ପ୍ରା. ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ସାମିଲ କରାଯାଇଛି। ସତ୍ୟବାଦୀ ବନ ବିଦ୍ୟାଳୟରେ ଯେପରି ଏକ ଆଦର୍ଶ ଶିକ୍ଷା ପରିବେଶ ଥିଲା, ସେହିଭଳି ସାମିଲ ହୋଇଥିବା ବିଦ୍ୟାଳୟଗୁଡ଼ିକରେ ମଧ୍ୟ ପିଲାମାନଙ୍କ ପାଇଁ ଆଦର୍ଶ ଶିକ୍ଷା ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରହିବ ବୋଲି ସରକାର କହିଛନ୍ତି। ଏଥିରେ ବିଶେଷକରି ପିଲାଙ୍କ ଭାଷା, ଜ୍ଞାନ ଓ ମୌଳିକ ଗାଣିତିକ ଜ୍ଞାନ ଉପରେ ଗୁରୁତ୍ୱାରୋପ କରାଯିବ। ଉନ୍ନତ ଭିତ୍ତିଭୂମି, ଗୁଣାତ୍ମକ ଶିକ୍ଷା ଓ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇ ପିଲାଙ୍କ ମୌଳିକ ଜ୍ଞାନ ଓ ବୌଦ୍ଧିକ ବିକାଶକୁ ସୁଦୃଢ଼ କରିବା ଦିଗରେ ପଦକ୍ଷେପ ନିଆଯିବ। ଏହି ଯୋଜନାରେ ନୂଆ କ୍ଲାସ୍ ରୁମ, ପ୍ରାଚୀର ନିର୍ମାଣ, ସବୁଜ ପରିବେଶ, ଡିଜିଟାଲ ଲାଇବ୍ରେରି, ଖେଳପଡ଼ିଆ, ଡାଇନିଂ ହଲ୍, କମ୍ପ୍ୟୁଟର, ସ୍ମାର୍ଟ ବୋର୍ଡ ଆଦିର ବ୍ୟବସ୍ଥା କରାଯିବ। ଏହାସହ କ୍ରୀଡ଼ା, ଶାରୀରିକ ବ୍ୟାୟାମ ଏବଂ ସାମାଜିକ ଓ ସାଂସ୍କୃତିକ ଶିକ୍ଷା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଅସ୍ତରଙ୍ଗ ନୋଡାଲ ଉ.ପ୍ରା. ବିଦ୍ୟାଳୟକୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ମାନ୍ୟତା ପାଇବା ପରେ ମଙ୍ଗଳବାର ସ୍ୱତନ୍ତ୍ର ଟିମ୍ ଆସି ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ଦିବାକର ଛାଟୋଇ, ଶିକ୍ଷକ ପ୍ରଶାନ୍ତ ବରାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମାକାନ୍ତ ବସ୍ତିଆ ଓ ସାମାଜିକ କର୍ମୀ ଯୁଗଳ କିଶୋର ମହାନ୍ତିଙ୍କ ଉପସ୍ଥିତିରେ ବିଦ୍ୟାଳୟ ଡାଇଗ୍ରାମ ଉତ୍ତୋଳନ କରି ନେଇଛନ୍ତି।

### ପ୍ରଧାନ ଶିକ୍ଷକଙ୍କ ପରଲୋକ

ଅସ୍ତରଙ୍ଗ,୩।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ଐଶାନେଶ୍ୱର ବିଦ୍ୟାପୀଠ ଅଠତିରାର ପ୍ରଧାନ ଶିକ୍ଷକ ଦିଲୀପ କୁମାର ବିଶ୍ୱାଳ(୫୭)ଙ୍କ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ମଙ୍ଗଳବାର ପରଲୋକ ଘଟିଛି। ସେ ଗୁରୁତର ଅସୁସ୍ଥ ହୋଇ ୨ ଦିନ ପୂର୍ବେ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ୧୯୮୯ରୁ ଅସ୍ତରଙ୍ଗ ବ୍ଲକ ସୁରେନ୍ଦ୍ରନାଥ ବିଦ୍ୟାପୀଠ ସୁନ୍ଦରରେ ବିଜ୍ଞାନ ଓ ଗଣିତ ଶିକ୍ଷକ ଭାବେ ଶିକ୍ଷକତା ଜୀବନ ଆରମ୍ଭ କରି ୨୦୨୨ରେ ଐଶାନେଶ୍ୱର ବିଦ୍ୟାପୀଠ ଅଠତିରାରେ ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ତୁଲାଉଥିଲେ। ଦୀର୍ଘ ଦିନ ହେବ ସେ କ୍ୟାନ୍‌ସର ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ଥିଲେ। ସେ ଜଣେ ଛାତ୍ରବତ୍ସଳ, ସ୍ନେହୀ, ମେଳାପୀ, ପରୋପକାରୀ ଓ ଜ୍ଞାନୀ ଶିକ୍ଷକ ଭାବେ ଅଞ୍ଚଳରେ ବେଶ ପରିଚିତ। ତାଙ୍କ ଦେହାନ୍ତ ଖବର ପାଇ ଶତାଧିକ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ବୁଦ୍ଧିଜୀବୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଅସ୍ତରଙ୍ଗ ବ୍ଲକ ଅଠତିରା ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ନିଆଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ନେଇ ତାଙ୍କ ସାନଭାଇ ଦୁଷ୍ମନ୍ତ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

# ‘ସ୍ୱାସ୍ଥ୍ୟ ପାଇଁ ଶକ୍ତି’ ଆରମ୍ଭ

ପୁରୀ,୩।୬(ଅଜିତ୍ କୁମାର ମହାନ୍ତି)



ଜିଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ‘ସ୍ୱାସ୍ଥ୍ୟ ପାଇଁ ଶକ୍ତି’ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରୁଛନ୍ତି।

ସାର୍ବଜନୀନ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ପରିବର୍ତ୍ତନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପସ୍ୱରୂପ ସେଲ୍‌କୋ ଫାଉଣ୍ଡେଶନ ଭାରତର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏବଂ ବିଭିନ୍ନ ରାଜ୍ୟ ସ୍ୱାସ୍ଥ୍ୟ ମିଶନ ସହିତ ସହଭାଗିତାରେ ଏକ ଯୁଗାନ୍ତକାରୀ କାର୍ଯ୍ୟକ୍ରମ ‘ସ୍ୱାସ୍ଥ୍ୟ ପାଇଁ ଶକ୍ତି’ ଆରମ୍ଭ କରିଛି। ଜିଲା ପ୍ରଶାସନ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ସକ୍ରିୟ ସହାୟତାରେ ସେଲ୍‌କୋ ଫାଉଣ୍ଡେଶନ ସବୁ ଜିଲାର ଶେଷ ମାଇଲ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ସୁବିଧା ଯୋଗାଇବାରେ ସଫଳ ହେବ। ଯେପରି କି ଉପକେନ୍ଦ୍ର ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ସୌରଶକ୍ତିଚାଳିତ କରିବା ପାଇଁ ଏକ ପାହାଚ ଉଠାଇଛି ଏବଂ କାର୍ଯ୍ୟକ୍ରମର ପାଇଲଟ୍ ପର୍ଯ୍ୟାୟରେ ‘କୋନେ’ର ସକ୍ରିୟ ଆର୍ଥିକ ସହାୟତାରେ ୧୦ଟି କେନ୍ଦ୍ର ପାଇଁ ଏପରି ସ୍ୱାସ୍ଥ୍ୟ ସୁବିଧା ଅନ୍ତର୍ଭୁକ୍ତ କରାଯିବ। ଯେଉଁଥିରେ ପୁରୀ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସେମାନଙ୍କ ମଧ୍ୟରୁ ଗୋଟିଏ। ବାକି ୯ଟି କେନ୍ଦ୍ର ପାଇଁ କର୍ତ୍ତୃପକ୍ଷଙ୍କ ଅନୁମୋଦନ ଜାରି ରହିଛି।

ଏହି ଅବସରରେ ପୁରୀରେ ପ୍ରଥମ ପାଇଲଟ୍ କାର୍ଯ୍ୟକ୍ରମର ଉଦ୍‌ଘାଟନ ହୋଇଛି। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ଦାସ, ହସ୍ତଶିଳ୍ପ ବିଭାଗର ଉପନିର୍ଦ୍ଦେଶକ ଉମାପତି ବେନିଆ ବେହେରା, ସ୍ପନ୍ଦନର ନିର୍ଦ୍ଦେଶକ ଶାଶ୍ୱତ ମହାପାତ୍ର, ପ୍ରଫେସର ରଞ୍ଜନ କୁମାର କାସ୍ତା ପ୍ରମୁଖ ଉପସ୍ଥିତ ଥିଲେ। ସେଲ୍‌କୋ ଫାଉଣ୍ଡେଶନର ଉପଦେଷ୍ଟା ଗୌତମ କୁମାର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ପରିଚାଳକ ସତ୍ୟପ୍ରିୟ ସାହୁ ଧନ୍ୟବାଦ ଦେଇଥିଲେ। ମଞ୍ଚ ପରିଚାଳନା କରିଥିଲେ ଉଦ୍‌ଘୋଷକ ଶ୍ୟାମ ପ୍ରକାଶ ସେନାପତି। ଅତିଥିମାନଙ୍କ କରକମଳରେ ଏକ ୮ କିଲୋୱାଟ୍ ଅଫ୍-ଗ୍ରୀଡ୍ ଛାତ ଉପରେ ସୌରଶକ୍ତି କେନ୍ଦ୍ର ନିର୍ମାଣର ଶୁଭ ଉଦ୍‌ଘାଟନ କରାଯାଇଥିଲା, ଯାହା ପୁରୀ ଲୋକଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଉନ୍ନତ କରିବା ଲାଗି ଉତ୍ସର୍ଗ କରାଯିବ ବୋଲି ମୁଖ୍ୟ ଅତିଥି ପୃଷ୍ଟି ପ୍ରକାଶ କରିଛନ୍ତି।

## ଜାତୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ନିମାପଡ଼ା ଖେଳାଳିଙ୍କ କୃତିତ୍ୱ



ଜାତୀୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ସଫଳତା ପାଇଥିବା କୃତୀ ଖେଳାଳିମାନେ।

ନିମାପଡ଼ା,୩।୬(ବିଚିତ୍ରାନନ୍ଦ ସାହୁ)

ଉତ୍ତରପ୍ରଦେଶ ବୃନ୍ଦାବନସ୍ଥିତ ମା’ ଜ୍ୱାଲା ଧାମଠାରେ ଆୟୋଜିତ ୨ୟ ସ୍ୱାମୀ ବିବେକାନନ୍ଦ ଓପନ ଜାତୀୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ନିମାପଡ଼ା ଅମିତ ଟାଏକୋଣ୍ଡୋ ସଂଘର ଖେଳାଳିମାନେ ବାଜିମାତ୍ କରିଛନ୍ତି। ବିଏସ୍ ମାର୍ସିଆଲାର୍ଟ ଏକାଡେମୀ ତୁନ୍ଦଲା ପକ୍ଷରୁ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସଂଘର ମୋଟରେ ୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ତନ୍ମଧ୍ୟରୁ ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା ସ୍ୱର୍ଣ୍ଣ, ବୈଶାଖୀ ପଲେଇ ସ୍ୱର୍ଣ୍ଣ, ସୋନାଲି ନାୟକ ସ୍ୱର୍ଣ୍ଣ, ତାନିଷ୍କା ଦାସ ରୌପ୍ୟ, ସାଇସ୍ମୃତି ପରିଡ଼ା ରୌପ୍ୟ, ଅନିଷ୍କା ଅଭିମୁକ୍ତା ରୌପ୍ୟ, ଦେଶାଦର୍ଶିତା ସାହୁ ରୌପ୍ୟ ଓ ସୌମ୍ୟରଞ୍ଜନ ପଲତା କାଂସ୍ୟ ପଦକ ଲାଭ କରିଛନ୍ତି। ସମସ୍ତ ୮ ଜଣ ଖେଳାଳି ଉଲ୍ଲେଖନୀୟ ସଫଳତା ହାସଲ କରି ସମଗ୍ର ନିମାପଡ଼ାକୁ ଗୌରବାନ୍ୱିତ କରିପାରିଛନ୍ତି। ଏହି ସଫଳତା ପାଇଁ ୮ ଜଣ କୃତୀ ଖେଳାଳି ଓ ମୁଖ୍ୟ ପ୍ରଶିକ୍ଷକ ଅମିତ କୁମାର ରାଉତଙ୍କୁ ଓଡ଼ିଶା ରୟାଲ ଟାଏକୋଣ୍ଡୋ ସଂଘ ସଭାପତି ହିମାଂଶୁ ଶେଖର ପ୍ରଧାନ, ସଦସ୍ୟ ବିବେକାନନ୍ଦ ପାତ୍ର, ପାର୍ଥ ସାରଥି ରାଉତ, ସୁରେଶ ଚନ୍ଦ୍ର ଦାସ, ନିର୍ମଳ ମିଶ୍ର, ମୃତ୍ୟୁଞ୍ଜୟ ଦାଶ, ରଘୁନାଥ ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ନିମାପଡ଼ାର ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିବାରେ ଲାଗିଛି। ଏହି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟରୁ ମୋଟରେ ୬୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## ଖାଦ୍ୟ ପ୍ରତିଯୋଗିତାରେ ୪୫ ମହିଳା

କାକଟପୁର/ଅସ୍ତରଙ୍ଗ,୩।୬
(ଶୁଭ ଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ବ୍ଲକ ପରିସରରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାଏକ, ଉପାଧ୍ୟକ୍ଷ ଦୁର୍ଜ୍ୟ ମିଶ୍ର, ଜଗତ୍‌ସିଂହପୁର ଏମ୍‌ପିଙ୍କ ପ୍ରତିନିଧି ଦିବାକର ଛାଟୋଇ, ସିଡିପିଓ ମମତା ନାୟକ, ମିଶନ ଶକ୍ତି ବ୍ଲକ ପ୍ରକଳ୍ପ ସଂଯୋଜିକା ଟିକିନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୧୪ଟି ଏସ୍ଏଚ୍‌ଜି ଗୋଷ୍ଠୀର ୪୫ ଜଣ ପ୍ରତିଯୋଗୀ ଭାଗନେଇ ନିଜ ଖାଦ୍ୟ ପ୍ରସ୍ତୁତ କରିଥିଲେ। ପାରମ୍ପରିକ ଖାଦ୍ୟ ତଥା ଖେଚୁଡ଼ି, ଡାଲମା, ଘାଣ୍ଟ, ଧଳା ପୁରଦିଆ ମଣ୍ଡାପିଠା, ପୋଡ଼ପିଠା ଇତ୍ୟାଦି ପ୍ରସ୍ତୁତ କରିଥିଲେ। ଅତିଥିମାନେ ବିଭିନ୍ନ ଷ୍ଟଲ୍ ବୁଲି ଦେଖିବା ସହ ବ୍ଲକ ଅଧ୍ୟକ୍ଷା ଆରତୀ ନାଏକ ଯୋଗଦେଇ ଓଡ଼ିଆ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିବା ସମସ୍ତ ମହିଳାଙ୍କୁ ଉତ୍ସାହିତ କରିଛନ୍ତି। ଖାଦ୍ୟ ଷ୍ଟଲରେ ଯୋଗ ଦେଇଥିବା ମହିଳା କହିଛନ୍ତି, ଏଭଳି କାର୍ଯ୍ୟକ୍ରମ ଆୟୋଜନ ଏକ ପ୍ରଶଂସନୀୟ ପ୍ରୟାସ। ଏହା ଦ୍ୱାରା ଆମେ ସମସ୍ତେ ପରସ୍ପର ସଂସ୍ପର୍ଶରେ ଆସି ଖାଦ୍ୟ ଅନ୍ୟମାନଙ୍କୁ ଚଖାଇ ପାରିଛୁ। ସେଥିପାଇଁ ଖୁସି ଅନୁଭବ ହେଉଛି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ମହିଳା ଗୋଷ୍ଠୀ ମଧ୍ୟରୁ ମହାବୀର ଏସ୍ଏଚ୍‌ଜି ଅସ୍ତରଙ୍ଗ ପ୍ରଥମ ସ୍ଥାନରେ ରହି ୫୦୦୦ ଟଙ୍କା ଓ ଦ୍ୱିତୀୟ ସ୍ଥାନରେ ହରପାର୍ବତୀ ଏସ୍ଏଚ୍‌ଜି ସରିପୁରକୁ ୪୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ମେଳାରେ ମଣ୍ଡଳ ପରିଦର୍ଶିକା ନିବେଦିତା ସେନାପତି, ଲକ୍ଷ୍ମୀ ନାୟକ, ଲକ୍ଷ୍ମୀପ୍ରିୟା ମହାନ୍ତି ପରିଚାଳନା କରିଥିଲେ।




ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ମହିଳାମାନେ।

## ୬୪ ବର୍ଷୀୟାଙ୍କ ମୁଣ୍ଡରେ ପରିବାର ବୋଝ

■ ପରିବା ବିକିଲେ ସଂସାର ଚଳେ
■ ସରକାରୀ ସାହାଯ୍ୟ ବୃଦ୍ଧା କନକଙ୍କ ଲାଗି ସାତସପନ

ଗୋପ,୩।୬(ଭାରତୀ ଭୂଷଣ ଉପାଧ୍ୟାୟ)

ମଧ୍ୟାହ୍ନ ୧୨ଟା। ଟାଣଖରା ସାଙ୍ଗକୁ ପ୍ରବଳ ଗୁଳିଗୁଳିରେ ଗୋପ-ବାଲିଘାଇ ରାସ୍ତାର ସୁବର୍ଣ୍ଣପୁର ନିକଟ ରାସ୍ତାକଡ଼ରେ ବସି ପରିବା ବିକ୍ରି କରନ୍ତି କନକ ଭୋଇ (୬୪)। ବୃଦ୍ଧା କନକ ଭୋଇଙ୍କ ପରିବାର କହିଲେ, ଭିନ୍ନକ୍ଷମ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର, ବିଧବା ବୋହୂ ଓ ଦୁଇ ଜଣ ନାତୁଣୀ ଥିବାବେଳେ ଦୁଇ ରୋଜଗାରିଆ ପୁଅ ଅକାଳରେ ମୃତ୍ୟୁବରଣ କରିଛନ୍ତି।

ପ୍ରକାଶ ଯେ, କନକ ଭୋଇଙ୍କ କିଛିବର୍ଷ ପୂର୍ବେ ହସଖୁସିରେ ପରିବାର ଚଳୁଥିଲା। ବଡ଼ପୁଅ ବିବାହ କରିଥିବା ବେଳେ ସାନପୁଅ ଅବିବାହିତ ଥିଲେ। ବଡ଼ପୁଅର ୨ଟି କନ୍ୟା ସନ୍ତାନ ହେବା ପରେ ଅକାଳରେ ବଡ଼ପୁଅ ଆଖି ବୁଜିଥିଲା। ବଡ଼ଭାଇର ମୃତ୍ୟୁପରେ ବୃଦ୍ଧା କନକ ଭୋଇଙ୍କ ସାନପୁଅ ପରିବାର ଚଳାଇଥିଲା। ହେଲେ ଅଳ୍ପଦିନ ବ୍ୟବଧାନରେ ମଧ୍ୟ ସାନପୁଅ ମୃତ୍ୟୁବରଣ କରିଥିଲେ। ଯବାନ ସମୟରେ ୨ପୁଅଙ୍କ ମୃତ୍ୟୁ ପରେ ବୃଦ୍ଧା କନକଙ୍କ ପରିବାରରେ ଦୁଃଖ ଆଣିଥିଲା। ବୃଦ୍ଧା କନକଙ୍କ ସ୍ୱାମୀ ପୂର୍ଣ୍ଣଚନ୍ଦ୍ର ଭିନ୍ନକ୍ଷମ ହୋଇଥିବାରୁ କନକଙ୍କ ଉପରେ ପରିବାରର ବୋଝ ଲଦି ହୋଇଯାଇଛି। ବୃଦ୍ଧା କନକ ପରିବାର ଚଳାଇବା ପାଇଁ ଅନ୍ୟଜମିରେ ପରିବା ଚାଷ ଆରମ୍ଭ କରିଥିଲେ। ପୋଟଳ, କାକୁଡ଼ି, କଖାରୁଠାରୁ ଆରମ୍ଭ କରି ଅନ୍ୟଚାଷ କରି ପରିବାର ଚଳାଇଥିଲେ। ୨/୩ ବର୍ଷ ହେବ ବୃଦ୍ଧା କନକ ଆଉ ପଛକୁ ଫେରି ନାହାନ୍ତି। ବିଧବା ବୋହୂ, ୨ ନାତୁଣୀ ସହ ଭିନ୍ନକ୍ଷମ ସ୍ୱାମୀଙ୍କୁ ଏବେ ଚଳାଉଛନ୍ତି ବୃଦ୍ଧା। ଚାଳ ଛପର ଘରେ ପରିବାର ସହ ରହୁଥିବା ବୃଦ୍ଧା କୁହନ୍ତି, ମୋତେ ୬୪ ବର୍ଷ ହୋଇଥିଲେ ମଧ୍ୟ ଆବାସ ଗୃହ, ଭତ୍ତା ମୋ ଲାଗି ସାତସପନ। ସ୍ୱାମୀଙ୍କୁ କେବଳ ଭିନ୍ନକ୍ଷମ ଭତ୍ତା ମିଳୁଥିବା ବେଳେ ରାସ୍ତାକଡ଼ରେ ବସି ପରିବା ବିକ୍ରିରୁ ଯାହା କିଛି ମିଳେ, ପରିବାର ଚଳାଏ ବୋଲି କୋହଭରା କଣ୍ଠରେ କହିଛନ୍ତି ବୃଦ୍ଧା। ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ବୃଦ୍ଧା କନକ ଭୋଇ ପରିବା ବିକୁଛନ୍ତି।

## ବିକଶିତ କୃଷି ସଂକଳ୍ପ ସମାବେଶ

ସାକ୍ଷୀଗୋପାଳ,୩।୬
(ଭରତ ରାଉତ)



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ସତ୍ୟବାଦୀ ବ୍ଲକ ଅଧୀନ ଜିପୁର, ଅଲଗୁମ ଓ ସାଣ୍ଡରା ଶାସନଠାରେ କୃଷି ବିଭାଗ ଆନୁକୂଲ୍ୟରେ ବିକଶିତ କୃଷି ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲା କୃଷି ଅଧିକାରୀ ଶୁଶାନ୍ତ ଦାଶ ଅଧ୍ୟକ୍ଷତା କରିଥିଲେ। କେନ୍ଦ୍ର କୃଷି ମନ୍ତ୍ରଣାଳୟ ରାଜ୍ୟ କୃଷି ବିଭାଗ ଏବଂ ଭାରତୀୟ କୃଷି ଅନୁସନ୍ଧାନ ପରିଷଦର ମିଳିତ ଭାବେ ଏହି ସମାବେଶକୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଅଲଗୁମ ସରପଞ୍ଚ ସରସ୍ୱତୀ ବିଶ୍ୱାଳ, ସାଣ୍ଡରା ଶାସନ ସରପଞ୍ଚ ବାସନ୍ତୀ ବେହେରା, ପୂର୍ବତନ ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବ୍ଲକ କୃଷି ଅଧିକାରୀ ରାକେଶ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃଷି ବୈଜ୍ଞାନିକ ଡ. ସୁମିତା ଆଚାର୍ଯ୍ୟ, ରାଜେଶ ମହାପାତ୍ର, ଡ. ପୁଷ୍ପା ଚୌଧୁରୀ, ଡ. ରାଜେଶ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ କୃଷକ ଭାଇ ଭଉଣୀଙ୍କ କୃଷିଜନିତ ସମସ୍ୟାର ସମାଧାନ କରିଥିଲେ। ଏଥିସହ ପ୍ରାକୃତିକ କୃଷି ଛତୁ ଚାଷ, ମାଛ ଚାଷ, ସମନ୍ୱିତ କୃଷି ଖରିଫ ଋତୁରେ ଧାନ ଚାଷ ଓ ନୂତନ ଜ୍ଞାନକୌଶଳ ବିଷୟରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ବିଟିଏମ୍ କୃଷି ଗ୍ରାମ ସେବକ, କୃଷକ ସାଥୀମାନେ ଯୋଗଦେଇ କୃଷି ରଥ ସମ୍ବନ୍ଧରେ କୃଷକଙ୍କୁ ଅବଗତ କରିବା ସହ କୃଷି ସମ୍ପର୍କିତ ପୁସ୍ତକ ବାଣ୍ଟିଥିଲେ।

Repco Home Finance

**ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**

କର୍ପୋରେଟ୍ କାର୍ଯ୍ୟାଳୟ: ଆଲେକ୍ଜାଣ୍ଡର ସ୍କୋୟାର୍, ନଂ.୨ (ପୁରୁଣା ନଂ. ୩୪ ଓ ୩୫), ୩ୟ ମହଲା, ସର୍ଦ୍ଦାର ପଟେଲ ରୋଡ୍, ଗୁଇଣ୍ଡି, ଚେନ୍ନାଇ - ୬୦୦ ୦୩୨

**ଇ - ନିଲାମ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ଅଧୀନରେ ରେପକୋ ହୋମ୍ ଫାଇନାନ୍ସ ଲିଃକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ**

ଯେହେତୁ, ନିମ୍ନଲିଖିତ ଋଣଗ୍ରହୀତା ଏବଂ ସହ-ଋଣଗ୍ରହୀତାମାନେ **ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ନିମ୍ନଲିଖିତ ଶାଖାରୁ** ଟଙ୍କା ଧାର କରିଥିଲେ ଏବଂ ସେମାନଙ୍କର ଦେୟତାର ବିବରଣୀ ତଳେ ଦର୍ଶାଯାଇଛି। ଯେହେତୁ, କମ୍ପାନୀ ସରଫାଏସି ଅଧିନିୟମ ଅଧୀନରେ ନୋଟିସ ଜାରି କରିଥିଲା ଏବଂ ପ୍ରାଧିକୃତ ଅଧିକାରୀ ବନ୍ଧକ ସମ୍ପତ୍ତିଗୁଡ଼ିକର ଦଖଲ ଗ୍ରହଣ କରିଛନ୍ତି ଏବଂ ନିମ୍ନଦର୍ଶିତ ତାରିଖରେ ନୋଟିସ ଜାରି କରିଛନ୍ତି ଏବଂ ବର୍ତ୍ତମାନ କମ୍ପାନୀ ସମ୍ପତ୍ତିଗୁଡ଼ିକୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ଧାରା ୮ ଓ ୯ ଅଧୀନରେ **''ଯେପରି ଅଛି ଯେଉଁଠି ଅଛି ସ୍ଥିତିରେ''** ଏବଂ **''ଯେମିତି ଅଛି ଯାହା ଅଛି ସ୍ଥିତିରେ''** ବିକ୍ରୟ କରିବା ଲାଗି ନିଷ୍ପତ୍ତି ନେଇଛି।

**ଇ-ନିଲାମର ତାରିଖ ଓ ସମୟ: ୧୫.୦୭.୨୦୨୫, ପୂର୍ବାହ୍ନ ୧୧.୦୦ - ମଧ୍ୟାହ୍ନ ୧୨.୦୦ ଘଟିକା**
**(୫ ମିନିଟର ଅସୀମିତ ସ୍ୱତଃସ୍ଫୂର୍ତ୍ତ ସମୟବୃଦ୍ଧି ସହିତ)**

**ଇ-ଟେଣ୍ଡରର ଦାଖଲ କରାଯିବାର ଶେଷ ତାରିଖ ଓ ସମୟ: ୧୪.୦୭.୨୦୨୫, ଅପରାହ୍ନ ୪.୦୦ ଘଟିକା**

**କଟକ ଶାଖା - ଫୋନ୍: ୦୬୭୪ - ୨୩୬୦୧୬୬ ଏବଂ ମୋ.: ୯୪୩୭୪୯୬୯୯୮**

**କ୍ର.ସଂ. ୧: ଋଣଗ୍ରହୀତା: ଶ୍ରୀ ଜିତେନ୍ଦ୍ର କିଶୋର ସେଠୀ,** ପିତା: ଶ୍ରୀ ବଂଶୀଧର ସେଠୀ, **ସହ-ଋଣଗ୍ରହୀତା: ୧. ଶ୍ରୀମତୀ ରେବତୀ ସେଠୀ,** ସ୍ୱାମୀ: ଶ୍ରୀ ବଂଶୀଧର ସେଠୀ, **୨. ଶ୍ରୀ ବଂଶୀଧର ସେଠୀ,** ପିତା: ଶ୍ରୀ ସାନନ୍ଦ ସେଠୀ, **୩. ଶ୍ରୀମତୀ ଅମ୍ବିକା ସେଠୀ,** ସ୍ୱାମୀ: ଜିତେନ୍ଦ୍ର କିଶୋର ସେଠୀ, **ଗ୍ୟାରେଣ୍ଟିଦାତା: ଶ୍ରୀ ଗୌରୀଶଙ୍କର ସ୍ୱାଇଁ,** ପିତା: ଶ୍ରୀ ଗଙ୍ଗାଧର ସ୍ୱାଇଁ; ଡିମାଣ୍ଡ ନୋଟିସ ତାରିଖ: **୧୫.୦୩.୨୦୨୨**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୨୩୦୧୮୭୦୬୮୦୩୫୫ (ପୁରୁଣା ଖାତା ନଂ. ୧୬୮୧୮୭୦୦୦୦୩୫୫)** ହେଉଛି **ତା୧୪.୦୩.୨୦୨୨ରିଖ ସୁଦ୍ଧା ₹୧୫,୮୧,୮୪୭/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୨୨.୧୧.୨୦୨୨;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୪.୦୫.୨୦୨୫ରିଖ ସୁଦ୍ଧା ₹୨୩,୩୯,୦୫୪/-।**

**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା: କଟକ, ତହସିଲ: କଟକ ସଦର, ମୌଜା: କାଠଗଡ଼ା ସାହିଠାରେ** ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ଖାତା ନଂ. ୧୫୭୦/୨୩୧, **ପ୍ଲଟ୍ ନଂ. ୯୨୬/୪୪୪୪,** ରକବା: ଏ.୦.୦୨୫ ଡିସିମିଲ, ଜମିର ସ୍ଥିତି: ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ: ଉତ୍ତର: ରବୀନ୍ଦ୍ର ସେଠୀ, ଦକ୍ଷିଣ: ପ୍ଲଟ୍ ନଂ. ୯୨୫, ପୂର୍ବ: ମେନ୍ ରୋଡ୍, ପଶ୍ଚିମ: ପ୍ଲଟ୍ ନଂ. ୯୨୪ ଓ ୯୨୫।

| ସଂରକ୍ଷିତ ମୂଲ୍ୟ | ₹୪୪,୦୮,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୪,୪୦,୮୦୦/- | ସର୍ବନିମ୍ନ ବିଡ଼ ବୃଦ୍ଧି ପରିମାଣ | ₹୫୦,୦୦୦/- |
|---|---|---|---|---|---|

**କ୍ର.ସଂ. ୨: ଋଣଗ୍ରହୀତା: ଶ୍ରୀ ପୁରୁଷୋତ୍ତମ ନାୟକ (ଦିବଂଗତ),** ପିତା: ଶ୍ରୀ ଦାଶରଥି ନାୟକ, **ସହ-ଋଣଗ୍ରହୀତା: ୧. ଶ୍ରୀ ତାପସ ରଞ୍ଜନ ନାୟକ,** ପିତା: ଶ୍ରୀ ପୁରୁଷୋତ୍ତମ ନାୟକ, **୨. ଶ୍ରୀମତୀ ସୁବାସିନୀ ନାୟକ,** ସ୍ୱାମୀ: ଶ୍ରୀ ପୁରୁଷୋତ୍ତମ ନାୟକ, **ଗ୍ୟାରେଣ୍ଟିଦାତା: ଶ୍ରୀ ସନ୍ତୋଷ କୁମାର ସ୍ୱାଇଁ,** ପିତା: ଶ୍ରୀ କସ୍ତୁରି ଚରଣ ସ୍ୱାଇଁ; ଡିମାଣ୍ଡ ନୋଟିସ ତାରିଖ: **୨୩.୦୮.୨୦୨୧**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି [illegible]

**ଭୁବନେଶ୍ୱର ଶାଖା - ଫୋନ୍:** [illegible]

[illegible]

**ମୋଟ କ୍ରୟ ରକବା: ଏ.୦.୦୪୫ ଡିସିମିଲ,** ଜମିର କିସମ: ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ: ଉତ୍ତର: ନାରଣ ଜେନା, ଦକ୍ଷିଣ: ଗୌରାଙ୍ଗ ବିଶ୍ୱାଳ, ପୂର୍ବ: ଗଦାଧର ବିଶ୍ୱାଳ, ପଶ୍ଚିମ: ରାସ୍ତା।

| ସଂରକ୍ଷିତ ମୂଲ୍ୟ | ₹୪୩,୬୮,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୪,୩୬,୮୦୦/- | ସର୍ବନିମ୍ନ ବିଡ଼ ବୃଦ୍ଧି ପରିମାଣ | ₹୫୦,୦୦୦/- |
|---|---|---|---|---|---|

**କ୍ର.ସଂ. ୧୨: ଋଣଗ୍ରହୀତା: ଶ୍ରୀ ଏମ୍‌ଡି. ସାଜିଦ ହୁସେନ୍,** ପିତା: ଶ୍ରୀ ମହମ୍ମଦ କଲାମ, **ସହ-ଋଣଗ୍ରହୀତା: ଶ୍ରୀମତୀ ଶାଲେହା ଖାତୁନ୍,** ସ୍ୱାମୀ: ଶ୍ରୀ ଏମ୍‌ଡି. ସାଜିଦ ହୁସେନ୍, ଏବଂ **ଗ୍ୟାରେଣ୍ଟିଦାତା: ଶ୍ରୀ ବିନୋଦ କୁମାର ଶର୍ମା,** ପିତା: ଶ୍ରୀ ମଦନଲାଲ ଶର୍ମା; ଡିମାଣ୍ଡ ନୋଟିସ ତାରିଖ: **୦୯.୦୯.୨୦୨୦**; ଡିମାଣ୍ଡ ନୋଟିସ ଅନୁଯାୟୀ ଦାବି କରାଯାଇଥିବା ଅର୍ଥରାଶି (ଖାତା ନଂ. **୧୬୮୧୮୭୦୦୦୦୭୧୩**) ହେଉଛି **ତା୦୭.୦୯.୨୦୨୦ରିଖ ସୁଦ୍ଧା ₹୧୧,୨୫,୧୧୭/-** ସମେତ ପରବର୍ତ୍ତୀ ସୁଧ, ଖର୍ଚ୍ଚ ଏବଂ ବ୍ୟୟ; ଦଖଲ ନିଆଯିବାର ତାରିଖ: **୦୯.୦୧.୨୦୨୩;** ବର୍ତ୍ତମାନର ବକେୟା ଅର୍ଥରାଶି: **ତା୧୬.୦୫.୨୦୨୫ରିଖ ସୁଦ୍ଧା ₹୨୧,୨୨,୧୯୦/-।**

**ସମ୍ପତ୍ତିର ବର୍ଣ୍ଣନା: ଜିଲ୍ଲା କଟକ, ତହସିଲ ଟାଙ୍ଗୀ ଚୌଦ୍ୱାର,** ମୌଜା ଅଳଣାଠାରେ ଅବସ୍ଥିତ ଜମି ଓ ଭବନର ସମସ୍ତ ଭାଗ ଓ ଅଂଶବିଶେଷ, ରେକର୍ଡ ଅଫ୍ ରାଇଟ୍ ନଂ. ୧୪୨/୯୮, **ପ୍ଲଟ୍ ନଂ.୨୨୭/୪୨୦, ରକବା:** ଏ.୦.୧୮୦ ଡିସିମିଲ ମଧ୍ୟରୁ **ଏ୦.୦୪୦ ଡିସିମିଲ**। ଜମିର କିସମ: ହୋମଷ୍ଟିଡ୍ ଏବଂ ଚଉହଦୀ ନିମ୍ନ ଅନୁଯାୟୀ: ଉତ୍ତର: କେନାଲ ରୋଡ୍, ଦକ୍ଷିଣ: ପ୍ଲଟ୍ ନଂ.୨୨୬, ପୂର୍ବ: ଏମ୍‌ଡି ସମସୁଲ, ପଶ୍ଚିମ: ବିଚିତ୍ରାନନ୍ଦ ସ୍ୱାଇଁ।

| ସଂରକ୍ଷିତ ମୂଲ୍ୟ | ₹୨୬,୪୪,୦୦୦/- | ଇଏମ୍‌ଡି (ସଂରକ୍ଷିତ ମୂଲ୍ୟର ୧୦%) | ₹୨,୬୪,୪୦୦/- | ସର୍ବନିମ୍ନ ବିଡ଼ ବୃଦ୍ଧି ପରିମାଣ | ₹୨୫,୦୦୦/- |
|---|---|---|---|---|---|

ଇ-ନିଲାମ ପଦ୍ଧତି ପାଇଁ, ଦୟାକରି ମେସର୍ସ ସି୧ ଇଣ୍ଡିଆ ପ୍ରା. ଲିଃ, ଶ୍ରୀ ପ୍ରଭାକରନ - ୭୪୧୮୨୮୧୭୦୯ଙ୍କ ସହ ଯୋଗାଯୋଗ କରନ୍ତୁ।

ସମ୍ପତ୍ତିର ନିରୀକ୍ଷଣ ପାଇଁ ଆଗ୍ରହୀ ବିଡରମାନେ ଶାଖା ମୁଖ୍ୟ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍‌ର ସମ୍ପୃକ୍ତ ଶାଖାଙ୍କ ସହ ସମସ୍ତ କାର୍ଯ୍ୟଦିବସରେ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ମଧ୍ୟରେ ଯୋଗାଯୋଗ କରିପାରନ୍ତି।

**ତାରିଖ: ୨୭.୦୫.୨୦୨୫** **ପ୍ରାଧିକୃତ ଅଧିକାରୀ, ରେପକୋ ହୋମ୍ ଫାଇନାନ୍ସ ଲିମିଟେଡ୍**

# ବିସ୍ଫୋରକ ଗୋଦାମ, ଖଣି ଅଞ୍ଚଳରେ ଯାଞ୍ଚ



ବଣାଇଁ ପୋଲିସ ପକ୍ଷରୁ ଏକ ବାରୁଦ ଗୋଦାମରେ ଯାଞ୍ଚ କରାଯାଉଛି।

**ସୁନ୍ଦରଗଡ଼/ବଣାଇଁ, ୩।୬(ଜୟନାରାୟଣ ମେଣ୍ଡୁଲି/ ପ୍ରଦୀପ ତ୍ରିପାଠୀ)**

ସୁନ୍ଦରଗଡ଼ ଜିଲାରେ ମାଓବାଦୀଙ୍କ ଦ୍ୱାରା ବିସ୍ଫୋରକ ସାମଗ୍ରୀ ଲୁଟ୍ ଘଟଣା ପରେ ରାଜ୍ୟ ପୋଲିସ ଏବେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ମଙ୍ଗଳବାର ସୁନ୍ଦରଗଡ଼, ରାଉରକେଲା, କେନ୍ଦୁଝର ପୋଲିସ ଜିଲା ଅଧୀନରେ ଥିବା ବିଭିନ୍ନ ବିସ୍ଫୋରକ ଗୋଦାମ, ଖଣି ଅଞ୍ଚଳରେ ପୋଲିସ ପକ୍ଷରୁ ଯାଞ୍ଚ କରାଯାଇଛି। ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ପଶ୍ଚିମାଞ୍ଚଳ ପୋଲିସ ଡିଆଇଜି ବ୍ରିଜେଶ୍ ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୬୧ଟି ସ୍ଥାନରେ ଯାଞ୍ଚ ହୋଇଛି। ସେଥିମଧ୍ୟରେ କେନ୍ଦୁଝର ପୋଲିସ ଜିଲାର ୩୨, ରାଉରକେଲାର ୨୧, ସୁନ୍ଦରଗଡ଼ର ୮ଟି ସ୍ଥାନ ରହିଛି। ସୁନ୍ଦରଗଡ଼ ପୋଲିସ ଜିଲାର ଏମ୍‌ସିଏଲ, ଏନ୍‌ଟିପିସି, ଦର୍ଲିପାଲି ପାୱାର ପ୍ଲାଣ୍ଟ, ଏନ୍‌ଟିପିସି ଡୁଲିଙ୍ଗା କୋଇଲା ଖଣି, ମନୋହରପୁର ଓସିପିଏଲ କୋଇଲା ଖଣି, ବେଦାନ୍ତର ଜାମକାନି କୋଇଲା ଖଣି, ଡାଲ୍‌ମିଆ ସିମେଣ୍ଟର ଲାଞ୍ଜିବେର୍ଣା ଚୂନପଥର ଖଣିରେ ଥିବା ମାଗାଜିନ ଓ ବିସ୍ଫୋରକ ସାମଗ୍ରୀଗୁଡ଼ିକ ଯାଞ୍ଚ କରାଯାଉଛି। ନୂଆପାଲିରେ ଏକ ବାରୁଦ ଗୋଦାମରେ ସକାଳେ ବଣାଇଁ ପୋଲିସର ଯାଞ୍ଚ ଚଳାଇଥିଲା। ବର୍ତ୍ତମାନ ପରିସ୍ଥିତିରେ ଗୋଦାମର ସ୍ଥିତି, ଅବସ୍ଥିତି ଓ କାର୍ଯ୍ୟକଳାପ ସାଙ୍ଗକୁ ଆବଶ୍ୟକ କାଗଜପତ୍ରର ଯାଞ୍ଚ ପୋଲିସ କରିଛି। ଯାଞ୍ଚ ପରେ ସେଭଳି କିଛି ମିଳି ନ ଥିବା ତଥା ଅନ୍‌ଲାଇନ ଯାଞ୍ଚ ପରେ ସବୁ ସ୍ପଷ୍ଟହେବ ବୋଲି ବଣାଇଁ ଥାନା ଭାରପ୍ରାପ୍ତ ଅଧିକାରୀ ଜ୍ଞାନରଞ୍ଜନ ସାହୁ ସୂଚନା ଦେଇଛନ୍ତି।

# ଶୂନ ଦୁର୍ଘଟଣା ଦିବସର ଶୁଭାରମ୍ଭକଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୩।୬(ସୁନିତ୍ ମିଶ୍ର)**

ଦୁର୍ଘଟଣା କେବଳ ପରିବାର କି ରାଜ୍ୟ ନୁହେଁ, ସମଗ୍ର ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଥାଏ। ଏହା କୌଣସି ବ୍ୟକ୍ତିଗତ ନୁହେଁ ବରଂ ସାମଗ୍ରିକ କ୍ଷତି। ତେଣୁ ସମସ୍ତଙ୍କୁ ଅନୁରୋଧ, ଘରୁ ବାହରିବାଠାରୁ ଫେରିବା ପର୍ଯ୍ୟନ୍ତ ସଡ଼କର ସମସ୍ତ ନିୟମ ଠିକ୍ ଭାବେ ପାଳନ କରନ୍ତୁ ଓ ସୁରକ୍ଷିତ ଭାବେ ଘରକୁ ଫେରିବାକୁ ନିଶ୍ଚିତ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସଡ଼କରେ ଯାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସୁରକ୍ଷିତ ଜୀବନ ପାଇଁ ଏକ ସାମୂହିକ ପ୍ରତିବଦ୍ଧତାର ସଂକଳ୍ପ ସ୍ୱରୂପ ଆଇଆଇଟି ମାଡ୍ରାସ୍‌ର ସହଯୋଗରେ ମଙ୍ଗଳବାରଠାରୁ ଆସନ୍ତା ୨୮ ପର୍ଯ୍ୟନ୍ତ 'ଶୂନ ଦୁର୍ଘଟଣା ଦିବସ'ପାଳନ କରାଯିବ।

ଲୋକସେବା ଭବନ କନ୍‌ଭେନ୍ସନ୍ ସେଣ୍ଟରଠାରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆୟୋଜିତ ଶୂନ ଦୁର୍ଘଟଣା ଦିବସ ଏବଂ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ସାରା ଭାରତରେ ଦୁର୍ଘଟଣାଜନିତ ମୃତ୍ୟୁ ବହୁ ବଡ଼ ସମସ୍ୟା ଭାବେ ଦେଖାଦେଇଛି। ଦେଶରେ ଦୁର୍ଘଟଣାବଶତଃ ପ୍ରାଣ ହରାଉଥିବା ବ୍ୟକ୍ତିଙ୍କ ମଧ୍ୟରୁ ୭୫.୨% କାରଣ ଦ୍ରୁତଗତିରେ ଗାଡ଼ି ଚାଳନା। ଗାଡ଼ି ଚଳାଇବାର ଗୋଲ୍‌ଡେନ୍ ରୁଲ ସ୍ପିଡ୍ ଥ୍ରିଲସ୍, ବଟ୍ ଇଟ୍ ଅଲ୍‌ସୋ କିଲ୍‌ସକୁ ଚାଳକମାନେ ଭୁଲିଯାଉଛନ୍ତି। ଏଥିସହ ଭୁଲ୍ ପାର୍ଶ୍ୱରେ, ମଦ୍ୟପାନ ଓ ଗାଡ଼ି ଚାଳନା ସମୟରେ ମୋବାଇଲ ବ୍ୟବହାର ଯୋଗୁ ଦୁର୍ଘଟଣାଜନିତ ମୃତ୍ୟୁ ମଧ୍ୟ ଘଟୁଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୨୪ କୋଟି ଟଙ୍କା ବିନିଯୋଗରେ ସୋନପୁର, ଚଣ୍ଡିଖୋଲ, ଭଞ୍ଜନଗର, ମୟୂରଭଞ୍ଜ, ରାଇରଙ୍ଗପୁର, ବଲାଙ୍ଗୀର, ତାଳଚେର, ମାଲକାନଗିରି, ନୟାଗଡ଼, ନବରଙ୍ଗପୁର ଓ ଦେବଗଡ଼ରେ ୧୧ଟି ସ୍ୱୟଂଚାଳିତ ଯାନ ଚାଳନା ପରୀକ୍ଷଣ ବ୍ୟବସ୍ଥା (ଏଡିଟିଏସ୍)ର ଶୁଭାରମ୍ଭ କରିଛନ୍ତି। ଏହାସହ ୨୧୫ କୋଟି ଟଙ୍କା ପ୍ରକଳ୍ପ ମୂଲ୍ୟରେ ଡ୍ରାଇଭିଂ ଇଲେକ୍ଟ୍ରୋନିକ ଏନ୍‌ଫୋର୍ସମେଣ୍ଟ ଟୁ ସେଭ ହ୍ୟୁମାନ୍ ଲାଇଭସ୍ ବା ଦିଶା ପ୍ରକଳ୍ପର ୨ୟ ପର୍ଯ୍ୟାୟ ଶୁଭାରମ୍ଭ କରିଛନ୍ତି। ଏହା ରାଜ୍ୟର ବିଭିନ୍ନ ଜାତୀୟ ଓ ରାଜ୍ୟ ରାଜପଥର ୪୮୫ କି.ମି. ଅଞ୍ଚଳରେ କାର୍ଯ୍ୟକ୍ଷମ ହେବ। ଏହାସହ ୧୦୦୭ କି.ମି. ଅଞ୍ଚଳରେ ଏହି ପ୍ରକଳ୍ପର ୩ୟ ପର୍ଯ୍ୟାୟ ପାଇଁ ଶିଳାନ୍ୟାସ ମଧ୍ୟ କରାଯାଇଛି। ଏହି ବ୍ୟବସ୍ଥା ଫଳରେ ସଡ଼କ ସୁରକ୍ଷା ନିୟମ ପାଳନ କରୁ ନ ଥିବା ଚାଳକଙ୍କ ବିରୋଧରେ ସ୍ୱୟଂକ୍ରିୟ ପ୍ରଣାଳୀରେ ଇ-ଚାଲାଣ କଟିବ। ଯାଜପୁର ଜିଲାରେ ୨ୟ ପଞ୍ଜୀକୃତ ଯାନ ସ୍କ୍ରାପିଂ କେନ୍ଦ୍ର ମଧ୍ୟ ଉଦ୍‌ଘାଟିତ ହୋଇଛି। କଟକଠାରେ ରାଜ୍ୟର ପ୍ରଥମ ସ୍ୱୟଂକ୍ରିୟ ଯାନ ପରୀକ୍ଷଣ କେନ୍ଦ୍ରର ଶୁଭାରମ୍ଭ ସହ ଆହୁରି ୨୦ଟି ସ୍ଥାନରେ ଏହି କେନ୍ଦ୍ର ସ୍ଥାପନ ପାଇଁ ଶିଳାନ୍ୟାସ କରାଯାଇଛି। ଏଥିପାଇଁ ୨୧୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମୁଖ୍ୟମନ୍ତ୍ରୀ ୨୭.୩ କୋଟି ଟଙ୍କା ବ୍ୟୟରେ ପୁରୀରୁ ଅଯୋଧ୍ୟା, ତିରୁପତି, ଉଜ୍ଜୟିନୀ, ହାଇଦ୍ରାବାଦ, ଭିଲାଇ, ଭୁବନେଶ୍ୱରରୁ ବିଶାଖାପାଟଣା, ଭବାନୀପାଟଣାରୁ ହାଇଦ୍ରାବାଦ ଏବଂ ରାଇଘରରୁ ହାଇଦ୍ରାବାଦ ପର୍ଯ୍ୟନ୍ତ ୧୫ଟି ସୁପର ପ୍ରିମିୟମ ଭୋଲ୍‌ଭୋ ବସ୍ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍‌ର ଶୁଭାରମ୍ଭ କରିଛନ୍ତି। ଭଦ୍ରକ ଜିଲାର ବାସୁଦେବପୁର ଓ ଧାମରା ଏବଂ ବାଲେଶ୍ୱର ଜିଲା ବସ୍ତାଠାରେ ନିର୍ମିତ ଅଟଳ ବସ୍‌ଷ୍ଟାଣ୍ଡକୁ ମଧ୍ୟ ଶୁଭାରମ୍ଭ କରିବା ସହ ଓଏସ୍‌ଆର୍‌ଟିସିର ସମନ୍ୱିତ ପରିବହନ ପରିଚାଳନା ବ୍ୟବସ୍ଥା (ଆଇଟିଏମ୍‌ଏସ୍) ଏବଂ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର (ଆଇସିସିସି) ର ଲୋକାର୍ପଣ କରିଛନ୍ତି। ଏହିପରି ପ୍ରାୟ ୫୭୫.୭୭ କୋଟି ଟଙ୍କା ମୂଲ୍ୟର ସଡ଼କ ସୁରକ୍ଷା ସମ୍ପର୍କିତ ୫୫ଟି କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଶୁଭାରମ୍ଭ ହୋଇଛି।

ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି, ଶୁଭାରମ୍ଭ ହୋଇଥିବା ପ୍ରକଳ୍ପ ଓ କାର୍ଯ୍ୟକ୍ରମଗୁଡ଼ିକ ସଡ଼କ ସୁରକ୍ଷା ଦିଗରେ ବେଶ୍ ଉପଯୋଗୀ। ଲୋକଙ୍କୁ ସୁରକ୍ଷିତ ଓ ଉନ୍ନତ ପରିବହନ ସେବା ଦେବା ପାଇଁ ଆମ ସରକାର ପ୍ରତିବଦ୍ଧ ବୋଲି ସେ କହିଛନ୍ତି। ଶୂନ ଦୁର୍ଘଟଣା ଦିବସ ପାଳନର ବ୍ରାଣ୍ଡ ଆମ୍ବାସାଡର ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ଏବଂ ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସଡ଼କ ସୁରକ୍ଷା ସମ୍ବନ୍ଧିତ ସଚେତନତା ବାର୍ତ୍ତା ଦେଇଛନ୍ତି।



# ବୁଣାକାର ହେବେ ଦକ୍ଷ: ବଢ଼ିବ ଆର୍ଥିକ ମାନଦଣ୍ଡ

**ଭୁବନେଶ୍ୱର,୩।୬ (ରବିନାରାୟଣ ଜେନା)**

ରାଜ୍ୟରେ ଥିବା ବୁଣାକାର କିଭଳି ଦକ୍ଷ ହେବେ ଏବଂ ଗୋଟିଏ ଛାତ ତଳେ ସବୁପ୍ରକାର ସୁବିଧା ସୁଯୋଗ ପାଇପାରିବେ ସେଥିନେଇ ରାଜ୍ୟ ସରକାର ତତ୍ପରତା ଦେଖାଇନ୍ତି। ମଙ୍ଗଳବାର ହସ୍ତତନ୍ତ୍ର, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଏକ ଏସ୍‌ଓପି ଜାରି ହୋଇଛି। ବିଭାଗୀୟ ସଚିବ ଗୁହା ପୁନମ୍ ତାପସ କୁମାର ଏସ୍‌ଓପିରେ ଦର୍ଶାଇଛନ୍ତି ଯେ, ରାଜ୍ୟର ବିଭିନ୍ନ ଶିଳ୍ପପୁଞ୍ଜରେ ବୁଣାକାରଙ୍କ ସାମଗ୍ରିକ ଉନ୍ନତି ପାଇଁ କମନ ଫାସିଲିଟି ସେଣ୍ଟର(ସିଏଫ୍‌ସି) କରାଯିବ। ଏହାସହ ଅନ୍ୟାନ୍ୟ ଢାଞ୍ଚା ଯଥା କ୍ରାଫ୍ଟ ଟୁରିଜମ୍ ସେଣ୍ଟର, କଞ୍ଚାମାଲ ବ୍ୟାଙ୍କ, ମାର୍କେଟିଂ ଆଉଟ୍‌ଲେଟ୍, ବିପଣନ ଭବନ, ବ୍ୟାଖ୍ୟାକରଣ ସେଣ୍ଟର, ରାସ୍ତାପାର୍ଶ୍ୱ ସୁବ୍ୟବସ୍ଥିତ ଗୃହ ପ୍ରତିଷ୍ଠା କରାଯିବ। ସିଏଫ୍‌ସି ଓ ଅନ୍ୟାନ୍ୟ ଢାଞ୍ଚାଗୁଡ଼ିକ ବୁଣାକାରମାନଙ୍କ ଦକ୍ଷତା ବୃଦ୍ଧି କରିବା ସହିତ ସେମାନଙ୍କ ଡିଜାଇନ୍‌ରେ ଉନ୍ନତି ଆଣିବ। ଆଧୁନିକ ଯନ୍ତ୍ରପାତି ବ୍ୟବହାର ମାଧ୍ୟମରେ ପ୍ରଯୁକ୍ତିଗତ ସହଯୋଗ ମିଳିବ ଏବଂ କଞ୍ଚା ମାଲ୍ ସୁବିଧାରେ ମିଳିବା ଦ୍ୱାରା ଉତ୍ପାଦନ ବଢ଼ିବ। ସୃଜନିକା ମାଧ୍ୟମରେ ବୁଣାକାରଙ୍କ ବିକାଶ ସମ୍ଭବ ହୋଇପାରିବ। ଉତ୍ପାଦନ କମ୍ପାନୀ ଏବଂ ଉତ୍ପାଦନ ଗ୍ରୁପ୍‌ର ୨ ବର୍ଷର ଅଭିଜ୍ଞତାକୁ ବିଚାରକୁ ନିଆଯିବ ବୋଲି ଏସ୍‌ଓପିରେ ଉଲ୍ଲେଖ ରହିଛି।

# ଟ୍ରାଫିକ୍ ପୋଷ୍ଟ ଡିଭାଇଡରରେ ଲାଗିବ ତୁଳସୀଗଛ

**ଭୁବନେଶ୍ୱର, ୩।୬ (ବନ୍ଦନା ସେଠୀ)**

ସହରାଞ୍ଚଳ ଟ୍ରାଫିକ୍ ପୋଷ୍ଟ ନିକଟ ଡିଭାଇଡରରେ ତୁଳସୀ ଗଛ ଲଗାଯିବ। ଏନେଇ ମଙ୍ଗଳବାର ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସମସ୍ତ ପୌର ପ୍ରଶାସନକୁ ନିର୍ଦ୍ଦେଶ ଦେବା ସହ ଜୁନ୍ ୨୦ରେ ଆରମ୍ଭ ହେବାକୁ ଥିବା ଏହି ଅଭିଯାନରେ ବ୍ୟାପକ ଭାବେ ସହଭାଗୀ ହେବାକୁ କହିଛନ୍ତି। ଆଧ୍ୟାତ୍ମିକତା ଦୃଷ୍ଟିକୋଣରୁ ତୁଳସୀ ଗଛର ମହନୀୟତା ରହିଛି। ସେହିପରି ଅମ୍ଳଜାନ ଦେଉଥିବା ଗଛଗୁଡ଼ିକ ମଧ୍ୟରେ ଏହାର ଶ୍ରେଷ୍ଠତା ରହିଛି। ରାସ୍ତାରେ ଯାତାୟାତ ବେଳେ ଭିଡ଼ ଯୋଗୁ ଅନେକ ସମୟରେ ଆମକୁ ଅଟକିବାକୁ ପଡୁଛି। ଡିଭାଇଡରରେ ଅନେକ ପ୍ରକାରର ଗଛ ଲାଗୁଥିବାବେଳେ ତୁଳସୀ ଗଛ ଲଗାଇଲେ ଆହୁରି ଭଲ ହେବ। ଟ୍ରାଫିକରେ ଅଟକିବା ସମୟରେ ତୁଳସୀ ଗଛରୁ ମିଳୁଥିବା ଅମ୍ଳଜାନ ଲୋକ ପାଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଭାଜପା ସରକାର ବର୍ଷପୂର୍ତ୍ତି ପାଳନ କରିବାକୁ ଯାଉଛି। ଏହି ଅବସରରେ ସହରାଞ୍ଚଳର ଟ୍ରାଫିକ ନିକଟ ଡିଭାଇଡରରେ ତୁଳସୀ ଗଛ ଲଗାଇବାକୁ ଚିନ୍ତା କରାଯାଉଛି। ଆସନ୍ତା ୨୦ ତାରିଖରେ ଗୋଟିଏ ସମୟରେ ସମସ୍ତ ୟୁଏଲ୍‌ବିରେ ହଜାର ହଜାର ତୁଳସୀ ଗଛ ଲଗାଇବାକୁ ପରାମର୍ଶ ଦିଆଯାଇଛି।

# ଜିଲା ବାହାରକୁ ବଦଳି ଆବେଦନ କରିପାରିବେ ଶିକ୍ଷକ

**ଭୁବନେଶ୍ୱର,୩।୬(ସୁଚିସ୍ମିତା ସାହୁ)**

## ପୁଣି ବଦଳିଲା ପ୍ରାଥମିକ ଶିକ୍ଷକଙ୍କ ବଦଳି କ୍ୟାଲେଣ୍ଡର

୨୦୨୫-୨୬ ଶିକ୍ଷାବର୍ଷ ଲାଗି ସରକାରୀ ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷକମାନଙ୍କ ବଦଳି ଆବେଦନ ଆରମ୍ଭ ହୋଇଯାଇଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ମଙ୍ଗଳବାର ପୁଣି ଥରେ ସଂଶୋଧିତ କ୍ୟାଲେଣ୍ଡର ପ୍ରକାଶ ପାଇଛି। ଜୁଲାଇ ୧୯ ସୁଦ୍ଧା ବଦଳି ପ୍ରକ୍ରିୟା ଶେଷ କରିବାକୁ ଓସେପା, ଜିଲା ଶିକ୍ଷା ଅଧିକାରୀ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଣିକି ଶିକ୍ଷକମାନେ ଜିଲା ଭିତରେ ଓ ବାହାରକୁ ବଦଳି ହେବାକୁ ଚାହିଁଲେ ଆବେଦନ କରିପାରିବେ।

ଉକ୍ତ କ୍ୟାଲେଣ୍ଡର ଅନୁଯାୟୀ, ମେ ୧୫ରୁ ଜୁନ ୬ ପର୍ଯ୍ୟନ୍ତ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ ଓ ପ୍ରଧାନ ଶିକ୍ଷକମାନେ ବଦଳି ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଜୁନ ୯ରୁ ୧୬ ସୁଦ୍ଧା ବ୍ଲକ ଶିକ୍ଷା ଅଧିକାରୀ ଏବଂ ଜିଲା ଶିକ୍ଷା ଅଧିକାରୀମାନେ ଆବେଦନ ଫର୍ମଗୁଡିକର ଯାଞ୍ଚ କରିବା ସହିତ ଅପ୍‌ଲୋଡ୍ କରିବେ। ଜୁନ୍ ୨୦ରୁ ୨୧ ତାରିଖ ସୁଦ୍ଧା ମେଡିକାଲ ମାମଲାଗୁଡ଼ିକୁ ମେଡିକାଲ ବୋର୍ଡକୁ ପଠାଯିବ। ୩୦ରେ ମେଡିକାଲ ରିପୋର୍ଟ ମିଳିବା ପରେ ଜୁଲାଇ ୪ରୁ ୫ ଭିତରେ ରିପୋର୍ଟଗୁଡିକୁ ଅପ୍‌ଲୋଡ୍ କରାଯିବ। ୭ରୁ ୯ ତାରିଖ ମଧ୍ୟରେ ନିଜ ପସନ୍ଦ ଅନୁସାରେ ବଦଳି ଆବେଦନ କରିଥିବା ଚିଠିର ଅନୁଧ୍ୟାନ କରାଯିବ। ଏହାପରେ ଜୁଲାଇ ୧୦ରୁ ୧୬ ତାରିଖ ମଧ୍ୟରେ ଏକ ବୈଠକ ଜରିଆରେ ଯୋଗ୍ୟ ପ୍ରାର୍ଥୀଙ୍କ ଡ୍ରାଫ୍ଟ ଲିଷ୍ଟ ପ୍ରସ୍ତୁତ କରାଯିବ। ପରେ ଫାଇନାଲ ମେରିଟ ଲିଷ୍ଟ ଜୁଲାଇ ୧୮ରେ ଓସେପା ୱେବ୍‌ସାଇଟରେ ପ୍ରକାଶ ପାଇବ। ଜୁଲାଇ ୧୮ରୁ ୧୯ରେ ବଦଳି ପାଇଁ ଶିକ୍ଷକଙ୍କୁ ଚିଠି କରାଯିବ। ଜୁଲାଇ ୨୫ରେ ବଦଳି ସ୍ଥାନରେ ଯୋଗଦେବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶ ରହିଛି। ଅନେକ ଶିକ୍ଷକ ବଦଳି ପାଇଁ ସ୍ଥାନୀୟ ବିଧାୟକଙ୍କ ସୁପାରିସ ଚାହୁଁଥିଲେ ଓ ତାହା ମିଳିବାରେ ବିଳମ୍ବ ହେଉଥିଲା, ତେଣୁ ବଦଳି ସମୟସୀମାକୁ ବୃଦ୍ଧି କରାଯାଇଛି। ଯଦ୍ଦ୍ୱାରା ବଦଳି ଆବେଦନରୁ ବଞ୍ଚିତ ହୋଇଥିବା ଶିକ୍ଷକମାନେ ପୁଣି ଆବେଦନ କରିପାରିବେ।

## ସରକାରୀ ଆଇଟିଆଇ ଶିକ୍ଷକ ନିଯୁକ୍ତି ସଂଶୋଧିତ ବିଜ୍ଞପ୍ତି

# ନିଯୁକ୍ତି, ପଦୋନ୍ନତି ପ୍ରକ୍ରିୟାକୁ ସୁଗମ କରିବ

**ଭୁବନେଶ୍ୱର,୩।୬ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଆଇଟିଆଇ ଶିକ୍ଷକ ସେବା(ନିଯୁକ୍ତି ପଦ୍ଧତି ଓ ସେବାସର୍ତ୍ତ)ନିୟମାବଳୀ-୨୦୨୪ର ସଂଶୋଧନ ବିଜ୍ଞପ୍ତି ଜାରି ହୋଇଛି। ଏଥିରେ ବିଭାଗୀୟ ସଚିବ ଭୂପିନ୍ଦର ସିଂ ପୁନିଆ ଦର୍ଶାଇଛନ୍ତି ଯେ, ଆଇଟିଆଇରେ ସହକାରୀ ଶିକ୍ଷକ, ଉପପ୍ରଶିକ୍ଷଣ ଅଧିକାରୀ, ପ୍ରଶିକ୍ଷଣ ଅଧିକାରୀ, ପ୍ରିନ୍ସିପାଲ(ଲେଭଲ-୧,୨), ଭାଇସ୍‌ପ୍ରିନ୍ସିପାଲ ଏବଂ ଯୁଗ୍ମ ନିର୍ଦ୍ଦେଶକ ପଦବୀ ପାଇଁ ନିଯୁକ୍ତି ଓ ପଦୋନ୍ନତି ପ୍ରକ୍ରିୟାରେ ପରିବର୍ତ୍ତନ କରାଯାଇଛି। ଏହି ସଂଶୋଧନ ବିଜ୍ଞପ୍ତି ଆଇଟିଆଇ ଶିକ୍ଷକମାନଙ୍କ ପାଇଁ ନିଯୁକ୍ତି ଓ ପଦୋନ୍ନତି ପ୍ରକ୍ରିୟାକୁ ଆହୁରି ସ୍ପଷ୍ଟ ଓ ସୁଗମ କରିବ। ଏହା ଏନ୍‌ଟିସି, ଏନ୍‌ଏସି କିମ୍ବା ଆଇଟିଆଇ ଓ ଡିପ୍ଲୋମା କିମ୍ବା ଡିଗ୍ରୀଧାରୀଙ୍କ ମଧ୍ୟରେ ନିଯୁକ୍ତି ଓ ପଦୋନ୍ନତିରେ ସନ୍ତୁଳନ ଆଣିବା ସହିତ ଯୋଗ୍ୟ ପ୍ରାର୍ଥୀଙ୍କୁ ଉଚ୍ଚ ପଦବୀରେ ସୁଯୋଗ ପ୍ରଦାନ କରିବ।

ସଂଶୋଧିତ ନିୟମ ଅନୁସାରେ, ଉପପ୍ରଶିକ୍ଷଣ ଅଧିକାରୀ (ଡେପୁଟି ଟ୍ରେନିଂ ଅଫିସର) ଅତିକମ୍‌ରେ ୫୦ ପ୍ରତିଶତ ପଦବୀ ଏନ୍‌ଟିସି, ଏନ୍‌ଏସି କିମ୍ବା ଆଇଟିଆଇ ଶ୍ରେଣୀର ଯୋଗ୍ୟ ସହକାରୀ ପ୍ରଶିକ୍ଷଣ ଅଧିକାରୀମାନଙ୍କ ପଦୋନ୍ନତି ମାଧ୍ୟମରେ ପୂରଣ କରାଯିବ। ଆଉ ୫୦ ପ୍ରତିଶତ ପଦବୀ ଡିପ୍ଲୋମା କିମ୍ବା ଡିଗ୍ରୀ ଶ୍ରେଣୀର ଯୋଗ୍ୟ ସହକାରୀ ପ୍ରଶିକ୍ଷଣ ଅଧିକାରୀମାନଙ୍କ ପଦୋନ୍ନତି ମାଧ୍ୟମରେ ପୂରଣ କରାଯିବ। ସେହିପରି ପ୍ରଶିକ୍ଷଣ ଅଧିକାରୀ(ଟ୍ରେନିଂ ଅଫିସର) ୫୦ ପ୍ରତିଶତ ପଦବୀ ଏନ୍‌ଟିସି, ଏନ୍‌ଏସି କିମ୍ବା ଆଇଟିଆଇ ଶ୍ରେଣୀର ଯୋଗ୍ୟ ଉପ ପ୍ରଶିକ୍ଷଣ ଅଧିକାରୀମାନଙ୍କ ପଦୋନ୍ନତି ମାଧ୍ୟମରେ ପୂରଣ କରାଯିବ। ଆଉ ୫୦% ପଦବୀ ଡିପ୍ଲୋମା କିମ୍ବା ଡିଗ୍ରୀ ଶ୍ରେଣୀର ଯୋଗ୍ୟ ଉପ ପ୍ରଶିକ୍ଷଣ ଅଧିକାରୀମାନଙ୍କ ପଦୋନ୍ନତି ମାଧ୍ୟମରେ ପୂରଣ ହେବ। ସେହିପରି ପ୍ରିନ୍ସିପାଲ(ପାହ୍ୟା-୨)/ଭାଇସ୍-ପ୍ରିନ୍ସିପାଲ(ଗ୍ରୁପ୍-ଏ) ପଦବୀର ୫୦% ଓଡ଼ିଶା ଲୋକସେବା ଆୟୋଗ(ଓପିଏସ୍‌ସି) ମାଧ୍ୟମରେ ସିଧାସଳଖ ନିଯୁକ୍ତି ଦ୍ୱାରା ପୂରଣ କରାଯିବ। ଅବଶିଷ୍ଟ ୫୦ ପ୍ରତିଶତ ପଦବୀ ପ୍ରଶିକ୍ଷଣ ଅଧିକାରୀମାନଙ୍କ ମଧ୍ୟରୁ ପଦୋନ୍ନତି ମାଧ୍ୟମରେ ପୂରଣ କରାଯିବ। ପ୍ରିନ୍ସିପାଲ(ପାହ୍ୟା-୧) ଓ ଯୁଗ୍ମ ନିର୍ଦ୍ଦେଶକ ପଦବୀ ପ୍ରିନ୍ସିପାଲ(ପାହ୍ୟା-୨) କିମ୍ବା ଉପ ପ୍ରିନ୍ସିପାଲମାନଙ୍କ ମଧ୍ୟରୁ ପଦୋନ୍ନତି ମାଧ୍ୟମରେ ପୂରଣ କରାଯିବ।

# ମନମୋହନଙ୍କ ମିଥ୍ୟା ସତ୍ୟପାଠ ତାଙ୍କ ନୈତିକତା ଉପରେ ପ୍ରଶ୍ନ ଉଠାଉଛି: ବିଜେଡି

**ଭୁବନେଶ୍ୱର,୩।୬(ସୁନିତ୍ ମିଶ୍ର)**

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ବାର୍ କାଉନସିଲ ଓ ନିର୍ବାଚନ କମିଶନଙ୍କୁ ଅଲଗା ଅଲଗା ସତ୍ୟପାଠ ଜରିଆରେ ବିଭିନ୍ନ ମିଥ୍ୟା ତଥ୍ୟ ଦେଇଥିବା ନେଇ ବିଜେଡି ପ୍ରଶ୍ନ ଉଠାଇଛି। ରାଷ୍ଟ୍ରୀୟ ଦଳର ରାଜ୍ୟ ସଭାପତି ଭାବେ କାର୍ଯ୍ୟ କରି ଆସୁଥିବା ମନମୋହନଙ୍କ ମିଥ୍ୟା ସତ୍ୟପାଠ ତାଙ୍କ ନୀତି ଓ ନୈତିକତା ଉପରେ ପ୍ରଶ୍ନ ସୃଷ୍ଟି କରିଛି ବୋଲି ବିଜେଡି କହିଛି। ଶଙ୍ଖ ଭବନଠାରେ ମଙ୍ଗଳବାର ଖବରଦାତା ସମ୍ମିଳନୀରେ ଦଳର ମୁଖପାତ୍ର ଲେନିନ୍ ମହାନ୍ତି କହିଛନ୍ତି, ୨୦୧୫ରେ ମନମୋହନ ରାଜ୍ୟ ବାର୍ କାଉନସିଲ ପାଖରେ ଦାଖଲ କରିଥିବା ସତ୍ୟପାଠରେ ସେ ୧୯୮୬ରୁ ଚାନ୍ଦବାଲି କୋର୍ଟରେ ଓକିଲାତି କରୁଥିବା ଦର୍ଶାଇଥିଲେ। ଏହି ସତ୍ୟପାଠରେ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ରାଜ୍ୟ ମନ୍ତ୍ରିମଣ୍ଡଳରେ ଖାଦ୍ୟ ଯୋଗାଣ ଓ ରାଜସ୍ୱ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ ବୋଲି ସୂଚନା ଦେଇ ନ ଥିଲେ। ସେହିପରି ୨୦୧୯ ଓ ୨୦୨୪ ସାଧାରଣ ନିର୍ବାଚନରେ ନିର୍ବାଚନ କମିଶନରଙ୍କ ପାଖରେ ଦାଖଲ କରିଥିବା ସତ୍ୟପାଠରେ ସେ ଓକିଲାତି କରୁଥିବା ଉଲ୍ଲେଖ କରି ନ ଥିଲେ। ଏହି ସତ୍ୟପାଠରେ ସମାଜସେବା ତାଙ୍କର ପେସା ବୋଲି ଉଲ୍ଲେଖ କରିଛନ୍ତି। ଏ ସମ୍ବନ୍ଧରେ ଏକ ଅଭିଯୋଗ ପାଇବା ପରେ ରାଜ୍ୟ ବାର୍ କାଉନସିଲ ଦ୍ୱାରା ମନମୋହନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିବା ଲେନିନ୍ କହିଛନ୍ତି। ମନମୋହନ କାରଣ ଦର୍ଶାଅ ନୋଟିସର ଉତ୍ତର ରଖିବା ସହ ଜନସାଧାରଣଙ୍କ ସମ୍ମୁଖରେ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।

## ସବୁ ଜିଲାପାଳଙ୍କୁ ସରକାରଙ୍କ ନିର୍ଦ୍ଦେଶ

# ଅନାଥ ଶିଶୁଙ୍କ ପ୍ରକୃତ ତଥ୍ୟ ସଂଗ୍ରହ କର

**ଭୁବନେଶ୍ୱର,୩।୬(ରବିନାରାୟଣ ଜେନା):** ରାଜ୍ୟରେ କେତେ ଅନାଥ ଶିଶୁ ଅଛନ୍ତି ଏବଂ କେତେ ଏକକ ପିତା କିମ୍ବା ମାତା ଥିବା ଅନାଥ ଶିଶୁ ଅଛନ୍ତି ତା'ର ବାସ୍ତବ ତଥ୍ୟ ସଂଗ୍ରହ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସଂକ୍ରାନ୍ତରେ ମଙ୍ଗଳବାର ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ଅନାଥ ଶିଶୁଙ୍କ ସର୍ଭେ ଲାଗି ଏକ ନିର୍ଦ୍ଦେଶନାମା ଜାରି ହୋଇଛି।

ନିର୍ଦ୍ଦେଶନାମାରେ ବିଭାଗୀୟ ଅତିରିକ୍ତ ସଚିବ ଦର୍ଶାଇଛନ୍ତି ଯେ, ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଜିଲାରେ କେତେ ଅନାଥ ଶିଶୁ ଏବଂ କେତେ ଏକକ ପିତା/ମାତା ଥିବା ଅନାଥ ଶିଶୁ ଅଛନ୍ତି ତାହାର ତଥ୍ୟ ଅଙ୍ଗନୱାଡି କର୍ମୀଙ୍କ ଜରିଆରେ ସଂଗ୍ରହ କର। ଅଙ୍ଗନୱାଡି କର୍ମୀଙ୍କ ତଥ୍ୟକୁ ଜିଲା କାର୍ଯ୍ୟକର୍ତ୍ତା ଯେପରିକି ଡିଏସ୍‌ଡବ୍ଲୁଓ(ଜିଲା ସମାଜ ମଙ୍ଗଳ ଅଧିକାରୀ), ଆଇସିଡିଏସ୍ ସୁପରଭାଇଜର, ସିଡିପିଓଏସ୍ ଏବଂ ଡିସିପିଓ ସର୍ଭେ ପ୍ରକ୍ରିୟାରେ ତଦାରଖ କରିବେ। ମାତ୍ର ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ଅନାଥ ଶିଶୁଙ୍କ ତଥ୍ୟ ନିର୍ଭୁଲ ହେବା ଆବଶ୍ୟକ। ସମସ୍ତ ତଥ୍ୟକୁ ଜିଲାପାଳ ନିଜେ ତଦାରଖ କରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ, ଅନାଥ ଶିଶୁଙ୍କ ସର୍ଭେ ବେଳେ ସେମାନଙ୍କ ବୟସକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ହେବ। ଶିଶୁଙ୍କ ବୟସ ଚଳିତ ଜୁନ୍ ପହିଲା ସୁଦ୍ଧା ୧୮ ବର୍ଷ ଭିତରେ ହୋଇଥିବା ଆବଶ୍ୟକ। ଶିଶୁଟି ଏକକ ପିତା କିମ୍ବା ମାତାଙ୍କ ପାଖରେ ରହୁଥିବ। ଏହାସହ ଯଦି ୪୦ପ୍ରତିଶତ ଭିନ୍ନକ୍ଷମ ହୋଇଥିବ ତେବେ ଅନାଥ ଶିଶୁ ଗଣନାରେ ସାମିଲ କରାଯାଇପାରିବ। ଏହାସହିତ ଯେଉଁମାନଙ୍କର ମାତାପିତା କେହି ନାହାନ୍ତି ସେମାନଙ୍କ ବୟସ ୧୮ ବର୍ଷ ମଧ୍ୟରେ ହୋଇଥିବ ସେମାନଙ୍କୁ ସର୍ଭେରେ ସାମିଲ କରିବାକୁ ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହାବାଦ୍ ଅନାଥ ଶିଶୁଙ୍କ ସର୍ଭେ କିପରି କରାଯିବ, କେଉଁ ଅଧିକାରୀମାନେ କି ପ୍ରକାର ତଦାରଖ କରିବେ ଏବଂ ତଥ୍ୟ କିଭଳି ନିର୍ଭୁଲ୍ ରହିବ ସେନେଇ ମାର୍ଗଦର୍ଶିକାରେ ମଧ୍ୟ ସ୍ପଷ୍ଟ ଉଲ୍ଲେଖ ରହିଛି।

# ନିମ୍ନମାନର କାମର ତଦନ୍ତ ପାଇଁ ଏକ୍ସପର୍ଟ କମିଟି କରନ୍ତୁ ସରକାର: ବିଜେଡି

**ଭୁବନେଶ୍ୱର, ୩।୬(ସୁନିତ୍ ମିଶ୍ର)**

ପୂର୍ତ୍ତ ବିଭାଗର ଏକ ରାସ୍ତା ନିର୍ମାଣରେ ନିମ୍ନମାନର କାମ ହେଉଛି ବୋଲି ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ପରେ ବିଜେଡି ତରଫରୁ ଏହି କାର୍ଯ୍ୟକୁ ନିନ୍ଦା କରାଯିବା ସହ ରାଜ୍ୟ ସରକାର ଏକ୍ସପର୍ଟ କମିଟି ପଠାଇ ଏହାର ତଦନ୍ତ କରିବାକୁ ଦାବି କରାଯାଇଛି। ଶଙ୍ଖ ଭବନଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ପିଏସି ସଦସ୍ୟ ସଞ୍ଜୟ ଦାସବର୍ମା କହିଛନ୍ତି, ନନ୍ଦଳାଠାରୁ କୃଷ୍ଣପ୍ରସାଦ ୨୩ କି.ମି. ରାସ୍ତା ପାଇଁ ଟେଣ୍ଡର ଡକାଯାଇଥିଲା। ୨୩ କୋଟି ୧୭ ଲକ୍ଷ ଟଙ୍କାରେ କାମଟିକୁ ବଳଭଦ୍ର ଡେଭେଲପର୍ସ ପ୍ରାଇଭେଟ୍ ଲିମିଟେଡ୍‌କୁ ଟେଣ୍ଡର ଜରିଆରେ ଦିଆଯାଇଥିଲା। ଏହି ଟେଣ୍ଡରରେ ପୂର୍ବରୁ ଥିବା ୫.୫ ମିଟର ରୋଡ୍‌କୁ ଉଭୟ ପଟରୁ ୦.୭୫ ମିଟର ଚଉଡ଼ାକରି ନିର୍ମାଣ କରାଯିବାର ଥିଲା। ଟେଣ୍ଡରରେ ପୂର୍ବରୁ ଥିବା ରୋଡ୍‌କୁ ତଡାଯାଇ ସମ୍ପୂର୍ଣ୍ଣ ରୋଡ୍ ନୂଆକରି ନିର୍ମାଣ କରାଯିବାର ଥିଲା। କିନ୍ତୁ ନିମ୍ନମାନର କାମ ହେଉଛି ବୋଲି ସାଧାରଣ ଲୋକେ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କ ପାଖରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ପୂର୍ତ୍ତ ବିଭାଗର ଏହି ମନମୁଖି କାର୍ଯ୍ୟକୁ ବିଜେଡି ତରଫରୁ ନିନ୍ଦା କରାଯିବା ସହିତ ପୂର୍ତ୍ତମନ୍ତ୍ରୀ ତୁରନ୍ତ ଏହି କାମକୁ ତଦାରଖ କରିବା ପାଇଁ ଏକ ଏକ୍ସପର୍ଟ କମିଟି ପଠାଇବାକୁ ସଞ୍ଜୟ ଦାବି କରିଛନ୍ତି।

# ବିଏସ୍‌ଏଫ୍ ଯବାନଙ୍କ ଆତ୍ମହତ୍ୟା

**ଫୁଲବାଣୀ,୩।୬ (ରାକେଶ କୁମାର ରାଉତ)**

କନ୍ଧମାଳ ଜିଲାରେ କାର୍ଯ୍ୟରତ ଜଣେ ବିଏସ୍‌ଏଫ ଯବାନ ମଙ୍ଗଳବାର ତାଙ୍କ କାର୍ଯ୍ୟାଳୟରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ତାମିଲନାଡୁ ରାଜ୍ୟ କନ୍ୟାକୁମାରୀ ଜିଲା ତିରିବାତରା ଥାନା ଅଞ୍ଚଳର ଏଲ.ଡାଭି। ଡାଭି କେଉଁ କାରଣରୁ ଆତ୍ମହତ୍ୟା କଲେ ତାହା ଜଣାପଡିନାହିଁ। ସୂଚନା ଅନୁଯାୟୀ, ଯବାନ ଜଣକ ଜିଲା ପୋଲିସ ରିଜର୍ଭ କାର୍ଯ୍ୟାଳୟ ପରିସରରେ ଥିବା ବିଏସ୍‌ଏଫ କାର୍ଯ୍ୟାଳୟରେ କାମ କରୁଥିଲେ। ମଙ୍ଗଳବାର ସକାଳେ କାର୍ଯ୍ୟାଳୟରେ କେହି ନ ଥିବାର ସୁଯୋଗ ନେଇ ବେକରେ ରଶି ବାନ୍ଧି ଝୁଲି ପଡିଥିଲେ। କିଛି ସମୟ ପରେ ଅନ୍ୟ ଜଣେ ଯବାନ କାର୍ଯ୍ୟାଳୟକୁ ଆସିବାରେ ଏହା ଦେଖି ତୁରନ୍ତ ଫୁଲବାଣୀ ଟାଉନ ଥାନାକୁ ଖବର ଦେଇଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ଭୁବନେଶ୍ୱର ନେଇଛି। ସେଠାରୁ ବିମାନ ଯୋଗେ ମରଶରୀରକୁ ତାମିଲନାଡୁ ପଠାଯିବ। ଏ ନେଇ ଥାନାରେ ନଂ.୨୪/୨୫ରେ ମାମଲା ରୁଜୁ ହୋଇଛି। ଯବାନ ଜଣକ ୨ ବର୍ଷ ହେଲା ବିବାହ କରିଥିଲେ ବୋଲି ଜଣାପଡିଛି।

# ସୋଲାର ଫେନ୍ସିଂ ତାରରେ ଲାଗି ମାଈ ହାତୀ ମୃତ

## ଫାର୍ମ ହାଉସ ମାଲିକଙ୍କୁ ପଚରାଉଚରା, ମେଶିନ ଜବତ

**ଛେଣ୍ଡିପଦା,୩।୬ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ଡଙ୍ଗାପାଳ ବିଟ୍‌ର ନାଳିଆ ସାହିରେ ସୋମବାର ରାତି ୮ଟା ବେଳେ ଏକ ମାଈ ହାତୀର ମୃତ୍ୟୁ ହୋଇଛି। ଏକ ଫାର୍ମ ହାଉସର ସୋଲାର ଫେନ୍ସିଂ ତାରରେ ଲାଗି ହାତୀଟି ପ୍ରାଣ ହରାଇଥିବା ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଖବରପାଇ ରାତିରେ ଛେଣ୍ଡିପଦା ବନାଞ୍ଚଳ ଅଧିକାରୀ ଶୁଭ୍ରା ଶୁଚିସ୍ମିତା ମହାପାତ୍ର ଓ ଛେଣ୍ଡିପଦା ପ୍ରାଣୀଧନ ଚିକିତ୍ସକ ଟିମ୍ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ମଙ୍ଗଳବାର ସକାଳେ ଅନୁଗୋଳ ଡିଏଫଓ ନୀତୀଶ କୁମାର, ଏସିଏଫ୍ ବିଦ୍ୟାସାଗର, ଭୁବନେଶ୍ୱରରୁ ଟାସ୍କ ଫୋର୍ସ ନିରୀକ୍ଷକ ସୁଧାକର ସିଂ, ସାତକୋଶିଆ ଡାକ୍ତରୀ ଟିମ୍ ଓ ଛେଣ୍ଡିପଦା ବିଦ୍ୟୁତ୍ ବିଭାଗର କର୍ମଚାରୀମାନେ ପହଞ୍ଚି ତଦନ୍ତ କରିଥିଲେ। ସୋଲାର କରେଣ୍ଟ ଲାଗି ହାତୀର ଜୀବନ ଯିବା ଜିଲାରେ ପ୍ରଥମ ଘଟଣା ହୋଇଥିବାରୁ ଏହା କେମିତି ସମ୍ଭବ ହେଲା ତାହାକୁ ନେଇ ବନ ବିଭାଗ ପକ୍ଷରୁ ତଦନ୍ତକୁ ଜୋର୍‌ଦାର କରାଯାଇଛି। ଡଙ୍ଗାପାଳ ସଂରକ୍ଷିତ ଜଙ୍ଗଲରୁ ଏକ ୧୭ ଟିକିଆ ହାତୀ ପଲ ବନବିଭାଗ କରିଥିବା ସୋଲାର ଫେନ୍ସିଂ ଅତିକ୍ରମ କରି ଡଙ୍ଗାପାଳ ଗାଁର ନାଳିଆ ସାହିରେ ଥିବା ସୁଦାମ ପ୍ରଧାନଙ୍କ ଫାର୍ମ ହାଉସ ନିକଟକୁ ଆସିଥିଲେ। ଫାର୍ମ ହାଉସ ତଥା ଗାଁକୁ ହାତୀ ନ ଆସିବା ପାଇଁ ସୁଦାମ ଗତ ୫ ବର୍ଷ ହେଲା ସୋଲାର ଫେନ୍ସିଂ କରିଥିବାବେଳେ ତାଙ୍କଠାରୁ ପଙ୍କଜ ପ୍ରଧାନ ସଂଯୋଗ ନେଇ ସୋଲାର ବାଡ଼ କରିଥିଲେ। ରାତି ପ୍ରାୟ ୮ଟା ବେଳେ ଉକ୍ତ ହାତୀପଲରୁ ଏକ ମାଈ ହାତୀ ପଙ୍କଜ ଲଗାଇଥିବା ସୋଲାର ବାଡ଼ ସଂସ୍ପର୍ଶରେ ଆସି ପ୍ରାଣ ହରାଇଥିଲା। ମେ ୩୦ ରାତିରେ ଅନୁଗୋଳ ବନଖଣ୍ଡ ବନ୍ତଳା ରେଞ୍ଜ ପମ୍ପାସର ସେକ୍ସନ ତଳସିରା ଗାଁର ଚାଷୀ ରଞ୍ଜନ କୁମାର ସାହୁ ଫାର୍ମ ହାଉସ ଚାରିପଟେ ଦେଇଥିବା ସୋଲାର ବାଡ଼ରେ ବିଦ୍ୟୁତ୍ ସଂଯୋଗ କରିଥିବାରୁ ଏକ ଦନ୍ତା ହାତୀର ଜୀବନ ଯାଇଥିଲା। ସେହିପରି ଗତ ୨ ତାରିଖ ରାତିରେ ଛେଣ୍ଡିପଦା ବନାଞ୍ଚଳ ଡଙ୍ଗାପାଳ ବିଟ୍‌ର ନାଳିଆ ସାହିରେ ସୋଲାର ଫେନ୍ସିଂ କରେଣ୍ଟ ଲାଗି ଏକ ମାଈ ହାତୀର ମୃତ୍ୟୁ ହୋଇଛି।



ସୋଲାର ଫେନ୍ସିଂ ତାର ଲାଗି ମରିପଡ଼ିଥିବା ମାଈ ହାତୀ।

## ଜୁନ୍ ୧୦କୁ ଘୁଞ୍ଚିଲା ଆକ୍ସିଓମ୍-୪ ମିଶନ

ଭାରତୀୟ ମହାକାଶଚାରୀ ତଥା ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲା ଏବଂ ଅନ୍ୟ ୩ ମହାକାଶଚାରୀଙ୍କୁ ଧରି ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍) ଯିବାକୁ ଥିବା 'ଆକ୍ସିଓମ୍-୪' ମିଶନର ଲଞ୍ଚିଂକୁ ୨ ଦିନ ପାଇଁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ୧୦ ତାରିଖ ଭାରତୀୟ ସମୟ ସନ୍ଧ୍ୟା ୫ଟା ୫୨ରେ ଫ୍ଲୋରିଡାସ୍ଥିତ କେନେଡି ମହାକାଶ କେନ୍ଦ୍ରରୁ ଫାଲ୍‌କନ-୯ ରକେଟ ଯୋଗେ ଏହି ମିଶନର ଲଞ୍ଚିଂ ହେବ। ଏନେଇ ମଙ୍ଗଳବାର କ୍ୱାରାଣ୍ଟାଇନରେ ଥିବା ମିଶନର ୪ କ୍ରିଉ ସଦସ୍ୟ ଏକ ଭର୍ଚୁଆଲ ପ୍ରେସ୍ କନ୍‌ଫରେନ୍ସ କରି ସୂଚନା ଦେଇଛନ୍ତି।

# ଚିକିତ୍ସା ଅବହେଳାରୁ ଗର୍ଭବତୀଙ୍କ ମୃତ୍ୟୁ ଅଭିଯୋଗ

**ଦାରିଙ୍ଗବାଡି, ୩।୬ (ଅରୁଣ ସାହୁ )**

କନ୍ଧମାଳ ଜିଲା ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ହୋଇଛି। ଚିକିତ୍ସାରେ ଅବହେଳା ଯୋଗୁ ମୃତ୍ୟୁ ଘଟିଲା ବୋଲି ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ତେବେ ମୃତଦେହ ବ୍ୟବଚ୍ଛେଦରେ ବହୁ ବିଳମ୍ବ ଯୋଗୁ ପରିବାର ଲୋକେ ମୃତଦେହ ଧରି ଚାଲିଚାଲି ୮ କି.ମି. ଦୂର ଗ୍ରାମକୁ ଆସିଥିବା ପରି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସିହାଙ୍ଗବାଲି ପଞ୍ଚାୟତ କାଜୁରିବାଜାରି ଗ୍ରାମର ସୁରେନ୍ଦ୍ର ପ୍ରଧାନଙ୍କ ସ୍ତ୍ରୀ ସୁନିମା ୬ମାସର ଗର୍ଭବତୀ ଥିଲେ। ସୋମବାର ରାତିରେ ତାଙ୍କର ପେଟ, ବେକ ଓ ଆଖିରେ ବ୍ୟଥା ହେବାରୁ ସୁରେନ୍ଦ୍ର ସ୍ତ୍ରୀଙ୍କୁ ଭୋର ସମୟରେ ଦାରିଙ୍ଗିବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଚିକିତ୍ସା କରୁଥିବା ଡାକ୍ତର ଓ ନର୍ସ ତାଙ୍କ ସ୍ତ୍ରୀଙ୍କୁ ଇଞ୍ଜେକ୍ସନ ଦେବା ସହ ସାଲାଇନ ଓ ଅକ୍ସିଜେନ ଦେଇଥିଲେ। ତେବେ ଡାକ୍ତର ତାଙ୍କ ପେଟ କାଟୁଥିବାରୁ ପେଟକୁ ଜୋରରେ ଚିପି ପରୀକ୍ଷା କରିଥିଲେ। କିଛି ସମୟ ପରେ ଡାକ୍ତର ଆସି ସ୍ତ୍ରୀଙ୍କୁ ମୃତ ଘୋଷଣା କରି ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଥିଲେ ବୋଲି ସୁରେନ୍ଦ୍ର କହିଛନ୍ତି। ତେବେ ଚିକିତ୍ସା ସମୟରେ ଡାକ୍ତରଙ୍କୁ ସୁରେନ୍ଦ୍ର ତାଙ୍କ ସ୍ତ୍ରୀ ୬ମାସର ଗର୍ଭବତୀ ଥିବା ଜଣାଇଥିଲେ। ଡାକ୍ତର ତାଙ୍କ ସ୍ତ୍ରୀଙ୍କ ପେଟକୁ ଜୋରରେ ଚିପି ନ ଥିଲେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇ ନ ଥାନ୍ତା ବୋଲି ସୁରେନ୍ଦ୍ର ଅଭିଯୋଗ କରିଛନ୍ତି। ପରେ ଗ୍ରାମର ମହିଳାମାନେ ସୁନିମାଙ୍କ ମୃତଦେହକୁ କାନ୍ଧରେ ଧରି ଗ୍ରାମ ଅଭିମୁଖେ ବାହାରିଥିଲେ। ସେମାନଙ୍କୁ ପୋଲିସ ବୁଝାଶୁଝା କରିଥିଲେ ମଧ୍ୟ କିଛି ଶୁଣି ନ ଥିଲେ। ଏନେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନ୍‌ଚାର୍ଜ ଡା. ଜାକେଶ ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଲେ, ଚିକିତ୍ସାରେ କୌଣସି ଅବହେଳା କରାଯାଇନାହିଁ।



ଗ୍ରାମବାସୀ ମୃତଦେହ କାନ୍ଧରେ ଧରି ଗ୍ରାମକୁ ନେଉଛନ୍ତି।

# ଅଷ୍ଟ୍ରେଲୀୟ ପୋଲିସର ବର୍ବରତା, କୋମାରେ ଭାରତୀୟ ବଂଶୋଦ୍ଭବ

**ଆଡିଲେଡ୍, ୩।୬**

ଅଷ୍ଟ୍ରେଲିଆ ଆଡିଲେଡ୍‌ରେ ଜଣେ ଭାରତୀୟ ବଂଶୋଦ୍ଭବ ବ୍ୟକ୍ତି ପୋଲିସ ବର୍ବରତାର ସମ୍ମୁଖୀନ ହୋଇଥିବାର ମାମଲା ସାମ୍ନାକୁ ଆସିଛି। ଗୌରବ କାଣ୍ଡି(୪୨) ନାମକ ଜଣେ ଭାରତୀୟ ବଂଶୋଦ୍ଭବ ବ୍ୟକ୍ତିଙ୍କୁ ପୋଲିସ ନିର୍ମମ ଭାବେ ମାଡ଼ ମାରିବା ସହ ତାଙ୍କୁ ତଳେ ପକାଇ ତାଙ୍କ କାନ୍ଧରେ ଆଣ୍ଠୁ ଚାପି ରଖିଥିଲା। ଫଳରେ ଗୌରବଙ୍କ ମସ୍ତିଷ୍କ ଏବଂ ବେକରେ ଗଭୀର ଆଘାତ ଲାଗିଥିଲା। ଏହାର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଜଣେ ପୋଲିସ ଅଧିକାରୀ ଗୌରବଙ୍କୁ ତଳେ ପକାଇଦେବା ପରେ ତାଙ୍କ ବେକରେ ଆଣ୍ଠୁ ଚାପି ରଖିଥିଲେ। ଏହି ସମୟରେ ସେ କିଛି ଭୁଲ୍ କରିନାହାଁନ୍ତି ବୋଲି ଗୌରବ ଚିଲ୍ଲାଇ କହୁଥିବାର ଦେଖିବାକୁ ମିଳିଛି। ଏବେ ଗୌରବ ରୟାଲ ଆଡିଲେଡ୍ ହସ୍ପିଟାଲର ଲାଇଫ ସପୋର୍ଟ ସିଷ୍ଟମରେ ରହିଛନ୍ତି। ଦକ୍ଷିଣ ଅଷ୍ଟ୍ରେଲିଆ ପୋଲିସ ପକ୍ଷରୁ ଘଟଣାକୁ ନେଇ ତଦନ୍ତ ଆରମ୍ଭ ହୋଇଛି। ମଦ୍ୟପାନ କରି ଝଗଡ଼ା କରିବା ଅଭିଯୋଗରେ ଗୌରବଙ୍କୁ ଗିରଫ କରାଯାଇଥିଲା ବୋଲି ପୋଲିସ କହିଛି। ପ୍ରକାଶ ଯେ, ୨୦୨୦ରେ ଆମେରିକାର ମିନେସୋଟାଠାରେ ଆଫ୍ରିକୀୟ-ଆମେରିକୀୟ ଜର୍ଜ ଫ୍ଲୋୟର୍ଡଙ୍କୁ ତଳେ ପକାଇ ତାଙ୍କ ବେକରେ ଜଣେ ଶ୍ୱେତ ପୋଲିସ ଅଧିକାରୀ ନିଜ ଆଣ୍ଠୁ ଚାପି ରଖିଥିଲେ, ଯାହାଫଳରେ ଫ୍ଲୋୟର୍ଡଙ୍କ ମୃତ୍ୟୁ ହୋଇଯାଇଥିଲା।



ଗୌରବ କାଣ୍ଡି

# ୫ରେ ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଜିଲା ଗସ୍ତ

**ଛତ୍ରପୁର,୩।୬ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ୫ରେ ଗଞ୍ଜାମ ଆସିବେ। ସେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ, ଶିଳାନ୍ୟାସ, ପ୍ରକଳ୍ପ କାର୍ଯ୍ୟର ଅଗ୍ରଗତି ସମୀକ୍ଷାକରିବା କାର୍ଯ୍ୟକ୍ରମ ରହିଛି। ଗୁରୁବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ରମ୍ଭା ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ସେଠାରେ ସ୍ଥାପିତ ୪୧ ବରପୁତ୍ରଙ୍କର ପ୍ରତିମୂର୍ତ୍ତି ଲୋକାର୍ପଣ କରିବେ। ସେଠାରୁ ଛତ୍ରପୁର ଆସି ଶିଳ୍ପପତିମାନଙ୍କ ସହ ବୈଠକ କରିବେ। ଏହାପରେ ଛତ୍ରପୁର ଖେଳପଡ଼ିଆଠାରେ ଜିଲାରେ ହେବାକୁ ଥିବା ୮ଟି ଶିଳ୍ପ ପ୍ରତିଷ୍ଠାନର ଭିତ୍ତିପ୍ରସ୍ତର ସ୍ଥାପନକରି ସଭାରେ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ। ଅପରାହ୍ଣ ୩ଟାରେ ବ୍ରହ୍ମପୁର ଆଙ୍କୁଲିଠାରେ ଚାଲିଥିବା ତାରାଦେବୀଙ୍କ ଯାତ୍ରାକୁ ଯାଇ ମା'ଙ୍କ ଦର୍ଶନକରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

# ଭୂକମ୍ପ ବେଳେ ଜେଲରୁ ୨୧୬ କଏଦୀ ଚମ୍ପଟ

**କରାଚୀ,୩।୬(ପି.ଟି.)**

ଭୂକମ୍ପ ଝଟକାର ଫାଇଦା ନେଇ ପାକିସ୍ତାନର କରାଚୀସ୍ଥିତ ମାଲିର ଜେଲରୁ ସୋମବାର ରାତିରେ ୨୧୬ କଏଦୀ ଫେରାର ହୋଇଯାଇଛନ୍ତି। ଲଗାତର ଭୂକମ୍ପର ଝଟକା ଅନୁଭୂତ ହେଉଥିବାରୁ ଜେଲ ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ କଏଦୀମାନଙ୍କୁ ସେମାନେ ଥିବା ବାରାକ୍‌ରୁ ବାହାର କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଉଥିଲା। ଏହି ସମୟରେ ଜେଲର ୨୧୬ କଏଦୀ ଚମ୍ପଟ ମାରିଥିଲେ। ଘଟଣାକୁ ନେଇ କରାଚୀସ୍ଥିତ ମାଲିର ଜେଲର ସୁପରିଣ୍ଟେଣ୍ଡେଣ୍ଟ ଅର୍ଶଦ ଶାହ କହିଛନ୍ତି, ଲଗାତର ଭୂକମ୍ପ ଝଟକା ମଧ୍ୟରେ ଜେଲ ପ୍ରଶାସନ ପକ୍ଷରୁ ସୋମବାର ରାତିରେ ୬୦୦ କଏଦୀଙ୍କୁ ଜେଲର ବାରାକ୍‌ରୁ ବାହାର କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଉଥିଲା। ଏହି ସମୟରେ କେତେଜଣ କଏଦୀ ବଳପୂର୍ବକ ଖସି ପଳାଇବାକୁ ଉଦ୍ୟମ କରିଥିଲେ। ଯାହାଫଳରେ ଘଟଣାସ୍ଥଳରେ ଦଳାଚକଟା ପରିସ୍ଥିତି ଘଟିଥିଲା ଏବଂ ଏହାର ସୁଯୋଗ ନେଇ ୨୧୬ କଏଦୀ ଚମ୍ପଟ ମାରିଥିଲେ। ଏହି ଦଳାଚକଟାରେ ଜଣେ କଏଦୀଙ୍କ ମୃତ୍ୟୁ ଘଟିଥିବାବେଳେ ସୁରକ୍ଷା ବଳର ୩ ଯବାନ ଏବଂ ଜଣେ ଜେଲ କର୍ମଚାରୀ ଆହତ ହୋଇଛନ୍ତି। ତେବେ ଚମ୍ପଟ ମାରିଥିବା କଏଦୀଙ୍କ ମଧ୍ୟରୁ ୮୦ ଜଣଙ୍କୁ ମଙ୍ଗଳବାର ପୁନର୍ବାର ଗିରଫ କରାଯାଇଥିବା ଅର୍ଶଦ କହିଛନ୍ତି। ଏବେ ମଧ୍ୟ ୧୩୫ ଜଣ କଏଦୀ ଫେରାର ରହିଛନ୍ତି, ଯାହାଙ୍କୁ ଖୋଜିବା ପାଇଁ ପୋଲିସ ଏବଂ ସୁରକ୍ଷା ଏଜେନ୍ସି ପକ୍ଷରୁ ମିଳିତ ଅଭିଯାନ ଜାରି ରହିଥିବା ସେ କହିଛନ୍ତି। ପାକିସ୍ତାନର ସିନ୍ଧ ପ୍ରଦେଶର ଗୃହମନ୍ତ୍ରୀ ଜିଆ-ଉଲ୍-ହାସନ୍ ଲଞ୍ଜାର କହିଛନ୍ତି, ଗତ କିଛି ବର୍ଷ ମଧ୍ୟରେ ଏହା ପାକିସ୍ତାନର ସବୁଠାରୁ ବଡ଼ ଜେଲ ବ୍ରେକ୍ ଘଟଣା। ପଳାୟନ କରିଥିବା ସମସ୍ତ କଏଦୀଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ଘର ଏବଂ ଆଖପାଖ ଅଞ୍ଚଳରେ ପୋଲିସ ପକ୍ଷରୁ ସର୍ଚ୍ଚ ଅପରେଶନ ଜାରି ରହିଛି। ଘଟଣାର ତଦନ୍ତ ପାଇଁ ଏକ କମିଟି ମଧ୍ୟ ଗଠନ କରାଯାଇଥିବା ସେ କହିଛନ୍ତି। ଅବହେଳା ପ୍ରଦର୍ଶନ କରିଥିବା କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଲଞ୍ଜାର କହିଛନ୍ତି। ସୂଚନାଯୋଗ୍ୟ, ମାଲିର ଜେଲରେ ୬ ହଜାରରୁ ଅଧିକ କଏଦୀ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବିରୋଧରେ ଡ୍ରଗ୍ସ ଚାଲାଣ ଅଭିଯୋଗ ରହିଛି। ଅନ୍ୟପକ୍ଷରେ, ପାକିସ୍ତାନ ପାଣିପାଗ ବିଭାଗ (ପିଏମ୍‌ଡି) ସୂଚନା ଅନୁଯାୟୀ, କରାଚୀରେ ରବିବାରଠାରୁ ବର୍ତ୍ତମାନ ସୁଦ୍ଧା ୧୬ ଥର ଭୂକମ୍ପ ଝଟକା ଅନୁଭୂତ ହୋଇଛି।




ପାକିସ୍ତାନର କରାଚୀସ୍ଥିତ ମାଲିର ଜେଲ

# ଯଶୱନ୍ତ ବର୍ମାଙ୍କ ବିରୋଧରେ ମୌସୁମୀ ଅଧିବେଶନରେ ଆସିବ ମହାଭିଯୋଗ

**ନୂଆଦିଲ୍ଲୀ,୩।୬**

ସଂସଦର ମୌସୁମୀ ଅଧିବେଶନରେ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ସିହ୍ନାଙ୍କ ବିରୋଧରେ କେନ୍ଦ୍ର ସରକାର ମହାଭିଯୋଗ ପ୍ରସ୍ତାବ ଆଣିବାକୁ ଯାଉଛନ୍ତି। ମଙ୍ଗଳବାର ଏକ ସରକାରୀ ସୂତ୍ରରୁ ଏହା ସ୍ପଷ୍ଟ କରାଯାଇଛି। ଜୁଲାଇ ମଧ୍ୟଭାଗରେ ମୌସୁମୀ ଅଧିବେଶନ ଆରମ୍ଭ ହେବା ଆଶା କରାଯାଉଛି। ଗତ ମାର୍ଚ୍ଚ ୧୪ରେ ବର୍ମାଙ୍କ ସରକାରୀ ବାସଭବନ ପରିସରରୁ ବିପୁଳ ପରିମାଣର ଆୟ ବହିର୍ଭୂତ ନଗଦ ଅର୍ଥ ମିଳିଥିବା ଅଭିଯୋଗରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ତଦନ୍ତ କମିଟି ତାଙ୍କୁ ଅଭିଯୁକ୍ତ କରିଥିଲେ। ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିବା ପାଇଁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ସବୁ ଦଳ ସହ ପରାମର୍ଶ କରିବାକୁ ଯାଉଛନ୍ତି। ଏହି ପ୍ରସ୍ତାବ ଗୃହୀତ ହେଲେ କୌଣସି ହାଇକୋର୍ଟ ବିଚାରପତି ମହାଭିଯୋଗରେ ବହିଷ୍କୃତ ହେବା ପ୍ରଥମ ଘଟଣା ହେବ।



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE, BHUBANESWAR**
Mail i.d - los84thircbhubaneswar2025@gmail.com
**Notice Inviting Request for Proposal No.02 of 2025-26**
RFP No. 3186 /IRC Bhubaneswar Dated 31st May-2025

**No.B-174** : The Chief Construction Engineer, Central(R&B) Circle, Bhubaneswar intends to slect an agency for selection of consultancy firm for conceptualisation, planning, coordination, management, monitoring & supervision of the entire event of 84th Indian Road Congress Annual Session-2025 at Bhubaneswar (Odisha).

Interested agencies may participate in this tender and submit their proposal. The RFP documents will be available from 5.00 P.M. of 03.06.2025 to 5.00 P.M of 18.06.2025, date of opening 5.30 P.M. of 18.06.2025 and can be downloaded from https://tendersodisha.gov.in. The completed proposal, as per instruction in the RFP documents, should be submitted on the portal latest by 18.06.2025 up to 17.00 hours. Please refer to the RFP documents for further details.

The undersigned reserves the right to cancel this invitation and / or invite fresh bid / RFP with or without amendments to this invitation, without liability or any obligation for such invitation and without assigning any reason. The Tender invitation Authority also reserves the right to accept or reject any or all proposals without assigning any reason whatsoever.

The e-bid document is available on e_tender portal https://tendersodisha.gov.in. Interested Bidders may view, download the e-bid document, seek clarification and submit their e-bids online only on e_tender portal https://tendersodisha.gov.in.

Sd./- Er.M.K.Mahananda
Chief Costruction Engineer
Central (R&B) Circle, Bhubaneswar

**ODISHA STATE SEEDS CORPORATION LIMITED**
(A Government Undertaking)
Santarapur, Bhubaneswar-751002
Tel-MD 0674-2340573, E-mail : mdossclt d456@gmail.com
NIT No.OSSC/Mktg(Hort)-36/2025
**Short e-Tender Call Notice for Procurement of Pineapple Suckers for the Year-2025-26**

**No.CAD-634** : OSSC Ltd. invites short e-Tender from Producers/Licensed suppliers only on itemwise rate contract basis for Procurement of Pineapple Suckers for the Year-2025-26 in double cover system through online mode only for the work below.

| | |
|---|---|
| Name of the work | Purchase of Pineapple Suckers for the Year 2025-26 |
| No. of work | One |
| Availability of bid documents in portal | 15 hours on dt.02.06.2025 to 17 hours of dt.11.06.2025 |
| Last date of receipt of tender in portal | 17 hours of dt.11.06.2025 |
| Date and time opening of Bid | 10.30 hours of dt.12.06.2025 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be made available in the e-Tender portal www.tendersodisha.gov.in. Any addendum/corrigendum/ cancellation can also be seen in the said website.

Sd./- Managing Director
OSSC Ltd.

## ଖେଳ ଖବର

# ଦୃଢ଼ମନା ଗୁକେଶ




**ନୂଆଦିଲ୍ଲୀ,୩।୬:** ୱାର୍ଲ୍ଡ ଚେସ୍ ଚାମ୍ପିୟନ ଭାରତର ଡି ଗୁକେଶ ପାଞ୍ଚଥରର ଚାମ୍ପିୟନ ତଥା ୱାର୍ଲ୍ଡ ନଂ-୧ ମାଗ୍ନସ କାର୍ଲସେନଙ୍କୁ କ୍ଲାସିକାଲ ଗେମ୍‌ରେ ହରାଇଥିଲେ। କ୍ଲାସିକାଲ ଫର୍ମାଟ୍‌ରେ କାର୍ଲସେନଙ୍କ ବିପକ୍ଷରେ ଏହା ଗୁକେଶଙ୍କ ଲାଗି ପ୍ରଥମ ବିଜୟ ଥିଲା। ଏହି ମ୍ୟାଚ୍‌ରେ ପରାଜିତ ହେବା ପରେ କାର୍ଲସେନ ବିରକ୍ତ ହୋଇ ଟେବୁଲକୁ ମୁଥ ମାରିଥିଲେ, ଯାହାର ଭିଡିଓ ଖୁବ୍ ଭାଇରାଲ ହୋଇଥିଲା। ସାଢ଼େ ୪ ଘଣ୍ଟା ଧରି ଚାଲିଥିବା ମୁକାବିଲାରେ କାର୍ଲସେନ ପ୍ରାୟତଃ ଗେମ୍‌ରେ ଆଗୁଆ ରହିଥିଲେ। ହେଲେ ୬୨ତମ ମୁଭ୍‌ରେ କାର୍ଲସେନଙ୍କ ତ୍ରୁଟି ଗୁକେଶଙ୍କୁ ମ୍ୟାଚ୍ ଜିତିବା ସୁଯୋଗ ଦେଇଥିଲା। ଏଥିପୂର୍ବରୁ ଗୁକେଶ ତାଙ୍କ ୧୯ତମ ଜନ୍ମଦିନରେ ୱାର୍ଲ୍ଡ ନଂ-୨ ହିକାରୁ ନାକାମୁରାଙ୍କୁ ନର୍‌ୱେ ଚେସ୍ ଟୁର୍ନାମେଣ୍ଟର ତୃତୀୟ ରାଉଣ୍ଡରେ ପରାସ୍ତ କରିଥିଲେ।

୨୦୦୬, ମେ' ୨୯ରେ ଚେନ୍ନାଇରେ ଏକ ତେଲୁଗୁ ପରିବାରରେ ଗୁକେଶଙ୍କ ଜନ୍ମ। ତାଙ୍କ ମା' ପଦ୍ମାକୁମାରୀ ଜଣେ ମାଇକ୍ରୋବାୟୋଲୋଜିଷ୍ଟ ଓ ବାପା ରଜନୀକାନ୍ତ ଜଣେ ଇଏନ୍‌ଟି ସର୍ଜନ। ଗୁକେଶ ୭ ବର୍ଷ ବୟସରେ ୨୦୧୩ରେ ଚେସ୍ ଖେଳିବା ଆରମ୍ଭ କରିଥିଲେ। ପ୍ରାରମ୍ଭିକ ଭାବେ ସେ ସପ୍ତାହକୁ ଘଣ୍ଟିକିଆ ୩ଟି ସେସନ ଜରିଆରେ ଚେସ୍ ଶିଖିବା ଆରମ୍ଭ କରିଥିଲେ। ସେ ୨୦୧୭ ମାର୍ଚ୍ଚରେ ଇଣ୍ଟରନ୍ୟାଶନାଲ ମାଷ୍ଟର୍ସ ଉପାଧି ପାଇଥିଲେ। ୨୦୧୮ରେ ସେ ୱାର୍ଲ୍ଡ ୟୁଥ୍ ଚେସ୍ ଚାମ୍ପିୟନଶିପ୍‌ରେ ୧୨ ବର୍ଷରୁ କମ୍ ବର୍ଗରେ ଟାଇଟଲ ସହ ୨୦୧୮ ଏସିଆନ ୟୁଥ୍ ଚେସ୍ ଚାମ୍ପିୟନଶିପ୍‌ରେ ଅନେକ ଗୋଲ୍ଡ ମେଡାଲ ଜିତିଥିଲେ। ସେ ୧୨ ବର୍ଷ, ୭ ମାସ ଓ ୧୭ ଦିନ ବୟସରେ ଗ୍ରାଣ୍ଡମାଷ୍ଟର ମାନ୍ୟତା ହାସଲ କରିଥିଲେ। ଚେସ୍ ଇତିହାସରେ ସେ ସେର୍ଗେ କାର୍ଜାକିନଙ୍କ ପରେ ଦ୍ୱିତୀୟ ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର। ତାଙ୍କ ପ୍ରତିନିଧିତ୍ୱରେ ଭାରତୀୟ ଦଳ ୨୦୨୨ ଏସିଆନ୍ ଗେମ୍ସରେ ରୌପ୍ୟ ପଦକ ଜିତିଥିଲା। ଏହି ବର୍ଷ ସେ ୪୪ତମ ଚେସ୍ ଅଲିମ୍ପିଆଡ୍‌ରେ ଦଳଗତ ଇଭେଣ୍ଟରେ ବ୍ରୋଞ୍ଜ ଓ ବ୍ୟକ୍ତିଗତ ଇଭେଣ୍ଟରେ ଗୋଲ୍ଡ ପଦକ ହାତେଇଥିଲେ। ୨୦୨୩ ସେପ୍ଟେମ୍ବରରେ ରେଟିଂ ତାଲିକାରେ ବିଶ୍ୱନାଥନ୍ ଆନନ୍ଦଙ୍କୁ ପଛରେ ପକାଇ ଗୁକେଶ ସର୍ବାଧିକ ରେଟିଂପ୍ରାପ୍ତ ଭାରତୀୟ ଖେଳାଳି ହୋଇଥିଲେ। ୨୦୨୪ ଚେସ୍ ଅଲିମ୍ପିଆଡ୍‌ରେ ସେ ଉଭୟ ଦଳଗତ ଓ ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହି ବର୍ଷ ସେ ସର୍ବକନିଷ୍ଠ ଖେଳାଳି ଭାବେ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିଲେ ଏବଂ ସଫଳତାର ସହ ୱାର୍ଲ୍ଡ ଚେସ୍ ଚାମ୍ପିୟନଶିପ୍ ଲାଗି ଡିଙ୍ଗ୍ ଲିରେନଙ୍କୁ ହରାଇ ୧୮ ବର୍ଷ ୧୯୫ ଦିନ ବୟସରେ ସର୍ବକନିଷ୍ଠ ୱାର୍ଲ୍ଡ ଚାମ୍ପିୟନ ହୋଇପାରିଥିଲେ। ଗୁକେଶଙ୍କ ଖେଳ ସମ୍ପର୍କରେ କାର୍ଲସେନ ଏକଦା କହିଥିଲେ, ତାଙ୍କ ଖେଳଶୈଳୀ ସମ୍ପୂର୍ଣ୍ଣ ରୂପେ କାଉଣ୍ଟର ଆଟାକ୍ ଉପରେ ଆଧାରିତ। ସେ ଖୁବ୍ କମ୍ ଭୁଲ୍ କରନ୍ତି, ଯାହାକି ତାଙ୍କୁ ଯେକୌଣସି ପରିସ୍ଥିତିରେ ଅତ୍ୟଧିକ ବିପଜ୍ଜନକ ପ୍ରତିଦ୍ୱନ୍ଦ୍ୱୀ ଭାବେ ବନାଏ।

### ସଂକ୍ଷେପରେ

ନାମ: ଗୁକେଶ ଡୋମାରାଜୁ
ଜନ୍ମ: ୨୯ ମେ ୨୦୦୬
ସ୍ଥାନ: ଚେନ୍ନାଇ, ତାମିଲନାଡୁ, ଭାରତ
ଚେସ୍‌ରେ ସକ୍ରିୟ: ୨୦୧୫ଠାରୁ
ୱାର୍ଲ୍ଡ ଚାମ୍ପିୟନ: ୨୦୨୪ଠାରୁ
ବର୍ତ୍ତମାନ ର୍ୟାଙ୍କିଂ: ନଂ-୫
ଶ୍ରେଷ୍ଠ ର୍ୟାଙ୍କିଂ: ନଂ-୩(୨୦୨୫ ମାର୍ଚ୍ଚ)
୨୦୨୩: ୪୪ତମ ଚେସ୍ ଅଲିମ୍ପିଆଡ୍, ଆର୍ମାଗେଡନ ଏସିଆ ଆଣ୍ଡ ଓସେନିଆ, ଜୁନିୟର ସ୍ପିଡ୍ ଚେସ ଚାମ୍ପିୟନଶିପ।
୨୦୨୪: କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ, ୪୫ତମ ଚେସ୍ ଅଲିମ୍ପିଆଡ୍, ୱାର୍ଲ୍ଡ ଚେସ୍ ଚାମ୍ପିୟନଶିପ୍।

**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, CENTRAL IRRIGATION CIRCLE,BHUBANESWAR**
No.A-246:
**'e' Procurement Notice No. ACECIC-03/2025-26**

| Procurement Officer | Bid Identification No. | Name of Work | Cost of Work (Rs.in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding | | Date of opening of Technical Bid | Period of Completion of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE, CIC, Bhubaneswar | PRD-01/2025-26 | Protection to Scoured Bank on KSDR Embankment from RD 24.30 Km to 24.80 Km | 462.57 | 462600/- (Online) | 10000/- (Online) | "A" Class | 05.06.2025 At 10.00 Hours | 19.06.2025 At 17.00 Hours | 20.06.2025 At 11.00 Hours | 11 (Eleven) Calendar Months |
| | PRD- 02/2025-26 | Protection to Scoured Bank of KSDR Embankment from RD 41.00 Km to 41.50 Km | 465.38 | 465400/- (Online) | 10000/- (Online) | "A" Class | 05.06.2025 At 10.00 Hours | 19.06.2025 At 17.00 Hours | 20.06.2025 At 11.00 Hours | 11 (Eleven) Calendar Months |

e-mail Id:secic_dowr@yahoo.com.
Further details conditions can be seen from Govt. website www.tenderorissa.gov.in.
OIPR-
Sd./- Additional Chief Engineer, Central Irrigation Circle

**GOVERNMENT OF ODISHA**
**DEPARTMENT OF SOCIAL SECURITY & EMPOWERMENT OF PERSONS WITH DISABILITIES**
No. 5948//SSEPD Dated 31.05.2025
**CORRIGENDUM NOTICE**

**No.gg-5** : In the RFP issued vide SSEPD Department Notice No. 5015 dt 06.05.2025, published on 07.05.2025 in The Sambad, The Dharitri and The Times of India titled **'Implementation of Comprehensive IT solutions for the Social Security & Empowerment of Persons with Disabilities(SSEPD) Department'**, the deadline for receiving RFP in the Department is extended to **5 P.M. on 09.06.2025**. A few modifications are made based on suggestions received from the prospective bidders. Details of the Corrigendum Notice is available at **www.ssepd.gov.in**.

Sd./- Director

**DHARANIDHAR UNIVERSITY, KEONJHAR**
PIN-758001, ODISHA, INDIA
Email Id:registrar@dduniversity.ac.in
No.1742/Dt.30.05.2025
**TENDER NOTICE**

**No.CAD-606:**Sealed quotations are invited from reputed & registered firms for supply of "Outdoor Gym Equipments" to this University. Details of the specification and requirement is available in the University website https://dduniversity.ac.in. The quotations must reach the Registrar on or before 09.06.2025 by 4.00 PM and the quotation will be opened on same day at 4.30 P.M. by the Purchase Committee in presence of the Bidders or their authorized representatives.

Sd./- Registrar
Dharanidhar University, Keonjhar
OIPR-

**Government of Odisha**
**General Administration & Public Grievance Department**
**QUOTATION CALL NOTICE**

**No.T-30:**Sealed quotations are invited in the prescribed format from Travel agencies/ Tour Operators/ Individual vehicle owners (preferably from Bhubaneswar) having valid uptodate PAN/GST Registration Number for providing 3 (Three) vehicle (Zest/ Tigor/ Swift Dzire/ Xcent/ Etios (Petrol) or equivalent class) for engagement in G.A. & P.G. Department on monthly rent basis. The details of the terms and conditions of the above service alongwith the tender document can be downloaded from State Government website https://ga.odisha.gov.in/tenders-advertisement. Last date for submission of quotation is 10.06.2025 at 02.00 PM.

OIPR-
Sd./-
Under Secretary to Government

**OFFICE OF THE DIRECTOR ACHARYA HARIHAR POST GRADUATE INSTITUTE OF CANCER**
(Formerly: Acharya Harihar Regional Cancer Centre)
CUTTACK-753007 (Odisha)
Tel.No : 0671-2304264 , Website - www.ahpgic.in
Email: ahrccdirector@gmail.com
**Tender Notice No. 2129 /AHPGIC, Cuttack** **Date: 02.06.2025**
**S-43/2016-25**

**No.E-137** : Sealed tenders are invited in two-bid system by the Director, Acharya Harihar Post Graduate Institute of Cancer, Cuttack-753007 (formerly known as Acharya Harihar Regional Cancer Centre) for supply of Medical consumables, suture materials, Anesthesia Disposables, surgical dressings and disinfectants on rate contract basis for the period of two years. The bid document and all details can be downloaded only from the website of AHPGIC, www.ahpgic.in.

The tender schedule dates are as mentioned below :

| Sl. No. | Particulars | Date & Time |
|---|---|---|
| 1 | Last date & time of tender submission (by speed post/registered post) only | 09/07/2025 by 5.00 P.M. |
| 2 | Last date & time of receipt of pre-bid queries through mail (ahrccdirector@gmail.com/ntstore.ahrcc.2019@gmail.com) | 17/06/2025 by 12.30 P.M. |
| 3 | Date and time of pre-bid meeting | 18/06/2025 at 1 P.M. |
| 4 | Date & time of opening of technical bid (in presence of bidders/their authorized agents) | 10/07/2025 at 1 P.M. |
| 5 | Date of opening of price bid | To be informed to qualified bidders only |

The authority reserves the right to accept/reject any/all bids without assigning any reason thereof.

In case any modifications/corrections are made to the original tender document after the pre-bid meeting, the same shall be updated in the website of AHPGIC only and no corrigendum in this regard shall be published in newspapers. In case of any bid amendment and/or clarification, it is the sole responsibility of the prospective bidder to download the same from the website of AHPGIC, Cuttack.

In case the last date of submission of bid/date of pre-bid meeting/date of opening of technical bids falls on a holiday, then the next working day shall be the default for the same:

Sd./- Director
AHPGIC, Cuttack

See Career Appointment on every Wednesday & Saturday

# ସୁପର ପ୍ରିମିୟମ ବସ୍ ସେବାର ଶୁଭାରମ୍ଭକଲେ ମୁଖ୍ୟମନ୍ତ୍ରୀ

## ୫ ଧାର୍ମିକ ଓ ପର୍ଯ୍ୟଟନସ୍ଥଳକୁ ଯିବ ବସ୍

## ମହିଳାମାନଙ୍କ ପାଇଁ ୫୦ ପ୍ରତିଶତ ରିହାତି



ପୁରୀ,୩।୬(ଅଜିତ୍ କୁମାର ମହାନ୍ତି)

ଯାତ୍ରୀ ଓ ଶ୍ରଦ୍ଧାଳୁମାନଙ୍କୁ ଉନ୍ନତମାନର ବସ୍ ସେବା ଯୋଗାଇବା ଲକ୍ଷ୍ୟରେ ପୁରୀଠାରୁ ତିରୁପତି, ଅଯୋଧ୍ୟା, ଉଜ୍ଜୟିନୀ, ହାଇଦ୍ରାବାଦ ଓ ଭିଲାଇ ପର୍ଯ୍ୟନ୍ତ ସୁପର ପ୍ରିମିୟମ ବସ୍ ସେବା ସହ ଇଣ୍ଟେଲିଜେଣ୍ଟ ଏନ୍‌ଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଆଇଇଏମ୍‌ଏସ୍)ର ମଙ୍ଗଳବାର ଅପରାହ୍ଣରେ ଶୁଭାରମ୍ଭ ହୋଇଛି। ଏହି ଅବସରରେ ଶୂନ ଦୁର୍ଘଟଣା ଦିବସ ମଧ୍ୟ ପାଳନ କରାଯାଇଛି। ମାଳତୀପାଟପୁର ବସ୍‌ଷ୍ଟାଣ୍ଡଠାରୁ ଆଭାସି ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସେବା ଓ ଆଇଇଏମ୍‌ଏସ୍‌ର ଶୁଭାରମ୍ଭ କରିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁରୀ ଏମ୍‌ପି ସମ୍ବିତ ପାତ୍ର ସଡ଼କ ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ। ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ବର୍ଷକ ମଧ୍ୟରେ ପ୍ରାୟ ସବୁ ପୂରଣ କରିଛନ୍ତି। ସରକାର ୮ଟି ସୁପର ପ୍ରିମିୟମ ବସ୍ ସେବା ଆରମ୍ଭ କରିଛନ୍ତି। ପୁରୀକୁ ଗୁରୁତ୍ୱ ଦେଇ ୫ଟି ବସ୍ ପୁରୀରୁ ଯାଉଛି। ଏହି ବସ୍ ମାଳତୀ ପାଟପୁରରୁ ତିରୁପତି, ଅଯୋଧ୍ୟା, ଉଜ୍ଜୟିନୀ, ହାଇଦ୍ରାବାଦ ଓ ଭିଲାଇକୁ ଯିବ ବୋଲି ଡ. ପାତ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର, ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଏସ୍‌ପି ବିନୀତ ଅଗ୍ରୱାଲ, ପରିବହନ ବିଭାଗ ଅତିରିକ୍ତ ସଚିବ ଅରୁଣ କୁମାର ବିଶ୍ୱାଳ ଓ ଡ. ଦେବେନ୍ଦ୍ର ନାଥ ତରାଇ ପ୍ରମୁଖ ଯୋଗଦେଇ ସରକାରଙ୍କର ଏହି ପଦକ୍ଷେପ ଦ୍ୱାରା ଶ୍ରଦ୍ଧାଳୁ ଓ ଯାତ୍ରୀଙ୍କର ଗମନାଗମନ ଶୃଙ୍ଖଳିତ ହୋଇପାରିବ ବୋଲି କହିଥିଲେ। ସଡ଼କ ସୁରକ୍ଷା ନିୟମ ମାନି ସୁରକ୍ଷିତ ଭାବେ ଘରକୁ ଫେରିବାକୁ ସେମାନେ ଅନୁରୋଧ କରିଥିଲେ। ଏହି ଆରାମଦାୟକ ବସ୍ ସେବାରେ ମହିଳାଙ୍କ ପାଇଁ ଶତକଡ଼ା ୫୦ ଭାଗର ରିହାତି ରହିଛି। ଏହି ବସ୍ ମାଳତୀ ପାଟପୁରରୁ ତିରୁପତି, ଅଯୋଧ୍ୟା ଓ ଉଜ୍ଜୟିନୀକୁ ପ୍ରତି ସପ୍ତାହରେ ଥରେ ଯିବା ଆସିବା କରିବ। ସେହିପରି ହାଇଦ୍ରାବାଦ ଓ ଭିଲାଇକୁ ଦୈନିକ ବସ୍ ଯିବାଆସିବା କରିବ ବୋଲି ପୁରୀ ପରିବହନ ନିଗମ ମ୍ୟାନେଜର ରଶ୍ମି ସାମଲ ସୂଚନା ଦେଇଥିଲେ।

ଅପରପକ୍ଷରେ ଆଇଇଏମ୍‌ଏସ୍ ବ୍ୟବସ୍ଥା ଦ୍ୱାରା ବେଗ ନିୟନ୍ତ୍ରଣ ସହ ଦୁର୍ଘଟଣାକୁ ପ୍ରତିହତ କରାଯାଇପାରିବ। ପୂର୍ବରୁ ପୁରୀରୁ ଉତ୍ତରା ପର୍ଯ୍ୟନ୍ତ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିବାବେଳେ ବର୍ତ୍ତମାନ ପୁରୀରୁ କୋଣାର୍କ ଓ କୋଣାର୍କରୁ ପିପିଲି ପର୍ଯ୍ୟନ୍ତ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଏହି ବ୍ୟବସ୍ଥା ଦ୍ୱାରା ସିସିଟିଭି ମାଧ୍ୟମରେ ନିର୍ଦ୍ଧାରିତ ବେଗଠାରୁ ଅଧିକ ଗତିରେ ଗଲେ ତାହାର ଚିହ୍ନଟକରି ସିଧାସଳଖ ଉଲ୍ଲଂଘନକାରୀଙ୍କ ପାଖକୁ ଚାଲାଣ ପହଞ୍ଚିବ ବୋଲି ଆର୍‌ଟିଓ ରବୀନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ଡ. ଶରତ ଚନ୍ଦ୍ର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନୋଡାଲ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ଏସ୍‌ଡିପିଓ ରବିନାରାୟଣ ଭଞ୍ଜ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ପରିବହନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



ପୁରୀଠାରେ ସୁପର ପ୍ରିମିୟମ ବସ୍ ସେବା ଶୁଭାରମ୍ଭ ଅବସରରେ ଏମ୍‌ପି ସମ୍ବିତ ପାତ୍ର, ବିଧାୟକ ଓମ୍‌ପ୍ରକାଶ ମିଶ୍ର, ଆଶ୍ରିତ ପଟ୍ଟନାୟକ ଏବଂ ଅନ୍ୟ ଅତିଥି।

ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଦି



@ ଦୀପ୍ତିରଞ୍ଜନ



@ ଦେବାଶିଷ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରୀଚୈତନ୍ୟଙ୍କ ସ୍ମାରକୀ ପାଦପଦ୍ମସ୍ଥଳୀକୁ ଭାଙ୍ଗିଦେଲେ

## ବିଭିନ୍ନ ମହଲରେ ଅସନ୍ତୋଷ

ପୁରୀ,୩।୬(ଅଜିତ୍ କୁମାର ମହାନ୍ତି)

ପୁଣି ଭକ୍ତଙ୍କ ଭାବାବେଗ ସହ ଖେଳ ଦେଖିବାକୁ ମିଳିଛି। ଶ୍ରୀମନ୍ଦିରର ଐତିହ୍ୟ କୀର୍ତ୍ତିରାଜିକୁ କାର୍ଯ୍ୟ ଆଳରେ ଭାଙ୍ଗି ଦିଆଯାଇଥିବା ନେଇ ଅଭିଯୋଗ ହୋଇଛି। ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟରେ ଥିବା ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସ୍ମାରକୀ ପାଦପଦ୍ମ ସ୍ଥଳୀକୁ ଭାଙ୍ଗି ଦିଆଯାଇଛି। ଦିବ୍ୟାଙ୍ଗ ଭକ୍ତଙ୍କ ସୁବିଧାରେ ଦର୍ଶନ ନିମନ୍ତେ ରାମ୍ପ ଏବଂ ଶିଡ଼ି ନିର୍ମାଣ କରିବା ପାଇଁ ଉକ୍ତ ଐତିହ୍ୟ ସ୍ମାରକୀକୁ ଭାଙ୍ଗି ଦିଆଯାଇଛି, ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ବ୍ୟକ୍ତ କରାଯାଇଛି।

ଏନେଇ ଛତିଶା ନିଯୋଗ କିମ୍ବା ପ୍ରଶାସନ ସହ ଆଲୋଚନା କରା ନ ଯାଇ ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଛି। ଦିବ୍ୟାଙ୍ଗ ଭକ୍ତଙ୍କ ପାଇଁ ରାମ୍ପ ଏବଂ ଶିଡ଼ି ନିର୍ମାଣକୁ ସବୁ ମହଲରେ ସ୍ୱାଗତ କରାଯାଇଛି, ମାତ୍ର ଭବିଷ୍ୟତକୁ ଗୁରୁତ୍ୱ ଦିଆ ନ ଯାଇ କାର୍ଯ୍ୟ କରାଯାଉଛି ବୋଲି ଅଭିଯୋଗ ହେଉଛି। ଫଳରେ ଭବିଷ୍ୟତରେ ନବକଳେବର ସମୟରେ ଦାରୁ ଶଗଡ଼ି ଯିବାରେ ସମସ୍ୟା ଦେଖାଦେଇପାରେ ବୋଲି ଆଲୋଚନା ହେଉଛି।

ଏନେଇ ବରିଷ୍ଠ ଦଇତାପତି ସେବକ ବିନାୟକ ଦାସ ମହାପାତ୍ର କହିଛନ୍ତି, ଉତ୍ତର ଦ୍ୱାରଠାରେ ରାମ୍ପ ନିର୍ମାଣ ପାଇଁ ସେଠାରେ ଥିବା ପାଦପଦ୍ମ ସ୍ଥଳୀକୁ ଭଙ୍ଗାଯାଇଛି। କ'ଣ ପାଇଁ ଭଙ୍ଗାଯାଇଛି, ତାହା ଏଏସ୍‌ଆଇ ଭଲ ଭାବେ ଜାଣିଥିବ। ଛତିଶା ନିଯୋଗରେ ଆଲୋଚନା ହୋଇଛି କି ନାହିଁ, ସେ ନେଇ ଜିଲା ପ୍ରଶାସନ, ଶ୍ରୀମନ୍ଦିର ପ୍ରଶାସନ, ମୁଖ୍ୟ ପ୍ରଶାସକ ଜାଣିଥିବେ। ଯଦି ଏଏସ୍‌ଆଇ କହୁଛି ସେ ଭାଙ୍ଗି ନାହିଁ ତେବେ କିଏ ଭାଙ୍ଗିଛି ବୋଲି ଦାସମହାପାତ୍ର ପ୍ରଶ୍ନ କରିଛନ୍ତି। ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, ଗଣମାଧ୍ୟମଠାରୁ ଏନେଇ ଅବଗତ ହୋଇଛି। ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଦିବ୍ୟାଙ୍ଗ ଭକ୍ତମାନେ ଶ୍ରୀମନ୍ଦିରକୁ ଆସୁଛନ୍ତି। ଦିବ୍ୟାଙ୍ଗ ଭକ୍ତଙ୍କ ସୁବିଧା ନିମନ୍ତେ ଉତ୍ତରଦ୍ୱାରଠାରେ ରାମ୍ପ ନିର୍ମାଣ କରାଯାଉଛି, ଯଦି କାର୍ଯ୍ୟ ସମୟରେ ଏପରି ସମସ୍ୟା ହୋଇଛି ତେବେ ସେ ନେଇ ସମାଧାନ କରାଯିବ। କେଉଁଠାରେ ରହିବା କଥା ସେ ନେଇ ବିଚାର କରାଯାଇ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ସ୍ୱାଇଁ କହିଛନ୍ତି। କାର୍ଯ୍ୟ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କରାଯାଉଛି କି ଏଏସ୍‌ଆଇ ପକ୍ଷରୁ କରାଯାଉଛି ସେ ନେଇ ସ୍ପଷ୍ଟ ହୋଇନାହିଁ। ଅପରପକ୍ଷରେ ଏନେଇ ଏଏସ୍‌ଆଇ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ୯ ଦିନ ହେବ ଡେଲିଭରି ବୟ ନିଖୋଜ

## ଭୁବନେଶ୍ୱର ରେଳଷ୍ଟେଶନରୁ ମିଳିଥିଲା ବ୍ୟାଗ୍, ଚପଲ

କଟକ,୩।୬(କାର୍ତ୍ତିକ ସାହୁ)

ମଧୁପାଟଣା ଅଞ୍ଚଳରୁ ଜଣେ ଡେଲିଭରି ବୟ ଗତ ୯ ଦିନ ହେବ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ତାଙ୍କ ଘରେ ପତ୍ନୀ, ପୁଅ ସମେତ ମା' ଶଙ୍କାକୁଳ ଅବସ୍ଥାରେ କାଳାତିପାତ କରୁଛନ୍ତି। ଭୁବନେଶ୍ୱର ରେଳଷ୍ଟେଶନରୁ ତାଙ୍କ ବ୍ୟାଗ ମିଳିଥିବା ବେଳେ ନିଖୋଜର କାରଣ ଜଣାପଡ଼ିନାହିଁ। ଏ ନେଇ ମଧୁପାଟଣା ଥାନାରେ ଏକ ମାମଲା ରୁଜୁ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ସୂଚନାନୁଯାୟୀ, ମଧୁପାଟଣା ଜଗନ୍ନାଥ ଲେନର ଜ୍ୟୋତିରଞ୍ଜନ ସାହୁ (୩୮) ଗତ ମେ' ୨୬ରୁ କେଉଁଆଡ଼େ ନିଖୋଜ ହୋଇଯାଇଛନ୍ତି। ୨୬ ତାରିଖ ସକାଳ ପ୍ରାୟ ୫ଟା ୩୦ରେ ସ୍କୁଟିରେ ସେ ଘରୁ ବାହାରି ଆଉ ଫେରି ନ ଥିଲେ। ପରିବାର ଲୋକେ ତାଙ୍କ ମୋବାଇଲକୁ ବାରମ୍ବାର ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ ବି ତାଙ୍କ ଫୋନ ଲାଗି ନ ଥିଲା। ଗତ ୩୧ ତାରିଖ ଅପରାହ୍ଣ ପ୍ରାୟ ୫ଟା ୨୦ରେ ମୋବାଇଲ ଫୋନ ଲାଗିଥିଲା। ଭୁବନେଶ୍ୱର ଜିଆରପି ପୋଲିସର ଜଣେ ଅଧିକାରୀ ଫୋନ ଉଠାଇ ଫୋନ ସହିତ ଏକ ବ୍ୟାଗ, ଡାଏରୀ, ଚପଲ ଭୁବନେଶ୍ୱର ରେଳଷ୍ଟେଶନରୁ ଜବତ କରିଥିବା କହିଥିଲେ। ଏହା ଜାଣିବା ପରେ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ଜ୍ୟୋତିରଞ୍ଜନଙ୍କ ସ୍କୁଟି ସେଠାରେ ନ ଥିଲା କି ତାଙ୍କର କୌଣସି ଖବର ମିଳି ନ ଥିଲା। ଜ୍ୟୋତି ରଞ୍ଜନଙ୍କ ଭଉଣୀ ଆଞ୍ଚଳ ନାୟକ ଏ ନେଇ ମଧୁପାଟଣା ଥାନାରେ ଲିଖିତ ଅଭିଯୋଗ କରିଥିଲେ।





ଭୁବନେଶ୍ୱର ସୂଚନାଭବନରେ ମଙ୍ଗଳବାର ବିଶିଷ୍ଟ ଶିକ୍ଷକ ନେତା ସ୍ୱର୍ଗତଃ ଅବନୀ ବରାଳଙ୍କ ୯୧ତମ ଜୟନ୍ତୀ ଏବଂ ଅବନୀ ବରାଳ ସମ୍ମାନ ପ୍ରଦାନ ଉତ୍ସବରେ ଅତିଥିଙ୍କ ସହ ସମ୍ମାନିତ ବ୍ୟକ୍ତିବିଶେଷ। (ଫଟୋ-ମନୋରଞ୍ଜନ ମିଶ୍ର)

# ଜୁଲାଇ ୬ରେ ୟୁପିଏସ୍‌ସି କୋଚିଂର ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୩।୬(ସୁଚିସ୍ମିତା ସାହୁ)

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୫-୨୬ ସେସନରେ ୟୁପିଏସ୍‌ସି ସିଭିଲ ସର୍ଭିସ୍ ପାଇଁ କୋଚିଂ ପ୍ରକ୍ରିୟା ଆରମ୍ଭ ହୋଇଛି। ୫୦୦ ଜଣଙ୍କୁ କୋଚିଂ ଦିଆଯିବ। ୧୧ ମାସ ଧରି ବିଦ୍ୟାର୍ଥୀଙ୍କୁ ମାଗଣାରେ ପ୍ରିଲିମ୍ ଏବଂ ମେନ୍ ପରୀକ୍ଷା ଲାଗି କୋଚିଂ ପ୍ରଦାନ କରାଯିବ। ଏନେଇ ଜୁନ ୩ରୁ ଆବେଦନ ଆରମ୍ଭ ହୋଇଯାଇଛି। ଆଶାୟୀ ଛାତ୍ରୀଛାତ୍ରମାନେ ୧୨ତାରିଖ ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲର କମନ ଆପ୍ଲିକେଶନ ଫର୍ମ ମାଧ୍ୟମରେ ଆବେଦନ କରିପାରିବେ। ଫର୍ମ ଆବେଦନ ଶେଷ ହେବା ପରେ ଓକାକ୍ ମାଧ୍ୟମରେ ୧୫ ତାରିଖ ସୁଦ୍ଧା ପ୍ରବେଶିକା ପରୀକ୍ଷା ପାଇଁ ତାରିଖ ଧାର୍ଯ୍ୟ କରାଯିବ। ସେହିପରି ଜୁଲାଇ ୧ ସୁଦ୍ଧା www.ssbod-isha.ac.in ମାଧ୍ୟମରେ ଆଡ୍‌ମିଟ୍ କାର୍ଡ ପ୍ରକାଶ ପାଇବ। ଜୁଲାଇ ୬ରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ସିଭିଲ ସର୍ଭିସେସ୍ ଆବାସିକ କୋଚିଂ ଯୋଜନା ଅଧୀନରେ ଯେଉଁମାନେ ଆବେଦନ କରିସାରିଛନ୍ତି, ସେମାନେ ନିଜ ପସନ୍ଦର କୋଚିଂ ସେଣ୍ଟର ବାଛିପାରିବେ। ଏହି ପ୍ରାର୍ଥୀମାନେ ପୁଣି ନୂତନ ଭାବେ ଆବେଦନ କରିବାର ଆବଶ୍ୟକତା ନାହିଁ।

# କଟକରୁ ପୁଣି ୪ କୋଭିଡ୍ ଆକ୍ରାନ୍ତ ଚିହ୍ନଟ

- ସପ୍ତାହକ ଭିତରେ ୧୨ ଚିହ୍ନଟ
- ଆକ୍ରାନ୍ତଙ୍କ କୌଣସି ଟ୍ରାଭେଲ ହିଷ୍ଟ୍ରି ନାହିଁ

କଟକ,୩।୬(ଶିଳ୍ପା ପ୍ରିୟଦର୍ଶିନୀ)

କଟକରେ କାୟା ବିସ୍ତାର କରିବାରେ ଲାଗିଛି କୋଭିଡ୍। ସପ୍ତାହକ ଭିତରେ କଟକ ମହାନଗର ନିଗମ ଅଞ୍ଚଳରୁ ୧୨ଜଣ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ମଙ୍ଗଳବାର ଆକ୍ରାନ୍ତ ୪ଜଣଙ୍କ ମଧ୍ୟରେ ସିଡିଏ ସେକ୍ଟର-୬, ସେକ୍ଟର-୧୧, ତେଲେଙ୍ଗା ବଜାର ଓ ବାଣ୍ଟିସାହିରୁ ଜଣେ ଲେଖାଏଁ ଚିହ୍ନଟ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରୁ ୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ଥିବାରୁ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଗତ ମାସ ୩୦ରେ କଟକରୁ ୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଥିଲା। ଏକ ସପ୍ତାହ ଭିତରେ ୧୨ଜଣ ଆକ୍ରାନ୍ତ ଚିହ୍ନଟ ହେଲେଣି। ସେମାନଙ୍କ ମଧ୍ୟରୁ ୩ଜଣ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ବେଳେ ଅନ୍ୟ ୯ଜଣ ହୋମ କ୍ୱାରାଣ୍ଟାଇନରେ ଅଛନ୍ତି। ଆକ୍ରାନ୍ତମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ପରେ ପରୀକ୍ଷା କରିବାରୁ ସେମାନେ କରୋନା ସଂକ୍ରମିତ ଥିବା ଜଣାପଡ଼ିଛି। ଆକ୍ରାନ୍ତଙ୍କ କୌଣସି ଟ୍ରାଭେଲ ହିଷ୍ଟ୍ରିର ନ ଥିବା ସୂଚନା ମିଳିଛି।

# 'ମଧ୍ୟସ୍ଥତା କେନ୍ଦ୍ରରେ ସହାୟତା କରିବେ ମନୋବିଜ୍ଞାନୀ'

## ଆଇନଗତ ସମସ୍ୟାର ସୁସମାଧାନ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଆଲୋଚନା

କଟକ,୩।୬(କାର୍ତ୍ତିକ ସାହୁ)

ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷ ତଥା ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ମଙ୍ଗଳବାର ରାଜ୍ୟ ମହିଳା ଏବଂ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ସହ ମହିଳା ଓ ଶିଶୁମାନଙ୍କ ଆଇନଗତ ସମସ୍ୟାର ସୁସମାଧାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସମ୍ପର୍କରେ ଆଇନ ସେବା ଭବନଠାରେ ଆଲୋଚନା କରିଛନ୍ତି। ଏହି ସନ୍ଦର୍ଭରେ ରାଜ୍ୟ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟର ପ୍ରମୁଖ ଶାସନ ସଚିବ ବିଚାରପତିଙ୍କୁ ଜିଲା ଆଇନ ସେବା ପ୍ରାଧିକରଣମାନେ କିପରି ଭାବେ ଅଭିଯୋଗ ପତ୍ରଗୁଡ଼ିକର ଉପଯୁକ୍ତ ସମାଧାନ କରିପାରିବେ ଏବଂ ଯୌନ ଅତ୍ୟାଚାର, ଯୌତୁକଜନିତ ତଥା ମହିଳା ସମ୍ବନ୍ଧୀୟ ଅପରାଧର ପୀଡ଼ିତାମାନଙ୍କୁ ସମୟାନୁଯାୟୀ ଅନୁକମ୍ପା ରାଶି ପ୍ରଦାନ କରାଯିବ ତାହା ଅବଗତ କରାଇଥିଲେ। ବିଚାରପତି ଏ ସଂକ୍ରାନ୍ତରେ ପ୍ରଥମେ ଏତଲା ରୁଜୁ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏତଦ୍‌ବ୍ୟତୀତ ସେ ପୀଡ଼ିତାମାନଙ୍କୁ ବିଭିନ୍ନ ଆଇନ ସେବା ଅନୁଷ୍ଠାନମାନଙ୍କ ଦ୍ୱାରା ଅନୁକମ୍ପା ରାଶି ତଥା ଉପଯୁକ୍ତ ଅଧିବକ୍ତା ଯୋଗାଇଦେବା ବିଷୟରେ ଆଲୋକପାତ କରିଥିଲେ। ରାଜ୍ୟ ମହିଳା ଆୟୋଗଠାରେ ଏକ ମଧ୍ୟସ୍ଥତା କେନ୍ଦ୍ର ସ୍ଥାପନ କରିବା ଏବଂ ଅଭିଯୋଗ-ପ୍ରକ୍ରିୟା, ପୀଡ଼ିତା ତଥା ବିପକ୍ଷ ବ୍ୟକ୍ତିଙ୍କୁ ପୋଲିସ ମାଧ୍ୟମରେ ସୂଚନା ଦେବାକୁ ବିଚାରପତି ପରାମର୍ଶ ଦେଇଥିଲେ। ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବଙ୍କୁ ଅନୁଭବୀ ଓ ବିଶେଷଜ୍ଞ ମନୋବିଜ୍ଞାନୀମାନଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ କରିବାକୁ ବିଚାରପତି ନିର୍ଦ୍ଦେଶ ଦେଇଥିଲେ। ମନୋବିଜ୍ଞାନୀମାନେ ଜିଲାସ୍ତରରେ ଏବଂ ରାଜ୍ୟ ମହିଳା ଆୟୋଗଠାରେ ମଧ୍ୟସ୍ଥତା କେନ୍ଦ୍ରଗୁଡ଼ିକରେ ଗୃହୀତ ଅଭିଯୋଗଗୁଡିକରେ ଉପଯୁକ୍ତ ସହାୟତା ପ୍ରଦାନ କରିବେ। ଉଦ୍ଧାର କରାଯାଇଥିବା ଯୌନ ଉତ୍ପୀଡ଼ନର ନାବାଳକ/ନାବାଳିକା ପୀଡ଼ିତ ଏବଂ ଅବାଞ୍ଛିତ ଶିଶୁମାନଙ୍କୁ ଉପଯୁକ୍ତ ଆଶ୍ରୟ ଏବଂ ଆଇନସମ୍ମତ ପୋଷ୍ୟଗ୍ରହଣ ସମ୍ବନ୍ଧରେ ଆଇନ ସହାୟତା ଯୋଗାଇଦେବା ପାଇଁ ଅଭିଜ୍ଞ ଆଇନଜୀବୀ ନିଯୁକ୍ତ କରି ତାଲିକାଭୁକ୍ତ କରିବା ପାଇଁ ରାଜ୍ୟ ମହିଳା ଆୟୋଗକୁ ପରାମର୍ଶ ଦେଇଛନ୍ତି। ଏହାସହ ଖପୁରିଆସ୍ଥିତ ଉତ୍କଳ ବାଳାଶ୍ରମଠାରେ ପାଚେରି, ସୁରକ୍ଷାକର୍ମୀଙ୍କ ନିୟୋଜନ, ବର୍ଷାଜଳ ନିଷ୍କାସନ ତଥା ଏହାର ସାମଗ୍ରିକ ସୁରକ୍ଷା ସମ୍ପର୍କରେ ମଧ୍ୟ ବିଚାରପତି ଆଲୋଚନା କରିଛନ୍ତି। ମହିଳା ଏବଂ ଶିଶୁ ବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ବିଚାରପତିଙ୍କୁ ମୟୂରଭଞ୍ଜ, ରାୟଗଡ଼ା ଓ ସୁନ୍ଦରଗଡ଼ ଜିଲାରେ ଗୁଣିଗାରେଡ଼ି ଏବଂ ଅନ୍ୟାନ୍ୟ ମହିଳା ସମ୍ବନ୍ଧୀୟ ଅପରାଧ ଉପରେ ସଚେତନତା କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିବା ବିଷୟରେ ଅବଗତ କରାଇଥିଲେ। ଉଭୟ ସଂସ୍ଥା ଆଇନ ସେବାକୁ ବ୍ୟାପକ କରିବା ନିମନ୍ତେ ବିଚାରପତି ପ୍ରମୁଖ ଶାସନ ସଚିବଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ଧାର୍ମିକସ୍ଥଳୀ ଓ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ଯୌତୁକଜନିତ ସମସ୍ୟା, ଗୁଣିଗାରେଡ଼ି ତଥା ମହିଳା ସମ୍ବନ୍ଧୀୟ ଅପରାଧ ସମ୍ପର୍କରେ ସଚେତନତା ବାର୍ତ୍ତା ଥିବା ଫଳକମାନ ଲଗାଇବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ ଓ ଉପସଚିବ ଉପସ୍ଥିତ ଥିଲେ।



**ପୁରୀ ରଥଖଳା ଚଳଚଞ୍ଚଳ:** ମଙ୍ଗଳବାର ଭୋଇ ସେବକମାନେ ରଥର ଚକ-ଅଖ ସଂଯୋଗ କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## ଫଳବଗିଚା ଯତ୍ନ



**ଆ**ମ୍ବ, ଲେମ୍ବୁ, କମଳା, ପିଜୁଳି, ସପେଟା, କଦଳୀ, ନଡ଼ିଆ, ଲିଚୁ ଆଦି ଫଳଗଛ ଲଗାଇବା ପାଇଁ ଏବେଠାରୁ ଜମି ପ୍ରସ୍ତୁତ କରନ୍ତୁ। ଏଥିପାଇଁ ନିମ୍ନ ପରିମାପର ଗାତ ଖୋଳି କିଛିଦିନ ପାଇଁ ଛାଡ଼ିଦିଅନ୍ତୁ । ବିଭିନ୍ନ ଫଳଗଛ ପାଇଁ ଗାତର ଆକାର ହେଲା: ଆମ୍ବ ଓ ସପେଟା – ୧ ମି. x ୧ ମି. x ୧ ମି. , ନଡ଼ିଆ – ୧ ମି. x ୧ ମି. x ୧ ମି. , କଦଳୀ – ୦.୪ ମି. x ୦.୪ ମି. x ୦.୪ ମି., କମଳା/ଲେମ୍ବୁ – ୦.୬ ମି. x ୦.୬ ମି. x ୦.୬ ମି. । ଗାତ ଖୋଳି ଉପର ୬ ଇଞ୍ଚ ମାଟିକୁ ଏକ ପଟେ ଓ ତଳମାଟିକୁ ବିପରୀତ ଦିଗରେ ରଖନ୍ତୁ । ଅନାବନା କାଠିକୁଟା ଓ ପତ୍ର ପକାଇ ଗାତ ଭିତରେ ନିଆଁ ଲଗାଇ ଦିଅନ୍ତୁ। ଗାତ ପ୍ରତି ୨ ଝୁଡ଼ି ଗୋବର ଖତ, ୧୦୦ ଗ୍ରାମ୍ ଫସ୍‌ଫରସ୍ ଓ ୬୦ ଗ୍ରାମ୍ ପଟାସ୍ ସାର ଦିଅନ୍ତୁ । ଏସବୁକୁ ଉପର ମାଟିରେ ଫେଣ୍ଟି ଉପର ମାଟି ତଳେ ଓ ତଳମାଟି ଉପରେ ରଖି ପ୍ରାକୃତିକ ଉପାୟରେ ବିଘଟିତ ହେବା ପାଇଁ ଛାଡ଼ି ଦିଅନ୍ତୁ। ଆମ୍ବଟାକୁଆ ସଂଗ୍ରହକରି ଚାରା ପକାନ୍ତୁ । ଆମ୍ବ ଚାରାକୁ ପଲିଥିନ୍‌ରେ ଭରନ୍ତୁ । ଅମୃତଭଣ୍ଡା ଚାରାକୁ ପଲିଥିନ୍‌ରେ ଭରି ଛାଇରେ ରଖନ୍ତୁ । ମାଆ ଗଛଗୁଡ଼ିକରେ ପ୍ରଥମ ଦଫା ସାର, ସଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ନୂତନ ଗଛଗୁଡ଼ିକରେ ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ । ମଞ୍ଜି ନଡ଼ିଆକୁ ନର୍ସରିରେ ପୋତନ୍ତୁ । ସପେଟା କଲମୀ କରନ୍ତୁ। ଭାଙ୍ଗିପଡ଼ିଥିବା ଡାଳପତ୍ର ସବୁକୁ ବଗିଚାରୁ ସଫାକରି କମ୍ପୋଷ୍ଟ ଖାତରେ ଭରିଦିଅନ୍ତୁ।

## ସଫଳ ଚାଷୀ

କୃଷ୍ଣଚନ୍ଦ୍ର ଓଝା / ହରିବନ୍ଧୁ ଓଝା

# ସମନ୍ୱିତ ଚାଷ ସଫଳତା ଦେଇଛି



ହରିବନ୍ଧୁ ଓଝା



କୃଷ୍ଣଚନ୍ଦ୍ର ଓଝା

**ସ**ମନ୍ୱିତ ଚାଷକରି ବେଶ୍ ସ୍ୱାବଲମ୍ବୀ ହୋଇଛନ୍ତି ୨ ଭାଇ। କଠିନ ପରିଶ୍ରମ ସେମାନଙ୍କୁ ଆଣିଦେଇଛି ଆଶାତୀତ ସଫଳତା । ସେହି ୨ ଭାଇ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ୍ ମାଣିବନ୍ଧ ପଞ୍ଚାୟତ ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମର କୃଷ୍ଣଚନ୍ଦ୍ର ଓଝା ଏବଂ ହରିବନ୍ଧୁ ଓଝା । ଗାଁ ମୁଣ୍ଡରେ ବାପାଙ୍କ ଥିବା ୫ଏକର ଟାଙ୍ଗରା ଭୂଇଁରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରି ନିଜ ଲକ୍ଷ୍ୟ ପଥରେ ଆଗେଇ ଚାଲିଛନ୍ତି। ଜହ୍ନି, କାକୁଡ଼ି, ଝୁଡ଼ଙ୍ଗ, ଭେଣ୍ଡି, ଲାଉ, କଖାରୁ, ବିଲାତି ବାଇଗଣ, ଲଙ୍କା ସମେତ ବିଭିନ୍ନ କିସମର ଶାଗ ପଟାଳି। ଖରିଫ ଓ ରବି ଫସଲରେ ଧାନ, ଡାଲି ଜାତୀୟ ଫସଲ ସହ ଆମ୍ବ, ପିଜୁଳି, ନାରିକେଳ, ଅମୃତଭଣ୍ଡା, ଲିଚୁ,ପଣସ, ସପୁରି, କଦଳୀ, ଜାମୁ, ବରକୋଳି ପ୍ରଭୃତି ଫଳ ଫଳୁଛି । ବର୍ଷ ବର୍ଷ ଧରି ଦୁବ କଅଁଳୁ ନ ଥିବା ଏହି ବିଲରେ ଏବେ ସବୁ ପ୍ରକାର ଫସଲ ଶୋଭା ବର୍ଦ୍ଧନ କରୁଛି । ଏଥିସହ ଉଦ୍ୟାନ ବିଭାଗ ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗ ପକ୍ଷରୁ କୁକୁଡ଼ା ଚାଷ, ବାୟୋ ଫ୍ଲାଗ୍ (ଜୈବିକ ପୁଞ୍ଜି) ମାଧ୍ୟମରେ ମାଛଚାଷ କରି ନିଜ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଚଳିତ ବର୍ଷ ଅକ୍ଷୟତୃତୀୟା ଦିନ ଖୋର୍ଦ୍ଧା ଠାରେ ଜିଲାସ୍ତରୀୟ କୃଷକ ଦିବସ ପାଳନ ଅବସରରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ୨ଭାଇଙ୍କୁ ସଫଳ ଚାଷୀ ଭାବେ ସମ୍ବର୍ଦ୍ଧିତ କରିଥିଲେ ।

ଏ ବିଷୟରେ ୨ ଭାଇ କୁହନ୍ତି, ‘‘ଏହି ଜମି ଦୀର୍ଘ ବର୍ଷ ଧରି ପଡ଼ିଆ ପଡ଼ିଥିଲା । ଏଠାରେ ଆମେ ଫସଲ ଆଦାୟ ପାଇଁ ମନସ୍ଥ କରି କାମ ଆରମ୍ଭ କରିଥିଲୁ। କୃଷି ବିଭାଗ ସହ ଯୋଗାଯୋଗ କରି ପ୍ରଥମେ ମାଟି ପରୀକ୍ଷା କରାଗଲା । ପରବର୍ତ୍ତୀ ସମୟରେ କୃଷି ବିଭାଗର ପରାମର୍ଶ ଅନୁସାରେ ଭୂମିକୁ ପ୍ରସ୍ତୁତ କରିବା ପରେ ଖରିଫ ଫସଲ ସହ ପନିପରିବା ଚାଷ କରିଥିଲୁ। ଏଥିସହ ବିଲ ଚାରିପାଖରେ ଫଳ ଗଛ ଲଗାଇଲୁ। ଏଥିସହ ଋତୁ ଅନୁଯାୟୀ ଫଳଗଛ ସହ ଅଦା, ସୂର୍ଯ୍ୟମୁଖୀ ଚାଷ ଆରମ୍ଭ କରିଥିଲୁ । ବିଲରେ ପିଜୁଳି, ଅମୃତଭଣ୍ଡା, କଦଳୀ, ଆମ୍ବ ଫଳୁଥିବା ବେଳେ ଅନ୍ୟ ପଟେ ଶାଗ, ଧନିଆପତ୍ର, ପନିପରିବା ଲାଗିଛି । ସେପଟେ ଜୈବିକ ପୁଞ୍ଜି ଯୋଜନାରେ ୪ଟି ସିମେଣ୍ଟ କୁଣ୍ଡରେ ମାଛଚାଷ ଚାଲିଛି । ଏହାସହ ୫୦୦୦ କ୍ଷମତା ବିଶିଷ୍ଟ କୁକୁଡ଼ା ଫାର୍ମ ମଧ୍ୟ ଚାଲିଛି । ଆମେ ଦୁହେଁ ଏଥିରୁ ବାର୍ଷିକ ପ୍ରାୟ ୫ରୁ ୭ ଲକ୍ଷ ଟଙ୍କା ରୋଜଗାରକରି ଆତ୍ମନିର୍ଭର ହୋଇପାରିଛୁ। ଏହାବ୍ୟତୀତ ୧୨ଟି ପରିବାରକୁ କର୍ମସଂସ୍ଥାନ ଯୋଗାଇଦେଇଛୁ। ଚାକିରି ପଛରେ ନ ଗୋଡ଼ାଇ ନିଜ ପୈତୃକ ସମ୍ପତ୍ତିରେ ବିଲବାଡ଼ିରେ କାମ କରିବାକୁ ଇଚ୍ଛା କରିଥିଲୁ। ଅକ୍ଳାନ୍ତ ପରିଶ୍ରମ ସ୍ୱରୂପ ଏହି ଚାଷରେ ସଫଳତା ମିଳିଛି । ଆଜିର ଯୁବପିଢ଼ି ପାଠପଢ଼ି ଚାକିରି ପାଇଁ ବାହାର ରାଜ୍ୟକୁ ଯିବା ଅପେକ୍ଷା ଆଧୁନିକ ଜ୍ଞାନକୌଶଳ ପ୍ରୟୋଗକରି ବେଶ୍ ଲାଭାନ୍ୱିତ ହୋଇପାରିବେ । ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟଙ୍କୁ ମଧ୍ୟ ରୋଜଗାର ଦେଇପାରିବେ ।’’

–ପ୍ରଭାତ ପାଣିଗ୍ରାହୀ

# ଧାନ ବିହନ ବୁଣିବା ପୂର୍ବରୁ ଜମି ପ୍ରସ୍ତୁତି

## ଏ ମାସର କୃଷି ସୂଚନା



**ଧା**ନ ଚାଷକରିବା ପୂର୍ବରୁ ଜମିକୁ ଗଭୀର ଚାଷକରି ମାଟିକୁ ଗୁଣ୍ଡକରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ । ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ସଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଛଟାବୁଣା ନ କରି ବିହନ ବୁଣାଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨–୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ । ବୁଣିସାରି ଥରେ ମଇ ଦେଇଦିଅନ୍ତୁ । ସହଳ କିସମରେ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ । ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନକରି ବୁଣନ୍ତୁ । ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ । ୧ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲି ତଳିଘରାରେ ୧ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଚଉଡ଼ାର ନାଳି ଛାଡ଼ନ୍ତୁ । ତଳି ପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ । ଦୋରସା ମାଟି ଥିବା ବର୍ଷା ଆଧାରିତ ଜମିରେ ଶୁଖିଲା ତଳି ପଟି ମଧ୍ୟ କରାଯାଇପାରିବ। ଏଣୁ ଶୁଖିଲା ତଳି ପଟିରେ ଧାଡ଼ିରେ ୧୦ ସେ.ମି. ବ୍ୟବଧାନରେ ବିହନ ବୁଣନ୍ତୁ ଏବଂ ଖତ ଓ ମାଟି ମିଶାଇ ଘୋଡ଼ାଇ ଦିଅନ୍ତୁ । ତଳି ପତ୍ର ଫିଟିଗଲେ ତଳିପଟିରେ ଧୀରେ ଧୀରେ ଜଳର ସ୍ତର ବୃଦ୍ଧି କରନ୍ତୁ । ଗଜାହେବା ପାଇଁ ମାଟିରେ ଯଥେଷ୍ଟ ବତର ଥାଇ ବୁଣିବା ଆବଶ୍ୟକ । ସାଧାରଣତଃ ଖରିଫ୍/ବର୍ଷାଋତୁରେ ମୋଟ ୬୦ ମିଲି ମି. ବର୍ଷା ହେବା ପରେ ହିଁ ବୁଣାବୁଣି କାର୍ଯ୍ୟ କରନ୍ତୁ । ଯେଉଁ ଜମି ଗୁଡ଼ିକରେ ଘାସ ଉପଦ୍ରବ ଦେଖାଦେଇଛି ବିଶେଷକରି ଢିପ ଜମିରେ ଘାସମରା ବିଷ ବ୍ୟବହାରକରି ଘାସ ଦମନ କରନ୍ତୁ । ଏଥିପାଇଁ ଢିପଜମିରେ ହେକ୍ଟର ପ୍ରତି ବୁଟାକ୍ଲୋର କିମ୍ବା ପ୍ରେଟିଲାକ୍ଲୋର ୧ ଲିଟର (ସକ୍ରିୟ ଉପାଦାନ) ୫୦୦ ଲିଟର ପାଣିରେ ମିଶାଇ ସ୍ପ୍ରେୟରରେ ବୁଣିବାର ୨–୩ ଦିନ ପରେ ମାଟିରେ ବତର ଥିବା ଅବସ୍ଥାରେ ସିଞ୍ଚନ କରନ୍ତୁ । ରୋଇବା ପାଇଁ ଉଦ୍ଦିଷ୍ଟ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ଧନିଚା ବୁଣନ୍ତୁ । ଜଳସେଚିତ ଜମିଗୁଡ଼ିକରେ ଜଳର ସୁବିଧା ଥିଲେ ସବୁଜ ସାର ନିମିତ୍ତ ଆଜୋଲା ବଢ଼ାନ୍ତୁ । ସାଧାରଣ ଉର୍ବର ଜମିରେ ବୁଣାବେଳେ ହେକ୍ଟର ପ୍ରତି ୧୫ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୧୫ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ଫସଲକୁ ବିହନଜନିତ ରୋଗରୁ ରକ୍ଷାକରିବା ପାଇଁ ବୁଣିବା ପୂର୍ବରୁ ବିହନକୁ କେ.ଜି. ପ୍ରତି ୨ ଗ୍ରାମ୍ କାର୍ବୋକ୍ସିନ୍ + ଥିରାମ୍ ବା ୧ ଗ୍ରାମ୍ ବାଭିଷ୍ଟିନ୍ ଗୋଳାଇ ବିଶୋଧନ କରନ୍ତୁ । ଉପଦ୍ରୁତ ଅଞ୍ଚଳରେ ରୋଗପୋକ ସହଣୀ ଶକ୍ତି ଥିବା କିସମର ଧାନଚାଷ କରନ୍ତୁ ।

**ମକା**

ମକାଚାଷ ପାଇଁ ଜମି ପ୍ରସ୍ତୁତକରି ହେକ୍ଟର ପ୍ରତି ୨୦ କି.ଗ୍ରା. ବିହନ ବିଶୋଧନକରି ଧାଡ଼ିରେ ବୁଣନ୍ତୁ । ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୩୦ ସେ.ମି. ବ୍ୟବଧାନ ରଖନ୍ତୁ । ବୁଣିଲାବେଳେ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଖାଦ୍ୟସାର ପ୍ରୟୋଗ କରନ୍ତୁ । ପାଣି ଜମି ରହିଲେ ମକା ଗଛ ଭଲ ବଢ଼େ ନାହିଁ । ତେଣୁ ଜଳ ନିଷ୍କାସନର ସୁବିଧା କରନ୍ତୁ ।

**ଡାଲି ଜାତୀୟ ଫସଲ ଚାଷ**

ଜମି ପ୍ରସ୍ତୁତକରି ନିଗିଡ଼ା ଢିପ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫–୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ। ହରଡ଼ରେ ଧାଡ଼ିକୁ ଧାଡ଼ି ୪୫–୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ । ବୁଣିବା ପୂର୍ବରୁ ବିହନ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ ।

### ତୈଳବୀଜ ଜାତୀୟ ଫସଲ

**ଚିନାବାଦାମ**

ଜମିକୁ ଗଭୀର ଚାଷକରି ମାଟି ଗୁଣ୍ଡକରନ୍ତୁ। ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ) । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ । କିନ୍ତୁ ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଉଚିତ । ହେକ୍ଟର ପ୍ରତି ୨୫ ଗାଡ଼ି ସଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜ କଳ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ। ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗକରି ମାଟିରେ ମିଶାଇ ଦିଅନ୍ତୁ ।

**ରାଶି**

ରାଶି ଚାଷ ପାଇଁ ଜମି ପ୍ରସ୍ତୁତକରି ହେକ୍ଟର ପ୍ରତି ୭.୫ କି.ଗ୍ରା. ବିହନ ଧାଡ଼ିକୁ ଧାଡ଼ି ୩୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ବୁଣିବା ବେଳକୁ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମ ଗୁଡ଼ିକ ହେଲା – କନକ, ଉଷା, ଉମା, ଅମ୍ରିତ୍, ପ୍ରାଚୀ, ନିର୍ମଳା, ସ୍ମାରକ ଓ ଶୁଭ୍ରା ।

–କୃଷି ବୈଷୟିକ ସୂଚନା କେନ୍ଦ୍ର,
ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ,
ଓୟୁଏଟି, ଭୁବନେଶ୍ୱର–୩

## ଆଖୁଚାଷ କରୁଥିଲେ...



**ଆ**ଖୁଚାଷ କରୁଥିଲେ ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ । ଏହି ଫସଲ ୩–୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ । ସଅଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଗ୍ରାମା ଜାପୋନିକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ କିମ୍ବା ଥାୟାମେଥୋକ୍ସାମ୍ ୧୫୦ ଗ୍ରାମ୍/ହେକ୍ଟର (କାର୍ଟାପ ହାଇଡ୍ରୋକ୍ଲୋରାଇଡ୍ କିମ୍ବା ଫିପ୍ରୋନିଲ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ବିଷ ପ୍ରୟୋଗ କରାଯାଇପାରେ।

## ଅଧିକ ଅମଳକ୍ଷମ କାଜୁ ପାଇଁ...



**କା**ଜୁର ଉନ୍ନତ କିସମ ଭାବରେ ଭେଙ୍ଗୁଏଲା ୧.୪ବି.ପି.ପି,ଭୁବନେଶ୍ୱର–୧,ଭି.ଆର.ଇ.–୨,ହାଇବ୍ରିଡ୍–୨–୧୭ କିସମ ବ୍ୟବହାର କରନ୍ତୁ । ଜୁଲାଇ ମାସ ହେଉଛି କାଜୁ ଗଛ ଲଗାଇବାର ଉପଯୁକ୍ତ ସମୟ। ସମୁଦ୍ର ଉପକୂଳ ପାଇଁ ୭.୫×୭.୫ ମିଟର ଦୂରତାରେ ଆଭ୍ୟନ୍ତରୀଣ ଅଞ୍ଚଳ ପାଇଁ ୬×୬ ଓ ଅନୁର୍ବରକ୍ଷୟ ପ୍ରାପ୍ତ ଜମି ପାଇଁ ୪×୪ମିଟର ୪୫×୪୫×୪୫ସେ.ମି. ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦ରୁ ୮୦ଟି ଗଛ ଏବଂ ନୀରୋଗ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ, ୬୦ଗ୍ରାମ୍ ଫସ୍‌ଫେଟ୍ ସାର ପ୍ରୟୋଗ କରନ୍ତୁ।



## ନଳିତା ଚାଷରେ ଘାସ ବଛା

**ନ**ଳିତା ଫସଲର ଘାସବଛା କାର୍ଯ୍ୟ ଶୀଘ୍ର ଶେଷ କରନ୍ତୁ । ଫସଲ ଗଜା ହେବାର ୨୧ ଦିନ ମଧ୍ୟରେ ପ୍ରଥମ ଥର ଓ ଏହାର ଠିକ୍ ୭ ଦିନ ପରେ ଆଉ ଥରେ କୋଡ଼ାଖୁସା ଓ ଘାସ ବଛା କରି ଗଛ ପତଳାକରି ଦିଅନ୍ତୁ ଯେପରି ଗଛକୁ ଗଛ ୫ ରୁ ୭ ସେ.ମି. ମଧ୍ୟରେ ବ୍ୟବଧାନ ରହିବ । ଏହି ସମୟରେ ହେକ୍ଟର ପ୍ରତି ୨୦–୩୦ କି.ଗ୍ରା. ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଜମିରେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ଏହି ମାସରେ ଘୋଡ଼ାପୋକ ଓ ପତ୍ରକଟା ପୋକ ଦ୍ୱାରା ଫସଲ ଆକ୍ରାନ୍ତ ହୋଇଥାଏ । ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ହେକ୍ଟର ପ୍ରତି ୧ଲିଟର ପ୍ରୋଫେନୋଫସ୍ ୫୦୦ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

# ଅଣଧାନ ଫସଲ ଚାଷ ସମୟରେ...



**ଧା**ନ ବଦଳରେ ଅଣଧାନ ଫସଲ ଯଥା ମକା, ବରଗୁଡ଼ି, ହରଡ଼, ବିରି, ମାଣ୍ଡିଆ, ଚିନାବାଦାମ, ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷକରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ନିର୍ବାଚନ କରନ୍ତୁ। ଫସଲର ସଙ୍କଟ ଅବସ୍ଥାରେ ଜଳସେଚନ ପାଇଁ ବର୍ଷାପାଣିକୁ ସଞ୍ଚୟକରି ରଖନ୍ତୁ। ଗଡ଼ାଣିଆ ଜମିରେ ଗଡ଼ାଣିର ବିପରୀତ ଦିଗରେ ହୁଡ଼ା ଓ ନାଳ ଅଦଳବଦଳରେ କରନ୍ତୁ, ଯଦ୍ୱାରା ମାଟିରେ ଅଧିକ ବର୍ଷାପାଣି ସଞ୍ଚିତ ହୋଇରହିବ। ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ। ଅମ୍ଳମାଟିରେ ଚୂନ, କାଗଜକଳ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତହୁଏ ଓ ଅମଳ ଅଧିକ ହୋଇଥାଏ।

ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃଫସଲ ଚାଷ କରନ୍ତୁ। ଢିପ ଜମିରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା–ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳିରେ ଖତ ପ୍ରୟୋଗ କରନ୍ତୁ। ମରୁଡ଼ି ସହିପାରୁଥିବା ଧାନ କିସମ ଯଥା–ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ–୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।

# ପନିପରିବା ଚାଷ



**ଆ**ଉ କିଛି ସପ୍ତାହ ପରେ ବର୍ଷା ଦିନ ଆସିଯିବ। ସାଧାରଣତଃ ଏହି ସମୟରେ ବାଇଗଣ, ବର୍ଷାଦିନିଆ ବିଲାତି ବାଇଗଣ, ବର୍ଷାଦିନିଆ କୋବି, ବର୍ଷାଦିନିଆ ପିଆଜ, ଲଙ୍କା, ଭେଣ୍ଡି, କଖାରୁ, ଛଚିନ୍ଦ୍ରା, ଜହ୍ନି, କଲରା, କାକୁଡ଼ି, କୁନ୍ଦୁରି, କାଙ୍କଡ଼, ଝୁଡ଼ଙ୍ଗ ଆଦି ପନିପରିବା ଫସଲ ଚାଷ କରାଯାଇଥାଏ । ସେଗୁଡ଼ିକ ମଧ୍ୟରୁ ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳଜମିରେ ଲଗାଯାଇଥାଏ। ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷକରି ସେଥିରୁ ଘାସଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨–୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ସଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡକରି ମିଶାଇ ଦିଅନ୍ତୁ । ଏଥିସହ ୧୫୦ ଗ୍ରାମ୍ ସୁପର ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ । ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜକରି ୭ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ । ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩–୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନକରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୫–୭ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ିଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାରଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା’ ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜିଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନକରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସ୍ମାର୍ଟ ବଜାରରେ 'ରଜ ପରବ'

**ଭୁବନେଶ୍ୱର,୩।୬**

ରିଲାଏନ୍ସ ରିଟେଲର ପ୍ରମୁଖ ବ୍ରାଣ୍ଡ୍ ତଥା ସ୍ମାର୍ଟ ବଜାରର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ରଜ ପରବ'ର ଶୁଭାରମ୍ଭ ମଙ୍ଗଳବାର ଆନୁଷ୍ଠାନିକ ଭାବେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସ୍ମାର୍ଟ ବଜାରର ମାଷ୍ଟର କ୍ୟାଣ୍ଟିନ ଆଉଟ୍‌ଲେଟ୍‌ଠାରେ କରାଯାଇଥିଲା। ଅପରପକ୍ଷରେ ସ୍ମାର୍ଟ ବଜାର ପକ୍ଷରୁ ଏକାଧିକ ପାର୍ବଣ ଅଫର ଓ ଇନ୍-ଷ୍ଟୋର ଏନ୍‌ଗେଜ୍‌ମେଣ୍ଟ ଆକ୍ଟିଭିଟି ଆରମ୍ଭ କରାଯାଇଛି। ଏହି ଅବସରରେ ଲିପ୍ସା ମିଶ୍ର ଆଚାର୍ଯ୍ୟ, ରିୟା ଦେଙ୍କ ସମେତ ରିଲାଏନ୍ସ ରିଟେଲ୍‌ର ସିଏମ୍‌ଓ(ସୁପର ମାର୍କେଟ୍‌ସ ଆଣ୍ଡ ହାଇପରମାର୍କେଟ୍‌ସ) ସୁରଭି ସେନ୍ ପ୍ରମୁଖ ଉପସ୍ଥିତ ରହି ପାର୍ବଣ ଅଫରଗୁଡ଼ିକୁ ଉନ୍ମୋଚନ ସହ ରଜ କାର୍ଯ୍ୟକଳାପର ଉଦ୍‌ଘାଟନ କରିଥିଲେ। ଏ ନେଇ ରିଲାଏନ୍ସ ରିଟେଲ ଲିମିଟେଡ୍-ଭାଲ୍ୟୁ ଫର୍ମାଟ୍‌ର ମୁଖ୍ୟ ପରିଚାଳନା ଅଧିକାରୀ କାମଦେବ ମହାନ୍ତି ରଜ ପର୍ବର ମହତ୍ତ୍ୱ ସମ୍ପର୍କରେ ନିଜର ମତାମତ ବାଣ୍ଟିଥିଲେ। ଏହି ଅବସରରେ ସୁରଭି ସେନ୍ କହିଛନ୍ତି, ରଜ ପର୍ବ ହେଉଛି ପରମ୍ପରା, ପାର୍ବଣ ଓ ନାରିତ୍ୱ ଭାବନାର ଏକ ସେଲିବ୍ରେଶନ। ସ୍ମାର୍ଟ ବଜାରରେ ଆମେ ସ୍ୱତନ୍ତ୍ର ଅଫର, ନିୟୋଜିତ ଗତିବିଧି ଓ ଏକ ସମ୍ପୂର୍ଣ୍ଣ ଶପିଂର ଅନୁଭୂତି ସହିତ ଆମର ଗ୍ରାହକଙ୍କ ପାଇଁ ଅତୁଳନୀୟ ମୂଲ୍ୟ ଓ ପାର୍ବଣର ଆନନ୍ଦ ଆଣିବା ଲାଗି ପ୍ରତିବଦ୍ଧ ରହିଛୁ।

# ବଜାରରେ ୬,୧୮୧ କୋଟିର ୨,୦୦୦ ଟଙ୍କିଆ ନୋଟ୍

**ମୁମ୍ବାଇ,୩।୬ (ଅଭୟ ଦାଶ)**





ବର୍ତ୍ତମାନ ବଜାରରେ ୬,୧୮୧ କୋଟିର ୨,୦୦୦ ଟଙ୍କିଆ ନୋଟ୍ ପଡି ରହିଛି। ଗତ ୨ ବର୍ଷ ପରେ ମଧ୍ୟ ପ୍ରାୟ ୨%ର ୨,୦୦୦ ଟଙ୍କିଆ ନୋଟ୍ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ଫେରିନି ବୋଲି ମଙ୍ଗଳବାର କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ୨୦୨୩ ମେ ୧୯ରେ କେନ୍ଦ୍ର ସରକାର ହଠାତ୍ ୨,୦୦୦ ଟଙ୍କିଆ ନୋଟ୍‌ର ପ୍ରଚଳନକୁ ବନ୍ଦ କରିବା ପାଇଁ ବିଜ୍ଞପ୍ତି ପ୍ରକାଶ ସହ ଘୋଷଣା କରିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ୩ ମାସର ଅବଧି ସହ ସମସ୍ତ ସରକାରୀ ଓ ଘରୋଇ ବ୍ୟାଙ୍କ ଏବଂ ପୋଷ୍ଟ ଅଫିସ ଜରିଆରେ ୨,୦୦୦ ଟଙ୍କିଆ ଫେରସ୍ତ ଆଣିବାର ବନ୍ଦୋବସ୍ତ ଆରମ୍ଭ ହୋଇଥିଲା। ଏପରିକି ବିଭିନ୍ନ ସମସ୍ୟା ଓ ଯାନ୍ତ୍ରିକ ତ୍ରୁଟି କାରଣରୁ ଅବଧି ବୃଦ୍ଧି ସହ ୨,୦୦୦ ଟଙ୍କିଆ ନୋଟ୍‌ର ଫେରସ୍ତ ପ୍ରକ୍ରିୟାକୁ ସବୁ ସ୍ତରରେ ଜୋର୍‌ଦାର କରାଯାଇଥିଲା।

ସେହିଭଳି କେନ୍ଦ୍ର ସରକାର ୨୦୧୬ ନଭେମ୍ବର ୮ ରେ ୨୦୦୦ ଟଙ୍କିଆ ନୋଟ୍‌ର ଅୟମାରମ୍ଭ ସହ ପୁରୁଣା ୨ଟି ବଡ଼ ନୋଟ୍ ପ୍ରଚଳନକୁ ବନ୍ଦ କରିଦେଇଥିଲେ। ଏପରିକି ମୋଟ ୩.୫୬ ଲକ୍ଷ କୋଟି ଟଙ୍କା ମୂଲ୍ୟର ୨,୦୦୦ ଟଙ୍କିଆ ନୋଟ୍‌କୁ ବଜାରରେ ଉପଲବ୍ଧ କରାଇଥିଲେ। କାଳକ୍ରମେ ସରକାର ଏହି ପିଙ୍କ୍ ନୋଟ୍‌ର ପ୍ରଚଳନକୁ ବନ୍ଦ କରିବା ସହିତ ବଜାରରୁ ସେଗୁଡ଼ିକୁ ଫେରାଇ ନେବାକୁ ନିଷ୍ପତ୍ତି ନେଇଥିଲେ। ୨୦୨୩ ମେ ୧୯ରେ ଆନୁଷ୍ଠାନିକ ଭାବେ ବଜାରରୁ ଆର୍‌ବିଆଇ ୨,୦୦୦ ଟଙ୍କିଆ ନୋଟ୍‌କୁ ଫେରାଇନେବାକୁ ନିଷ୍ପତ୍ତି ନେବା ସହିତ ପ୍ରକ୍ରିୟା ଆରମ୍ଭ କରିଥିଲେ। ୨୦୨୩ ମେ ୧୯ରୁ ୨୦୨୫ ମେ ୧୯ ମଧ୍ୟରେ ଆର୍‌ବିଆଇ ପ୍ରାୟ ୯୮%ର ୨,୦୦୦ ଟଙ୍କିଆ ନୋଟ୍ ବଜାରରୁ ଫେରାଇ ଆଣିବାର ସକ୍ଷମ ହୋଇଛି।

ତେବେ ଗତ ୨ ବର୍ଷ ପରେ ୨,୦୦୦ ଟଙ୍କିଆ ନୋଟ୍‌ର ପ୍ରାୟ ୨% ବା ୬,୧୮୧ କୋଟି ଟଙ୍କା ବଜାରରେ ପଡ଼ିରହିଛି। ଆର୍‌ବିଆଇର ସୂଚନା ଅନୁଯାୟୀ ୨୦୨୫ ମେ ୩୧ ଶେଷ ସୁଦ୍ଧା ୨,୦୦୦ ଟଙ୍କିଆ ନୋଟ୍‌ର ମୋଟ ୯୮.୨୬% ଅର୍ଥ କେନ୍ଦ୍ରୀୟ ବ୍ୟାଙ୍କକୁ ଫେରିଆସିଛି। ହେଲେ ଏବେବି ବଜାରରେ ୨,୦୦୦ ଟଙ୍କିଆ ନୋଟ୍‌ର ପ୍ରାୟ ୨%ର ଅର୍ଥ (୬,୧୮୧ କୋଟି ଟଙ୍କା) ବଜାରରେ ପଡି ରହିଛି।

ଅପରପକ୍ଷରେ ସରକାର କଳାଧନ କାରବାରକୁ ବନ୍ଦ କରିବା ଓ ମୋଟା ପରିମାଣର ଅର୍ଥକୁ ମହଜୁଦ ନ ହେବାକୁ ଏଭଳି ପଦକ୍ଷେପ ଗ୍ରହଣ କରିଥିଲାବେଳେ କେନ୍ଦ୍ରୀୟ ବ୍ୟାଙ୍କ ଯେଉଁ ଉଦ୍ଦେଶ୍ୟ ଓ ପରିମାଣରେ ଟଙ୍କା ବ୍ୟାଙ୍କକୁ ଫେରିଆସିବ ବୋଲି ଆଶା କରୁଥିଲା, ତା'ଠାରୁ ଅଧିକ ପରିମାଣରେ ୨,୦୦୦ ଟଙ୍କିଆ ନୋଟ୍ ବ୍ୟାଙ୍କକୁ ଫେରିଆସିଛି ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

# ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୩।୬(ଅଭୟ ଦାଶ)**

କ୍ରମାଗତ ତୃତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ମଙ୍ଗଳବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୬୩୬ (୬୩୬.୨୪) ପଏଣ୍ଟ ହ୍ରାସ ଘଟି ୮୦,୭୩୭ (୮୧,୭୩୭.୫୧) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୭୪ (୧୭୪.୧୮) ପଏଣ୍ଟ କମି ୨୪,୫୪୨(୨୪,୫୪୨.୫୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।


## ବିଜିନେସ୍ ଆଡ୍‌ମିନିଷ୍ଟ୍ରେସନରେ ଡକ୍ଟରେଟ ଲାଭ



ଶ୍ରୀ ଶିବ ପ୍ରସାଦ ଷଡ଼ଙ୍ଗୀ ତାମିଲନାଡୁସ୍ଥିତ ଆନାମଲାଇ ବିଶ୍ୱବିଦ୍ୟାଳୟରୁ **Impact of Marketing Strategy and Product Knowledge attitude on Consumer Buying behaviour of Organic Food products in Karnataka** ଉପରେ ଗବେଷଣା କରିଥିବା ସନ୍ଦର୍ଭଟି ଜାତୀୟ ଓ ଅନ୍ତର୍ଜାତୀୟ ଗବେଷକଙ୍କ ଦ୍ୱାରା ମୂଲ୍ୟାୟନ ଓ ଉଚ୍ଚ ପ୍ରଶଂସିତ ହୋଇଅଛି। ସେ ଖୋର୍ଦ୍ଧା ଜିଲ୍ଲା ନାରୁଣୀ ଗ୍ରାମର ପ୍ରଫୁଲ୍ଲ ଷଡ଼ଙ୍ଗୀ ଓ ବୀଣାପାଣି ଷଡ଼ଙ୍ଗୀଙ୍କ କନିଷ୍ଠ ପୁତ୍ର ଅଟନ୍ତି। ସେ ବର୍ତ୍ତମାନ ବାଙ୍ଗାଲୋରସ୍ଥିତ ଶେଷାଦ୍ରୀପୁରମ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜ୍‌ରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି। ଶ୍ରୀ ଷଡ଼ଙ୍ଗୀ ତାଙ୍କର ଏହି ସଫଳତାର ଶ୍ରେୟ ପିତାମାତା, ଗାଇଡ୍ ଡଃ ଟି. ରାମକୁମାର, ପତ୍ନୀ-ନିରୁପମା ମିଶ୍ରଙ୍କ ସମେତ ପରିବାରବର୍ଗ ତଥା ଶୁଭେଚ୍ଛୁମାନଙ୍କୁ ଦେଇଛନ୍ତି।

ଧ-୮୦୯



# Classified Everyday

**0674-2580101, 9692975378**



MATRIMONIAL

### BRIDE WANTED

Khastriya Boy 1993, B.Tech, 5'9", Dhanu, Bangalore IT Software, Dhenkanal. 9668599723. D-71085

### GROOM WANTED

Wanted Govt. Officers groom for beautiful Khandayat Girl 1992, 5'4", MSc, ME.d. serving Asst. Professor, Govt BE.d. College. "SUNASANSAR". 9937512659. D-76273





Newly open health benefits SPA by expert therapist. Contact- 8280961126. D-76915

Full body massage by experience therapist with homely atmosphere. 9114559860. D-780

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-730

Newly open SPA positively health benefits (expert therapist). Contact- 7327030529. D-76918





REAL ESTATE

### SALE

**Sthitiban plot sale near IIT Argul, Khurdha, Bhubaneswar. Immediate registration/ possesion sqft.- 350/-. 8328868883.** D-76270

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266



FOR RENT

Main Road- facing Shop available for rent in VSS Nagar, Area: 250sqft., Includes: Attached Toilet, Rent: Rs.- 16,000 per month, Ideal for: Retail, office or small Business setup. Contact: 7008630332. D-797

### AFFIDAVIT

By virtue of an affidavit sworn before Executive Magistrate, Bhubaneswar, dated- 03.05.2025, I, Shashanka Shekhar Bindhani, S/o- Parikshita Bindhani, resident of At/P.O.-Daruthenga, P.S.-Chandaka, Dist.-Khordha, Odisha-754005 declare that I have changed my son's name from Aditya Bindhani to Chiraag Bindhani. Henceforth, he shall be known as Chiraag Bindhani for all purposes. D-806

By virtue of an affidavit sworn before the Notary Public, Birmaharajpur, dated 29.05.25, I, Srikara Padhan, R/o. Village- Baraghat, P.O.- Khandahata, P.S.- Subalaya, Dist.- Subarnapur declare that I wish to correction of my name and DOB from Shrikar Padhan, DOB- 15.04.2005 to Srikara Padhan, DOB- 20.01.2005 in my Aadhaar Card for all purposes.
Srikara Padhan D-799

By virtue of an affidavit sworn before Executive Magistrate, Thuamul Rampur, dated 03.06.2025, I, Phulmita Turuk, R/o. At/P.O.- Birikote, P.S.-Th. Rampur, Dist.- Kalahandi, PIN- 766037, Odisha declare that I have changed my name from Phulamita Naik to Phulmita Turuk. Henceforth, I shall be known as Phulmita Turuk for all future purposes.
Phulmita Turuk D-800

By virtue of an affidavit sworn before Executive Magistrate, Thuamul Rampur, dated 02.06.2025, I, Kadu Majhi, R/o. At- Birmalguda, P.O.- Dumerpadar, P.S.- Th. Rampur, District.- Kalahandi, PIN-766037, Odisha declare that I have changed the name of my son from Mohan Majhi to Mahan Majhi. Henceforth, he shall be known as Mahan Majhi for all purposes.
Kadu Majhi D-801

By virtue of an affidavit sworn before the Executive Magistrate, Thuamul Rampur, dated 02.06.2025, I, Rai Majhi, R/o. At- Birmalguda, P.O.- Dumerpadar, P.S.- Th. Rampur, Dist.- Kalahandi, PIN-766037, Odisha declare that I have changed the name of my son from Susant Majhi to Sushanta Majhi. Henceforth, he shall be known as Sushanta Majhi for all purposes.
Rai Majhi D-802

By virtue of an affidavit sworn before the Executive Magistrate, Thuamul Rampur, dated- 30.05.2025, I, Bijaya Pradhani, R/o. At-Bisamgiri, P.O.- Dumerpadar, P.S.- Th. Rampur, District.- Kalahandi, PIN-766037, Odisha declare that I have changed the name of my daughter from Bidaya Pradhani to Sonali Pradhani. Henceforth, she shall be known as Sonali Pradhani for all purposes.
Bijaya Pradhani D-803

By virtue of an affidavit sworn before the Executive Magistrate, Bhapur, Nayagarh on June 03, 2025, I, Mrs Urmila Rana, Residing At: Vill/P.O.- Baigunia, P.S.- Fategarh, Dist.- Nayagarh, Odisha, 752077 declare that I have changed my name from Bilasini Rana to Urmila Rana. Henceforth, I shall at all times use and Sign the name Urmila Rana in place of my former name, Bilasini Rana, in all records, documents and transactions, both public and private. D-812

By virtue of an affidavit sworn before the Executive Magistrate, Boudh, No.-902, date 02.06.2025, I, Bipin Biswal, R/o. Village- Tulasipur, P.O.- Palaspat, P.S./ Dist.- Boudh, Odisha, PIN- 762014 declare that I have changed my son's name from Bidyadhar Biswal to Bidyadhara Biswal. Henceforth, he shall be known as Bidyadhara Biswal for all purposes.
Bipin Biswal D-804

By virtue of an affidavit sworn before Executive Magistrate, Bhubaneswar, date- 21.05.2025, Rasmita Behera, Address: At- Dengamba, P.O.- Nuagaon, P.S.- Banki, Dist.- Cuttack, PIN- 754008 declare that I have changed my name from Rasmita Mohanty to Rasmita Behera. Henceforth, I shall be known as Rasmita Behera for all purposes.
Rasmita Behera D-792

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Odagaon, dated- 28.05.2025, I, Yashoda Nahak, Vill- Dhipasahi P.O.- Bahadajhola. P.S.- Odagaon, Dist.- Nayagarh, Odisha, PIN- 752082 declare that I have changed my name from Yosodha Nahak to Yashoda Nahak. Henceforth, I shall be known as Yashoda Nahak for all future purpose.
Yashoda Nahak. D-795

By virtue of an affidavit sworn before Notary Public, Bhubaneswar, dated- 30 May 2025, I, Krishna Kumari Samal, At/ P.O.- Balakati, P.S.- Balianta, Dist.- Khurdha declare that I have changed my daughter's name from Jagruti Behuria to Jagruti Beuria. Henceforth, she shall be known as Jagruti Beuria for all purposes. D- 796

By virtue of an affidavit sworn before the Executive Magistrate, Bhadrak, dated- 31.05.2025, I, Sri Rabinarayan Ray, At- Kuansh, Via/P.O./P.S./ Dist.- Bhadrak, State- Odisha, PIN- 756100 declare that in my Pan Card my name has been prepared as RABI NARAYAN NAYAKALIASRAY, S/o- RAMACHANDRA NAYAK. But in my Aadhaar Card my name has been scribed as Rabinarayan Ray and my father's name is Ramakanta Ray which both are correct, as stated in Aadhaar Card and the Date of Birth also wrongly mentioned in my Old Pan Card as 05.12.1957 instead of 06.12.1957. Henceforth, I shall be known as Rabinarayan Ray, my father's name is Ramakanta Ray and my Date of Birth is 06.12.1957 for all purposes.
Rabinarayan Ray D-815

By virtue of an affidavit sworn before Notary Public, Bhubaneswar, dated- 23.05.2025, I, Y Amrutha Das, Address- B1 Ghanshyam Enclave, 281 Jayadev Vihar, Bhubaneswar, PIN- 751015 declare that I have changed my name from Yatirajula Amrutha to Y Amrutha Das. Henceforth, I shall be known as Y Amrutha Das for all purposes.
Y Amrutha Das. D-811

By virtue an affidavit before Executive Magistrate, Dhenkanal, dtd. 30.05.2025, I, Sujata Panda @ Sujata Manjari Rath, W/o.- Nigamananda Panda, At-House No.- 12A, Dibyaloka Apartment, Talagada, P.O.-Balianta, Dist.-Khurda, Odisha solemnly declare that I have changed my name from Sujata Panda to Sujata Manjari Rath. Henceforth, from now I shall be known as Sujata Manjari Rath for all purposes. D-813

I, Nimain Charan Dash, S/o- Late Nrusingha Charan Dash, At/P.O.- Sadar Harianta, P.S.- Cuttack Sadar, Cuttack- 754003 declare by the affidavit No.-1224, dt. 02.06.25 before Notary, Cuttack that I have changed my name NIMAI CHARAN DASH to NIMAIN CHARAN DASH. Henceforth, I shall be known as NIMAIN CHARAN DASH for all purposes. D-814

By virtue of an affidavit sworn before the Executive Magistrate Nuagaon, dated- 03.06.2025, I, Shushreelata Pati, W/o- Surendra Swain, Vill- Jiginipada, P.O.- Udayapur, P.S.-Nuagaon, Dist.- Nayagarh, Odisha, PIN- 752083 declare that I have changed my name from Shnehalata Pati to Shushreelata Pati. Henceforth, I shall be known as Shushreelata Pati for all future purpose.
Shushreelata Pati D-798

I, Sulochana Dei, aged about 76years, W/o- Kuber Paikaray, Vill/P.O.- Dighiri, P.S.- Bolgarh, Dist.- Khordha, Odisha declared that my Date of Birth is 01.01.1949 which is mentioned in my Aadhaar Card bearing No.- xxxx xxxx 1652. D-810

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## ମନେ ପଡ଼ନ୍ତି

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ମନୋରମା ପତି**

ଆବିର୍ଭାବ: ୧୨।୦୪।୧୯୫୫
ତିରୋଧାନ: ୨୮।୦୫।୨୦୨୩

ଆପଣଙ୍କ ସ୍ନେହ, ଶ୍ରଦ୍ଧା, ପ୍ରେରଣା, ଦିଗ୍‌ଦର୍ଶନ, ସହନଶୀଳତା ଆମ୍ଭମାନଙ୍କ ଜୀବନର ପାଥେୟ ହେଉ। ଆଜି ଆପଣଙ୍କର ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ୍ଭମାନଙ୍କର ବିନମ୍ର ପ୍ରାର୍ଥନା।

ଝିଅ: ସଞ୍ଜୀବିତା, ମୌସୁମୀ, ରୁବି, ଯୁସି, ଜ୍ୱାଇଁ: ମୁନା, ଅମିତାଭ, ଶାନ୍ତୁ ଏବଂ ନାତି ନାତୁଣୀ ସହ ହତଭାଗ୍ୟ ସ୍ୱାମୀ: କେଦାରନାଥ ପତି ଏବଂ ଶୋକସନ୍ତପ୍ତ ପରିବାରବର୍ଗ।

ଧ-୮୦୮

### ୨୦ତମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଅନାଦି ଚରଣ ସିଂହ**

(ବରିଷ୍ଠ ଦଲିଲ ଲେଖକ)
ପାଞ୍ଚକାହାଣିଆ, ଢେଙ୍କାନାଳ

ଆବିର୍ଭାବ: ୦୧।୦୭।୧୯୧୮
ତିରୋଧାନ: ୧୬।୦୬।୨୦୦୫

ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ବନ୍ଧୁ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ

ଧ-୮୦୭

# ଆଇପିଏଲ୍ ଉଦ୍‌ଯାପନୀରେ ସଶସ୍ତ୍ର ବାହିନୀକୁ ସାଲ୍ୟୁଟ୍

**ଅହମଦାବାଦ,୩।୬ (ପି.ଟି.)**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ମଧ୍ୟରେ ମଙ୍ଗଳବାର ଫାଇନାଲ ମ୍ୟାଚ୍ ଖେଳାଯିବା ପୂର୍ବରୁ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଆଇପିଏଲ୍‌ର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସନ୍ଧ୍ୟାରେ ୬.୨୦ରେ ଆରମ୍ଭ ହୋଇ ୬.୫୨ରେ ଶେଷ ହୋଇଥିଲା। ଜାତୀୟତା କେନ୍ଦ୍ରୀୟ ଏହି ଉତ୍ସବରେ 'ସବ୍‌ସେ ଆଗେ ହୋଙ୍ଗେ ହିନ୍ଦୁସ୍ଥାନୀ', 'ଦୁଶମନ କେ ଛକେ ଛୁଡ଼ା ଦେ, ହମ୍ ଇଣ୍ଡିଆ ୱାଲେ', 'କନ୍ଧୋ ସେ ମିଲତେ ହେ କନ୍ଧେ', 'ଏ ୱତନ ମେରେ ୱତନ ଆବାଦ ରହେ ତୁ', 'ବନ୍ଦେ ମାତରମ' ଭଳି ଦେଶପ୍ରେମଭରା ଗୀତ ଗାନ କରାଯାଇଥିଲା। ବିଶିଷ୍ଟ ବଲିଉଡ୍ ଗାୟକ ଶଙ୍କର ମହାଦେବନ, ତାଙ୍କ ପୁଅ ସିଦ୍ଧାର୍ଥ ଓ ଶିବମ ୧ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକଙ୍କ କ୍ଷମତା ବିଶିଷ୍ଟ ଷ୍ଟାଡିୟମର ମନୋରଞ୍ଜନ କରିଥିଲେ। 'ସଶସ୍ତ୍ର ବାହିନୀକୁ ସାଲ୍ୟୁଟ' ଓ 'ସଶସ୍ତ୍ର ବାହିନୀକୁ ଧନ୍ୟବାଦ' ଭଳି ବାର୍ତ୍ତା ବାଉଣ୍ଡ୍ରୀ ପାଖରେ ଲାଗିଥିବା ଡିଜିଟାଲ ବୋର୍ଡରେ ପ୍ରଦର୍ଶିତ କରାଯାଇଥିଲା। ଦେଶର ୩ ସଶସ୍ତ୍ର ବଳ ଯଥା ଆର୍ମି, ଏୟାର ଫୋର୍ସ ଓ ନେଭିର ପତାକା ସହ ୩ ହେଲିକପ୍ଟର ଷ୍ଟାଡିୟମ ଉପରେ ଉଡିଥିଲା। ଷ୍ଟାଡିୟମରେ ଉପସ୍ଥିତ ଦର୍ଶକ 'ଭାରତ ମାତା କି ଜୟ' ନାରା ସହିତ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହି ସମୟରେ ପୂରା ଷ୍ଟାଡିୟମ 'ଭାରତ ମାତା କି ଜୟ' ନାରାରେ ଗୁଞ୍ଜରିତ ହୋଇ ଉଠିଥିଲା। ଏହି ଅବସରରେ ଆଇସିସି ମୁଖ୍ୟ ଜୟ ଶାହା ପରିବାର ସହିତ ଉପସ୍ଥିତ ଥିଲେ।



ଆଇପିଏଲ୍ ଉଦ୍‌ଯାପନୀରେ କଳାକାରଙ୍କ ନୃତ୍ୟ ପ୍ରଦର୍ଶନ।


ବିଶିଷ୍ଟ ଗାୟକ ଶଙ୍କର ମହାଦେବନ, ତାଙ୍କ ଦୁଇପୁଅ ସିଦ୍ଧାର୍ଥ ଓ ଶିବମ୍ ଏବଂ ଅନ୍ୟମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।




## ଆଇପିଏଲ୍ ଫାଇନାଲ ସ୍କୋର ବୋର୍ଡ

**ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଇନିଂସ**
ଫିଲିପ୍ ସଲ୍ଟ-କ-ଶ୍ରେୟସ-ବୋ-ଜେମିସନ-୧୬
ବିରାଟ କୋହଲି-କ ଆଣ୍ଡ ବୋ-ଅଜମାତୁଲ୍ଲା-୪୩
ମୟଙ୍କ ଅଗ୍ରୱାଲ-କ-ଅର୍ଶଦୀପ-ବୋ-ଚହଲ-୨୪
ରଜତ ପଟିଦାର-ଏଲ୍‌ବିଡବ୍ଲ୍ୟୁ-ଜେମିସନ-୨୬
ଲିଆମ ଲିଭିଙ୍ଗ୍‌ଷ୍ଟୋନ୍-ଏଲ୍‌ବିଡବ୍ଲ୍ୟୁ-ଜେମିସନ-୨୫
ଜିତେଶ ଶର୍ମା-ବୋ-ବିଜୟ କୁମାର-୨୪
ରୋମାରିଓ ଶେଫର୍ଡ-ଏଲ୍‌ବିଡବ୍ଲ୍ୟୁ-ଅର୍ଶଦୀପ-୧୭
କ୍ରୁନାଲ ପାଣ୍ଡ୍ୟା-କ-ଶ୍ରେୟସ-ବୋ-ଅର୍ଶଦୀପ-୪
ଭୁବନେଶ୍ୱର କୁମାର-କ-ପ୍ରିୟାଂଶ-ବୋ-ଅର୍ଶଦୀପ-୧
ଯଶ୍ ଦୟାଲ-ନଟ୍‌ଆଉଟ-୧।
ଅତିରିକ୍ତ:-୯
**ମୋଟ:** (୨୦ ଓଭର/୯ ଉଇକେଟ) ୧୯୦।
**ବୋଲିଂ(ପଞ୍ଜାବ କିଙ୍ଗ୍ସ)**
ଅର୍ଶଦୀପ ସିଂ ୪-୦-୪୦-୩
କାଇଲ ଜେମିସନ ୪-୦-୪୮-୩
ଅଜମାତୁଲ୍ଲା ଓମାରଜାଇ ୪-୦-୩୫-୧
ବିଜୟକୁମାର ୪-୦-୩୦-୧
ଯୁଜ୍‌ବେନ୍ଦ୍ର ଚହଲ ୪-୦-୩୭-୧
**ପଞ୍ଜାବ କିଙ୍ଗ୍ସ ଇନିଂସ**
ପ୍ରିୟାଂଶ ଆର୍ଯ୍ୟ-କ-ସଲ୍ଟ-ବୋ-ହାଜେଲଉଡ୍-୨୪
ପ୍ରଭସିମରନ ସିଂ-କ-ଭୁବନେଶ୍ୱର-ବୋ-କ୍ରୁନାଲ-୨୬
ଜୋସ ଇଂଲିଶ-କ-ଲିଭିଙ୍ଗଷ୍ଟୋନ୍-ବୋ-କ୍ରୁନାଲ-୩୯
ଶ୍ରେୟଶ ଆୟର-କ-ଜିତେଶ-ବୋ-ଶେଫର୍ଡ-୧
ନେହାଲ ୱାଧେରା-କ-କ୍ରୁନାଲ-ବୋ-ଭୁବନେଶ୍ୱର-୧୫
ଶଶାଙ୍କ ସିଂ-ନଟଆଉଟ-୬୧
ମାର୍କସ ଷ୍ଟୋଇନିସ-କ-ଦୟାଲ-ବୋ-ଭୁବନେଶ୍ୱର-୬
ଅଜମାତୁଲ୍ଲା ଓମାରଜାଇ-କ-ମନୋଜ-ବୋ-ଦୟାଲ-୧
କାଇଲ ଜେମିସନ-ନଟଆଉଟ-୦
ଅତିରିକ୍ତ: ୧୧
ମୋଟ: (୨୦ ଓଭର/୭ଉଇକେଟ) ୧୮୪।
**ବୋଲିଂ (ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ)**
ଭୁବନେଶ୍ୱର କୁମାର ୪-୦-୩୮-୨
ଯଶ ଦୟାଲ ୩-୦-୧୮-୧
ଜୋଶ ହାଜେଲଉଡ୍ ୪-୦-୫୪-୧
କ୍ରୁନାଲ ପାଣ୍ଡ୍ୟା ୪-୦-୧୭-୨
ସୁୟଶ ଶର୍ମା ୨-୦-୧୯-୦
ରୋମାରିଓ ଶେଫର୍ଡ ୩-୦-୩୦-୧।


ଭାବପ୍ରବଣ କୋହଲିଙ୍କୁ ଖୁସିରେ ଜାବୁଡ଼ି ଧରିଛନ୍ତି ସ୍ତ୍ରୀ ଅନୁଷ୍କା ଶର୍ମା।

# ଭାରତ ଲାଗି ୧୦୦ ବର୍ଷ ପରେ କ୍ରିକେଟ ଅଲିମ୍ପିକ୍ସକୁ ଫେରିଛି: ସୁନକ

**ଅହମଦାବାଦ,୩।୬(ପି.ଟି.)**

ବିଶ୍ୱରେ ଭାରତର ବୃଦ୍ଧିପାଉଥିବା ପ୍ରଭାବ ଯୋଗୁ କ୍ରିକେଟ ୧୦୦ ବର୍ଷ ପରେ ଅଲିମ୍ପିକ୍ସକୁ ଫେରୁଛି ବୋଲି ୟୁନାଇଟେଡ୍ କିଙ୍ଗଡମ(ୟୁକେ)ର ପୂର୍ବତନ ପ୍ରଧାନମନ୍ତ୍ରୀ ଋଷି ସୁନକ କହିଛନ୍ତି। ୨୦୨୮ ଲସ୍‌ଏଞ୍ଜେଲ୍ସରେ ହେବାକୁ ଥିବା ଅଲିମ୍ପିକ୍ସରେ କ୍ରିକେଟ୍‌କୁ ସାମିଲ କରାଯାଇଛି। ଅନ୍ତିମ ଥର ୧୯୦୦ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯାଇଥିଲା।

ଏହା ଏକବିଂଶ ଶତାବ୍ଦୀରେ ଭାରତର ପ୍ରଭାବକୁ ଦର୍ଶାଉଛି। ଭାରତର ପ୍ୟାସନ, ଭାରତର ସ୍ୱାଦର ପ୍ରଭାବ ଏବେ ପୂରା ବିଶ୍ୱରେ ରହିଛି। ଭାରତ କାରଣରୁ ୧୦୦ ବର୍ଷର ବ୍ୟବଧାନ ପରେ କ୍ରିକେଟ୍ ଅଲିମ୍ପିକ୍ସକୁ ଫେରିଲା ବୋଲି ଆଇପିଏଲ୍ ଫାଇନାଲରେ ଯୋଗ ଦେବା ପାଇଁ ଅହମଦାବାଦ ଆସିଥିବା ସୁନକ କହିଛନ୍ତି। ଏତଦ୍‌ବ୍ୟତୀତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ଆଇପିଏଲ୍ କ୍ରିକେଟକୁ ବଦଳାଇ ଦେଇଛି। ମୋ ମତରେ ପ୍ରତ୍ୟେକ କ୍ରିକେଟର ଏବେ କ୍ୟାରିୟରରେ ଆଇପିଏଲ୍ ଖେଳିବାକୁ ଚାହୁଁଛନ୍ତି। ଏଥିଯୋଗୁ ମହିଳା କ୍ରିକେଟ୍‌ର ମଧ୍ୟ ଉନ୍ନତି ହେଉଛି। ଡବ୍ଲ୍ୟୁପିଏଲ୍‌ରେ ଖେଳିବା ଲାଗି ଅଧିକରୁ ଅଧିକ ମହିଳା ବାହାରୁଛନ୍ତି। ଆଇପିଏଲ୍‌ରେ ଖେଳିବା ଯୋଗୁ ଇଂଲଣ୍ଡ ଖେଳାଳିମାନେ ଆହୁରି ଉନ୍ନତ ହେଉଛନ୍ତି। ଗତ ସପ୍ତାହରେ ମୁଁ ଏଜବାଷ୍ଟନରେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଖେଳାଯାଇଥିବା ଦିନିକିଆ ମ୍ୟାଚ୍ ଦେଖିଥିଲି। ଜ୍ୟାକବ ବେଥେଲ ଏକ ଚମତ୍କାର ଇନିଂସ ଖେଳିଥିଲେ। ଆଇପିଏଲ୍ ଯୋଗୁ ସେ ଖୁବ୍ ଅଭିଜ୍ଞ କରିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପାଇଁ ଖେଳୁଥିବା ବେଥେଲ ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ ଦିନିକିଆ ମ୍ୟାଚ୍‌ରେ ୫୩ ବଲରେ ୮୨ ରନ କରିଥିଲେ।

### ଆର୍‌ସିବି ସମର୍ଥନରେ ସୁନକ

୪୫ ବର୍ଷୀୟ ରାଜନେତା ସୁନକ କିମ୍ବଦନ୍ତୀ ବିରାଟ କୋହଲି ଓ ତାଙ୍କ ଆଇପିଏଲ୍ ଦଳ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପାଇଁ ସମର୍ଥନ ବ୍ୟକ୍ତ କରିଛନ୍ତି।

ଏ ସାଲା କପ୍ ନାମଦେ। ଆଶା କରୁଛି ମୁଁ ଠିକ୍ କହୁଛି। ମୁଁ ଅକ୍ଷତାଙ୍କୁ ବିବାହ ଲାଗି ପ୍ରସ୍ତାବ ଦେବା ପରଠାରୁ ମୋ ଭାଷାରେ ଖୁବ୍ ସୁଧାର ଆସିଛି। ମୁଁ ବେଙ୍ଗାଲୁରୁର ପରିବାରରେ ବାହା ହୋଇଛି। ଏଣୁ ଆର୍‌ସିବି ମୋ ଦଳ। ଆମେ ଦୀର୍ଘଦିନ ତଳେ ଆର୍‌ସିବିର ଏକ ମ୍ୟାଚ୍ ଦେଖିବାକୁ ଷ୍ଟାଡିୟମ ଯାଇଥିଲୁ ବୋଲି ସୁନକ କହିଛନ୍ତି।


ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଆଇପିଏଲ୍ ବିଜୟରେ ଉଲ୍ଲସିତ ୟୁକେର ପୂର୍ବତନ ପ୍ରଧାନମନ୍ତ୍ରୀ ଋଷି ସୁନକ। ନିକଟରେ ଅଛନ୍ତି ତାଙ୍କ ସ୍ତ୍ରୀ ଅକ୍ଷତା ମୂର୍ତ୍ତି, ଆଇସିସି ଚେୟାରମ୍ୟାନ୍ ଜୟ ଶାହା ଓ ତାଙ୍କ ସ୍ତ୍ରୀ ରିଷିତା ପଟେଲ।

## ପୁରସ୍କାର

- ▶▶ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୨୦ କୋଟି ଟଙ୍କା
- ▶▶ ରନରଅପ୍ ପଞ୍ଜାବ କିଙ୍ଗ୍ସ: ୧୨.୫ କୋଟି ଟଙ୍କା
- ▶▶ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ଯଥାକ୍ରମେ ୭କୋଟି ଓ ୬.୫ କୋଟି ଲେଖାଏଁ।
- ▶▶ ଫେୟାର ପ୍ଲେ ଆୱାର୍ଡ: ଚେନ୍ନାଇ ସୁପର କିଙ୍ଗ୍ସ।

**ବ୍ୟକ୍ତିଗତ ସମ୍ମାନ**

- ▶▶ ଅରେଞ୍ଜ କ୍ୟାପ୍: ସାଇ ସୁଦର୍ଶନ (୭୫୯ ରନ)।
- ▶▶ ପର୍ପଲ କ୍ୟାପ୍: ପ୍ରସିଦ୍ଧ କ୍ରିଷ୍ଣା (୨୫ ଉଇକେଟ)।
- ▶▶ ମୋଷ୍ଟ ଭ୍ୟାଲୁଏବଲ ପ୍ଲେୟର : ସୂର୍ଯ୍ୟକୁମାର ଯାଦବ।
- ▶▶ ଏମର୍ଜିଂ ପ୍ଲେୟର ଅଫ୍ ଦି ସିଜନ: ସାଇ ସୁଦର୍ଶନ।
- ▶▶ ଷ୍ଟ୍ରାଇକର ଅଫ୍ ଦି ସିଜନ: ବୈଭବ ସୂର୍ଯ୍ୟବଂଶୀ
- ▶▶ ଫାଣ୍ଟାସି ପ୍ଲେୟର ଅଫ୍ ଦି ସିଜନ: ସାଇ ସୁଦର୍ଶନ
- ▶▶ ସବୁଠାରୁ ଅଧିକ ଛକା: ନିକୋଲାସ ପୁରନ
- ▶▶ ସବୁଠାରୁ ଅଧିକ ଚୌକା: ସାଇ ସୁଦର୍ଶନ
- ▶▶ ଗ୍ରୀନ ଡଟ୍ ବଲ୍ ଅଫ୍ ଦି ସିଜନ: ମହମ୍ମଦ ସିରାଜ
- ▶▶ କ୍ୟାଚ ଅଫ୍ ଦି ସିଜନ: କାମିନ୍ଦୁ ମେଣ୍ଡିସ।

(ଏହି ସମସ୍ତ ଖେଳାଳିଙ୍କୁ ବ୍ୟକ୍ତିଗତ ୧୦ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର)


ଆଇପିଏଲ୍ ଫାଇନାଲ ଉପଭୋଗ ଅବସରରେ ପଞ୍ଜାବ କିଙ୍ଗ୍ସ ମାଲିକାଣୀ ପ୍ରୀତି ଜିଣ୍ଟା।


ଅନ୍ତରଙ୍ଗ ବନ୍ଧୁ ଏବି ଡିଭିଲର୍ସଙ୍କ ସହ ବିରାଟ କୋହଲି।

# ପ୍ରତୀକ୍ଷାର ଅବସାନ

**ଅହମଦାବାଦ,୩।୬(ପି.ଟି.)**

### ସ୍ମରଣୀୟ: ସିଜନ-୧୮, କୋହଲିଙ୍କ ଜର୍ସି ନଂ-୧୮


ଆର୍‌ସିବି ଆଇପିଏଲ୍ ଚାମ୍ପିୟନ ହେବା ପରେ ଭାବପ୍ରବଣ ବିରାଟ କୋହଲି।

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଫାଇନାଲ୍‌ରେ ପଞ୍ଜାବ କିଙ୍ଗ୍ସକୁ ହରାଇ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଚାମ୍ପିୟନ ହୋଇଛି। ଏଥିସହ ବିରାଟ କୋହଲିଙ୍କ ଦୀର୍ଘ ୧୮ ବର୍ଷର ପ୍ରତୀକ୍ଷାର ଅବସାନ ଘଟିଛି। ଏହା ଥିଲା ଆଇପିଏଲ୍‌ର ୧୮ତମ ସିଜନ। କୋହଲିଙ୍କ ଜର୍ସି ନମ୍ବର ହେଉଛି ୧୮। ତେଣୁ ଏଥର ଆଇପିଏଲ୍ ଉଭୟ କୋହଲି ଓ ଆର୍‌ସିବି ପାଇଁ ସ୍ମରଣୀୟ ହୋଇଯାଇଛି। ଆଇପିଏଲ୍ ଫାଇନାଲ୍‌ର ଶେଷ ପର୍ଯ୍ୟାୟରେ ରାତି ୧୧.୨୦ରେ ବିରାଟ କୋହଲି ଅଧୈର୍ଯ୍ୟ ହୋଇପଡ଼ିଥିବା ତାଙ୍କ ଚେହେରାରୁ ବାରି ହୋଇ ପଡୁଥିଲା। ୧୧.୨୫ରେ ଜୋଶ ହାଜେଲଉଡ ସଫଳତାର ସହ ୨୦ତମ ଓଭରରେ ୨୯ ରନର ଡିଫେଣ୍ଡ କରିଥିଲେ। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଆଇପିଏଲ୍ ଜିତିବା ପରେ କୋହଲି କୋହ ସମ୍ଭାଳିନପାରି ମୁହଁରେ ହାତ ଦେଇ ଗ୍ରାଉଣ୍ଡରେ ମୁହଁ ମାଡ଼ି ବସି ପଡ଼ିଥିଲେ। ଦଳର ଅନ୍ୟ ସାଥି ଖେଳାଳିମାନେ ତାଙ୍କୁ ବଧେଇ ଦେଇଥିଲେ। ଏଥିସହିତ ଦୀର୍ଘ ୧୮ ବର୍ଷର ଅପେକ୍ଷାର ଅନ୍ତ ଘଟିଥିଲା।

୨୦୦୮ରେ ଅଧିନାୟକ ଭାବେ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଜିତିବା ପରେ କୋହଲି ଆର୍‌ସିବି ସହ ଯୋଡ଼ି ହୋଇଥିଲେ। ଏହିଠାରୁ କୋହଲି ଓ ଆରସିବିର ଆଇପିଏଲ୍ ଅଭିଯାନ ଆରମ୍ଭ ହୋଇଥିଲା। ୧୮ ବର୍ଷ ତଳେ କୋହଲି ଖୁବ ଯୁବ ଓ ଧୈର୍ଯ୍ୟହରା ଥିଲେ। ରାହୁଲ ଦ୍ରାବିଡ, ଅନୀଲ କୁମ୍ବଲେ ଓ ଜ୍ୟାକ୍ସ କାଲିସଙ୍କ ଭଳି କିମ୍ବଦନ୍ତୀଙ୍କ ସହ ଡ୍ରେସିଂ ରୁମ ଶେୟାର କରିଥିଲେ। କିନ୍ତୁ ଆର୍‌ସିବି କୋହଲିଙ୍କ ଉପରେ ଭରସା କରିଥିଲା ଏବଂ ତାଙ୍କୁ ପରିପକ୍ୱ ହେବାକୁ ଯଥେଷ୍ଟ ସମୟ ଦେଇଥିଲା। ୨୦୧୧ରେ ୨୨ ବର୍ଷୀୟ କୋହଲିଙ୍କୁ ଦଳର ନେତୃତ୍ୱ ଦିଆଯାଇଥିଲା। ୨୨ ବର୍ଷର ଅନେକ ଯୁବକ ଅତ୍ୟଧିକ ଚାପ ପରିସ୍ଥିତିରେ ଭାଙ୍ଗି ପଡ଼ନ୍ତି। କିନ୍ତୁ କୋହଲିଙ୍କ କ୍ଷେତ୍ରରେ ତାହା ଘଟିନଥିଲା। ବରଂ କ୍ୟାପ୍ଟେନ୍ସି ଯୋଗୁ ତାଙ୍କ ପ୍ରଦର୍ଶନରେ ଖୁବ ସୁଧାର ଆସିଥିଲା। ନିଜ ପ୍ରଦର୍ଶନ ଓ ଉତ୍ତେଜନାପୂର୍ଣ୍ଣ ସେଲିବ୍ରେଶନ ମାଧ୍ୟମରେ ସେ ଫ୍ରାଞ୍ଚାଇଜିର ଚେହେରା ପାଲଟି ଯାଇଥିଲେ। କୋହଲି ୧୨ ବର୍ଷ ଓ ୧୪୩ ମ୍ୟାଚ୍‌ରେ ଦଳର ନେତୃତ୍ୱ ନେଇଥିଲେ। ଆର୍‌ସିବି ଆଇପିଏଲ୍ ଟ୍ରଫି ଜିତିବା ପୂର୍ବରୁ କୋହଲି ହିଁ ବେଙ୍ଗାଲୁରୁ ବାସୀଙ୍କ ଲାଗି ମୁଖ୍ୟ ଆକର୍ଷଣ ଥିଲେ।

'ଅଭିଳାଷ ଦୃଷ୍ଟିରୁ ସବୁ କିଛି ଠିକ୍ ଅଛି। କିନ୍ତୁ ମୁଁ ଆର୍‌ସିବିଠାରୁ କଦାପି ଦୂରେଇବା କଥା ଚିନ୍ତା କରିନାହିଁ। ମୋ ପାଇଁ ଦୀର୍ଘ ବର୍ଷ ହେଲା ଗଢ଼ି ହୋଇଥିବା ସମ୍ପର୍କ ଓ ପରସ୍ପର ପ୍ରତି ସମ୍ମାନ ଅଧିକ ମୂଲ୍ୟବାନ। ମୁଁ ଯେଉଁ ଭଲ ପାଇବା ପ୍ରଶଂସକଙ୍କଠାରୁ ପାଇଛି, ମୋ ମତରେ କୌଣସି ଟ୍ରଫି ତାହା ପାଖାପାଖି ଆସି ପାରିବ ନାହିଁ ବୋଲି କୋହଲି ଗତ ମାସରେ ଆର୍‌ସିବି ପଡକାଷ୍ଟରେ କହିଥିଲେ। କିନ୍ତୁ ଦିନେ ଆଇପିଏଲ୍ ଟ୍ରଫି ଉଠାଇବା ତାଙ୍କର ସ୍ୱପ୍ନ ଥିଲା। ଅହମଦାବାଦରେ ତାଙ୍କର ଏହି ସ୍ୱପ୍ନ ପୂରା ହୋଇଛି।

# ବରଗଡ଼, ଯାଜପୁର, ନବରଙ୍ଗପୁର ଜୋନ୍ ଚାମ୍ପିୟନ

**ଭୁବନେଶ୍ୱର, ୩।୬ (ତପନ ସ୍ୱାଇଁ)**


ସମ୍ବଲପୁର ଜୋନ୍ ଚାମ୍ପିୟନ ବରଗଡ଼ ଏଫ୍‌ସି।

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଆୟୋଜିତ ସିଏମ୍ ଟ୍ରଫି ୧୫ ବର୍ଷରୁ କମ୍ ଫୁଟବଲ ଟୁର୍ନାମେଣ୍ଟରେ ବରଗଡ଼, ଯାଜପୁର, ନବରଙ୍ଗପୁର ଦଳ ଜୋନ୍ ଚାମ୍ପିୟନ ହୋଇଛନ୍ତି। ମଙ୍ଗଳବାର ସମ୍ବଲପୁର ଜୋନ୍‌ରେ ଅନୁଷ୍ଠିତ ମ୍ୟାଚରେ ବରଗଡ଼ ଏଫ୍‌ସି ୪-୨ ଗୋଲରେ ସମ୍ବଲପୁର ଏଫ୍‌ସିକୁ ପରାସ୍ତ କରିଛି। ସମ୍ବଲପୁର ଏଫ୍‌ସିର ମହମ୍ମଦ ଫରହନ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। କେନ୍ଦୁଝର ଜୋନ୍‌ରେ ଆୟୋଜିତ ମ୍ୟାଚରେ ଯାଜପୁର ଏଫ୍‌ସି ୨-୧ ଗୋଲରେ ଅନୁଗୋଳ ଏଫ୍‌ସିକୁ ହରାଇ ଦେଇଛି।

### ସିଏମ୍ ଟ୍ରଫି ଫୁଟବଲ

ବିଜୟୀ ଦଳର କୁନା ମାଝି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଛନ୍ତି। ବ୍ରହ୍ମପୁର ଜୋନ୍‌ରେ କଳାହାଣ୍ଡି ଓ ନବରଙ୍ଗପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ ନିର୍ଦ୍ଧାରିତ ସମୟରେ ୧-୧ ଗୋଲରେ ବରାବର ରହିଥିଲା। ଶୁଟ୍‌ଆଉଟରେ ନବରଙ୍ଗପୁର ୩-୨ ଗୋଲରେ ବିଜୟୀ ହୋଇଥିଲା। ନବରଙ୍ଗପୁରର ଅଞ୍ଜୁ ପଟେଲ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଭୁବନେଶ୍ୱର ଜୋନ୍‌ରେ ହେବାକୁଥିବା ମ୍ୟାଚ ପ୍ରବଳ ବର୍ଷା ଯୋଗୁ ସମ୍ଭବ ହୋଇ ପାରିନାହିଁ। ଏହା ବୁଧବାର ସକାଳ ୭ଟାରେ ଅନୁଷ୍ଠିତ ହେବ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ